# ସକାଳ
## THE SAKALA

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-144 ♦THURSDAY ♦20 NOVEMBER 2025 ♦PAGE-12 ♦₹ 6.00 | SAMBALPUR | ♦ବର୍ଷ-୪୩ ♦ସଂଖ୍ୟା-୧୪୪ ♦ଗୁରୁବାର ♦୨୦ ନଭେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦




ଟେନିସ୍ ହଲ୍ ଅଫ୍ ଫେମ୍‌ରେ ଫେଡେରର୍

▶ପୃଷ୍ଠା ୧୦ ଦେଖନ୍ତୁ...

# ବିପଦରେ ୩୫୦ କୋଟି ହ୍ୱାଟ୍ସଆପ୍ ୟୁଜର୍ସଙ୍କ ଡାଟା



**ଭାରତର ୭୪.୯ କୋଟି ବ୍ୟବହାରକାରୀ**

**ପ୍ରୋଫାଇଲ ପିକ୍ଚର ଷ୍ଟାଟସ୍ ପ୍ରଘଟ ହୋଇପାରେ**

■ ନୂଆଦିଲ୍ଲୀ, ୧୯।୧୧ (ଏଜେନ୍ସି): ବିପଦରେ ବିଶ୍ୱର ୩.୫ ବିଲିୟନ ଅର୍ଥାତ୍ ୩୫୦ କୋଟିରୁ ଅଧିକ ହ୍ୱାଟ୍ସଆପ୍ ବ୍ୟବହାରକାରୀଙ୍କ ବ୍ୟକ୍ତିଗତ ତଥ୍ୟ। ଏଥିରେ କେବଳ ଭାରତର ସର୍ବାଧିକ ୭୪.୯ କୋଟି ବ୍ୟବହାରକାରୀଙ୍କ ଆକାଉଣ୍ଟ ରହିଛି। ସୁରକ୍ଷାରେ ବଡ଼ ତ୍ରୁଟି ଯୋଗୁ ହ୍ୱାଟ୍ସଆପ୍‌ରେ ବ୍ୟବହାରକାରୀଙ୍କ ପ୍ରୋଫାଇଲ୍ ପିକ୍ଚର ଏବଂ ଷ୍ଟାଟସ୍ ଆଦିରେ ଥିବା ତଥ୍ୟ ଲିକ୍ ହୋଇଯାଇପାରେ। ଭିଏନା ବିଶ୍ୱବିଦ୍ୟାଳୟର ଗବେଷକମାନେ ଏହି ତ୍ରୁଟିକୁ ଧରିଛନ୍ତି। ଗବେଷକଙ୍କ ଅନୁଯାୟୀ, ଏହି ଦୁର୍ବଳତା ଯେକୌଣସି ବ୍ୟକ୍ତିଙ୍କୁ ଯାଞ୍ଚ କରିବାକୁ ଅନୁମତି ଦିଏ ଯେ ଜଣେ ବ୍ୟକ୍ତି ହ୍ୱାଟ୍ସଆପ୍‌ରେ ସକ୍ରିୟ ଅଛନ୍ତି କି ନାହିଁ। ତା'ପରେ ସେମାନଙ୍କ ପ୍ରୋଫାଇଲ୍ ପିକ୍ଚର ଓ ଷ୍ଟାଟସ୍‌ର ବିବରଣୀ ସହଜରେ ବାହାର କରାଯାଇପାରିବ। ପରେଏହାର ସମ୍ଭାବ୍ୟ ଅପବ୍ୟବହାର କରାଯାଇପାରେ ବୋଲି ଗବେଷକମାନେ କହିଛନ୍ତି। ଏହି ସମସ୍ୟାଟି ହ୍ୱାଟ୍ସଆପ୍‌ର କନେକ୍ଟ ଡିସ୍କଭରି ଫିଚରର ବୈଶିଷ୍ଟ୍ୟରେ ରହିଛି। ଏହା ବ୍ୟବହାରକାରୀଙ୍କ ଫୋନ୍ ଠିକଣା ପୁସ୍ତିକାକୁ ସିଙ୍କ୍ କରି ଲୋକଙ୍କୁ ସର୍ଚ୍ଚ ସହଜ କରିବା ପାଇଁ ଡିଜାଇନ୍ କରାଯାଇଥିଲା, କିନ୍ତୁ ଏହା ଅଜାଣତରେ ୟୁଜରଙ୍କ ଡାଟାର ବଡ଼ ପରିମାଣରେ ଚୋରି ପାଇଁ ଦ୍ୱାର ଖୋଲି ଦେଇଥିଲା। ଗବେଷକମାନେ ରିପୋର୍ଟ କରିଛନ୍ତି ଯେ ଏଥିରେ ବିଶ୍ୱର ୩୫୦ କୋଟି ବ୍ୟବହାରକାରୀଙ୍କ ମଧ୍ୟରୁ ଭାରତର ୭୪.୯ କୋଟି (୨୧.୬୭%), ଇଣ୍ଡୋନେସିଆର ୨୩୫ ନିୟୁତ (୬.୮୧%), ବ୍ରାଜିଲର ୨୦୭ ନିୟୁତ ▶ପୃଷ୍ଠା-୭

# ଟ୍ରିବ୍ୟୁନାଲ ସଂସ୍କାର ଆଇନ ରଦ୍ଦ କଲେ ସୁପ୍ରିମ୍‌କୋର୍ଟ

**ବିଚାର ବିଭାଗର କ୍ଷମତାରେ ହସ୍ତକ୍ଷେପ ନକରିବାକୁ ଚେତାବନୀ**



■ ନୂଆଦିଲ୍ଲୀ, ୧୯।୧୧ (ଏଜେନ୍ସି): କେନ୍ଦ୍ର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଟ୍ରିବ୍ୟୁନାଲ ସଂସ୍କାର ଆଇନ, ୨୦୨୧କୁ ଆଜି ରଦ୍ଦ କରିଦେଇଛନ୍ତି ସୁପ୍ରିମ କୋର୍ଟ। ଏହି ଆଇନକୁ ଅସାମ୍ବିଧାନିକ ବର୍ଣ୍ଣନା କରି ସର୍ବୋଚ୍ଚ ଅଦାଲତ କହିଛନ୍ତି ଯେ ସଂସଦରେ ଗୃହୀତ ଏହି ଆଇନ କ୍ଷମତାର ପୃଥକୀକରଣ ଏବଂ ବିଚାର ବିଭାଗର ନିରପେକ୍ଷତା ସଂକ୍ରାନ୍ତ ନିୟମରର ଉଲ୍ଲଂଘନ କରୁଛି। ବିଚାର ବିଭାଗର ସ୍ୱୟଂଶାସନ ପାଇଁ ସମ୍ବିଧାନରେ ଯେଉଁ ବ୍ୟବସ୍ଥା ରହିଛି, ସେଥିରେ କୌଣସି ପ୍ରକାର ହସ୍ତକ୍ଷେପ ନକରିବା ଲାଗି କେନ୍ଦ୍ର ସରକାରଙ୍କୁ କୋର୍ଟ ସତର୍କ କରାଇଦେଇଛନ୍ତି। ସଂପୃକ୍ତ ଟ୍ରିବ୍ୟୁନାଲ ଆଇନକୁ ଚାଲେଞ୍ଜ କରି ଆଗତ ଏକାଧିକ ପିଟିସନର ବିଚାର କରି ଆଜି ଏହି ରାୟ ଶୁଣାଇଛନ୍ତି ପ୍ରଧାନ ବିଚାରପତି ଜଷ୍ଟିସ ବି.ଆର. ଗଭାଇ ଏବଂ ଜଷ୍ଟିସ କେ. ବିନୋଦ ଚନ୍ଦ୍ରନଙ୍କୁ ନେଇ ଗଠିତ ବେଞ୍ଚ। ରାୟ ଶୁଣାଇ ପ୍ରଧାନ ବିଚାରପତି ଜଷ୍ଟିସ ଗଭାଇ କହିଲେ ଯେ ▶ପୃଷ୍ଠା-୭

# ବିହାରରେ ପୁଣି ନୀତୀଶ ସରକାର

## ରାଜ୍ୟପାଳଙ୍କୁ ଭେଟି ଦେଲେ ଇସ୍ତଫା; ଆଜି ୧୦ମ ଥର ପାଇଁ ମୁଖ୍ୟମନ୍ତ୍ରୀ ରୂପେ ନେବେ ଶପଥ



**ଯୋଗ ଦେବେ ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ, କୃଷିମନ୍ତ୍ରୀ**

**ଶପଥ ଉତ୍ସବରେ ଉପସ୍ଥିତ ରହିବେ ୧୧ ମୁଖ୍ୟମନ୍ତ୍ରୀ**

■ ପାଟନା, ୧୯।୧୧ (ଏଜେନ୍ସି): ଯାହା ଆଶା କରାଯାଉଥିଲା, ତାହା ହିଁ ଘଟିଛି। ଆଜି ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ରାଜ୍ୟପାଳଙ୍କୁ ଭେଟି ନିଜ ଇସ୍ତଫାପତ୍ର ପ୍ରଦାନ କରିଛନ୍ତି ଓ ଆସନ୍ତାକାଲି ପୁଣି ମୁଖ୍ୟମନ୍ତ୍ରୀ ଭାବରେ ଶପଥ ନେବାକୁ ଯାଉଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ୍ ଶାହା, ବିଜେପି ଜାତୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା, କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ, ୧୧ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ୧୫୦ ବିଶିଷ୍ଟ ଅତିଥିଙ୍କ ଉପସ୍ଥିତିରେ ନୀତୀଶ ୧୦ମ ଥର ପାଇଁ ବିହାରର ମୁଖ୍ୟମନ୍ତ୍ରୀ ଭାବରେ ଶପଥ ନେବେ ବୋଲି ସୂଚନା ମିଳିଛି।

ଆଜି ସକାଳେ ବିଜେପି ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଥିଲା। ଦଳୀୟ ପର୍ଯ୍ୟବେକ୍ଷକ ତଥା ଉତ୍ତରପ୍ରଦେଶ ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ, ସହ ପର୍ଯ୍ୟବେକ୍ଷକ ଅର୍ଜୁନରାମ ମେଘୱାଲ ଓ ସାଧ୍ୱୀ ନିରଞ୍ଜନ ଜ୍ୟୋତିଙ୍କ ଉପସ୍ଥିତିରେ ସମ୍ରାଟ ଚୌଧୁରୀଙ୍କୁ ବିଜେପି ବିଧାୟକ ଦଳ ନେତା ଓ ବିଜୟ ସିହ୍ନାଙ୍କୁ ବିଧାୟକ ଦଳ ଉପନେତା ମନୋନୟନ କରାଯାଇଥିଲା। ଅନ୍ୟପକ୍ଷରେ ଜେଡିୟୁ ବିଧାୟକ ଦଳ ବୈଠକରେ ନୀତୀଶ କୁମାର ବିଧାୟକ ଦଳ ନେତା ନିର୍ବାଚିତ ହୋଇଥିଲେ। ପରେ ଏନ୍‌ଡିଏ ବିଧାୟକ ଦଳ ବୈଠକ ବିଧାନସଭା ସେଂଟ୍ରାଲ ହଲରେ ଅନୁଷ୍ଠିତ ହୋଇଥିଲା ଏବଂ ନୀତୀଶ କୁମାର ସର୍ବସମ୍ମତିକ୍ରମେ ନେତା ନିର୍ବାଚିତ ହୋଇଥିଲେ। ତେଣୁ ଆସନ୍ତାକାଲି ନୀତୀଶ ମୁଖ୍ୟମନ୍ତ୍ରୀ ଏବଂ ସମ୍ରାଟ ଚୌଧୁରୀ ଓ ବିଜୟ ସିହ୍ନା ଉପମୁଖ୍ୟମନ୍ତ୍ରୀ ରୂପେ ଶପଥ ନେବା ପ୍ରାୟ ଚୂଡ଼ାନ୍ତ ହୋଇଛି। ବିଧାୟକ ଦଳ ନେତା ନିର୍ବାଚନର ଔପଚାରିକତା ଶେଷ ପରେ ନୀତୀଶ କୁମାର ରାଜ୍ୟପାଳଙ୍କୁ ଭେଟି ନିକଟରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି।

ଆସନ୍ତାକାଲି ନୀତୀଶଙ୍କ ସହ ଶପଥ ନେବାକୁ ଥିବା ସମ୍ଭାବ୍ୟ ମନ୍ତ୍ରୀମାନଙ୍କର ନାମ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଥିଲେ ହେଁ ତାହା ଚୂଡ଼ାନ୍ତ ହୋଇପାରି ନାହିଁ। ଆଜି ରାତିରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହା ପାଟନାରେ ପହଞ୍ଚିବା ପରେ ନୀତୀଶଙ୍କ ସହ ଏସଂକ୍ରାନ୍ତରେ ଆଲୋଚନା କରିବେ। ବୈଠକରେ ମନ୍ତ୍ରୀ ତାଲିକା ଚୂଡ଼ାନ୍ତ ହୋଇପାରେ। ▶ପୃଷ୍ଠା-୭

## ଆସୁଛି ଲଘୁଚାପ
# ପୁଣି ବାତ୍ୟା ଭୟ

**■ ଆନ୍ଧ୍ର-ଓଡ଼ିଶା ପ୍ରତି ରହୁଛି ବିପଦ**


**■ ଉଜାଡ଼ି ଦେବ ଉପକୂଳର ଚାଷ**

■ ଭୁବନେଶ୍ୱର, ୧୯ ।୧୧ (ସମିସ): ଚଳିତ ମାସ ଶେଷ ବେଳକୁ ରାଜ୍ୟକୁ ଆସୁଛି ବଡ଼ ବର୍ଷା। ରାଜ୍ୟର ସମଗ୍ର ଉପକୂଳବର୍ତ୍ତୀ ଜିଲ୍ଲା ସମେତ ଅଧିକାଂଶ ଆଭ୍ୟନ୍ତରୀଣ ଜିଲ୍ଲା ପାଇଁ ସୃଷ୍ଟି ହୋଇଛି ବର୍ଷା ବିପଦ। ସମ୍ଭାବ୍ୟ ଲଘୁଚାପ ଓ ପରବର୍ତ୍ତୀ ସମୟରେ ଏହା ଅଧିକ ଘନୀଭୂତ ହେବାର ପୂର୍ବାନୁମାନକୁ ଆଧାର କରି ଆଉ ଏକ ସମ୍ଭାବ୍ୟ ବାତ୍ୟାର ମଧ୍ୟ ଆକଳନ କରାଯାଇଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ପୂର୍ବାନୁମାନ କରାଯାଇଛି ଯେ ଆସନ୍ତା ୨୨ତାରିଖ ବେଳକୁ ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଅଞ୍ଚଳରେ ଏକ ଲଘୁଚାପ ସୃଷ୍ଟି ହେବ। ପରବର୍ତ୍ତୀ ସମୟରେ ଏହା ପଶ୍ଚିମ-ଉତ୍ତର ପଶ୍ଚିମ ଦିଗରେ ଗତିକରି ଘନୀଭୂତ ହୋଇ ୨୪ ତାରିଖ ବେଳକୁ ଦକ୍ଷିଣ ବଙ୍ଗୋପସାଗରର କେନ୍ଦ୍ରୀୟ ଅଞ୍ଚଳରେ ଅବପାତରେ ପରିଣତ ହେବ। ପରବର୍ତ୍ତୀ ୪୮ ଘଣ୍ଟାରେ ଏହା ସମାନ ଦିଗରେ ଗତି ବଜାୟ ରଖିବା ସହ ଦକ୍ଷିଣ- ▶ପୃଷ୍ଠା-୭

## ଲଜ୍ଜା!
# ଦାଦନ ଫେରନ୍ତା ମହିଳାଙ୍କୁ ବସ୍‌ଷ୍ଟାଣ୍ଡରୁ ଟେକିନେଇ ଦୁଷ୍କର୍ମ!

■ ରାୟଗଡ଼ା,୧୯।୧୧(ସମିସ): ଜଣେ ଦାଦନ ଫେରନ୍ତା ବିବାହିତ ମହିଳାଙ୍କୁ ରାୟଗଡ଼ାରେ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ବିବାହିତ ମହିଳା ଜଣକ ନିଜ ସ୍ୱାମୀ ସହିତ ଗତକାଲି ବିଳମ୍ବିତ ରାତିରେ ରାୟଗଡ଼ା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ଏସଡିପିଓ ଗୌରହରି ସାହୁଙ୍କ ନେତୃତ୍ୱରେ ପୋଲିସ ତଦନ୍ତ ଆରମ୍ଭ କରି ବଳାତ୍କାର କରିଥିବା ସନ୍ଦେହରେ ଜଣେ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଥିବା ଜଣାପଡିଛି।

ପୀଡ଼ିତାଙ୍କ ସ୍ୱାମୀଙ୍କ କହିବାନୁସାରେ କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକରୁ ସେମାନେ ତାମିଲନାଡୁ ରାଜ୍ୟକୁ ଦାଦନ ଖଟିବାକୁ ଯାଇଥିଲେ। ଗତକାଲି ରାୟଗଡ଼ାକୁ ଟ୍ରେନ ଯୋଗେ ଫେରିଥିଲେ। ରାତି ୮ଟା ସମୟରେ ନିଜ ଗାଁକୁ ଫେରିବା ପାଇଁ ରାୟଗଡ଼ା ବସଷ୍ଟାଣ୍ଡରେ ବସକୁ ଅପେକ୍ଷା କରିଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ଯୁବକ କେଉଁଆଡେ ଯିବ ବୋଲି ଉକ୍ତ ଦମ୍ପତିଙ୍କୁ ପଚାରିଥିଲେ। ଦମ୍ପତି ବନ୍ଧୁଗାଁକୁ ▶ପୃଷ୍ଠା-୭




## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କେନ୍ଦ୍ର ଇସ୍ପାତ ମନ୍ତ୍ରୀ କୁମାରସ୍ୱାମୀ
# ସଂପ୍ରସାରଣ ହେବ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ



**ସମସ୍ତ ସହଯୋଗ ଯୋଗାଇଦେବେ ରାଜ୍ୟ ସରକାର**

**ଲୋକଙ୍କ ସମସ୍ୟାର ସମାଧାନ କରି ସହମତି ଭିତ୍ତିରେ ସମ୍ପ୍ରସାରଣ ପାଇଁ ଜମି ଯୋଗାଇ ଦିଆଯିବ: ମୁଖ୍ୟମନ୍ତ୍ରୀ**

■ ଭୁବନେଶ୍ୱର, ୧୯।୧୧ (ସମିସ): କେନ୍ଦ୍ର ଭାରୀ ଶିଳ୍ପ ତଥା ଇସ୍ପାତ ମନ୍ତ୍ରୀ ଏଚ୍.ଡି କୁମାରସ୍ୱାମୀ ବୁଧବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଛନ୍ତି। ଏହି ଅବସରରେ ଉଭୟେ ରାଉରକେଲା ଷ୍ଟିଲ ପ୍ଲାଣ୍ଟର ସମ୍ପ୍ରସାରଣ ସମ୍ପର୍କରେ ଆଲୋଚନା କରିଛନ୍ତି। ଆଲୋଚନାରୁ ଜଣାଯାଇଛି ଯେ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ଆଧୁନିକୀକରଣ ଓ ସମ୍ପ୍ରସାରଣ ପାଇଁ ଉଦ୍ୟମ ଜାରି ରହିଛି। ଆଧୁନିକୀକରଣ କାର୍ଯ୍ୟ ସୁରୁଖୁରୁରେ ଚାଲିଥିବା ବେଳେ, ସମ୍ପ୍ରସାରଣ ପାଇଁ ଜମି ଅଧିଗ୍ରହଣକୁ ସୁରୁଖୁରୁରେ କରିବା ପାଇଁ ବୈଠକରେ ଆଲୋଚନା କରାଯାଇଥିଲା।

ବୈଠକରେ ଏ ସମ୍ପର୍କରେ ସମାଧାନ ପାଇଁ ବିସ୍ତୃତ ଆଲୋଚନା ▶ପୃଷ୍ଠା-୭

# ଚୋରକୁ ପିଟିପିଟି ମାରିଦେଲେ ଗ୍ରାମବାସୀ

**୧୦ରୁ ଊର୍ଦ୍ଧ୍ୱ ଅଟକ**

■ ଉଦଳା, ୧୯।୧୧ (ସମିସ): ଗାଁକୁ ରାତିରେ ଚୋରି କରିବାକୁ ଆସିଥିଲେ ଦୁଇ ଲୁଟେରା; ହେଲୋ ଗ୍ୟାସ୍ ସିଲିଣ୍ଡର ଚୋରି କରିବା ପଡିଛି ମହଙ୍ଗା। ଗାଁ ଲୋକେ ଜଣେ ଚୋରକୁ ପିଟିପିଟି ମାରିଦେଇଛନ୍ତି। ଏଭଳି ଏକ ଚାଞ୍ଚଲ୍ୟକର ଘଟଣା ଘଟିଛି ଉଦଳା ଥାନା ବିସିପୁର ଗ୍ରାମରେ। ମଙ୍ଗଳବାର ବିଳମ୍ବିତ ରାତିରେ ଖୁଣ୍ଟା ଥାନା ଦେଉଳା ଗ୍ରାମର ବାପି କୋହ୍ଲାର ଏବଂ କାହ୍ନୁ ମଢେଇ ବିସିପୁର ଗ୍ରାମକୁ ଚୋରି କରିବା ନିମନ୍ତେ ଯାଇଥିଲେ। ସେଠାରୁ ଦୁଇଟି ଗ୍ୟାସ୍ ସିଲିଣ୍ଡର ଚୋରି କରି ଗ୍ରାମରୁ ବାହାରି ଆସିବା ସମୟରେ ଲୋକଙ୍କ ହାବୁଡରେ ପଡିଯାଇଥିଲେ। ପରେ ଉଭୟଙ୍କୁ ନିର୍ଘାତ ପିଟିପିଟି ଗୁରୁତର କରିଦେଇଥିଲେ। ଖବରପାଇ ଉଦଳା ପୁଲିସ ପହଞ୍ଚି ଗ୍ରାମବାସୀଙ୍କ କବଳରେ ଥିବା ଦୁଇ ଲୁଟେରାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲା; ହେଲେ ବାପି କୋହ୍ଲାରର ଅବସ୍ଥା ଗୁରୁତର ଥିବାରୁ କିଛି ସମୟ ପରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ପୁଲିସ ମୃତକ ବାପି କୋହ୍ଲାରର ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ମେଡିକାଲରେ ରଖିଥିବା ବେଳେ ଅନ୍ୟ ଜଣେ ଲୁଟେରା କାହ୍ନୁକୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଏହି ଘଟଣାରେ ପୁଲିସ ଗ୍ରାମର ୧୦ରୁ ଅଧିକ ଲୋକଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଜାରି ▶ପୃଷ୍ଠା-୭

# ଟଳିଲେ ଆଉ ୭ ମାଓବାଦୀ, ୫୦ ଗିରଫ



■ ମାଲକାନଗିରି, ୧୯ ।୧୧ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଆନ୍ଧ୍ରପ୍ରଦେଶର ଆଲୁରି ସୀତାରାମ ରାଜୁ ଜିଲ୍ଲାରେ ଆଜି ପୁଣି ସୁରକ୍ଷା ବଳକୁ ମିଳିଛି ବଡ଼ ସଫଳତା। ଗତକାଲି ଏହି ଜିଲ୍ଲାରେ ଗୁଳି ବିନିମୟ ଘଟି କୁଖ୍ୟାତ ମାଓ ନେତା ହିଡମା ସହ ୬ ଜଣ ମାଓବାଦୀ ନିହତ ହୋଇଥଲେ। ଆଜି ପୁଣି ସେହି ଅଞ୍ଚଳରେ ଚାଲିଥିବା ତଲାସି ଅଭିଯାନ ସମୟରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଏଥିରେ ୭ ଜଣ ମାଓବାଦୀ ମୃତ୍ୟୁବରଣ କରିଛନ୍ତି। ଗତକାଲିର ଗୁଳି ବିନିମୟ ପରେ ଏହି ଜଙ୍ଗଲରେ ମାଓ କ୍ୟାମ୍ପ ଚାଲିଥିବା ନେଇ ବିଶେଷ ସୂତ୍ରରୁ ଖବର ପାଇବା ପରେ ଗ୍ରେ-ହାଉଣ୍ଡ ଯବାନ ସେହି ଅଞ୍ଚଳରେ କ୍ରମାଗତ ତଲାସି ଅଭିଯାନକୁ ଜାରି ରଖିଥିଲେ। ଭୋରରେ ମାଓବାଦୀ ଏବଂ ଯବାନ ମଧ୍ୟରେ ଗୁଳିବିନିମୟ ଘଟିଥିଲା। ମାଓବାଦୀ ଛତ୍ରଭଙ୍ଗ ଦେବା ପରେ ଅଞ୍ଚଳରେ ଯବାନଙ୍କ ପକ୍ଷରୁ ତଲାସି ଅଭିଯାନ ବେଳେ ଘଟଣାସ୍ଥଳରୁ ୭ ଜଣ ମାଓବାଦୀଙ୍କ ଶବ ମିଳିଛି। ମୃତ ମାଓବାଦୀ ମଧ୍ୟରେ ଆନ୍ଧ୍ର-ଓଡ଼ିଶା ବର୍ଡର ଡିଭିଜନାଲ କମିଟି ମେମ୍ବର ଏମ୍ ଜଗା ରାଓ ଓରଫ ଟେକ ଶଙ୍କର, ଡିଭିଜନାଲ କମିଟି ମେମ୍ବର ସୀତା ଓରଫ ଜ୍ୟୋତି, ତିରୁପତିଙ୍କ ଶବ ରହିଛି। ମୃତ ମାଓବାଦୀଙ୍କ ମଧ୍ୟରେ ୫ ଜଣ ଏସିଏମ କ୍ୟାଡରର ମାଓବାଦୀ ▶ପୃଷ୍ଠା-୭

# ଭାରତ ଫେରିଲା ଗ୍ୟାଙ୍ଗଷ୍ଟର ଲରେନ୍ସର ଭାଇ ଅନ୍‌ମୋଲ



ନୂଆଦିଲ୍ଲୀ, ୧୯।୧୧ (ଏଜେନ୍ସି): ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇର ଭାଇ ଅନ୍‌ମୋଲ ବିଷ୍ଣୋଇକୁ ପ୍ରତ୍ୟର୍ପଣ କରି ବୁଧବାର ଦିଲ୍ଲୀ ଅଣାଯାଇଛି। ବିମାନବନ୍ଦରରେ ପହଞ୍ଚିବା ପରେ ଏନ୍‌ଆଇଏ ତାକୁ ହେପାଜତକୁ ନେଇ ପଟିଆଲା ହାଉସ କୋର୍ଟରେ ଉପସ୍ଥାପନ କରିଛି। କୋର୍ଟ ତାକୁ ୧୧ ଦିନ ପାଇଁ ଏନଆଇଏ ହେପାଜତକୁ ପଠାଇ ଦେଇଛନ୍ତି। ଆମେରିକାରୁ ଆଜି ମୋଟ ୨୦୦ ଲୋକଙ୍କୁ ପ୍ରତ୍ୟର୍ପଣ କରାଯାଇଥିଲା। ଏମାନଙ୍କ ମଧ୍ୟରେ ଭାରତର ତିନି ଜଣ ସାମିଲ ଥିଲେ। ଆଉ ଦୁଇ ପଞ୍ଜାବର ବାସିନ୍ଦା। ତେବେ ଏହି ଦୁଇ ଜଣଙ୍କ ବିଷୟରେ କୌଣସି ସୂଚନା ବାହାରକୁ ଆସି ନାହିଁ।

ଗ୍ୟାଙ୍ଗଷ୍ଟର ଅନମୋଲ ଭାରତରେ ଅନେକ ମାମଲାରେ ୱାଣ୍ଟେଡ ଥିଲା। ୨୦୨୪ ଏପ୍ରିଲରେ ବଲିଉଡ ଅଭିନେତା ସଲ୍‌ମାନ ଖାନଙ୍କ ଘର ଉପରେ ଗୁଳିମାଡ଼ ମାମଲାରେ ସେ ଅଭିଯୁକ୍ତ ଥିଲା। ସେହିପରି ଗତ ବର୍ଷ ମୁମ୍ବଇରେ ଏନ୍‌ସିପି ନେତା ବାବା ସିଦ୍ଦିକି ହତ୍ୟା ମାମଲାର ମଧ୍ୟ ସେ ମୁଖ୍ୟ ଅଭିଯୁକ୍ତ। ୨୦୨୨ରେ ପଞ୍ଜାବୀ ଗୀତିକାର ସିଦ୍ଧୁ ମୁସେୱାଲା ହତ୍ୟା ମାମଲାରେ ମଧ୍ୟ ଅନମୋଲର ନାମ ସାମ୍ନାକୁ ଆସିଥିଲା। ରିପୋର୍ଟ ଅନୁଯାୟୀ, ଆମେରିକାରେ ବେଆଇନ ଭାବେ ପ୍ରବେଶ କରିବା ମାମଲାରେ ଅନମୋଲକୁ ଗିରଫ କରାଯାଇଥିଲା। ସେ ଭାରତର ଜାଲ୍‌ପାସପୋର୍ଟରେ ଆମେରିକା ଯାଇଥିଲା। ଏହି ପାସୋପର୍ଟ ଭାନୁ ପ୍ରତାପ ନାମରେ ଥିଲା। ଏନଆଇଏର ୱାଣ୍ଟେଡ ତାଲିକାରେ ରହିଛି। ତା' ଉପରେ ୧୦ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରାଯାଇଛି।

# ଇମ୍ରାନ ଖାନଙ୍କ ୩ ଭଉଣୀଙ୍କୁ ଘୋଷାଡ଼ି ନେଲା ପୁଲିସ



ନୂଆଦିଲ୍ଲୀ, ୧୯।୧୧ (ଏଜେନ୍ସି): ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଜେଲ୍‌ରେ ବନ୍ଦୀ ଇମ୍ରାନ ଖାନଙ୍କ ଭଉଣୀଙ୍କୁ ରାୱଲପିଣ୍ଡି ପୁଲିସ ଖରାପ ବ୍ୟବହାର କରିଛି। ଅଦିଆଲା ଜେଲ ବାହାରେ ବିକ୍ଷୋଭ କରୁଥିବା ପୁଲିସ ତାଙ୍କ ଭଉଣୀଙ୍କୁ ରାସ୍ତା ଘୋଷାଡ଼ି ଘୋଷାଡ଼ି ନେଇ ହେପାଜତରେ ରଖିଛି। ଏହାର କରୁଣ ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ସୂଚନା ଅନୁଯାୟୀ ଇମ୍ରାନଙ୍କୁ ଭେଟିବା ପାଇଁ ଭଉଣୀ ଅଲିମା, ଉଜମା ଏବଂ ନୌରିନ ଖାନ ଜେଲ୍‌କୁ ଯାଇଥିଲେ। ମାତ୍ର ପୁଲିସ ତାଙ୍କୁ ଭାଇକୁ ଭେଟିବାକୁ ଦେଇ ନ ଥିଲା। ଏହାକୁ ପ୍ରତିବାଦ କରି ଭଉଣୀମାନେ ବିକ୍ଷୋଫ କରିଥିଲେ। ଏହି ସମୟରେ ଇମ୍ରାନଙ୍କ ଭଉଣୀ ନୌରିନଙ୍କୁ ପୁଲିସ ଘୋଷାଡ଼ି ଘୋଷାଡ଼ି ନେଇଥିଲେ। ଏହି ସମୟରେ ତାଙ୍କ ଭଉଣୀମାନେ ଭୟରେ ଥରୁଥିବା ଦେଖାଯାଉଛି। ନୌରିନ୍ କହିଛନ୍ତି ଯେ ଜେଲ୍ ବାହାରେ ମୁଁ ୨ଭଉଣୀଙ୍କ ସହ ଠିଆ ହୋଇଥିଲି। ଜଣେ ମହିଳା ପୁଲିସ ଆସି ମୋତେ ଧରି ତଳେ ପକାଇ ଦେଲେ। ଏପରି କାହିଁକି କରୁଛନ୍ତି ତାହା ମୁଁ ବୁଝି ପାରି ନ ଥିଲି। ଏହା ପରେ ସେ ମୋତେ ଘୋଷାଡ଼ିବା ଆରମ୍ଭ କଲେ। ସେମାନେ ଏତେ ତଳସ୍ତରକୁ ଖସିବା ଦୁଃଖଦାୟକ। ପଞ୍ଜାବ ପୁଲିସକୁ ସେ ସବୁଠୁ ନିଷ୍ଠୁର କହିଛନ୍ତି। ଇମ୍ରାନ ଖାନଙ୍କ ଦଳ ପାକିସ୍ତାନ ତେହେରିକ୍-ଇ-ଇନସାଫ ପକ୍ଷରୁ ଏହାକୁ ନିନ୍ଦା କରାଯାଇଛି।

## ଭାରତ ବିରୋଧରେ ଜୈସ୍‌ର ଆତ୍ମଘାତୀ ସ୍କ୍ୱାଡ୍

ନୂଆଦିଲ୍ଲୀ, ୧୯।୧୧ (ଏଜେନ୍ସି):ଦିଲ୍ଲୀ ବିସ୍ଫୋରଣର ତଦନ୍ତରୁ ଗୋଟିଏ ପରେ ଗୋଟିଏ ବିସ୍ଫୋରକ ତଥ୍ୟ ସାମ୍ନାକୁ ଆସିବାରେ ଲାଗିଛି। ଭାରତ ବିରୋଧରେ ଏକ 'ଆତ୍ମଘାତୀ ସ୍କ୍ୱାଡ୍' ପ୍ରସ୍ତୁତ କରିବା ପାଇଁ ଜୈସ୍-ଇ-ମହମ୍ମଦ (ଜେଇଏମ) ପାଣ୍ଠି ସଂଗ୍ରହ କରୁଥିବା ଜଣାପଡ଼ିଛି। ଜେଇଏମ ପକ୍ଷରୁ ଘୋଷଣା କରାଯାଇଛି ଯେ ଦାନ ଗ୍ରହଣ ଏବଂ ଡିଜିଟାଲ ହାୱାଲା କାରବାରକୁ ସରଳ କରିବା ପାଇଁ ପାକିସ୍ତାନୀ ଡିଜିଟାଲ ଆପ୍ 'ସଦାପେ' ଭଳି ୱାଲେଟ୍ ମାଧ୍ୟମରେ ପାଣ୍ଠି ସଂଗ୍ରହ କରାଯିବ। ଲାଲକିଲ୍ଲା ବିସ୍ଫୋରଣର ତଦନ୍ତରୁ ଜଣାପଡ଼ିଛି ଯେ ଚଳିତ ବର୍ଷ ପାକିସ୍ତାନରେ ଆତ୍ମଘାତୀ ଆକ୍ରମଣର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଥିଲା। ଲାଲକିଲ୍ଲା ବିସ୍ଫୋରଣର ୧୫ ଦିନ ପୂର୍ବରୁ ଅକ୍ଟୋବର ଶେଷ ସପ୍ତାହରେ ନିଷିଦ୍ଧ ଆତଙ୍କବାଦୀ ସଂଗଠନ ଜେଇଏମ 'ତୁହଫତ ଉଲ-ମୋମିନାତ' ନାମକ ଏକ ଅନଲାଇନ୍ କୋର୍ସ ଆରମ୍ଭ କରିଥିଲା। ଏହା କେବଳ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ଥିଲା। ଧାର୍ମିକ ଏବଂ ଜିହାଦୀ ତାଲିମ ପ୍ରଦାନ କରିବା ସହିତ ସଂଗଠନର କାର୍ଯ୍ୟକଳାପ ପାଇଁ ପାଣ୍ଠି ସଂଗ୍ରହ ଏହାର ଉଦ୍ଦେଶ୍ୟ ଥିଲା। ଆତଙ୍କବାଦୀମାନଙ୍କୁ ସହାୟତା ଦେବାକୁ ଚାହୁଁଥିବା ବ୍ୟକ୍ତିଙ୍କଠାରୁ ଜୈସ ପାଣ୍ଠି ସଂଗ୍ରହ କରିଥିଲା। ଏ ବାବଦକୁ ୨୦ ହଜାର ପାକିସ୍ତାନୀ ଟଙ୍କା ତଥା ୬,୪୦୦ ଟଙ୍କା ମଗା ଯାଇଥିଲା। ଆକ୍ରମଣ ପାଇଁ ଯାଉଥିବା ଜିହାଦୀ ପାଇଁ ଜୋତା, ଟେଣ୍ଟ ଆଦି ଉପକରଣ କିଣିବାକୁ ଏହାକୁ ବ୍ୟବହାର କରାଯିବ ବୋଲି କୁହାଯାଇଥିଲା। ଦିଲ୍ଲୀ ବିସ୍ଫୋରଣରେ ସାମିଲ ୧୦ ଜଣିଆ ଡାକ୍ତରୀ ଆତଙ୍କବାଦୀଙ୍କ ଦଳ ପାଖକୁ ପାଣ୍ଠି ମଧ୍ୟ ଟ୍ରାନ୍ସଫର କରାଯାଇଥିବା କୁହାଯାଉଛି। ଏବେ ଏହି ଡିଜିଟାଲ ଫଣ୍ଡି ନେଟ୍‌ୱର୍କକୁ ନେଇ ସ୍ୱତନ୍ତ୍ର ଯାଞ୍ଚ କରାଯାଉଛି।

## ପାଲେଷ୍ଟିନୀୟ ଶରଣାର୍ଥୀ ଶିବିରରେ ଇସ୍ରାଏଲ ଆକ୍ରମଣ; ୧୪ ମୃତ



ବେରୁତ, ୧୯।୧୧ (ଏଜେନ୍ସି):ଦକ୍ଷିଣ ଲେବାନନ ସ୍ଥିତ ପାଲେଷ୍ଟିନୀୟ ଶରଣାର୍ଥୀ ଶିବିରରେ ଇସ୍ରାଏଲ ଆକାଶ ମାର୍ଗରୁ ଜୋରଦାର ଆକ୍ରମଣ କରିଛି। ଏଥିରେ ୧୩ ଜଣ ପ୍ରାଣ ହରାଇଥିବାବେଳେ ୪ ଜଣ ଆହତ ହୋଇଛନ୍ତି। ଇସ୍ରାଏଲ ପକ୍ଷରୁ କୁହାଯାଇଛି ଯେ ହମାସ ଆତଙ୍କବାଦୀଙ୍କୁ ନିଶାଣ କରି ଏଇନ ଇଲ-ହିଲୱେ ଅଞ୍ଚଳରେ ଏହି ଆକ୍ରମଣ କରାଯାଇଥିଲା। ଏଠାରୁ ଯୋଜନା କରେ ଇସ୍ରାଏଲ ଉପରେ ହମାସ ଆକ୍ରମଣ କରୁଥିଲା। ତେବେ ଇସ୍ରାଏଲର ଏଭଳି ଦାବିକୁ ହମାସ ଖଣ୍ଡନ କରିଦେଇଛି। ଏହି ଆକ୍ରମଣକୁ ନିନ୍ଦା କରି ହମାସ ପକ୍ଷରୁ କୁହାଯାଇଛି ଯେ ଏକ ଖେଳ ପଡ଼ିଆରେ ଆକ୍ରମଣ ହୋଇଛି। ଏହା କୌଣସି ତାଲିମ କେନ୍ଦ୍ର ନୁହେଁ। ଏହି ଇହୁଦୀ ଦେଶ ମିଛ ଏବଂ ବିଭ୍ରାନ୍ତିକର ମନ୍ତବ୍ୟ ଦେଉଥିବା ଅଭିଯୋଗ କରାଯାଇଛି। ଇରାନ ସମର୍ଥିତ ହିଜବୁଲ୍ଲା ସହ ଯୁଦ୍ଧ ବନ୍ଦ ପାଇଁ ଅସ୍ତ୍ରବିରତି କରିବା ପରଠାରୁ ଇସ୍ରାଏଲ ନିୟମିତ ଭାବେ ଲେବାନନର ବିଭିନ୍ନ ଠିକଣା ଏବଂ ଲୋକଙ୍କ ଉପରେ ଆକ୍ରମଣ ଜାରି ରଖିଛି। ଅଧିକାଂଶ ଆକ୍ରମଣ ହିଜବୁଲ୍ଲାକୁ ଦେଖି କରାଯାଉଛି। ଏହା ସହିତ ହମାସ ଆତଙ୍କବାଦୀ ଠିକଣାରେ ମଧ୍ୟ ଇସ୍ରାଏଲ ଆକ୍ରମଣ ଜାରି ରଖିଛି।

## ତିନି ତଲାକକୁ ଆଧୁନିକ ସମାଜ କେମିତି ଅନୁମତି ଦେଲା: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୯।୧୧ (ଏଜେନ୍ସି): ତିନି ତଲାକର ଆଉ ଏକ ରୂପ ତଲାକ-ଇ-ହସନର ବୈଧତା ଉପରେ ସୁପ୍ରିମକୋର୍ଟ ପ୍ରଶ୍ନ ଉଠାଇଛନ୍ତି। ଏହା ଅଧୀନରେ ମୁସଲମାନ ବ୍ୟକ୍ତି ମାସକୁ ଥରେ ଲେଖାଏଁ ତିନି ମାସ ପର୍ଯ୍ୟନ୍ତ କହି ନିଜ ପତ୍ନୀଙ୍କୁ ତଲାକ କହି ଛାଡ଼ପତ୍ର ଦେଇପାରିବେ। ସୁପ୍ରିମକୋର୍ଟ ଏହି ମାମଲାର ପୁନର୍ବିଚାର ପାଇଁ ଗ୍ରହଣ କରିଛନ୍ତି। ଆଧୁନିକ ସମାଜ କେମିତି ତିନି ତଲାକକୁ ଅନୁମତି ଦେଲା ବୋଲି ସର୍ବୋଚ୍ଚ ନ୍ୟାୟାଳୟ ପଚାରିଛନ୍ତି। ଆଠ ବର୍ଷ ତଳେ ତୁରନ୍ତ ତିନି ତଲାକ ତଥା ତଲାକ-ଇ-ବିଦାତ ଦେବାକୁ ଉଚ୍ଛେଦ କରିଥିଲେ। ଏହାକୁ ଆଇନର ଅପବ୍ୟବହାର ବୋଲି କହିଥିଲେ। ତଲାକ-ଇ-ହସନ ହେଉଛି ଏହାର ଅନ୍ୟ ଏକ ରୂପ। ଏହା ମାଧ୍ୟମରେ ତୁରନ୍ତ ଛାଡ଼ପତ୍ର ଦେଇ ହେବ। ଏହାର ବୈଧତାକୁ ନେଇ ଦାଏର ଅନେକ ଆବେଦନ ଉପରେ ବିଚାର କରି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଉଜ୍ଜ୍ୱଳ ଭୂୟାଁ ଏବଂ ଜଷ୍ଟିସ ଏନକେ ସିହ୍ନାଙ୍କ ଖଣ୍ଡପୀଠ ଏହି ଟିପ୍ପଣୀ ଦେଇଛନ୍ତି। ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ଦେଇଥିବା ୧୧ ପୃଷ୍ଠାର ନୋଟିସରେ ସ୍ୱାକ୍ଷର କରି ନ ଥିଲେ। ତାଙ୍କ ଓକିଲ ତଲାକ କହି ଛାଡ଼ପତ୍ର ଦେଇଥିଲେ। ଏହା ଉପରେ ସୁପ୍ରିମକୋର୍ଟ କହିଥିଲେ ଯେ ଏହା କ'ଣ ଏକ ଅଭ୍ୟାସ? ଏଭଳି ନୂତନ ଚିନ୍ତାଧାରା କେମିତି ଉଦ୍ଭାବନା ହୋଇଥିଲା?

# ଅଲ୍-ଫଲାହ ୟୁନିଭର୍ସିଟିରୁ ୧୦ ନିଖୋଜ




ନୂଆଦିଲ୍ଲୀ: ଲାଲ୍‌କିଲ୍ଲା ବିସ୍ଫୋରଣକୁ ନେଇ ହରିୟାଣା ଫରିଦାବାଦରେ ଥିବା ଅଲ-ଫଲାହ ୟୁନିଭର୍ସିଟି ପୁଣିଥରେ ସନ୍ଦେହ ଘେରକୁ ଆସିଛି। ଏହି ୟୁନିଭର୍ସିଟି ସହ ଜଡ଼ିତ ୧୦ ଜଣ ବ୍ୟକ୍ତି ବିସ୍ଫୋରଣ ପରଠାରୁ ନିଖୋଜ ଅଛନ୍ତି। ଏମାନଙ୍କ ଫୋନ ବନ୍ଦ ରହିଛି। ସମସ୍ତେ ବିସ୍ଫୋରଣରେ ସାମିଲ ଥିବା ସନ୍ଦେହ କରାଯାଉଛି। ଏହି ନିଖୋଜ ବ୍ୟକ୍ତି ଓଭରଗ୍ରାଉଣ୍ଡ ୱାର୍କର ଭାବେ କାମ କରୁଥିଲେ। ସେହିପରି ଯାଞ୍ଚ ଏଜେନ୍ସି ପକ୍ଷରୁ କୁହାଯାଇଛି ଯେ ମୃତ ଆତଙ୍କବାଦୀ ଡ. ଉମର ନବି ଆହୁରି ଅଧିକ ଆତ୍ମଘାତୀଙ୍କୁ ପ୍ରସ୍ତୁତ କରିବାକୁ ଚାହୁଁଥିଲା। ସେଥିପାଇଁ ସେ ନିଜେ ଭିଡିଓ ପ୍ରସ୍ତୁତ କରି ଯୁବକଙ୍କ ପାଖକୁ ପଠାଉ ଥିଲା। ବ୍ରେନ ୱାସ୍ କରିବା ଏହାର ଉଦ୍ଦେଶ୍ୟ ଥିଲା।

ଏନ୍‌ଆଇଏ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗିରଫ ଅଭିଯୁକ୍ତଙ୍କ ମୋବାଇଲ ଫୋନରୁ ଉମର ପଠାଇଥିବା ୧୨ଟି ସମେତ ୭୦ରୁ ଅଧିକ ଭିଡିଓ ମିଳିଛି। ଏହି ଭିଡିଓ ୧୧ ଜଣଙ୍କୁ ପଠା ଯାଇଥିଲା। ଏମାନଙ୍କ ମଧ୍ୟରେ କଶ୍ମୀରର ୭ ଜଣ ଯୁବକ ସାମିଲ ଥିଲେ। ଅଲ-ଫଲାହ ବିଶ୍ୱବିଦ୍ୟାଳୟ ସହ ସମସ୍ତଙ୍କ ଲିଙ୍କ୍ ରହିଛି। ଅନ୍ୟ ୪ ଯୁବକ ଉତ୍ତର ପ୍ରଦେଶ, କେରଳ ଏବଂ କର୍ଣ୍ଣାଟକର ବାସିନ୍ଦା। ଯାଞ୍ଚରୁ ଜଣାପଡ଼ିଛି ଯେ ଉମରକୁ ଆଇ-୨୦ କାର୍ ଦେଇଥିବା ଆମିର ରସିଦ ଅଲ୍ଲି ନିଜେ ଆତ୍ମଘାତୀ ବୋମା ହେବାକୁ ପ୍ରସ୍ତୁତ ନ ଥିଲା। ତାକୁ ମଧ୍ୟ ଉମର ଉତ୍ତେଜନା ସୃଷ୍ଟିକାରୀ ଭିଡିଓ ପଠାଇ ଥିଲା। ଉମର ଆତ୍ମଘାତୀଙ୍କ ଏକ ଟିମ୍ ପ୍ରସ୍ତୁତ କରୁଥିଲା। ଅନେକ ରାଜ୍ୟର ଯୁବ ବର୍ଗ ତା ନିଶାଣରେ ଥିଲେ।

■ **ଅଭିଯୁକ୍ତଙ୍କ ମୋବାଇଲରୁ ମିଳିଲା ୭୦ ଉତ୍ତେଜନା ସୃଷ୍ଟିକାରୀ ଭିଡିଓ**

## ପଦାକୁ ଆସିଲା ପାକିସ୍ତାନର ଆତଙ୍କୀ ଚେହେରା

### 'କଶ୍ମୀରରୁ ଲାଲକିଲ୍ଲା ପର୍ଯ୍ୟନ୍ତ ଆକ୍ରମଣ ଆମେ କରିଛୁ'

ଇସଲାମାବାଦ, ୧୯।୧୧ (ଏଜେନ୍ସି): ଯାହା ଆଶା କରାଯାଉଥିଲା ତାହା ହିଁ ସତ ହୋଇଛି। ଦିଲ୍ଲୀର ଲାଲକିଲ୍ଲା ନିକଟରେ ହୋଇଥିବା ଆତ୍ମଘାତୀ ବିସ୍ଫୋରଣକୁ ନେଇ ପାକିସ୍ତାନ ନିଜକୁ ଦାୟୀ କରିଛି। ପୁଣିଥରେ ପାକିସ୍ତାନ ନିଜ ଭୂମିକୁ ଭାରତରେ ଆକ୍ରମଣ ପାଇଁ ବ୍ୟବହାର କରିଛି। ପାକିସ୍ତାନୀ ନେତା ଚୌଧୁରୀ ଅନୱରଉଲ ହକ୍ ଏହା ସ୍ୱୀକାର କରିଛନ୍ତି। ସୀମାପାର ଆତଙ୍କବାଦରେ ପାକିସ୍ତାନ ସାମିଲ ରହିଛି। କଶ୍ମୀର ଜଙ୍ଗଲଠାରୁ ଲାଲକିଲ୍ଲା ପର୍ଯ୍ୟନ୍ତ ହୋଇଥିବା ବିସ୍ଫୋରଣରେ ପାକିସ୍ତାନ ସାମିଲ ରହିଛି ବୋଲି ସେ କହିଛନ୍ତି। ପିଓକେ ବିଧାନସଭାରେ ସେ ଏହି ଟିପ୍ପଣୀ ଦେଇଛନ୍ତି। ପାକିସ୍ତାନୀ ନେତାଙ୍କ ଏହି ଦାବି ଉପରେ ଭାରତ ସରକାର କି ପଦକ୍ଷେପ ନେଉଛନ୍ତି ତାହା ଦେଖିବା ବାକି ରହିଲା। ପହଲଗାମ ଆକ୍ରମଣ ପରେ ଭାରତ ଉପରେ ଆତଙ୍କବାଦୀ ଆକ୍ରମଣ ହେଲେ ତାହାକୁ ଯୁଦ୍ଧ ଧରାଯିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଥିଲା। ଏବେ ସମସ୍ତେ ଭାରତ ସରକାରଙ୍କ ଆଭିମୁଖ୍ୟକୁ ଚାହିଁ ବସିଛନ୍ତି।

ପାକିସ୍ତାନୀ ନେତା ଅନୱରଉଲ ହକ୍ ସୋମବାର ପିଓକେ ବିଧାନସଭାରେ କହିଥିଲେ ଯେ ଯଦି ଭାରତ ବଲୁଚିସ୍ତାନକୁ ଲହୁଲୁହାଣ କରିବ ତେବେ ଭାରତ ଉପରେ ଆକ୍ରମଣ କରିବୁ ବୋଲି ପୂର୍ବରୁ କହିଥିଲି। ଲାଲକିଲ୍ଲାଠାରୁ କଶ୍ମୀର ଜଙ୍ଗଲ ପର୍ଯ୍ୟନ୍ତ ଆକ୍ରମଣ କରାଯାଇଛି। ଆମର ସାହିନୀ ଏହା କରି ଦେଖାଇଛନ୍ତି। ଭାରତ ଏବେ ବି ମୃତଦେହର ଗଣତି କରିପାରି ନାହିଁ। ତେବେ ହକ୍‌ଙ୍କ ବୟାନରୁ ପାକିସ୍ତାନ ସରକାର ନିଜକୁ ଦୂରେଇ ରଖିଛନ୍ତି। ଅନାସ୍ଥା ପ୍ରସ୍ତାବ ଆଣି ପିଓକେ ପ୍ରଧାନମନ୍ତ୍ରୀ ପଦରୁ ତାଙ୍କୁ ହଟାଇ ଦିଆଯାଇଥିବାରୁ ଏଭଳି ବୟାନ ଦେଇ ହକ୍ ରାଜନୀତି କରୁଥିବା କୁହାଯାଇଛି। କିନ୍ତୁ ହକ୍‌ଙ୍କ ବୟାନ ଭାରତୀୟ ସୁରକ୍ଷା ଏଜେନ୍ସିଗୁଡିକ କରୁଥିବା ଦାବିକୁ ବଳ ଯୋଗାଇଛି। ଭାରତର ସୁରକ୍ଷା ଏଜେନ୍ସି ପକ୍ଷରୁ କୁହାଯାଇଛି ଯେ ଆତଙ୍କବାଦୀଙ୍କ ସହ ମିଶି ପାକିସ୍ତାନ ସୁରକ୍ଷା ଏଜେନ୍ସିଗୁଡିକ କାମ କରୁଛନ୍ତି।



ପାକିସ୍ତାନ ଭାରତରେ ଆତଙ୍କବାଦୀ ଆକ୍ରମଣ କରାଉଛି। ସୂଚନାଯୋଗ୍ୟ ଯେ ୨୯୦୦ କେଜି ବିସ୍ଫୋରକ ଜବତ ହେବା ପରେ ଦିଲ୍ଲୀରେ ବିସ୍ଫୋରଣ ହୋଇଥିଲା। ଏହି ମାମଲାରେ 'ହ୍ୱାଇଟ କଲାର ଟେରର ମଡ୍ୟୁଲୋ' ସାମ୍ନାକୁ ଆସିଥିଲା। ତେବେ ପୂର୍ବରୁ ଲାଲକିଲ୍ଲା ବିସ୍ଫୋରଣ ମାମଲାରେ ଦେଶର ହାତ ନ ଥିବା ପାକିସ୍ତାନ ସରକାରଙ୍କ ପକ୍ଷରୁ କୁହାଯାଇଥିଲା।

# 'ନିର୍ବାଚନ କମିସନଙ୍କୁ ବଦନାମ କରାଯାଉଛି'



ନୂଆଦିଲ୍ଲୀ, ୧୯।୧୧ (ଏଜେନ୍ସି): ନିର୍ବାଚନ କମିଶନ (ଇସି)ଙ୍କ ବିରୋଧରେ ଭୋଟ ଚୋରି ଅଭିଯୋଗକୁ ନେଇ ସାରା ଦେଶର ୨୭୨ ଅବସରପ୍ରାପ୍ତ ବିଚାରପତି ଏବଂ ଅମଲାତାନ୍ତ୍ରିକ ଅଧିକାରୀମାନେ ଖୋଲା ଚିଠି ଜାରି କରିଛନ୍ତି। ଏଥିରେ ଲୋକସଭା ବିରୋଧୀ ଦଳ ନେତା ଏବଂ କଂଗ୍ରେସ ଦଳକୁ ସମାଲୋଚନା କରାଯାଇଛି। ଏହି ଚିଠିରେ ୧୬ ଜଣ ପୂର୍ବତନ ବିଚାରପତି, ୧୨୩ ଜଣ ପୂର୍ବତନ ଅମଲା (୧୪ ଜଣ ପୂର୍ବତନ ରାଷ୍ଟ୍ରଦୂତ ସାମିଲ) ଏବଂ ୧୩୩ ଅବସରପ୍ରାପ୍ତ ସୈନ୍ୟ ଅଧିକାରୀଙ୍କ ସ୍ୱାକ୍ଷର ରହିଛି। ଏମାନେ ଅଭିଯୋଗ ଲଗାଇଛନ୍ତି ଯେ କ୍ରମାଗତ ଭାବେ ଅଭିଯୋଗ ଲଗାଇ କଂଗ୍ରେସ ନିର୍ବାଚନ କମିଶନ ଭଳି ସାମ୍ବିଧାନିକ ସଂସ୍ଥାକୁ ଦୁର୍ବଳ କରିବାକୁ ପ୍ରୟାସ କରୁଛି। ଏହା ଦ୍ୱାରା ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥାରେ ଅନାବଶ୍ୟକ ଭାବେ ବିଶ୍ୱାସହୀନତାର ପ୍ରଚାରପ୍ରସାର ହେଉଛି।

ଚିଠିରେ କୁହାଯାଇଛି ଯେ ଇସି ହେଉଛନ୍ତି ଭାରତୀୟ ନିର୍ବାଚନୀ ପ୍ରଣାଳୀ ପ୍ରମୁଖ ଅଙ୍ଗ। ଏହା ଉପରେ ବାରମ୍ବାର ପ୍ରଶ୍ନ ଉଠାଇବାରୁ ଜନତାଙ୍କ ବିଶ୍ୱାସ ଦୁର୍ବଳ ହେଉଛି। ଗଣତନ୍ତ୍ରର ମଧ୍ୟ କ୍ଷତି ହେଉଛି। ରାଜନୈତିକ ମତଭେଦ ଜରୁରୀ, କିନ୍ତୁ ସାମ୍ବିଧାନିକ ସଂସ୍ଥା ଉପରେ କ୍ରମାଗତ ଅଭିଯୋଗ ଲଗାଇବା ଦେଶହିତର ବିରୋଧୀ। ସୂଚନାଯୋଗ୍ୟ ଯେ ଭୋଟ ଚୋରି ଅଭିଯୋଗକୁ ନେଇ ରାହୁଲ ତିନି ଥର ସାମ୍ବାଦିକ ସମ୍ମିଳନୀ କରି ସାରିଲେଣି। ସେ ନିର୍ବାଚନ କମିଶନଙ୍କୁ ମୋଦୀ ସରକାରର 'ବି' ଟିମ୍ କହିଛନ୍ତି। ବିଜେପି ସହ ମିଶି ଇସି ଭୋଟ ଚୋରି କରୁଥିବା ସେ ଅଭିଯୋଗ ଲଗାଇଛନ୍ତି। ଚିଠିରେ କୁହାଯାଇଛି ଯେ ପ୍ରଥମେ ସେନା, ତା'ପରେ ନ୍ୟାୟପାଳିକା ଏବଂ ସଂସଦ ଉପରେ ପ୍ରଶ୍ନ ଉଠା ଯାଇଥିଲା। ଏବେ ଇସିଙ୍କୁ ଟାର୍ଗେଟ କରାଯାଉଛି। ଏହା ଏକ 'ବିପଜ୍ଜନକ ଧାରା' ପାଲଟିଛି, ଯେଉଁଥିରେ ନିର୍ବାଚନୀ ପରାଜୟକୁ ଲୁଚାଇବା ପାଇଁ ପ୍ରତିଷ୍ଠାନଗୁଡ଼ିକର ବିଶ୍ୱସନୀୟତା ଉପରେ ଆକ୍ରମଣ କରାଯାଉଛି। ରାହୁଲ ଗାନ୍ଧୀ ଇସିଙ୍କୁ 'ଭୋଟ ଚୋରି' ଅଭିଯୋଗ କରିଥିଲେ। ତାଙ୍କୁ ବିଶ୍ୱାସଘାତକ ମଧ୍ୟ କହିଥିଲେ।

■ **ରାହୁଲଙ୍କ ବିରୋଧରେ ୨୭୨ ଅବସରପ୍ରାପ୍ତ ବିଚାରପତି-ଅଧିକାରୀଙ୍କ ଚିଠି**

● ପ୍ରେସିଡେନ୍ସିଆଲ ରେଫରେନ୍ସ

## ଆଜି ମତାମତ ଦେବେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୯।୧ ୧ (ଏଜେନ୍ସି): ତାମିଲନାଡୁ ସରକାରଙ୍କ ଆବେଦନ ଉପରେ ବିଚାର କରି ସୁପ୍ରିମକୋର୍ଟ ବିଲ୍‌ରେ ଅନୁମୋଦନ ଦେବା ନିମନ୍ତେ ରାଷ୍ଟ୍ରପତି ଏବଂ ରାଜ୍ୟପାଳଙ୍କ ପାଇଁ ସମୟସୀମା ଧାର୍ଯ୍ୟ କରିଥିଲେ। ଏହାକୁ ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୁପ୍ରିମକୋର୍ଟଙ୍କୁ ୧୪ ପ୍ରଶ୍ନ ପଚାରି ମତାମତ ମାଗିଥିଲେ। ସମ୍ବିଧାନରେ ବିଲ୍‌କୁ ଅନୁମୋଦନ ପାଇଁ କୌଣସି ସମୟ ଧାର୍ଯ୍ୟ ହୋଇ ନଥିବାବେଳେ ସୁପ୍ରିମକୋର୍ଟ କେମିତି ଏପରି କରିପାରିବେ ବୋଲି ପଚାରି ଥିଲେ। ପ୍ରଧାନ ବିଚାରପତି ବିଆର ଗଭାଇ, ଜଷ୍ଟିସ ସୂର୍ଯ୍ୟକାନ୍ତ, ବିକ୍ରମ ନାଥ, ପିଏସ ନରସିମ୍ହା ଏବଂ ଜଷ୍ଟିସ ଏଏସ ଚନ୍ଦୁରାକରଙ୍କ ସାମ୍ବିଧାନିକ ଖଣ୍ଡପୀଠ ସେପ୍ଟେମ୍ବର ୧୧ ତାରିଖରୁ ରାଷ୍ଟ୍ରପତିଙ୍କ ସୁପାରିସ ଉପରେ ଶୁଣାଣି କରି ରାୟକୁ ସଂରକ୍ଷିତ ରଖିଥିଲେ। ସର୍ବୋଚ୍ଚ ନ୍ୟାୟାଳୟ ଗୁରୁବାର ଏହା ଉପରେ ମତାମତ ଦେଇପାରନ୍ତି। ସୁପ୍ରିମକୋର୍ଟ ଗତ ଏପ୍ରିଲରେ ଐତିହାସିକ ରାୟ ଦେଇ ତାମିଲନାଡୁ ରାଜ୍ୟପାଳଙ୍କ ଅନୁମୋଦନ ବିନା ୧୦ ବିଲ୍‌କୁ ମଞ୍ଜୁରି ଦେଇଥିଲେ। ଦୀର୍ଘ ଦିନ ପର୍ଯ୍ୟନ୍ତ ରାଜ୍ୟପାଳ ଏହି ବିଲ୍‌କୁ ପକାଇ ରଖିବାକୁ ବେଆଇନ ଏବଂ ଭୁଲ୍ ବୋଲି କହିଥିଲେ।

## ଫଳାଫଳ ପରଠାରୁ ନିଦ ନାହିଁ: ପ୍ରଶାନ୍ତ କିଶୋର



ପାଟନା, ୧୯।୧୧ (ଏଜେନ୍ସି): ବିହାର ନିର୍ବାଚନକୁ ନେଇ ବଡ଼ ବଡ଼ ଦାବି କରିଥିବା ରଣନୀତିକାର ପ୍ରଶାନ୍ତ କିଶୋର ନିର୍ବାଚନୀ ରଣରେ ପରାସ୍ତ ହୋଇଛନ୍ତି। ତାଙ୍କ ଦଳ ଜନ ସୁରାଜ ପାର୍ଟି ଗୋଟିଏ ହେଲେ ବି ଆସନ ଜିତିପାରି ନାହିଁ। ଏହି ଫଳାଫଳ ଆସିବା ପରଠାରୁ ପ୍ରଶାନ୍ତ କିଶୋରଙ୍କୁ ନିଦ ନାହିଁ ବୋଲି ସେ କହିଛନ୍ତି। ବିଭିନ୍ନ ଦଳ ପାଇଁ ନିର୍ବାଚନ ରଣନୀତିକାର ଭାବେ ବେଶ୍ ସଫଳତା ପାଇଥିବା ପ୍ରଶାନ୍ତ କିଶୋର ନିଜ ପାଇଁ ଲଢ଼ି ପରାଜିତ ହୋଇଛନ୍ତି। ତାଙ୍କ ଦଳର ଅବସ୍ଥା ଏଭଳି ହେବ ବୋଲି କେହି କଳ୍ପନା କରି ନ ଥିଲେ। ନିର୍ବାଚନ ପୂର୍ବରୁ ଏକ ସାକ୍ଷାତକାରରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଦଳ ୨୫ରୁ ଅଧିକ ଆସନ ଜିତିଲେ ରାଜନୀତି ଛାଡ଼ିଦେବା କଥା କହିଥିବା ପ୍ରଶାନ୍ତ, କିନ୍ତୁ ଏବେ ପଲଟି ଯାଇଛନ୍ତି। ଆରଥରକୁ ପୁଣି ପ୍ରୟାସ କରିବୁ ବୋଲି ସେ କହିଛନ୍ତି।

ଏକ ସାକ୍ଷାତକାରରେ ପ୍ରଶାନ୍ତ କହିଛନ୍ତି ଯେ 'ଯେପର୍ଯ୍ୟନ୍ତ ନିଜେ ହାର୍ ନ ମାନିଛନ୍ତି ସେ ପର୍ଯ୍ୟନ୍ତ ଆପଣ ହାରିବେନି। ଦଳକୁ ନିର୍ବାଚନରେ ସଫଳତା ମିଳି ନ ଥିଲେ ମଧ୍ୟ ଆମେ ବିହାରରେ ଜାତି ଏବଂ ଧର୍ମକୁ ନେଇ ହେଉଥିବା ରାଜନୈତିକ ଆଲୋଚନାରେ ପରିବର୍ତ୍ତନ ଆଣି ନିଯୁକ୍ତି ଏବଂ ଆପ୍ରବାସନ ଭଳି ପ୍ରସଙ୍ଗ ଉପରେ ଆଲୋଚନା ପାଇଁ ବାଧ କରିଥିଲୁ।

ବିଜେପିର ମଧ୍ୟ ଦିନେ ମାତ୍ର ୨ ଜଣ ସାଂସଦ ଥିଲେ। ଦଳ ଗଠନ ସମୟରେ ଏପରି ଫଳାଫଳ ଆସିପାରେ। କିନ୍ତୁ ଆମେ ଜାତି ଏବଂ ଧର୍ମ ନାମରେ ରାଜନୀତି କରି ବିଷ ପ୍ରସାର କରିନାହୁଁ। ଆରଥରକୁ ପୁଣି ପ୍ରୟାସ କରିବୁ'। ଦଳକୁ ଏତେ କମ୍ ଆସନ ମିଳିବ ବୋଲି କେବେ ଆଶା କରି ନ ଥିଲୁ। ନିର୍ବାଚନ ପୂର୍ବରୁ କେବେ ବି ସର୍ଭେ କରି ନ ଥିଲି। ଅନ୍ଧ ଭାବରେ ନିର୍ବାଚନ ଲଢ଼ିଥିଲୁ। ଆମେ ୧୨-୧୫ ପ୍ରତିଶତ ଭୋଟ ପାଇବୁ ବୋଲି ଆଶା କରିଥିଲୁ।


## ୧୧୩୫ କୋଟିର ଜମି ଦୁର୍ନୀତିରେ ବିଜେପି ବିଧାୟକଙ୍କ ନାମ

ଭୋପାଳ, ୧୯।୧୧ (ଏଜେନ୍ସି): ମଧ୍ୟ ପ୍ରଦେଶ କଟନୀ ଅନ୍ତର୍ଗତ ବିଜୟ ରାଘବଗଡ଼ର ବିଜେପି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୟ ସତ୍ୟେନ୍ଦ୍ର ପାଠକଙ୍କ ବିରୋଧରେ ସାଙ୍ଘାତିକ ଅଭିଯୋଗ ଲାଗିଛି। ୧୧୩୫ କୋଟିର ଜମି କ୍ରୟ ଦୁର୍ନୀତିରେ ସେ ସାମିଲ ଥିବା କୁହାଯାଉଛି। ଆଦିବାସୀ କଂଗ୍ରେସ, ଗୋଣ୍ଡୱାନା ଗଣତନ୍ତ୍ର ପାର୍ଟି ସମେତ ଅନେକ ଆଦିବାସୀ ସଂଗଠନ ଏହି ଅଭିଯୋଗ ଲଗାଇଛନ୍ତି। ଏହା ବିରୋଧରେ ବୁଧବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସାମ୍ନାରେ ଆଦିବାସୀ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଯେଉଁ ଚାରି ଆଦିବାସୀଙ୍କ ନାମରେ ବିଧାୟକ ଜମି କ୍ରୟ କରିଥିଲେ, ଏବେ ସେମାନେ ନିଖୋଜ ଥିବା କହିଛନ୍ତି। ତାଙ୍କ ସୁରକ୍ଷା ଦାବି କରାଯାଇଛି। ବିକ୍ଷୋଭକାରୀମାନେ ସରକାର ଏବଂ ବିଜେପି ବିରୋଧରେ ସ୍ଲୋଗାନ ଦେଇଛନ୍ତି। ଏହି ସମୟରେ ପୁଲିସ ଏବଂ ଆନ୍ଦୋଳନକାରୀଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ଆନ୍ଦୋଳନରେ ସାମିଲ ଦିବ୍ୟାଂଶୁ ମିଶ୍ରା କହିଛନ୍ତି ଯେ ଆଦିବାସୀ ଜମି ଦୁର୍ନୀତି ମାମଲାରେ ବିଧାୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଉଛି।

# ଏସ୍‌ଆଇଆର୍ ଚାପ: ବିଏଲ୍‌ଓଙ୍କ ମଧ୍ୟରେ ବଢୁଛି ଆତ୍ମହତ୍ୟା ପ୍ରବଣତା

କୋଲକାତା, ୧୯।୧୧ (ଏଜେନ୍ସି): ଦେଶରେ ୧୨ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଭୋଟର ତାଲିକାର ସ୍ୱତନ୍ତ୍ର ଯାଞ୍ଚ ତଥା ଏସଆଇଆର ଜାରି ରହିଛି। ଏବେ ଏହି ପ୍ରକ୍ରିୟାକୁ ନେଇ ନିର୍ବାଚନ କମିଶନଙ୍କ ପକ୍ଷରୁ ବଡ଼ ଟିପ୍ପଣୀ ଦିଆଯାଇଛି। ଏସ୍‌ଆଇଆର ପ୍ରକ୍ରିୟାରେ କୌଣସି ପ୍ରକାରର ତ୍ରୁଟି ହେଲେ ଅଧିକାରୀଙ୍କୁ ଦାୟୀ କରାଯିବ ବୋଲି କୁହାଯାଇଛି। କୋଲକାତାରେ ଏକ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ଉପ-ନିର୍ବାଚନ କମିଶନର ଜ୍ଞାନେଶ ଭାରତୀ ଏହି ଟିପ୍ପଣୀ ଦେଇଛନ୍ତି। ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ ମନୋଜ କୁମାର ଅଗ୍ରୱାଲ ମଧ୍ୟ ଏହି ବୈଠକରେ ଉପସ୍ଥିତ ଥିଲେ। ଏଠାରେ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ରାଜ୍ୟରେ ୭.୬୩ କୋଟି ଏସଆଇଆର ଫର୍ମ ବଣ୍ଟା ଯାଇଥିବା କୁହାଯାଇଥିଲା। ମୋ ୧.୦୯ କୋଟି ଫର୍ମକୁ ଡିଜିଟାଲ କରାଯାଇଛି।

ଅନ୍ୟପକ୍ଷରେ ବୁଥ ଲେଭୁଲ ଅଫିସରଙ୍କ ଉପରେ ଏସଆଇଆରକୁ ନେଇ ଚାପ ବଢ଼ିବାରେ ଲାଗିଛି। ଏଥିଯୋଗୁଁ କେରଳ, ରାଜସ୍ଥାନ, ମଧ୍ୟପ୍ରଦେଶରେ ଜଣେ ଲେଖାଏଁ ବିଏଲଓ ଆତ୍ମହତ୍ୟା କଲେଣି। ପଶ୍ଚିମବଙ୍ଗରେ ଜଣେ ବିଏଲଓ ଆତ୍ମହତ୍ୟା ପାଇଁ ଧମକ ଦେଇଛନ୍ତି। ସେହିପରି ଗତ କାଲି ତାମିଲନାଡୁ ତଞ୍ଜାଉରର ଜଣେ ଅଙ୍ଗନୱାଡି ସେବିକା ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଏମାନଙ୍କ ପରିବାର ସଦସ୍ୟ ଏବଂ ଅନ୍ୟ ଅଧିକାରୀମାନେ ଅତ୍ୟଧିକ ଚାପରେ କାମ କରୁଥିବା ଅଭିଯୋଗ ଲଗାଇ ଥିଲେ। ଅନେକ ବିଏଲଓ ଅଭିଯୋଗ କରିଛନ୍ତି ଯେ ଦୀର୍ଘ ଘଣ୍ଟା ପର୍ଯ୍ୟନ୍ତ କାମ କରିବାକୁ ପଡୁଛି। ଡିସେମ୍ବର ସୁଦ୍ଧା କାମ ସାରିବାକୁ କଷ୍ଟ ଦିଆଯାଇଛି।



ଅନେକ ରାଜ୍ୟରେ ବିଏଲଓ ଏହାକୁ ବହିଷ୍କାର କରିଛନ୍ତି। ଏବେ ନିର୍ବାଚନ କମିଶନ ଅଧିକାରୀଙ୍କ କାର୍ଯ୍ୟଭାର ଏବଂ ଦାୟୀ କରିବାକୁ ନେଇ ପ୍ରଶ୍ନବାଣର ସମ୍ମୁଖୀନ ହେଉଛନ୍ତି।

ଇସିଙ୍କ ପକ୍ଷରୁ ମଙ୍ଗଳବାର କୁହାଯାଇଥିଲା ଯେ ୯ ରାଜ୍ୟ ଏବଂ ୩ କେନ୍ଦ୍ରଶାସିତ ଅଞ୍ଚଳର ଭୋଟରଙ୍କୁ ୫୦.୨୫ କୋଟିରୁ ଅଧିକ ଏସ୍‌ଆଇଆର ଫର୍ମ ବଣ୍ଟା ଯାଇଛି। ଲୋକ ଫର୍ମ ପୂରଣ କରି ତାହାକୁ ଜମା କରୁଛନ୍ତି। ଏହା ପରେ ଡିଜିଟାଲାଇଜେସନ କାମ ହେବ। ଏ ପର୍ଯ୍ୟନ୍ତ କେରଳରେ ସବୁଠୁ କମ୍ ଏବଂ ରାଜସ୍ଥାନରେ ସବୁଠୁ ଅଧିକ ଫର୍ମ ଡିଜିଟାଲାଇଜେସନ ପାଇଁ ଫେରି ଆସିଛି। ତେବେ ମଧ୍ୟ ପ୍ରଦେଶରେ ଇସିଙ୍କ ଆପ୍‌ରେ ଯାନ୍ତ୍ରିକ ତ୍ରୁଟି ଦେଖା ଦେଉଥିବାରୁ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ରାଜସ୍ଥାନରେ ବିଏଲଓକୁ ଟାର୍ଗେଟ ସହିତ ଦୁଇ ଘଣ୍ଟାରେ ରିପୋର୍ଟ ଦେବାର ଚାପ ରହିଛି। ଏଥିପାଇଁ ଦିନକୁ ବିଏଲଓ ୧୮ ଘଣ୍ଟା ଲେଖାଏଁ କାମ କରୁଛନ୍ତି। ଛତିଶଗଡ଼ରେ ଶିକ୍ଷକମାନେ ଡବଲ୍ ଡ୍ୟୁଟି କରୁଥିବାରୁ ସମସ୍ୟା ସୃଷ୍ଟି ହେଉଛି। କିଛି କେନ୍ଦ୍ର ୧୨-୧୩ କିମି ଦୂରରେ ରହିଛି। ତେଣୁ ବିଦ୍ୟାଳୟରୁ ପାଠ ପଢ଼ାଇବା ସାରି ଯିବାକୁ କଷ୍ଟ ହେଉଛି।



କୋରାପୁଟିଆ ଶୀତରେ ହସୁଛି ଅଳସୀ ଫୁଲ

# ୧୦ ଲକ୍ଷକୁ ବଢ଼ିପାରେ ସାପ କାମୁଡ଼ା ମୃତ୍ୟୁ ସହାୟତା ରାଶି

ଭୁବନେଶ୍ୱର,୧୯।୧୧(ସମିସ): ସାପ କାମୁଡା ମୃତ୍ୟୁ କ୍ଷେତ୍ରରେ ମିଳୁଥିବା ଅନୁକମ୍ପାମୂଳକ ରାଶି ବୃଦ୍ଧି ହୋଇପାରେ। ପୂର୍ବରୁ ସାପ କାମୁଡ଼ା ବାବଦକୁ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ମିଳୁଥିବା ବେଳେ ଏବେ ଏହାକୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇପାରେ। ଦୁଇ ଦିନ ତଳେ ସୁପ୍ରିମକୋର୍ଟ ବନ୍ୟପ୍ରାଣୀ ଜନିତ ମୃତ୍ୟୁକୁ ପ୍ରାକୃତିକ ବିପର୍ଯ୍ୟୟରେ ସାମିଲ କରିବା ଓ ଏବାବଦକୁ ମୃତକଙ୍କ ପରିବାକୁ ୧୦ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶନାମା ସାରା ଦେଶରେ ଲାଗୁ କରିବାକୁ କୁହାଯାଇଛି। ଏହାକୁ ଆଧାର କରି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କ୍ଷତିପୂରଣ ବୃଦ୍ଧି ବାବଦରେ ସୂଚନା ଦେଇଛନ୍ତି। ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି, କ୍ଷତିପୂରଣ ରାଶି ବୃଦ୍ଧି ପ୍ରସ୍ତାବକୁ ରାଜ୍ୟ ସରକାର ସମୀକ୍ଷା କରୁଛନ୍ତି। ଏହି କ୍ଷତିପୂରଣ ରାଶି ବୃଦ୍ଧି ପାଇଁ ରାଜ୍ୟ ସରକାର ପୂର୍ବରୁ କେନ୍ଦ୍ର ସରକାରଙ୍କୁ ଚିଠି ଲେଖି ସୁପାରିଶ କରିଥିଲେ। କ୍ଷତିପୂରଣ ରାଶି ବୃଦ୍ଧି ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏବେ ଏବାବାଦରେ ରାସ୍ତା ଖୋଲିଛି। ତେଣୁ ଖୁବ୍‌ଶୀଘ୍ର ଏ ସମ୍ପର୍କରେ ଆବଶ୍ୟକରୀୟ ନିଷ୍ପତ୍ତି ନିଆଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଏହି ମୃତ୍ୟୁ ବ୍ୟତୀତ ପାଣିରେ ବୁଡ଼ିବା ଜନିତ ମୃତ୍ୟୁ ଓ ବଜ୍ରପାତରେ ହେଉଥିବା ମୃତ୍ୟୁ ପାଇଁ ମିଳୁଥିବା ୪ ଲକ୍ଷର ସହାୟତା ରାଶିରେ ମଧ୍ୟ ବୃଦ୍ଧି ହୋଇପାରେ ବୋଲି ସେ କହିଛନ୍ତି।

# ପିତାନାଉରେ ମାଈ ହାତୀର ମୃତ୍ୟୁ



ଆନନ୍ଦପୁର,୧୯।୧୧(ସମିସ): ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡର ହାଦଗଡ଼ ହସ୍ତୀ ଅଭୟାରଣ୍ୟ ପିତାନାଉ ଜଙ୍ଗଲରେ ଗୋଟିଏ ମାଈ ହାତୀର ମୃତ୍ୟୁ ହୋଇଯାଇଛି। କାଠକଟା ପିତାନାଉ ରାସ୍ତାର ଜୁଆଳି କଟା ଘାଟି ନିକଟରେ ଏହି ହାତୀଟିର ମୃତ୍ୟୁ ପରେ କାଠକଟା ବନପାଳ ଘଟଣାସ୍ଥଳରେ ପହଞ୍ଚି ବନବିଭାଗ ଅଧିକାରୀଙ୍କୁ ଖବର ଦେଇଥିଲେ। ଆନନ୍ଦପୁର ଡିଏଫଓ ପ୍ରଶାନ୍ତ କୁମାର ପଣ୍ଡା, ପ୍ରାଣୀ ସମ୍ପଦ ବିଭାଗ ଚିକିତ୍ସା ଟିମ ଅନୁଧ୍ୟାନ କରିଥିଲେ। ପରେ ଡାକ୍ତରୀ ଦଳଙ୍କ ଦ୍ୱାରା ହାତୀର ବ୍ୟବଚ୍ଛେଦ କରାଯାଇ ପିତାନାଉ ଜଙ୍ଗଲରେ ପୋତି ଦିଆଯାଇଛି। ମୃତ୍ୟୁ ମାଈ ହାତୀର ବୟସ ପାଖାପାଖି ୪ ବର୍ଷ ହୋଇଥିବା ବେଳେ କୌଣସି ପ୍ରକାର ସଂକ୍ରମଣଜନିତ ମୃତ୍ୟୁ ହୋଇଥାଇପାରେ ବୋଲି ଡାକ୍ତରୀ ଦଳ ସୂଚନା ଦେଇଛନ୍ତି।

# ସଂସଦୀୟ ଇଣ୍ଟର୍ନସିପ୍ କାର୍ଯ୍ୟକ୍ରମରେ ୧୨ ଦେଶର ୪୦ ପ୍ରତିନିଧି ସାମିଲ

ଭୁବନେଶ୍ୱର,୧୯।୧୧(ସମିସ): ୩୭ତମ ସଂସଦୀୟ ଇଣ୍ଟର୍ନସିପ୍ କାର୍ଯ୍ୟକ୍ରମ ଅବସରରେ ନୂଆଦିଲ୍ଲୀସ୍ଥିତ ସଂସଦ ସଚିବାଳୟର ସଂସଦୀୟ ଲୋକତନ୍ତ୍ର ଗବେଷଣା ଏବଂ ପ୍ରଶିକ୍ଷଣ ସଂସ୍ଥାନ(ପ୍ରାଇଡ୍) ପକ୍ଷରୁ ୧୨ଟି ଦେଶର ୪୦ଜଣ ପ୍ରତିନିଧି ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ଲୋକସେବା ଭବନରେ ଅନୁଷ୍ଠିତ ଏକ ବୈଠକରେ ମୁଖ୍ୟମନ୍ତ୍ରୀ ପ୍ରତିନିଧିମାନଙ୍କୁ ସ୍ୱାଗତ କରିବା ସହ ଓଡ଼ିଶାର ଦୃଢ଼ ଗଣତାନ୍ତ୍ରିକ ପରମ୍ପରା ଏବଂ ବିଧାନସଭାର ୮୯ ବର୍ଷର ଉତ୍ସର୍ଗୀକୃତ ଜନସେବାର ଐତିହ୍ୟ ଉପରେ ଆଲୋକପାତ କରିଥିଲେ। ଓଡ଼ିଶାର ସାଂସ୍କୃତିକ ସମୃଦ୍ଧି ବିଷୟରେ କହିବାକୁ ଯାଇ ମୁଖ୍ୟମନ୍ତ୍ରୀ, ରାଜ୍ୟକୁ ପୂର୍ବ ଭାରତର ସାଂସ୍କୃତିକ କେନ୍ଦ୍ର ଭାବରେ ବର୍ଣ୍ଣନା କରିଥିଲେ। ଏହି ଇଣ୍ଟର୍ନସିପ୍ କାର୍ଯ୍ୟକ୍ରମକୁ ପ୍ରତିନିଧିତ୍ୱ କରୁଥିବା ତୁର୍କମେନିସ୍ତାନର ମଜଲିସ୍ (ସଂସଦ) ସଦସ୍ୟ କରିମଗୁଲି ଗୁରବାଙ୍ଗୁଲିଭିଚ୍ ଗେଲ୍‌ଡିୟେଭ ଗଣତନ୍ତ୍ରରେ ସ୍ୱଚ୍ଛତା ଏବଂ ଡିଜିଟାଲ୍ ସଂସ୍କାର ପ୍ରତି ଓଡ଼ିଶାର ପ୍ରତିବଦ୍ଧତାକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ (ସଂସଦୀୟ ବ୍ୟାପାର) ସୁରେନ୍ଦ୍ର କୁମାର, ବିଧାନସଭା ସଚିବ ସତ୍ୟବ୍ରତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଲାଞ୍ଚ ନେଇ ଧରାପଡ଼ିଲେ ଅବକାରୀ ଅଧୀକ୍ଷକ, ଏଏସ୍‌ଆଇ

କେନ୍ଦୁଝର/ଚମ୍ପୁଆ,୧୯।୧୧(ସମିସ): କେନ୍ଦୁଝର ଜିଲ୍ଲା ଅବକାରୀ ଅଧୀକ୍ଷକ ସୀତାରାଣୀ ପଟ୍ଟାୟତ ଏବଂ ଭାରପ୍ରାପ୍ତ ଅବକାରୀ ଅଧିକାରୀ ତଥା ଏଏସ୍‌ଆଇ ବିଜୟ କୁମାର ମହାନ୍ତ ଏକ ବିଦେଶୀ ମଦ ଦୋକାନୀଠାରୁ ୪୦ ହଜାର ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। କରଞ୍ଜିଆର ବିଦେଶୀ ମଦ ଦୋକାନୀ ବିଧୁଭୂଷଣ ପତିଙ୍କ ଅଭିଯୋଗ ଅନୁଯାୟୀ, ଉଚ୍ଚ ଅଧିକାରୀଙ୍କ ନିର୍ଦ୍ଦେଶ ଥିବା କହି ଏଏସ୍‌ଆଇ ଶ୍ରୀ ମହାନ୍ତ ତାଙ୍କୁ ମାସିକ ୧୦ ହଜାର ଟଙ୍କା ଲାଞ୍ଚ ବାବଦକୁ ୪ ମାସର ୪୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ସଂପର୍କରେ ଶ୍ରୀ ପତି ଭିଜିଲାନ୍ସକୁ ଜଣାଇବା ପରେ ବାଲେଶ୍ୱର ଭିଜିଲାନ୍ସ ବିଭାଗ ଶ୍ରୀ ମହାନ୍ତଙ୍କୁ ଧରିବା ପାଇଁ ଯୋଜନା ପ୍ରସ୍ତୁତ କରିଥିଲା।

**ରଥଯାତ୍ରା ଦଳାଚକଟା**

# କାହା ସୁରକ୍ଷାରେ ତଦନ୍ତ କମିଶନ !

ଭୁବନେଶ୍ୱର,୧୯।୧୧(ସମିସ): ଚଳିତ ବର୍ଷ ରଥଯାତ୍ରା ସମୟରେ ଶରଧାବାଲିରେ ଘଟିଥିବା ଦଳାଚକଟାରେ ୩ ଜଣ ପ୍ରାଣ ହରାଇଥିଲେ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଉନ୍ନୟନ କମିଶନର ଘଟଣାର ତଦନ୍ତ କଲେ, ସମଗ୍ର ଘଟଣା ପାଇଁ ୭ ଜଣ ବିଭିନ୍ନ ବର୍ଗର ପୁଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଦାୟୀ କରି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସୁପାରିସ କଲେ। ଯାହାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଲା ଓ ତଦନ୍ତକାରୀ ଅଧିକାରୀ ଘଟଣାର ପ୍ରଚ୍ଛଦରେ ଥିବା ବରିଷ୍ଠ ଅଧିକାରୀଙ୍କୁ ସୁରକ୍ଷା ଦେବାକୁ କନିଷ୍ଠ ଅଧିକାରୀଙ୍କୁ ବଳି ଦେଇଥିବା ମଧ୍ୟ ଅଭିଯୋଗ ହେଲା। ଏହି ସମୟରେ ରଥଯାତ୍ରାରେ ନିୟୋଜିତ ପୁରୀ ସହକାରୀ ବନ ସଂରକ୍ଷକ (ଏସିଏଫ୍) ଅଶୋକ କୁମାର ବେହେରାଙ୍କୁ ମଧ୍ୟ ଏହି ଘଟଣାରେ ସମାନୁପାତିକ ଅଂଶୀଦାର ବୋଲି ଉଲ୍ଲେଖ କରି ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରସ୍ତାବ ଦିଆଯାଇଛି। ଏହା ସହିତ ଯଦି ଶ୍ରୀ ବେହେରାଙ୍କୁ ୩୦ ଦିନ ମଧ୍ୟରେ ପକ୍ଷ ରଖିବାକୁ ମଧ୍ୟ ସୁଯୋଗ ଦିଆଯାଇଛି। ତେବେ ପୁଲିସ ଅଧିକାରୀମାନଙ୍କୁ ସୁଯୋଗ ଦିଆ ଯାଇ ନ ଥିବାବେଳେ ବନସେବା ଅଧିକାରୀଙ୍କୁ ପକ୍ଷ ରଖିବାକୁ ସୁଯୋଗକୁ ନେଇ ଏବେ ସ୍ୱାଭାବିକ ପ୍ରଶ୍ନ ଉଠିଛି।

ଅନ୍ୟପକ୍ଷରେ ଦଳାଚକଟା ସମୟରେ ଶରଧାବାଲିରେ ଦାୟିତ୍ୱ ନ ଥିବା ଦୁଇ କନିଷ୍ଠ ପୁଲିସ

- ପୁଲିସଙ୍କୁ ମିଳିଲା ନାହିଁ; ଏସିଏଫ୍‌ଙ୍କୁ ମିଳିଲା ପକ୍ଷ ରଖିବା ସୁଯୋଗ
- ଦାୟିତ୍ୱରେ ନ ଥିବା ପୁଲିସଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସୁପାରିସ
- କାର୍ଯ୍ୟାନୁଷ୍ଠାନ ସୁପାରିସ ପୂର୍ବରୁ ମିଳିଲାନି ପକ୍ଷ ରଖିବା ସୁଯୋଗ
- ଶରଧାବାଲିରୁ ୨ ପ୍ଲାଟୁନ୍ ପୁଲିସ ହଟାଇବା କାହାର ନିର୍ଦ୍ଦେଶ ଥିଲା

ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସୁପାରିସ ପରେ ତଦନ୍ତ ନିରପେକ୍ଷ ହୋଇ ନ ଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ ୨୮ ତାରିଖ ରାତି ୩ଟାରୁ ୪ଟା ଧରେ ଶରଧାବାଲିରେ ଦଳାଚକଟା ଘଟିଥିଲା। ସେତେବେଳେ ସେଠାରେ କୌଣସି ପୁଲିସ ବା ପ୍ରଶାସନିକ ଅଧିକାରୀ ମୁତୟନ ନ ଥିଲେ। ଯେଉଁ ଦୁଇ ଅଧିକାରୀ ସେଠାରେ ଦାୟିତ୍ୱ ଥିବା ଦର୍ଶାଯାଇଥିଲା, ସେମାନେ ୨୮ ତାରିଖ ସକାଳ ୫ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ସେଠାରେ ଦାୟିତ୍ୱରେ ଥିଲେ ଓ ପରଦିନ ସକାଳ ୫ଟାରେ ସେମାନଙ୍କୁ ଗୁଣ୍ଡିଚାମନ୍ଦିରରେ ପହଞ୍ଚିବାକୁ କୁହାଯାଇଥିଲା। ଅନ୍ୟପକ୍ଷରେ ୨୮ ତାରିଖ ରାତିରେ ରିଜର୍ଭ ଇନ୍ସପେକ୍ଟର ଶରଧାବାଲିରେ ଡ୍ୟୁଟି ପାଇଁ ୨ ପ୍ଲାଟୁନ୍ ପୁଲିସ ମୁତୟନ କରିଥିଲେ, ମାତ୍ର ଜଣେ ବରିଷ୍ଠ ଅଧିକାରୀ ସେହି ପୁଲିସ ସେଠାରୁ ହଟାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଯାହା ଫଳରେ ଦଳାଚକଟା ପରିସ୍ଥିତି ସୃଷ୍ଟି ହେଲା, ମାତ୍ର ସେହି ଅଧିକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ସୁପାରିସ ହେଲା ନାହିଁ। ତେଣୁ ଆଇଏଏସ୍-ଆଇପିଏସ୍ ବିରାଦରୀ ପ୍ରୀତି ଯୋଗୁଁ ଏଆଇ କ୍ୟାମେରା ଲଗାଇବା ପ୍ରସଙ୍ଗରେ ଦାୟୀ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ସୁରକ୍ଷା ଦେବା ପାଇଁ କନିଷ୍ଠ କର୍ମଚାରୀଙ୍କୁ ବଳି ଦିଆଯାଇଥିବା ଅଭିଯୋଗ ସତ୍ୟ ବୋଲି ସାଧାରଣରେ ଧାରଣା ବଦ୍ଧମୂଳ ହେବାରେ ଲାଗିଛି।



ଅନ୍ୟପକ୍ଷରେ ରଥଯାତ୍ରା ସମୟରେ କଣ୍ଟ୍ରୋଲ ରୁମ୍ ଦାୟିତ୍ୱରେ ଥିବା ଏସ୍‌ଏଫ୍ ଶ୍ରୀ ବେହେରାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ସୁପାରିସ ଅନେକ ପ୍ରଶ୍ନକୁ ଜନ୍ମ ଦେଇଛି। ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହିତ ଶ୍ରୀ ବୋହରା କଣ୍ଟ୍ରୋଲ୍ ରୁମ୍‌ରେ ନିୟୋଜିତ ଥିଲେହେଁ ଅନ୍ୟମାନଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ସୁପାରିସ ହୋଇ ନାହିଁ ବୋଲି ମଧ୍ୟ ପ୍ରଶ୍ନ ଉଠିଛି।

# ଚିପ୍ସ ପ୍ୟାକେଟରେ ଥିବା ଖେଳଣା ଗିଳି ଶିଶୁ ମୃତ



ଦାରିଙ୍ଗବାଡି,୧୯।୧୧(ସମିସ): ଚିପ୍ସ ପ୍ୟାକେଟରେ ଥିବା ଖେଳଣା ଗିଳି ଶ୍ୱାସରୁଦ୍ଧ ହୋଇ ଜଣେ ୪ ବର୍ଷ ଶିଶୁର ମୃତ୍ୟୁ ହୋଇଛି। କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ଥାନା ତାଜୁଙ୍ଗିଆ ପଞ୍ଚାୟତ ସିକରମାହା ଗ୍ରାମର ମୃଷି ମାହାପଡ଼ାରେ ଘଟିଛି ଏପରି ଅଭାବନୀୟ ଘଟଣା। ମୃଷିମାହାପଡ଼ାର ରଞ୍ଜିତ ପ୍ରଧାନ ଓ ତାଙ୍କ ସ୍ତ୍ରୀ ୪ ବର୍ଷର ଶିଶୁପୁତ୍ରକୁ ଧରି ମକା କ୍ଷେତକୁ ଯାଇଥିଲେ। ସ୍ୱାମୀ-ସ୍ତ୍ରୀ କାମ କରୁଥିବା ବେଳେ ବିଲ ମୁଣ୍ଡରେ ଶିଶୁପୁତ୍ରକୁ ବସାଇଦେଇ ରଞ୍ଜିତ ନେଇଥିବା ଏକ ଚିପ୍ସ ପ୍ୟାକେଟ ଧରାଇ ଦେଇଥିଲେ। ଶିଶୁ ଚିପ୍ସ ଖାଇସାରି ପ୍ୟାକେଟରେ ଥିବା ଏକ ବନ୍ଧୁକ ଖେଳଣାକୁ ଧରି ଖେଳୁଥିବାବେଳେ ଗିଳି ଦେଇଥିଲେ। ଖେଳଣାଟି ତଣ୍ଟିରେ ଅଟକି ଯିବା ସହ ଶିଶୁଟି ଶ୍ୱାସରୁଦ୍ଧ ହୋଇ ଛଟପଟ ହୋଇଥିଲା। ଖେଳଣାଟିକୁ ପୁଅର ତଣ୍ଟିରୁ ବାହାର କରିବାକୁ ବାପା ରଞ୍ଜିତ ବହୁ ଉଦ୍ୟମ କରିଥିଲେ। କିନ୍ତୁ ବିଫଳ ହୋଇ ବାପା-ମା ଶିଶୁକୁ ଦାରିଙ୍ଗିବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ଶିଶୁକୁ ମୃତ ଘୋଷଣା କରିଥିଲେ। ଗ୍ରାମରେ କୌଣସି ଟେଲିଫୋନ ନେଟ୍‌ୱାକ ନଥିବାରୁ ହଠାତ ଆମ୍ବୁଲାନ୍ସ ସେବାରୁ ବଞ୍ଚିତ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଚିପ୍ସ ପ୍ୟାକେଟରେ ପିଲାଙ୍କୁ ଆକର୍ଷିତ କରିବାକୁ ଆଜିକାଲି ଯେଉଁଭଳି ଖେଳଣା ରଖାଯାଉଛି ତାହା ଯେ କେତେ ବିପଦପୂର୍ଣ୍ଣ ଏହି ଘଟଣା ବୟାନ କରୁଛି। ଏହାକୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

**ଗାଡ଼ି ମାଲିକଙ୍କୁ ବଡ଼ ଝଟ୍‌କା**

# ଯାନବାହନ ଫିଟନେସ୍ ପରୀକ୍ଷା ଫି' ୧୦ ଗୁଣ ବଢ଼ିଲା

ନୂଆଦିଲ୍ଲୀ,୧୯।୧୧(ଏଜେନ୍ସି): ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ କେନ୍ଦ୍ର ସରକାର ଯାନବାହାନ ଫିଟ୍‌ନେସ୍ ପରୀକ୍ଷା ଫି'ରେ ଏକ ବଡ଼ ଧରଣର ପରିବର୍ତ୍ତନ କରିଛନ୍ତି। କେନ୍ଦ୍ରୀୟ ମୋଟର ଯାନ ନିୟମ ଅନୁଯାୟୀ ନୂତନ ଫି' ହାର ଜାରି କରାଯାଇଛି। ଫଳସ୍ୱରୂପ, ମୋଟର ଚାଳକଙ୍କୁ ଏଣିକି ଯାନବାହାନ ଫିଟନେସ୍ ପରୀକ୍ଷା ପାଇଁ ୧୦ ଗୁଣ ଅଧିକ ଅର୍ଥ ଖର୍ଚ୍ଚ କରିବାକୁ ପଡିବ। ଆହୁରିମଧ୍ୟ କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ମଧ୍ୟ ଏହି ଅଧିକ ଫି'ର ସ୍ଲାବ୍‌ରେ ବୃଦ୍ଧି କରିଛି। ପୂର୍ବରୁ, ଏହି ଅବଧି ୧୫ ବର୍ଷ ଥିଲା, କିନ୍ତୁ ଏବେ ଏହାକୁ ୧୦ ବର୍ଷକୁ ହ୍ରାସ କରାଯାଇଛି। ଅର୍ଥାତ୍ ପୂର୍ବରୁ ବର୍ଦ୍ଧିତ ଶୁଳ୍କ ୧୫ ବର୍ଷ ପୁରୁଣା ଯାନବାହାନରେ ଲାଗୁ କରାଯାଉଥିବାବେଳେ ବର୍ତ୍ତମାନ ଏହାକୁ ୧୦ ବର୍ଷ ପୁରୁଣା ଯାନ କ୍ଷେତ୍ରରେ ଲାଗୁ କରାଯିବ। ଏଥିରେ ସରକାରଙ୍କ ଲକ୍ଷ୍ୟ ହେଉଛି ଅଧିକରୁ ଅଧିକ ଯାନବାହାନକୁ ଏହି ଫି' ଢାଞ୍ଚା ପରିସରକୁ ଆଣିବା। ନୂଆ ବ୍ୟବସ୍ଥାରେ ୩ ସ୍ତରୀୟ ଫି' ଢାଞ୍ଚା ପ୍ରସ୍ତୁତ କରାଯାଇଛି। ଗାଡ଼ିର ଆୟୁ ହିସାବରେ ଭିନ୍ନ ଭିନ୍ନ ବର୍ଗ ରଖାଯାଇଛି। ଆୟୁ ଆଧାରରେ ଗାଡ଼ିକୁ ୧୦ ରୁ ୧୫ ବର୍ଷ, ୧୫ ରୁ ୨୦ ବର୍ଷ ଏବଂ ୨୦ ବର୍ଷରୁ ଅଧିକ ତିନୋଟି ବର୍ଗ କରାଯାଇଛି।

ପୂର୍ବରୁ, ୧୫ ବର୍ଷରୁ ଅଧିକ ପୁରୁଣା ଯାନଗୁଡ଼ିକ ପାଇଁ ଅଧିକ ଫି' ଦେବାକୁ ପଡୁଥିଲା, କିନ୍ତୁ ଏବେ ୧୦ ବର୍ଷରୁ ଅଧିକ ପୁରୁଣା ଯାନ ପାଇଁ ମଧ୍ୟ ଅଧିକ ଫି'ଦେବାକୁ ପଡିବ। ନୂଆ ବ୍ୟବସ୍ଥାରେ ଗାଡ଼ି ପୁରୁଣା ହେବା ସହିତ, ଫି' ବୃଦ୍ଧି ପାଇଛି। ଏହି ନୂଆ ନିୟମ

- ଅଧିକ ଫି' ପାଇଁ ଅବଧିରେ ମଧ୍ୟ ବୃଦ୍ଧି
- ୨୦ବର୍ଷରୁ ଅଧିକ ପୁରୁଣା ଦୁଇ ଚକିଆ ଯାନ ପାଇଁ ଫି' ୨୦୦୦ ଟଙ୍କା

ସମସ୍ତ ପ୍ରକାରର ଯାନଗୁଡ଼ିକ ପାଇଁ ପ୍ରଯୁଜ୍ୟ। ଏଥିରେ ଦୁଇଚକିଆ, ତିନିଚକିଆ, ଭାରୀ ସାମଗ୍ରୀ/ଯାତ୍ରୀବାହୀ ଯାନ, ମଧ୍ୟମ ଏବଂ ଭାରୀ ସାମଗ୍ରୀ/ଯାତ୍ରୀବାହୀ ଯାନ ଏବଂ ହାଲୁକା ମୋଟର ଯାନ ଅନ୍ତର୍ଭୁକ୍ତ। ଏଣିକି ୨୦ ବର୍ଷରୁ ପୁରୁଣା ଯାନଗୁଡ଼ିକ ପାଇଁ ଅଧିକ ଶୁଳ୍କ ଦେବାକୁ ପଡିବ। ଭାରୀ ବାଣିଜ୍ୟିକ ଯାନଗୁଡ଼ିକ ପାଇଁ ମଧ୍ୟ ଅଧିକ ଶୁଳ୍କ ଦେବାକୁ ପଡିବ। ଭାରୀ ବାଣିଜ୍ୟିକ ଯାନଗୁଡ଼ିକ (ଟ୍ରକ୍/ବସ୍) ପାଇଁ ପୂର୍ବରୁ ଫି' ୨୫୦୦ ଟଙ୍କା ଥିଲା, ଯାହାକୁ ୨୫,୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ମଧ୍ୟମ ବାଣିଜ୍ୟିକ ଯାନ ପାଇଁ ଶୁଳ୍କ ୧୮୦୦ରୁ ୨୦,୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ୨୦ ବର୍ଷରୁ ପୁରୁଣା ହାଲୁକା ମୋଟର ଯାନ ପାଇଁ ଶୁଳ୍କ ଏବେ ୧୫,୦୦୦ ବୃଦ୍ଧି କରାଯାଇଛି। ୨୦ ବର୍ଷରୁ ପୁରୁଣା ତିନି ଚକିଆ ଯାନ ପାଇଁ ଫି'୭୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଏହାବ୍ୟତୀତ ୨୦ବର୍ଷରୁ ଅଧିକ ପୁରୁଣା ଦୁଇ ଚକିଆ ଯାନ ପାଇଁ ଫି' ୬୦୦ ଟଙ୍କାରୁ ୩ ଗୁଣ ବଢ଼ାଇ ୨୦୦୦ ଟଙ୍କା ବୃଦ୍ଧି କରାଯାଇଛି। ୧୫ ବର୍ଷରୁ କମ୍ ଆୟୁର ପୁରୁଣା ଗାଡ଼ିକୁ ମଧ୍ୟ ଏଥିରେ କୌଣସି ରିଆତି ଦିଆଯାଇନାହିଁ। ୧୫ ବର୍ଷରୁ କମ୍ ଆୟୁର ମୋଟର ସାଇକେଲ୍‌ର ଫିଟ୍‌ନେସ୍ ପରୀକ୍ଷା ଫି' ୪୦୦ ଟଙ୍କା, ହାଲୁକା ମୋଟର ଯାନ ବା ତିନି ଚକିଆ ପାଇଁ ୬୦୦ ଟଙ୍କା ଏବଂ ମଧ୍ୟମ/ଭାରୀ ବାଣିଜ୍ୟିକ ଯାନ ପାଇଁ ୧୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ତେବେ ୧୫ରୁ ୨୦ ବର୍ଷ ମଧ୍ୟରେ ଆୟୁ ଥିବା ଗାଡ଼ିର ଫିଟ୍‌ନେସ୍ ପରୀକ୍ଷା ସଂଶୋଧିତ ଫି' ମୋଟର ସାଇକେଲ୍ ପାଇଁ ୫୦୦ ଟଙ୍କା, ହାଲୁକା ମୋଟର ଯାନ ବା ତିନି ଚକିଆ ପାଇଁ ୧୦୦୦ ଟଙ୍କା ,ମଧ୍ୟମ ବାଣିଜ୍ୟିକ ଯାନ ପାଇଁ ୧୩୦୦ ଟଙ୍କା ଏବଂ ଭାରୀ ବାଣିଜ୍ୟିକ ଯାନ ଲାଗୁ ୧୫୦୦ ଟଙ୍କାକୁ ବୃଦ୍ଧି କରାଯାଇଛି।

# ଧର୍ମେନ୍ଦ୍ରଙ୍କ ବିରୋଧରେ ରୁଜୁ ନିର୍ବାଚନୀ ମାମଲା ହାଇକୋର୍ଟରେ ଖାରଜ

କଟକ,୧୯।୧୧(ସମିସ): ସମ୍ବଲପୁର ସଂସଦୀୟ କ୍ଷେତ୍ର ନିର୍ବାଚନୀ ଅନିୟମିତତା ତଥା ତ୍ରୁଟିପୂର୍ଣ୍ଣ ସତ୍ୟପାଠ ଦାଖଲ ଅଭିଯୋଗରେ ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବିରୋଧରେ ରୁଜୁ ମାମଲାକୁ ହାଇକୋର୍ଟ ଆଜି ଖାରଜ କରିଦେଇଛନ୍ତି। ଡ. ସୁବାସ ମହାପାତ୍ରଙ୍କ ପକ୍ଷରୁ ଦାୟର ମୂଳ ମାମଲାକୁ ଜଷ୍ଟିସ ସଂଜୟ କୁମାର ମିଶ୍ର ଖାରଜ କରିଛନ୍ତି। ମାମଲାଟି ଭିତ୍ତିହୀନ ଓ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ତଥା ଭାରତୀୟ ଜନପ୍ରତିନିଧି ଆଇନର ଧାରା ୮୩(୧) ରେ ରହିଥିବା ଆବଶ୍ୟକତାକୁ ପୂରଣ କରୁ ନଥିବାରୁ ଏହାକୁ ଖାରଜ କରିବା ପାଇଁ ପ୍ରତିପକ୍ଷ ଶ୍ରୀ ପ୍ରଧାନଙ୍କ ପକ୍ଷରୁ ଏକ ଅନ୍ତରୀଣ ଆବେଦନ ଦାୟର କରାଯାଇଥିଲା। ଅପରପକ୍ଷରେ, ଆବେଦନକାରୀ ଆଣିଥିବା ଅନିୟମିତତା ଅଭିଯୋଗ ସମ୍ପର୍କିତ ତଥ୍ୟ ପ୍ରମାଣ ଓ ସତ୍ୟପାଠ ଦେଇପାରି ନଥିବାରୁ ମାମଲା ଖାରଜ କରାଯାଇଥିବା କହିଛନ୍ତି ହାଇକୋର୍ଟ। ପ୍ରକାଶଥାଉକି, ଗତ ୨୦୨୪ସାଧାରଣ ନିର୍ବାଚନରେ ସମ୍ବଲପୁର ସଂସଦୀୟ କ୍ଷେତ୍ରରୁ ବିଜେପି ପ୍ରାର୍ଥୀ ହୋଇଥିବା ଧର୍ମେନ୍ଦ୍ର ପ୍ରଧାନଙ୍କୁ ୫୯୨୧୬୨ଭୋଟ ପାଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ପ୍ରାର୍ଥୀ ପ୍ରଣବପ୍ରକାଶ ଦାସଙ୍କୁ ୪୭୨୩୨୬ଭୋଟ ମିଳିଥିଲା। ଆବେଦନକାରୀ ଶ୍ରୀ ମହାପାତ୍ରଙ୍କୁ ମିଳିଥିଲା ୧୬୯୩ଖଣ୍ଡ ଭୋଟ।

**ମଗୁଶୁରରେ ବି ଖସୁନି ପରିବା ଦର**

# ସପ୍ତାହକ ମଧ୍ୟରେ ଟମାଟୋ ଦର ଦୁଇଗୁଣା

ଭୁବନେଶ୍ୱର,୧୯।୧୧(ସମିସ): ଆଳୁ କିଲୋ ୨୫, ପିଆଜ କିଲୋ ୩୦। ବିନ୍‌ସ ୮୦ରୁ ଖସୁନି, କେଇଦିନ ତଳେ ଫୁଲକୋବି ୩୦ରୁ ୪୦ ଟଙ୍କାରେ ବିକ୍ରି ହେଉଥିବାବେଳେ ପୁଣି ଉପରମୁହାଁ ହୋଇ ୫୦ରୁ ୬୦ରେ ବିକ୍ରି ହେଉଛି। ଗତ ସପ୍ତାହରେ ଟମାଟୋ ୩୦ ଟଙ୍କାରୁ ୪୦ ଟଙ୍କା ଥିବାବେଳେ ଏବେ କେଉଁଠି ୬୦ ତ କେଉଁଠି ଅଶୀ। ୬୦ ଗ୍ରାମରୁ ୭୦ ଗ୍ରାମ ଶାଗ ବିଡ଼ା ୧୦ ଟଙ୍କାରେ ବିକ୍ରି ହେଉଛି। କାର୍ତ୍ତିକ

**ଅନ୍ୟ ରାଜ୍ୟରୁ ଆମଦାନୀରେ ବାଧା; ୬୦ ତଳକୁ ଖସୁନି ଦର**

ଯାଇ ମାର୍ଗଶିର ଅଧା ହୋଇ ସାରିଥିଲେ ବି ପରିବା ଦର ଖସିବାର ନାଁ ଧରୁନାହିଁ। ବିଶେଷ କରି ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କୁ ପରିବା ଦର ଅତିଷ୍ଠ କରିଛି।

କାର୍ତ୍ତିକ ମାସରେ ଅନେକ ଆମିଷ ଖାଉନଥିବାରୁ ସାଧାରଣତଃ ପରିବା ଦର ବୃଦ୍ଧି ପାଇଥାଏ। ହେଲେ ଚଳିତ ବର୍ଷ ଏଥିରେ ବ୍ୟତିକ୍ରମ ଦେଖାଦେଇଛି। ମୂଳା ବିଡ଼ା (୩ଟି)କୁ ୪୦ଟଙ୍କାରେ ବିକ୍ରି ହେବା ସହ ଶାଗ ବିଡ଼ା ୧୦ରୁ ୧୫ଟଙ୍କା। ଅନ୍ୟ ପରିବାର କିଲୋପିଛା ୬୦ ଓ ୮୦ଟଙ୍କାରୁ ଖସୁନି। ଦୀର୍ଘଦିନ ଯାଏ ବର୍ଷା ଲାଗି ରହିବାଯୋଗୁଁ ଚଳିତ ବର୍ଷ ବିଭିନ୍ନ ପନିପରିବା



ଅମଳ ବିଳମ୍ବିତ ହୋଇଥିବାରୁ ଏପରି ସମସ୍ୟା ଉପୁଜିଥିବା କୁହାଯାଉଛି। ଏହି ସମୟରେ ଆଠଗଡ଼, କଟକ, ବଡ଼ମ୍ବା, ନରସିଂହପୁର, ବରଗଡ଼, କୋରାପୁଟ, ବଲାଙ୍ଗିର, ପିପିଲି, ବଲଙ୍ଗା, ବାଲିପାଟଣା, ତେଇସପୁର ଆଦିରୁ ପରିବା ଉତ୍ପାଦନ ହୋଇଥାଏ ଏବଂ ପରିବାର ଦର ହ୍ରାସ ପାଇଥାଏ। ବର୍ଷ ସାରା ମହାରାଷ୍ଟ୍ର, କର୍ଣ୍ଣାଟକ, ରାଞ୍ଚି, ବିହାର, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, ପଶ୍ଚିମବଙ୍ଗ ଆଦି ରାଜ୍ୟରୁ କଖାରୁ, ଟମାଟୋ, କ୍ୟାପ୍‌ସିକମ୍, କୋବି, ବିନସ୍, ଗାଜର, ବିଟ୍ ଆଦି ଆମଦାନୀ ହେଉଥିବାବେଳେ ନଭେମ୍ବରରୁ ଫେବୃଆରୀ ମାସ ଯାଏ ଓଡ଼ିଶାରୁ କୋବି, ବିନସ୍, ଟମାଟୋ, ଶିମ୍ବ, ପୋଟଳ, କଖାରୁ, କଲରା ଆଦି ଅମଳ ହୋଇଥାଏ। ମାତ୍ର ଚଳିତ ବର୍ଷ ରାଜ୍ୟରୁ ଉତ୍ପାଦନ ବିଳମ୍ବିତ ହେବା ଯୋଗୁଁ ପରିବା ଦର କମୁନାହିଁ ବୋଲି କୁହାଯାଉଛି। ଏପରିକି ଏହି ସମସ୍ୟା ଆହୁରି ୧୫ରୁ ୨୦ ଦିନ ଯାଏ ରହିପାରେ ବୋଲି ପରିବା ବ୍ୟବସାୟୀ ଆଶଙ୍କା କରିଛନ୍ତି।

କଞ୍ଚା ପରିବା ବ୍ୟବସାୟୀ ସଂଘ ସଭାପତି କବିରାଜ ସ୍ୱାଇଁ କହିଛନ୍ତି ଯେ ଓଡ଼ିଶାରେ ଏତେବେଳକୁ କୋବି ଗୋଟାକ ୫ରୁ ୧୦ଟଙ୍କା ମଧ୍ୟରେ ବିକ୍ରି ହେବା କଥା, କିନ୍ତୁ କୋବି ଅମଳ ହୋଇପାରି ନଥିବାରୁ ବାହାର ରାଜ୍ୟରୁ ଆସୁଥିବା କୋବି ଦର ଅଧିକ ରହୁଛି। ସେହିପରି ଲକ୍ଷ୍ମୀ ପୂଜା ପରେ କୋବି ଓ ଟମାଟୋ ଶସ୍ତାରେ ବିକ୍ରି ହୁଏ, ମାତ୍ର ଏଯାଏ ଟମାଟୋ, ବାଇଗଣ, ଭେଣ୍ଡି ଭଳି ଅନ୍ୟ ପରିବା ଓଡ଼ିଶାରୁ ବାହାରିନାହିଁ। ଅନ୍ୟ ରାଜ୍ୟରୁ ଯେତିକି ଆସୁଛି ତାହା ଓଡ଼ିଶା ବଜାରରେ ବିକ୍ରି ହେଉଛି। ଓଡ଼ିଶାରେ ପରିବା ଅମଳ ହେବାକୁ ଆହୁରି ଦୁଇ ସପ୍ତାହ ଲାଗିବ, ଏହାପରେ ପରିବାର ଦର କମିବ ବୋଲି ସେ କହିଛନ୍ତି।




## ଜିଲ୍ଲାରେ ସମ୍ପୂର୍ଣ୍ଣ ହୋଇପାରିନି ସ୍ଥାୟୀ ମଣ୍ଡି ବ୍ୟବସ୍ଥା

# ଖୋଲା ଆକାଶ ତଳେ ଧାନ ଜଗିରହୁଛି ଚାଷୀ

**ସମ୍ବଲପୁର, ୧୯।୧୧ (ସମିସ)**

ଚାଷୀ ଆଉ ସପ୍ତାହକ ପରେ ନିଜ ଉତ୍ପାଦିତ ଧାନ ବିକ୍ରି କରିବ। କିନ୍ତୁ ଅଦ୍ୟାବଧି ଜିଲ୍ଲାର ମଣ୍ଡିଗୁଡ଼ିକ ବ୍ୟବସ୍ଥିତ ହୋଇପାରିନାହିଁ। ସମ୍ବଲପୁର ଜିଲ୍ଲାରେ ୧୨୭ଟି ମଣ୍ଡି ରହିଛି। ପ୍ରତିବର୍ଷ ଖରିଫ୍ ଋତୁ ପୂର୍ବରୁ ଅସ୍ଥାୟୀ ମଣ୍ଡି ବା ଧାନକ୍ରୟ କେନ୍ଦ୍ର ଗୁଡ଼ିକରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚକରି ଆନୁସଙ୍ଗିକ ବ୍ୟବସ୍ଥା କରାଯାଇଥାଏ। ଧାନକ୍ରୟ ସରିଗଲାପରେ ପୁଣି ପରବର୍ତ୍ତୀ ବର୍ଷ ସରକାର ଅର୍ଥ ବ୍ୟୟ କରିଥାନ୍ତି। ଚାଷୀ ମହଲରେ ମଣ୍ଡିଗୁଡ଼ିକୁ ସ୍ଥାୟୀ ମଣ୍ଡି ବ୍ୟବସ୍ଥା କରାଯିବାକୁ ବାରମ୍ବାର ଦାବି ସତ୍ତ୍ୱେ ଏଯାବତ୍ ତାହା ସମ୍ଭବପର ହୋଇପାରିନାହିଁ। ଗତ ୧୭ ତାରିଖ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି (ଡିଏଲ୍‌ପିସି) ବୈଠକରେ ଜମନକିରା ଓ ଅନ୍ୟ ଅଞ୍ଚଳରେ ଖୋଲା ଆକାଶ ତଳେ ଧାନ କିଣାବିକା କରାଯାଉଥିବାବେଳେ ଅଚାନକ ବର୍ଷା ଓ ହାତୀକୁ ନେଇ ଚାଷୀ ଧାନ ଜଗିରହୁଥିବା ପ୍ରସଙ୍ଗ ଉଠିଥିଲା। କୁଚିଣ୍ଡା ଉପଖଣ୍ଡର ଜମନକିରା ଓ ବାମରା ଅଞ୍ଚଳରେ ଏହିଭଳି ତାରପୋଲିନ ପକାଇ ଅସ୍ଥାୟୀ ମଣ୍ଡି କିମ୍ବା ଖୋଲା ଆକାଶ ତଳେ ମଣ୍ଡି ସଂଖ୍ୟା ଅଧିକ ରହିଥିବା ସୂଚନା ମିଳିଛି। ତେବେ, ଅନ୍ୟ ଦୁଇ ଉପଖଣ୍ଡ ସଦର ଓ ରେଢ଼ାଖୋଲରେ ମଧ୍ୟ ଏଭଳି ଖୋଲା ଆକାଶତଳେ ଧାନ ଗଦା କରି ଚାଷୀ ଜଗିରହୁଥିବା ନଜିର ରହିଛି।

ଚଳିତ ଖରିଫ୍‌ରେ ୧୨୭ଟି ମାର୍କେଟ୍‌ୟାର୍ଡ / ଧାନକ୍ରୟ କେନ୍ଦ୍ର (ପିପିସି)ରେ ଧାନ କିଣାବିକା ତନ୍ମଧ୍ୟରେ ସଦର ଉପଖଣ୍ଡରେ ୭ଟି (ଧନକଉଡ଼ା ୧, ଯୁଯୋମୁରା ୬), କୁଚିଣ୍ଡା ଉପଖଣ୍ଡରେ ୨୦ଟି (କୁଚିଣ୍ଡା ୪, ବାମରା ୪ ଓ ଜମନକିରା ୧୨) ଏବଂ ରେଢ଼ାଖୋଲ ଉପଖଣ୍ଡରେ ୨ଟି (ରେଢ଼ାଖୋଲ ୨) ମଣ୍ଡିରେ



କରାଯିବାକୁ ପ୍ରସ୍ତାବ ରହିଛି। ସେଥିରୁ ୩୦ଟି ମାର୍କେଟ୍‌ୟାର୍ଡ ଥିବାବେଳେ ବଳକା କ୍ରୟକେନ୍ଦ୍ରରେ ଅସ୍ଥାୟୀ ବ୍ୟବସ୍ଥା ମଧ୍ୟରେ ଧାନକ୍ରୟ କରାଯାଉଛି। ଉଲ୍ଲେଖଯୋଗ୍ୟ ଯେ, ସମ୍ବଲପୁର ଜିଲ୍ଲାର ସମସ୍ତ ମଣ୍ଡିରେ ସ୍ଥାୟୀ ବ୍ୟବସ୍ଥା କରାଯିବାକୁ ଯୋଜନା ରହିଛି। ଗତ ୨୦୨୩ ମସିହାରେ ସରକାରଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାର ୨୯ଟି ଧାନ କ୍ରୟକେନ୍ଦ୍ରରେ ସ୍ଥାୟୀ ଭିତ୍ତିଭୂମି ବିକାଶ କାର୍ଯ୍ୟ ଆରମ୍ଭ ହୋଇଛି। ଭିତ୍ତିଭୂମି ବିକାଶ କରାଯିବ। ଏଥିପାଇଁ ପ୍ରାୟ ୧୦ରୁ ୧୨ କୋଟି ଟଙ୍କା ବ୍ୟୟବରାଦ ରହିଛି। ପ୍ରତିଟି ମଣ୍ଡିରେ ପ୍ରାୟ ୧ ଏକର ଜାଗାରେ ୨୫ ଲକ୍ଷରୁ ୯୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚରେ ବିଭିନ୍ନ ବ୍ୟବସ୍ଥା କରାଯିବ। ତନ୍ମଧ୍ୟରେ ଧାନ କ୍ରୟକେନ୍ଦ୍ରରେ କଭରଯୁକ୍ତ ପିଣ୍ଡି, କଂକ୍ରିଟ ଖଳା, ଚାଷୀ ଆଶ୍ରୟସ୍ଥଳୀ (ଶୌଚାଳୟ ସହ), ପାଚେରୀ ଆଦି ସର୍ବନିମ୍ନ ଭିତ୍ତିଭୂମି ନିର୍ମାଣ କରାଯିବ। ପେଡ଼ି କ୍ଲିନର୍ ସହ ୨୦୦୦ ବର୍ଗଫୁଟ୍‌ର ପିଣ୍ଡି (ଡ୍ରାଇଙ୍ଗ୍ ପ୍ଲାଟଫର୍ମ) ନିର୍ମାଣ କରାଯିବାକୁ ଯୋଜନା ରହିଛି। ତେବେ, ଏହି ମଣ୍ଡି ଗୁଡ଼ିକର ଟେଣ୍ଡର ହୋଇ ୬ ମାସ ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ ହେବାକୁ ଥିବାବେଳେ ମଣ୍ଡି ପରିସରରେ ଜବରଦଖଲ ଉଚ୍ଛେଦ ଓ ଅଧିଗ୍ରହଣ ପ୍ରକ୍ରିୟାରେ ଅହେତୁକ ବିଳମ୍ବ ହେଉଥିବା ଅଭିଯୋଗ ହେଉଛି। ଜିଲ୍ଲାରେ ଥିବା ୧୨୭ଟି ମଣ୍ଡି ମଧ୍ୟରୁ ବର୍ଷ ବର୍ଷ ଧରି ମାତ୍ର ୨୯ଟି ମଣ୍ଡି ଭିତ୍ତିଭୂମି ବିକାଶ ହୋଇପାରୁନଥିବାବେଳେ ବଳକା ଅର୍ଦ୍ଧାଧିକ ମଣ୍ଡି କେବେ ପିଣ୍ଡି ଓ ଘୋଡ଼ଣୀଯୁକ୍ତ ହେବ ଏବଂ ଚାଷୀ ଧାନ ବିକ୍ରୟ କରିବାକୁ ଯାଇ ଦିନଦିନ ଧରି ମଣ୍ଡିରେ ଶୀତକାକରରେ ଜଗିବାରୁ ଅବ୍ୟାହତି ପାଇବେ ବୋଲି ଚାଷୀମାନେ ପ୍ରଶ୍ନ କରିଛନ୍ତି।

ବାମରାର ଚାଷୀ ଯୋଗ ବିହାରୀ ପରିଡ଼ା କହିଛନ୍ତି, ବର୍ଷ ବର୍ଷ ଧରି ମଣ୍ଡି ଭିତ୍ତିଭୂମି ନିର୍ମାଣ କରାଯାଉନଥିବାରୁ ଚାଷୀ ଅଡୁଆରେ ପଡୁଛି। ଟୋକନ ମାସକର ରହୁଥିବାବେଳେ ଚାଷୀ ନିର୍ଦ୍ଧାରିତ ତାରିଖରେ ଧାନ ନେଇଯାଉଛି। ପୁଣି ଧାନ ଉଠୁନଥିବାରୁ ତାହାକୁ ଦିନ ଦିନ ଧରି ମଣ୍ଡିରେ ଜଗିରହୁଛି। ଶେଷ ସପ୍ତାହରେ ମିଲର୍‌ମାନଙ୍କ ମର୍ଜିରେ ଧାନ ଉଠୁଛି। ପାଚେରୀ ଓ ଜଗୁଆଳୀ ନଥିବାରୁ ଚାଷୀ ଖୋଲା ଆକାଶ ତଳେ ଧାନକୁ ଜଗି ରହିବାକୁ ପଡୁଛି ବୋଲି ଶ୍ରୀ ପରିଡ଼ା କ୍ଷୋଭ ପ୍ରକାଶ କରିଛନ୍ତି। ବରିଷ୍ଠ ଚାଷୀ ଉମେଶଚନ୍ଦ୍ର ମିଶ୍ର କହିଛନ୍ତି, ଜିଲ୍ଲାର ସମସ୍ତ ମଣ୍ଡିର ଭିତ୍ତିଭୂମି ବିକାଶ ଏବଂ ଚାଷୀ ପାଇଁ ସମସ୍ତ ସୁବିଧା କରି ନ ପାରିଲେ ମଧ୍ୟ ସରକାର ପଞ୍ଜାବ ଓ ହରିଆଣା ଭଳି ଜିଲ୍ଲାର ଗୋଟିଏ ମଣ୍ଡିକୁ ମଡେଲ ମାର୍କେଟ କରିବା କଥା। ଏହି ମଣ୍ଡି ବର୍ଷସାରା ଖୋଲିଲେ ଚାଷୀ ହଇରାଣ ହେବେନାହିଁ। ଟୋକନ୍ ସମୟ ମାତ୍ର ମାସେ ନିର୍ଦ୍ଧାରିତ ଥିବାରୁ ଖରିଫ୍ ଓ ରବି ଧାନକିଣା ସମୟରେ ଚାଷୀ ବ୍ୟସ୍ତବିବ୍ରତ ହୋଇ ଧାନବିକ୍ରି କରିଥାଏ। ବର୍ଷତମାମ ମଣ୍ଡି ଖୋଲିଲେ ଚାଷୀ ଅଧିକ ସମୟ ପାଇବ ବୋଲି ସେ ମତ ରଖିଛନ୍ତି।

ସୂଚନାଯୋଗ୍ୟ ଯେ, ଚଳିତ ୨୦୨୫-୨୬ ଖରିଫରେ ଧାନବିକ୍ରୟ ପାଇଁ ୬୫, ୧୪୩ ଜଣ ଚାଷୀ ପଞ୍ଜୀକରଣ କରିଥିବାବେଳେ ଯାଞ୍ଚପରେ ୬୦, ୬୧୪ ଜଣ ଚାଷୀ ରହିଛନ୍ତି। ଜିଲ୍ଲାର ୪, ୩୪୬ ଜଣ ଚାଷୀଙ୍କ ପଞ୍ଜୀକରଣ ଡିଆରସିଏସ୍‌ସ୍ତରରେ ପୁନଃ-ଯାଞ୍ଚ କରାଯିବାକୁ ବିଚାରାଧୀନ ରହିଛି। ଜିଲ୍ଲାରେ ୪୫ଟି ପ୍ୟାକ୍ସ / ଲ୍ୟାମ୍ପସ୍ ଏବଂ ୧୧ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଡବ୍ଲ୍ୟୁଏସ୍‌ଏଚ୍‌ଜି) ଜରିଆରେ ୧୨୭ଟି ଧାନକ୍ରୟ କେନ୍ଦ୍ର / ମାର୍କେଟ୍ ୟାର୍ଡରେ ଧାନକ୍ରୟ କରାଯିବ। ଏଥିରେ ୪୬ ଜଣ ମିଲର୍‌ଙ୍କୁ ନିଯୋଜିତ କରାଯାଇଛି।

## ଜିଲ୍ଲାରେ ୫୯୩୬୯ ପିଏମ-କିଷାନ ହିତାଧିକାରୀ

**ସମ୍ବଲପୁର, ୧୯।୧୧ (ସମିସ)** : ବରେଇପାଲିସ୍ଥିତ ଆର୍‌ଏମ୍‌ସି ପ୍ରେକ୍ଷାଳୟରେ ଆଜି ପ୍ରଧାନମନ୍ତ୍ରୀ କୃଷକ ସମ୍ମାନ ନିଧି (ପିଏମ କିଷାନ) ଯୋଜନାରେ ହିତାଧିକାରୀମାନଙ୍କୁ ସହାୟତା ରାଶି ବଣ୍ଟନ କରାଯାଇଛି। ତାମିଲନାଡୁର କୋଏମ୍ବାଟୁରଠାରେ ହୋଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପିଏମ୍-କିଷାନ କାର୍ଯ୍ୟକ୍ରମର ସିଧା ପ୍ରସାରଣ ସମ୍ବଲପୁରଠାରେ ପ୍ରଦର୍ଶିତ ହୋଇଥିଲା। ସ୍ଥାନୀୟ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)



ସୁଧାଂଶୁ କୁମାର ଭୋଇ, ସମ୍ବଲପୁର ବିଧାୟକଙ୍କ ପ୍ରତିନିଧି ଅନିଲ କୁମାର ବେହେରା, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀଙ୍କ ପ୍ରତିନିଧି ବିରେନ୍ଦ୍ର ଚୌଧୁରୀ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ପ୍ରସନ୍ନ କୁମାର ସ୍ୱାଇଁ, ପ୍ରକଳ୍ପ ସଂଯୋଜକ କେଭିକେ ସ୍ୱାଗତିକା ହରିଚନ୍ଦନ, ପ୍ରକଳ୍ପ ନିର୍ଦ୍ଦେଶକ ୱାଟର୍‌ସେଡ୍ ରବି ନାରାୟଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ଏହି ଯୋଜନା ମାଧ୍ୟମରେ ଆବଶ୍ୟକ ସମୟରେ ବିହନ, ସାର, କୀଟନାଶକ, କୃଷି ଯନ୍ତ୍ରପାତି କିଣିବା ତଥା ସେମାନଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ଯୋଗ୍ୟ କୃଷକମାନଙ୍କୁ ତିନୋଟି କିସ୍ତିରେ ବର୍ଷକୁ ୬ ହଜାର ଟଙ୍କା ଲେଖାଏ ସହାୟତା ପ୍ରଦାନ କରାଯାଉଛି। ସମ୍ବଲପୁର ଜିଲ୍ଲାର ୫୯, ୩୬୯ ଜଣ କୃଷକ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରତି କିସ୍ତି ୨ ହଜାର ଟଙ୍କା ଭାବେ ମୋଟ ୧୧.୮୮ କୋଟି ଟଙ୍କା ସହାୟତା ପ୍ରଦାନ କରାଯାଇଥିବା ସୂଚନା ମିଳିଛି। ଏହି ଅର୍ଥ ଡିବିଟି ଜରିଆରେ ସିଧାସଳଖ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଯାଉଛି।

## କଂଗ୍ରେସ କାର୍ଯ୍ୟାଳୟରେ ଇନ୍ଦିରା ଗାନ୍ଧୀ ଜୟନ୍ତୀ

**ସମ୍ବଲପୁର, ୧୯।୧୧ (ସମିସ)** : ସମ୍ବଲପୁର ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ସଭାପତି ଅମିତ କୁମାର ଗୁରୁଙ୍କ ଅଧ୍ୟକ୍ଷତାରେ ଭାରତର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଜନ୍ମ ଜୟନ୍ତୀ ଉତ୍ସବ ପାଳନ କରାଯାଇଛି। ବହୁ ବକ୍ତା ଶ୍ରୀମତୀ ଗାନ୍ଧୀଙ୍କ ଭାରତ ପ୍ରତି ତାଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ। ପୂର୍ବତନ ଜିଲ୍ଲା ସଭାପତି ଆଇନଜୀବୀ ଜୟଶଙ୍କର ମିଶ୍ର, ବରିଷ୍ଠ ଆଇନଜୀବୀ ନିରଞ୍ଜନ ତ୍ରିପାଠୀ, ରଞ୍ଜିତ ମିତ୍ର, ଦୀନବନ୍ଧୁ ପରିଡ଼ା, ପୂର୍ବତନ ମହିଳା ସଭାପତି ବିଜୟ ଲକ୍ଷ୍ମୀ ବେହେରା, ତପନ ବେହେରା, ସଦାନନ୍ଦ ବରାଳ, ଧର୍ମରାଜ ସିଂ, ହରି ପାଢ଼ୀ, ଜୟନ୍ତ ସାହୁ, ନକୁଳ ବେହେରା, ସୁବର୍ଣ୍ଣ ମେହେର, ସାବିତ୍ରୀ କୈଳାସ ମିର୍ଦ୍ଧା, ମୈଥିଳୀ ସାହୁ, ଅଶୋକ ସୋନି, କିଶୋର ବାଗ ପ୍ରମୁଖ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।



## ୧ରେ ଜିଲ୍ଲାସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା

**ସମ୍ବଲପୁର, ୧୯।୧୧ (ସମିସ)** : ଚଳିତ ୨୦୨୫-୨୬ ବର୍ଷ ନିମନ୍ତେ ଜିଲ୍ଲାସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ଡିସେମ୍ବର ୧ ଓ ୨ ତାରିଖ ଦୁଇଦିନ ଧରି ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ ଅନୁଷ୍ଠିତ ହେବ। ଏଥିରେ ୧୪ ବର୍ଷରୁ କମ, ୧୬ ବର୍ଷରୁ କମ, ୧୮ ବର୍ଷରୁ କମ, ୨୦ ବର୍ଷରୁ କମ ଓ ୨୩ ବର୍ଷରୁ କମ ବର୍ଗରେ ବାଳକ ଓ ବାଳିକା ଏବଂ ସିନିଅର ପୁରୁଷ ଏବଂ ମହିଳା ବର୍ଗରେ ବିଭିନ୍ନ ପ୍ରତିଯୋଗିତାମାନ ଅନୁଷ୍ଠିତ ହେବ ବୋଲି ଜିଲ୍ଲା କ୍ରୀଡ଼ା ସଂଘର ସାଧାରଣ ସମ୍ପାଦକ ସୁନୀଲ କୁମାର ସାହୁ ପ୍ରେସ ବିଜ୍ଞପ୍ତି ଜରିଆରେ ଜଣାଇଛନ୍ତି। ଏହି ପ୍ରତିଯୋଗିତାରେ ଭାଗ ନେବା ନିମନ୍ତେ ଇଚ୍ଛୁକ ଶିକ୍ଷାନୁଷ୍ଠାନ, କ୍ରୀଡାନୁଷ୍ଠାନ ତଥା ବ୍ୟକ୍ତିଗତ ପ୍ରତିଭାଗୀ ନିଜ ନିଜର ପ୍ରବେଶିକା ଦେୟ ଦାଖଲ କରି ପଞ୍ଜିକରଣ କରାଇବାକୁ କ୍ରୀଡସଂଘ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରତିଯୋଗିତାରେ ଭାଗନେବା ନିମନ୍ତେ ଆବଶ୍ୟକୀୟ ଫର୍ମ ଏବଂ ନିର୍ଦ୍ଦେଶାବଳୀ ଷ୍ଟାଡିୟମସ୍ଥିତ କ୍ରୀଡାନୁଷ୍ଠାନର କାର୍ଯ୍ୟାଳୟରୁ ପାଇପାରିବେ। ଏହି ପ୍ରତିଯୋଗିତାରେ ଭାଗ ନେବା ନିମନ୍ତେ ପ୍ରତି ପ୍ରାର୍ଥୀ/ପ୍ରାର୍ଥୀନୀଙ୍କ ନିମନ୍ତେ ୩୦ ଟଙ୍କା ଧାର୍ଯ୍ୟ କରାଯାଇଛି। ପ୍ରତିଯୋଗିତା ନିମନ୍ତେ ପ୍ରବେଶିକା ଫର୍ମ ତଥା ଦେୟର ଶେଷ ତାରିଖ ନଭେମ୍ବର ୨୬ ତାରିଖ ରହିଛି। ପ୍ରାର୍ଥୀ/ପ୍ରାର୍ଥୀନୀ ପଞ୍ଜିକରଣ ଫର୍ମ ସହିତ ନିଜର ଜନ୍ମଗତ ପ୍ରମାଣପତ୍ର, ବାସସ୍ଥାନ ପ୍ରମାଣପତ୍ର, ଆଧାର କାର୍ଡର ଜେରକ୍ସ ଏବଂ ଫଟୋ ଦାଖଲ କରିବା ଆବଶ୍ୟକ। ଏହି ପ୍ରତିଯୋଗିତା ସମ୍ବନ୍ଧରେ ଅଧିକ ତଥ୍ୟ ଜାଣିବା ନିମନ୍ତେ କ୍ରୀଡ଼ା ସଂଘର ଆଥଲେଟିକ ସମ୍ପାଦକ ବିକାଶ କେଶର ମିଶ୍ର (ମୋବାଇଲ ୯୮୬୧୨୪୪୨୨୨)ଙ୍କୁ ଯୋଗାଯୋଗ କରିପାରିବେ।

## ଜୁଆ ଆଡ୍ଡାରେ ଚଢ଼ଉ, ୭ ଗିରଫ



**ସମ୍ବଲପୁର, ୧୯।୧୧ (ସମିସ)**: ସମ୍ବଲପୁର ଜିଲ୍ଲା ବୁର୍ଲା ଥାନା ପୁଲିସ ବୁର୍ଲା କଚ୍ଛା ମାର୍କେଟ ଅଞ୍ଚଳରେ ଏକ ଜୁଆ ଆଡ୍ଡାରେ ଚଢ଼ଉ କରି ୭ ଜଣଙ୍କୁ ଗିରଫ କରିବାସହ ନଗଦ ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛନ୍ତି। ବୁର୍ଲା ଥାନା ପୁଲିସ କେସ ନଂ. ୫୧୭/୧୯.୧୧.୨୦୨୫ ଦଫା ୩ ଓପିଜି ଆକ୍ଟରେ ମାମଲା ରୁଜୁକରି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ବୁର୍ଲା ଥାନା ଅନ୍ତର୍ଗତ ବିଷ୍ଣୁମନ୍ଦିରପଡ଼ାର ବିକ୍ରମ ସିଂହ (୩୦), ଡେଲିମାର୍କେଟ୍‌ର ଜିମ୍ମି ଓରଫ ରାଜକୁମାର ପ୍ରସାଦ ଗୁପ୍ତା (୩୧), ମୁନାକୁମାର ପ୍ରସାଦ (୩୭) ଓ ରାହୁଲ ପ୍ରସାଦ ଗୁପ୍ତା (୩୫), ପଠାଣବନ୍ଧର ବାସୁଦେବ ବାରିକ (୩୪) ଓ ବିଟୁ ଓରଫ ପ୍ରହଲ୍ଲାଦ ବାଗ (୨୮) ଏବଂ ପିଜିଛକର ତେଜ ବାହାଦୂର ଛେତ୍ରୀ (୪୭)। ସେମାନଙ୍କଠାରୁ ପୁଲିସ ନଗଦ ୧, ୪୦, ୫୬୦ ଟଙ୍କା, ତାସବିଡ଼ା ଓ ମେଟ୍, ୭ଟି ମୋବାଇଲ, ଗୋଟିଏ ହୁଣ୍ଡାଇ କାର ଓ ୬ଟି ବାଇକ୍ ପୁଲିସ ଜବତ କରିଛି।

## ପି.ଏଚ.ଡି. ଲାଭ



ଅପରେସନ ସିନ୍ଦୂର ପାଇଁ ଡ୍ରୋନ୍ ଯୋଗାଇଥିବା ଭୁବନେଶ୍ୱର ସ୍ଥିତ ଖ୍ୟାତନାମା ଡ୍ରୋନ୍ କମ୍ପାନୀ IG Dronesର ଗବେଷଣା ବିଭାଗରେ କାର୍ଯ୍ୟରତ ଶ୍ରୀ ସତ୍ୟପ୍ରକାଶ ମିଶ୍ର ସିଭିଲ ଇଞ୍ଜିନିୟରିଂ ବିଷୟରେ ଡକ୍ଟରେଟ୍ (Ph.D.) ଡିଗ୍ରୀ ଲାଭ କରିଛନ୍ତି । ସେ ଆସାମ ସ୍ଥିତ National Institute of Technology Silchar (NIT Silchar)ର Asso. Prof. Dr. Arjun Sir ଓ Asst. Prof. Dr. Amit Kumar Das ଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ । ଶ୍ରୀମାନ ମିଶ୍ରଙ୍କ ଗବେଷଣା ସନ୍ଦର୍ଭ "Comprehensive Seismic Hazard Assessment of Odisha State with Emphasis on Bhubaneswar City and Port Areas", IIT Bombay ର ପ୍ରଫେସର ଡ଼ା ଦୀପାଙ୍କର ଚୌଧୁରୀ ଓ IISc Bangalore ର ପ୍ରଫେସର ଡା. ଜି. ମାଧବୀଲତାଙ୍କ ଦ୍ୱାରା ପରୀକ୍ଷିତ ଓ ଉଚ୍ଚ ପ୍ରଶଂସିତ ହୋଇଛି । ଡ଼. ସତ୍ୟପ୍ରକାଶ ମିଶ୍ର ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ସ୍ଥିତ ପଲାର ଗ୍ରାମ ନିବାସୀ କବି ସବିତା ମିଶ୍ର ଓ ଅବସରପ୍ରାପ୍ତ B S N L କର୍ମଚାରୀ ଶ୍ରୀଯୁକ୍ତ ନୃସିଂହ ଚରଣ ମିଶ୍ରଙ୍କ କନିଷ୍ଠ ପୁତ୍ର ତଥା ଧର୍ମଶାଳା ଅଞ୍ଚଳର ବିଶିଷ୍ଟ ଶିକ୍ଷକ ୰ ପଣ୍ଡିତ ନାରାୟଣ ମିଶ୍ରଙ୍କ ପୁତ୍ର ଅଟନ୍ତି । ସେ ତାଙ୍କର ଏହି ସଫଳତା ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥ, ସପରିବାର, ଶିକ୍ଷକ ଓ ବନ୍ଧୁବର୍ଗଙ୍କୁ କୃତଜ୍ଞତା ଜଣାଇଛନ୍ତି ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

## ଆଦିତ୍ୟ ଆଲୁମିନିୟମ ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ

**ସମ୍ବଲପୁର, ୧୯।୧୧ (ସମିସ)** : ଆଦିତ୍ୟ ଆଲୁମିନିୟମ, ଲପଙ୍ଗା ଓ ଠେଲକୋଲୋଇ ପୁଲିସ ମିଳିତ ଆନୁକୂଲ୍ୟରେ ସାଇବର ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ ଲପଙ୍ଗାସ୍ଥିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ଇଣ୍ଟରନେଟ ମାଧ୍ୟମରେ ହେଉଥିବା ବିଭିନ୍ନ ଠକେଇ ଉପରେ ଆଲୋଚନା ହୋଇଥିଲା। ଛାତ୍ରଛାତ୍ରୀଙ୍କୁ ସାଇବର ଠକେଇ ଠାରୁ ଦୂରେଇ ରହିବା ପାଇଁ ଉପଦେଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମ ପ୍ରକଳ୍ପ ସଂଯୋଜକ ତଥା ଇନ୍ସପେକ୍ଟର ସୁବ୍ରତ ପାଣିଗ୍ରାହୀ, ସାଇବର ପୋଲିସ ଷ୍ଟେସନ, ସମ୍ବଲପୁର, ଈଶ୍ୱର ତାଣ୍ଡି, ଡିଏସପି ମୁଖ୍ୟାଳୟ ତଥା ନୋଡାଲ ଅଫିସର ସଚେତକ କାର୍ଯ୍ୟକ୍ରମ, ସମ୍ବଲପୁର, ଅନିଲ ପ୍ରଧାନ, ଡିଏସପି ମୁଖ୍ୟାଳୟ,



ଗୁରୁଦେବ କର୍ମୀ, ଆଇଆଇସି ରେଙ୍ଗାଲି ବୁଲୁ ସ୍ୱାଇଁ, ଆଇଆଇସି ଠେଲକୋଲୋଇ ଅନନ୍ତ କୁମାର ସାହୁ, ଆଇଆଇସି କତରବଗା ପ୍ରଦ୍ୟୁମ୍ନ କୁମାର ସାହୁ, ଆଇଆଇସି ଅଇଁଠାପାଲି ପୁଲିସ ଷ୍ଟେସନ ପ୍ରମୁଖ ଉପସ୍ଥିତ ଥିଲେ। ଆଦିତ୍ୟ ଆଲୁମିନିୟମ କାରଖାନାର ସୁରକ୍ଷା ବିଭାଗର ମୁଖ୍ୟ କ୍ୟାପଟେନ ଅନିର୍ବନ ବାନାର୍ଜୀ, ଅମିତ ଶର୍ମା ଟିମ୍ ସୁରକ୍ଷା ଓ ସିଏସଆର୍ ମୁଖ୍ୟ ରବି ନିୱାସ ଉପସ୍ଥିତ ରହିଥିଲେ। ଆଦିତ୍ୟ ଆଲୁମିନିୟମ ଏଭଳି ସଚେତନତା କାର୍ଯ୍ୟ ପାଇଁ ସ୍ଥାନୀୟ ଅଧିବାସୀମାନେ ବହୁତ ପ୍ରଶଂସା କରିଥିଲେ।

## ପାୱାର ଲିଫ୍‌ଟିଙ୍ଗ ପ୍ରତିଯୋଗିତାରେ ସାଗରିକାଙ୍କୁ ୨ ସ୍ୱର୍ଣ୍ଣ

**ସମ୍ବଲପୁର, ୧୯।୧୧ (ସମିସ)** : ଇଣ୍ଡିଆନ ପାୱାର ଲିଫ୍‌ଟିଙ୍ଗ ଫେଡେରେସନ ଓ ଓଡ଼ିଶା ପାୱାର ଲିଫ୍‌ଟିଙ୍ଗ ଆସୋସିଏସନ ପକ୍ଷରୁ ମାଲକାନଗିରିର ସାଂସ୍କୃତିକ ଭବନଠାରେ ପାୱାର ଲିଫ୍‌ଟିଙ୍ଗ ପ୍ରତିଯୋଗିତା ନଭେମ୍ବର ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହୋଇଯାଇଛି। ଏଥିରେ ସମ୍ବଲପୁର ୱାରିଅର



ଜିମ୍ନାସିୟମ ତରଫରୁ ସାଗରିକା ରାୟ ୭୬ କେଜି ମହିଳା ବର୍ଗରେ ଭାଗନେଇ ୨ଟି ସ୍ୱର୍ଣ୍ଣ ପଦକ ହାସଲ କରି ସମ୍ବଲପୁର ପାଇଁ ଗୌରବ ଆଣିଛନ୍ତି। ଏହାକୁ ନେଇ ୱାରିଅର ଜିମ୍ନାସିୟମ ମୁଖ୍ୟ ପ୍ରଶିକ୍ଷକ ସୁଧୀର ପଟ୍ଟନାୟକ ଓ ସୋମନାଥ ପଟ୍ଟନାୟକ ଶୁଭେଚ୍ଛା ଜଣାଇଥିବାବେଳେ ବିଭିନ୍ନ ମହଲରୁ ସାଗରିକାଙ୍କୁ ଅଭିନନ୍ଦନର ସୁଅ ଛୁଟୁଛି।

## କରାଟେରେ ଧନୁପାଲି ଶିଶୁ ମନ୍ଦିର ଛାତ୍ରଛାତ୍ରୀଙ୍କ କୃତିତ୍ୱ

**ସମ୍ବଲପୁର, ୧୯।୧୧ (ସମିସ)** : ଗତ ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ମଥୁରାସ୍ଥିତ ଶ୍ରୀଜୀ ବାବା ସରସ୍ୱତୀ ବିଦ୍ୟା ମନ୍ଦିର, ସିନିୟର ସେକେଣ୍ଡେରୀ ସ୍କୁଲ, ମଥୁରାଠାରେ ବିଦ୍ୟାଭାରତୀ ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନ ଦ୍ୱାରା କରାଟେ ଓ ହକି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଧନୁପାଲିର ଛାତ୍ରଛାତ୍ରୀମାନେ ଗୋଟିଏ ସ୍ୱର୍ଣ୍ଣ, ୨ଟି ରୌପ୍ୟ ଓ ୪ଟି କାଂସ ପଦକ ହାସଲ କରି ସମ୍ବଲପୁର ତଥା ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। ଏହି ପ୍ରତିଯୋଗିତାରେ ଭାରତର ୧୦ଟି କ୍ଷେତ୍ରର ୩୫୦ ଜଣ ଖେଳାଳି ଭାଗ ନେଇଥିଲେ। ପୂର୍ବକ୍ଷେତ୍ରରୁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଧନୁପାଲିର ୬ ଜଣ ଛାତ୍ରୀ ଓ ୪ ଜଣ ଛାତ୍ର ଚୟନିତ ହୋଇ ଖେଳିବାକୁ ଯାଇଥିଲେ। ତନ୍ମଧ୍ୟରୁ ଅନ୍ୱେଷା ପୁରୋହିତ ସ୍ୱର୍ଣ୍ଣ ପଦକ (ଏସ୍‌ଜିଏଫ୍‌ଆଇ ସିଲେକ୍ଟ), ଖୁସି ନାଗ୍ ଓ ଓମ୍ ପଟ୍ଟନାୟକ ରୌପ୍ୟ ପଦକ ଏବଂ ସିନ୍ଧୁଜା ପଣ୍ଡା, ଶୁଭଶ୍ରୀ ପ୍ରଧାନ, ସ୍ୱସ୍ତିକ ପଣ୍ଡା ଓ ଦକ୍ଷିତ ମହନ୍ତ କାଂସ୍ୟ ପଦକ ହାସଲ କରିଛନ୍ତି। ଏହି ଛାତ୍ରଛାତ୍ରୀମାନଙ୍କୁ ସ୍କୁଲର ପ୍ରଧାନ ଆଚାର୍ଯ୍ୟ ବିଭୁ ପ୍ରସାଦ ମହାପାତ୍ରଙ୍କ ସଂଯୋଜନାରେ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ ଶିଶୁ ମାନଙ୍କ ଅଭିଭାବକ ଉପସ୍ଥିତ ଥିଲେ। କରାଟେ କୋଚ୍ ଭବାନୀ ଶଙ୍କର ପଣ୍ଡାଙ୍କୁ ସମ୍ମାନିତ କରାଗଲା। ଛାତ୍ରଛାତ୍ରୀଙ୍କ ଦାୟିତ୍ୱରେ ଗୁରୁଜୀ ଅମୃତ ପଟେଲ ଓ ଗୁରୁମା କୁଞ୍ଜଲତା ହୋତାଙ୍କୁ ମଧ୍ୟ ସଭାରେ ସମ୍ମାନିତ କରାଗଲା।



## ଫାଟକ ବୁଢ଼ାରଜା ଦୁର୍ଗାପୂଜା ଲଟେରୀ ବିଜେତାଙ୍କୁ ଲଟେରୀ ସାମଗ୍ରୀ ବିତରଣ

**ସମ୍ବଲପୁର, ୧୯।୧୧ (ସମିସ)** : ସ୍ଥାନୀୟ ଫାଟକ ବୁଢାରଜା ଦୁର୍ଗାପୂଜା କମିଟି ଲଟେରୀ ର ଫଳାଫଳ ଯାହାକି ଚଳିତ ମାସ ୯ ତାରିଖରେ ପ୍ରକାଶିତ ହୋଇଥିଲା ଆଜି ଫାଟକସ୍ଥିତ ଦୁର୍ଗାପୂଜା ପଡ଼ିଆରେ ଲଟେରୀ ବିଜେତାଙ୍କୁ ଲଟେରୀ ସାମଗ୍ରୀ ବିତରଣ କରାଯାଇଥିଲା। ପ୍ରକାଶ ଥାଉ କି ଏହି ଲଟେରୀ ଉଠାଣର ଯଥାକ୍ରମେ ପ୍ରଥମ ପୁରସ୍କାର ରୂପେ ମାରୁତି ଅଲ୍ଟୋ କାରର ବିଶାଳଖିଣ୍ଡା ଲମ୍ବାହାଲର ଜନନୀ କିଷାନ, ଦ୍ୱିତୀୟ ପୁରସ୍କାର ପ୍ରଧାନପଡ଼ାର ସତ୍ୟଜିତ ରାୟ ତଥା ତୃତୀୟ ପୁରସ୍କାର ଟିଭିଏସ୍ ସ୍କୁଟିର ବିଜେତା ଅଂଶୁମାନ ତନସନାଙ୍କ ସମେତ ଅନ୍ୟାନ୍ୟ ବିଜେତାଙ୍କୁ ପୂଜା କମିଟିର ବରିଷ୍ଠ ସଦସ୍ୟ ତଥା ନିମନ୍ତ୍ରିତ ଅତିଥି ଗଣ ଲଟେରୀ ସାମଗ୍ରୀ ବିତରଣ କରିଥିଲେ। ପୂଜା କମିଟିର ସଭାପତି ବୁଲୁ ବିଶ୍ୱାଳଙ୍କ ସଭପତିତ୍ୱରେ ପରିଚାଳିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ସଭାପତି ଶ୍ରୀ ବିଶ୍ୱାଳ ଓ ସାଂସ୍କୃତିକ ସମ୍ପାଦକ ଗୁଣ ରଞ୍ଜନ ସାଲିମା ଉପସ୍ଥିତ ବିଜେତାଙ୍କୁ ସମ୍ବୋଧିତ କରିଥିଲେ। ଟିକି ଶତ୍ରୁଶଲ୍ୟ, ଚିତ୍ତ ବିଶ୍ୱାଳ, ଅସିତ ପାଣିଗ୍ରାହୀ, ଦୈତାରୀ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ରାଜା ଚାନ୍ଦ ସଂଯୋଜନା କରିଥିଲେ ଓ ସନ୍ତୋଷ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।



## ପାର୍ବତୀ ଗିରିଙ୍କ ରାଜ୍ୟସ୍ତରୀୟ ଜନ୍ମ ଶତବାର୍ଷିକୀ ପ୍ରସ୍ତୁତି



**ସମ୍ବଲପୁର, ୧୯।୧୧ (ସମିସ)**: ବହ୍ନିକନ୍ୟା ପାର୍ବତୀ ଗିରିଙ୍କ ରାଜ୍ୟସ୍ତରୀୟ ଜନ୍ମ ଶତବାର୍ଷିକୀ ପାଳନ ଉପଲକ୍ଷେ ପ୍ରସ୍ତୁତି ବୈଠକ ଡାକ୍ତର ଆଇଜାକ୍ ସାନ୍ତ୍ରା ବାଳ ନିକେତନ, ମହୁଲପାଲି, ଫୁଲଝରନ ଠାରେ ଅନୁଷ୍ଠିତ ହୋଇଯାଇଛି। ପାର୍ବତୀ ଗିରି ସ୍ମୃତିକମିଟି ସଭାପତି ଜିତେନ୍ଦ୍ର କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ସଭାରେ ରେଢ଼ାଖୋଲ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ ମୁଖ୍ୟଅତିଥି ତଥା ଯୁଯୋମୁରା ପଞ୍ଚାୟତ ସମିତି ଅଧ୍ୟକ୍ଷା ମମତା ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବୈଠକରେ ପାର୍ବତୀ ଗିରିଙ୍କ ରାଜ୍ୟସ୍ତରୀୟ ଜନ୍ମ ଶତବାର୍ଷିକୀ ପାଳନ କମିଟି ଗଠନ କରାଯିବା ସହିତ ବିଭିନ୍ନ ଉପକମିଟି ଗୁଡ଼ିକ ଗଠନ କରାଗଲା। ଏଥିନୁଯାୟୀ, ଜନ୍ମ ଶତବାର୍ଷିକୀ ପାଳନ କମିଟି ସଭାପତି ଭାବେ ପ୍ରସନ୍ନ ଆଚାର୍ଯ୍ୟ ମନୋନୀତ ହୋଇଥିବାବେଳେ କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ପଣ୍ଡା, ଉପସଭାପତି ମମତା ନାୟକ ଓ ସୁରେଶ୍ୱର ପ୍ରଧାନ, ସାଧାରଣ ସମ୍ପାଦକ କୁଳଧର ପ୍ରଧାନ, ସହସମ୍ପାଦକ ଅରୁଣ ଦେହୁରୀ ଓ ଆଦିତ୍ୟ ରହଣା, କୋଷାଧ୍ୟକ୍ଷ ସୁଶୀଲ କୁମାର ବେହେରା ଏବଂ ସଂଯୋଜକ ପ୍ରଫୁଲ୍ଲ କୁମାର ପଣ୍ଡା ସର୍ବସମ୍ମତିକ୍ରମେ ମନୋନୀତ ହୋଇଥିବା ସ୍ମୃତିକମିଟି ସୂତ୍ରରୁ ପ୍ରକାଶ।

## ପ୍ରତିବାଦରେ ନାଗରିକ କମିଟି ପକ୍ଷରୁ ରାସ୍ତା ଅବରୋଧ

# ପାଉଁଶ ବୋଝେଇ ଟ୍ରକ୍ ଧକ୍କାରେ ଗୋସେବକଙ୍କ ମୃତ୍ୟୁ

**ରେଢ଼ାଖୋଲ, ୧୯ ।୧୧(ସମିସ)**

ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରରେ ପାଉଁଶ ବୋଝେଇ ଟ୍ରକ୍ ଚକ ତଳେ ଚାପି ହୋଇ ଜଣଙ୍କ ଜୀବନ ଚାଲିଗଲା। ୫୫ ନମ୍ବର ଜାତୀୟ ରାଜପଥ ରେଢ଼ାଖୋଲ ସହର ଭୀମଭୋଇ ଛକରେ ବୁଧବାର ଦିନ ପାଉଁଶ ବୋଝେଇ ଟ୍ରକ୍ କୋରାପୁଟ ଜୟପୁର ଅଞ୍ଚଳର ରଜନୀକାନ୍ତ ନାୟକ ଲୁନା ଚାଳକଙ୍କୁ ଧକ୍କା ଦେବାରୁ ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଯାଇଥିଲା। ଉକ୍ତ ବ୍ୟକ୍ତି ଜଣଙ୍କ ରେଢ଼ାଖୋଲ ବୈଷ୍ଣବଝୁଲି ଆଶ୍ରମରେ ରହି ଗୋସେବା କରୁଥିଲେ। ଏଭଳି ଘଟଣାକୁ ନେଇ ରେଢ଼ାଖୋଲ ନାଗରିକ କମିଟି ପକ୍ଷରୁ ରାସ୍ତା ଅବରୋଧ କରିଥିଲେ। ବିଭିନ୍ନ କମ୍ପାନୀରୁ ବାହାରୁଥିବା ପାଉଁଶକୁ ନେଉଥିବା ଗାଡ଼ି ଗୁଡିକ ସୁରକ୍ଷିତ ପରିବହନ ନିୟମ ଉଲ୍ଲଂଘନ କରିବାରୁ ରାସ୍ତାରେ ପାଉଁଶ ପାଣି ପଡ଼ି ପଡ଼ି ଯିବାରୁ ସେସବୁ ଉଡି ସହର ଧୂଳିମୟ ହେଉଛି। ଫଳରେ ପରିବେଶ କ୍ଷତି ହେବା ସହ ଜନଜୀବନ ଅସ୍ତବ୍ୟସ୍ତ ହେଉଛି, ଧୂଆଁ ଯୋଗୁଁ ରାଜରାସ୍ତାରେ ଗାଡି ଚାଳନାରେ ସମସ୍ୟା ହେବାରୁ ଆଜି ଜଣଙ୍କ ଜୀବନ ଚାଲିଗଲା। ଆଗାମୀ ଦିନରେ ଆଶ୍ୱ ପାଉଁଶ ବୋଝେଇ ଗାଡି ଗୁଡିକ ସରକାରୀ ନିୟମ ଅନୁସାରେ ପରିବହନ ଦାବି ନେଇ ରାସ୍ତା ଅବରୋଧ କରାଯାଇଛି। ତେବେ ଘଟଣା ସ୍ଥଳକୁ ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହନ୍ତ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ। ସକାଳ ୬ ଟା ରୁ ରାତି ୯ ଟା ପର୍ଯ୍ୟନ୍ତ ପାଉଁଶ ବୋଝେଇ ଗାଡ଼ି ପରିବହନ ବନ୍ଦ ରହିବ ଏବଂ ନିୟମ ଅନୁଯାଇ ପରିବହନ କରାଯିବ ବୋଲି ପ୍ରତିଶ୍ରୁତି ମିଳିଲା ପରେ ରାସ୍ତା ଅବରୋଧ ହଟିଥିଲା। ଗାଡ଼ିକୁ ପୁଲିସ ଜବତ କରିଥିବା ବେଳେ ଘଟଣାସ୍ଥଳରୁ ଡ୍ରାଇଭର ଫେରାର ହୋଇଯାଇଥିଲା। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଜଣାପଡ଼ିଛି।





## ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଚାରାରୋପଣ



ପଦ୍ମପୁର, ୧୯।୧୧(ସମିସ): ଜିଲ୍ଲା ପରିବେଶ ସୁରକ୍ଷା ମଞ୍ଚ ବରଗଡ଼ ଆନୁକୂଲ୍ୟରେ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ପଦ୍ମପୁରରେ 'ଶିଶୁଟିଏ ଗଛଟିଏ, ସାରା ଜୀବନର ସାଥୀ ସିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ପ୍ରୀତିରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱ ଓ ସମ୍ପାଦକ ଓକିଲ ଆଦିତ୍ୟ ରଥଙ୍କ ସଂଯୋଜନାରେ ଅନୁଷ୍ଠିତ ପରିବେଶ ସଚେତନତା କାର୍ଯ୍ୟକ୍ରମରେ ମୀନକେତନ ସାହୁ ମୁଖ୍ୟ ଅତିଥି, ପୂର୍ଣ୍ଣଚନ୍ଦ୍ର ଦୋରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀଙ୍କୁ ଅଶୋକ ଚାରା ପ୍ରଦାନ କରାଯାଇଥିଲା। ଅଧ୍ୟକ୍ଷା ଆହ୍ଲାଦିନି ଦଲାଇ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯାଇଥିବା ଅଶୋକ ଚାରାକୁ ପିତାମାତାଙ୍କ ସହ ନିଜ ନିଜର ଘର ବାଡିରେ ରୋପଣ କରି ସୁରକ୍ଷିତ ରଖିବାକୁ ପରାମର୍ଶ ଦେଇଥିଲେ।

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



ପାଇକମାଳ, ୧୯।୧୧(ସମିସ): ପାଇକମାଳ ବିନ୍ଧ୍ୟବାସିନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ପାଇକମାଳ ଏମି ସ୍କୁଲ ଖେଳପଡ଼ିଆ ଠାରେ ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଶ୍ୟାମଲାଲ ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ପାଇକମାଳ ବିଡିଓ ପ୍ରଫୁଲ ଓଡୁ ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବେ ପାଇକମାଳ ବ୍ଲକ ଏବିଏଫ ମଧୁସ୍ମିତା ବେହେରା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ବାଳିକା ବିଭାଗରୁ ଚାମ୍ପିଅନ ଭାବେ ଦ୍ୱିତୀୟ ବର୍ଷର ଛାତ୍ରୀ ଅଙ୍କିତା ପଟେଲ ଓ ବାଳକ ବିଭାଗରୁ ପ୍ରଥମ ବର୍ଷର କଳା ଛାତ୍ର ଗୋବିନ୍ଦ ମହାନନ୍ଦ ଚାମ୍ପିଅନ ହୋଇଥିଲେ।

## ବ୍ଲକ୍‌ସ୍ତରୀୟ ବିଜ୍ଞାନ କୁଇଜ୍ ପ୍ରତିଯୋଗିତା

ଝାରବନ୍ଧ, ୧୯।୧୧(ସମିସ): ଝାରବନ୍ଧ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅଧୀନ ୧୦୦ଟି ବିଦ୍ୟାଳୟର ୨୧୭ ଛାତ୍ରଛାତ୍ରୀଙ୍କୁ ନେଇ ସରକାରୀ ଉଚ୍ଚ ବିଦ୍ୟାଳୟ ଝାରବନ୍ଧ ଠାରେ ଝାରବନ୍ଧ ବ୍ଲକସ୍ତରୀୟ ବିଜ୍ଞାନ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ଶୁଭମ ପତି ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଝାରବନ୍ଧ ବିଡିଓ ପର୍ଶୁରାମ ପଣ୍ଡା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏବିଇଓ ବିସିକେଶନ ଶତପଥୀ, ଏବିଇଓ ତଥା ବିଆରସିସି ଦୟାନିଧି କୈବର୍ତ୍ତ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସମସ୍ତ ସିଆରସିସି, ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ।

## ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳା ପାଇଁ ପ୍ରସ୍ତୁତି

ବରଗଡ଼, ୧୯।୧୧(ସମିସ): ଜିଲ୍ଲା ଶିକ୍ଷା ବିଭାଗ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳା ଆୟୋଜନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଧିରୋଜ ପଟ୍ଟନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ ଭୁଏ ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷକ ଡ.ମନୋଜ ସାହୁ, ଭବାନୀ ଶଙ୍କର ଗଡ଼ତିଆ, ସୁବୋଧ ସାହୁ, ପଞ୍ଚସଖା ଶିକ୍ଷା ସେତୁ ଭାରପ୍ରାପ୍ତ ଅଧିକାରୀ ପ୍ରିୟବ୍ରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲସ୍ତରୀୟ ବିଜ୍ଞାନ ମେଳା ଆସନ୍ତା ଡିସେମ୍ବର ମାସରେ ଅନୁଷ୍ଠିତ ହେବ ବୋଲି କୁହାଯାଇଛି। ଏହାକୁ ବରଗଡ଼ ରାଣା ପ୍ରତାପ ସ୍କୁଲ ପଡ଼ିଆରେ ଆୟୋଜନ କରାଯିବା ପାଇଁ ନିଷ୍ପତ୍ତି ଗୃହୀତ ହୋଇଥିବା ସୂଚନା ପ୍ରଦାନ କରାଯାଇଛି।

## ପୂର୍ବତନ ମନ୍ତ୍ରୀ ବିଜୟ ରଞ୍ଜନ ସିଂ ବରିହାଙ୍କ ଜୟନ୍ତୀ

ପାଇକମାଳ, ୧୯।୧୧(ସମିସ): ପାଇକମାଳ ବ୍ଲକ ନୃସିଂହନାଥ ମୁଖ୍ୟ କାର୍ଯ୍ୟାଳୟରେ ସର୍ବଭାରତୀୟ ସ୍ୱାଲାଖ ବିନ୍ଧ୍ୟଗିରିବାସୀ ବିଞ୍ଝାଲ ସମାଜ ପକ୍ଷରୁ ପୂର୍ବତନ ବିଧାୟକ ତଥା ଆଦିବାସୀ କଲ୍ୟାଣ ମନ୍ତ୍ରୀ ବିଜୟ ରଞ୍ଜନ ସିଂ ବରିହାଙ୍କ ୬୮ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ବିଞ୍ଝାଲ ସମାଜର ଲାଟ ସଭାପତି ହୃଷିକେଶ ବରିହା, ସର୍ବଭାରତୀୟ ସ୍ତର ସଙ୍ଗଠନ ସମ୍ପାଦକ ଦେବରାଜ ବରିହା, ଜୋନ ସମ୍ପାଦକ ନନ୍ଦଲାଲ ବରିହା, ସମାଜସେବୀ ନୃପ ବରିହା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଦେବରାଜ ବରିହା ଧନ୍ୟବାଦ ଦେଇଥିଲେ। ସେହିପରି ପାଇକମାଳ ସାଲେପାଲି ବିଜୁ ଜନତା ଦଳର କାର୍ଯ୍ୟାଳୟ ଠାରେ ବ୍ଲକ ଅଧ୍ୟକ୍ଷା ଭାବନା ସିଂହଙ୍କ ଅଧ୍ୟକ୍ଷତାରେ ବିଞ୍ଝାଲ ସମାଜ ପକ୍ଷରୁ ପୂର୍ବତନ ବିଧାୟକ ତଥା ଆଦିବାସୀ କଲ୍ୟାଣ ମନ୍ତ୍ରୀଙ୍କ ୬୮ ତମ ଜନ୍ମ ଦିବସ ପାଳିତ ହୋଇଯାଇଛି।

# ଆଜିଠୁ ବରଗଡ଼ ପୁସ୍ତକମେଳା

ବରଗଡ଼, ୧୯।୧୧(ସମିସ)



ଗାନ୍ଧୀ ସ୍ମୃତି ପାଠାଗାର ବରଗଡ଼ ତରଫରୁ ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପୁସ୍ତକମେଳା ଗୁରୁବାର ଠାରୁ ସ୍ଥାନୀୟ ଜର୍ଜ ହାଇସ୍କୁଲ ପଡ଼ିଆରେ ଆରମ୍ଭ ହେବ। ନଭେମ୍ବର ୨୦ ରୁ ୨୯ ତାରିଖ ଯାଏ ଏହି ପୁସ୍ତକମେଳା ଚାଲିବ ବୋଲି ଗାନ୍ଧୀ ସ୍ମୃତି ପାଠାଗାର ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି। ୨୨ ତମ ବରଗଡ଼ ପୁସ୍ତକମେଳାର ଉଦ୍‌ଘାଟନୀ ଦିବସରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି। ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ୍ ସମ୍ମାନିତ ଅତିଥି ଓ ଡିଏଭି କଲେଜ ଟିଟିଲାଗଡ଼ର ପ୍ରାକ୍ତନ ଅଧ୍ୟକ୍ଷ ତଥା ଶିକ୍ଷାବିତ୍ ଓ ପ୍ରବୀଣ ସାହିତ୍ୟିକ ଡ.ଛାୟାକାନ୍ତ ଷଡଙ୍ଗୀ ମୁଖ୍ୟ ବକ୍ତା ଭାବେ ଯୋଗ ଦେବେ। ସେହିପରି ଆଗାମୀ ନଭେମ୍ବର ୨୯ ତାରିଖ ଉଦ୍‌ଯାପନୀ ଉତ୍ସବରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି ଓ ଶିକ୍ଷାବିତ୍ ତଥା ସାରସ୍ୱତ ସାଧକ ଡ.ରମେଶ ଚନ୍ଦ୍ର ଶତପଥୀ ବରେଣ୍ୟ ଅତିଥି ଭାବେ ଯୋଗ ଦେବେ। ଏହି ୧୦ ଦିବସୀୟ କାର୍ଯ୍ୟକ୍ରମ ଭିତରେ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ବୈଷୟିକ, ଶିକ୍ଷା ସମ୍ବନ୍ଧୀୟ, ଆମ ଭାଷା ସଂସ୍କୃତି, ଲୋକଗୀତ, ଲୋକ ନାଚ, ସ୍ୱାସ୍ଥ୍ୟ ସଚେତନତା, ଆଲୋଚନାଚକ୍ର ମାନ ଆୟୋଜିତ ହେବ। ଏହାସହ ନାଟକ, କବିତା, ବ୍ୟଙ୍ଗ କବିତା ଆଦି କାର୍ଯ୍ୟକ୍ରମ ରହିଛି। ଗାନ୍ଧୀ ଜୟନ୍ତୀ ଓ ପୁସ୍ତକମେଳା ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁସ୍ତକ ମେଳାର ପ୍ରଥମ ସନ୍ଧ୍ୟାରେ ପୁରସ୍କୃତ କରାଯିବ। ସମାଜର ବିଭିନ୍ନ କ୍ଷେତ୍ରରେରେ ଅବଦାନ ପାଇଁ ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କୁ ବିଭିନ୍ନ ସ୍ମୃତି ସମ୍ମାନରେ ଉଦ୍‌ଯାପନୀ ସନ୍ଧ୍ୟାରେ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି। ସେହିପରିବିଭିନ୍ନ ବିଭାଗରେ ବରଗଡ଼ ଜିଲ୍ଲାରେ ଶ୍ରେଷ୍ଠ ହୋଇଥିବା ଛାତ୍ରଛାତ୍ରୀଙ୍କୁ ମେଧା ସମ୍ମାନରେ ୨୩ ତାରିଖ ସନ୍ଧ୍ୟାରେ ସମ୍ମାନିତ କରାଯିବ। ସ୍ମୃତି ସମ୍ମାନ ଗୁଡିକ ପୁସ୍ତକମେଳାର ପ୍ରଥମ ସନ୍ଧ୍ୟାରେ ଘୋଷଣା କରାଯିବ।

ଚଳିତ ବର୍ଷ ମେଧା ସମ୍ମାନ ପାଇବେ ବରଗଡ଼ ପୌର ପରିଷଦ ଅଞ୍ଚଳର ସରକାରୀ ସ୍କୁଲ ମାଟ୍ରିକରେ ସର୍ବୋଚ୍ଚ ମାର୍କ ରଖିଥିବା ଛାତ୍ରୀ ସ୍ନେହରାଣୀ ବିର୍ତିଆ, ସମଗ୍ର ବରଗଡ଼ ଜିଲ୍ଲାରେ ମାଟ୍ରିକରେ ସର୍ବୋଚ୍ଚ ମାର୍କ ରଖିଥିବା ଛାତ୍ରୀ ବବିତା ରଥ, ଯୁକ୍ତ ଦୁଇ ବିଜ୍ଞାନରେ ସମଗ୍ର ଜିଲ୍ଲାରେ ଶ୍ରେଷ୍ଠ ଛାତ୍ରୀ ଭାବେ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ଲିସା ପ୍ରଧାନ, ଯୁକ୍ତ ଦୁଇ ବିଜ୍ଞାନରେ ସମଗ୍ର ଜିଲ୍ଲାରେ ଶ୍ରେଷ୍ଠ ଛାତ୍ର ଭାବେ ଛାତ୍ର ମନୀଷ ଅଗ୍ରୱାଲ, ଶିକ୍ଷା ବିଷୟ ଅନର୍ସରେ ଜିଲରେ ଶ୍ରେଷ୍ଠ ମାର୍କ ରଖିଥିବା ଛାତ୍ରୀ ସୌମ୍ୟା ରଥ, ପଦାର୍ଥ ବିଜ୍ଞାନରେ ଜିଲ୍ଲାରେ ଶ୍ରେଷ୍ଠ ମାର୍କ ରଖିଥିବା ଛାତ୍ର ଅମନ୍ ମୋହନ ସାହୁଙ୍କୁ ସମ୍ମାନିତ କରାଯିବ। ଚଳିତ ବର୍ଷ ପୁସ୍ତକମେଳାରେ ସର୍ବମୋଟ ୧୫୫ଟି ଷ୍ଟଲ ରହିଥିବା ବେଳେ ଏଥିରେ ଓଡ଼ିଶାର ବିଭିନ୍ନ ବହି ପବ୍ଲିକେଶନ କମ୍ପାନୀର ପୁସ୍ତକ ବିକ୍ରେତା ମାନେ ତଥା ବରଗଡ଼ ଜିଲ୍ଲା ବିଭିନ୍ନ ସ୍କୁଲ କଲେଜ ମାନେ ମଧ୍ୟ ନିଜ ନିଜ ଷ୍ଟଲ ନେଇ ଭାଗ ନେଉଛନ୍ତି। ସାମ୍ବାଦିକ ସମ୍ମିଳନୀକୁ ଗାନ୍ଧୀ ସ୍ମୃତି ପାଠାଗାରର ସଭାପତି ଅରୁଣ ମହାନ୍ତି, ଉପସଭାପତି ମନୋରଞ୍ଜନ ସାହୁ ଓ ସମ୍ପାଦକ ରବି ପଣ୍ଡା ସମ୍ବୋଧିତ କରିଥିଲେ। ପାଠାଗାରର ବରିଷ୍ଠ ସଦସ୍ୟ ପତିତପାବନ ସାହୁ, ଜୟ ପ୍ରକାଶ ଶତପଥୀ, ସନ୍ତୋଷ ପଣ୍ଡା, ଅମିୟ ଭୂଷଣ ସାହୁ, ଉମେଶ ଚନ୍ଦ୍ର ବିଶ୍ୱାଳ, ହୃଷୀକେଶ ଦାଶ, ଗୌରୀ ଶଙ୍କର ପଣ୍ଡା, ଡୋଳାମଣି ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

## ଝାରବନ୍ଧ ଜର୍ଣ୍ଣାଲିଷ୍ଟ ଆସୋସିଏସନ ତରଫରୁ ଜାତୀୟ ପ୍ରେସ ଦିବସ

ଝାରବନ୍ଧ, ୧୯।୧୧(ସମିସ): ଜର୍ଣ୍ଣାଲିଷ୍ଟ ଆସୋସିଏସନ ଝାରବନ୍ଧ ତରଫରୁ ଜାତୀୟ ପ୍ରେସ ଦିବସ ୨୦୨୫ ପାଳନ କାର୍ଯ୍ୟକ୍ରମ ଗୌଡମାଳ କ୍ଲଷ୍ଟରର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କୁର୍ମା ଠାରେ ଆୟୋଜିତ ହୋଇଥିଲା। ଆସୋସିଏସନର ସଭାପତି ସାମ୍ବାଦିକ ମୋତିଲାଲ ବାଗ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେରେ ୫ଟି କ୍ଲଷ୍ଟରର ଶିଶୁ ସାମ୍ବାଦିକଙ୍କୁ ନେଇ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପର୍ଶୁରାମ ପଣ୍ଡା, ବିଡିଓ ଝାରବନ୍ଧ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଶୁଭମ ପତି ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବେ ସୁଷମା ପଟେଲ, ଏବିଇଓ ଦୟାନିଧି କୈବର୍ତ୍ତ, ସୁପରଭାଇଜର ହରିପ୍ରିୟା ସାହୁ, ବୈତାଳି କ୍ଲଷ୍ଟର ସିଆରସିସି ଦିବସ ସାହୁ, ଗୌଡମାଳ କ୍ଲଷ୍ଟର ସିଆରସିସି ପୁରନ୍ଦର କୁମ୍ଭାର, ଜଗଦଳପୁର କ୍ଲଷ୍ଟର ସିଆରସିସି ନୀଳାମ୍ବର ସାହୁ, କୁର୍ମା ସ୍କୁଲ ପ୍ରଧାନଶିକ୍ଷକ ଶରତ ସାହୁ, ନୀଳଜୀପତ୍ରା କ୍ଲଷ୍ଟର ସିଆରସିସି ଜଗଦୀଶ ସେଠ ପ୍ରମୁଖ ଯୋଗ ଦେଇଥିଲେ। ଶିଶୁମାନଙ୍କୁ ସାମ୍ବାଦିକତାର ପ୍ରାଥମିକ ତାଲିମ ଦେଇ ସଚେତନ ତଥା ସକ୍ରିୟ ନାଗରିକ ଭାବେ ଗଢ଼ି ତୋଳିବା, ବିଦ୍ୟାଳୟ ମନ୍ତ୍ରୀମଣ୍ଡଳର ଶିଶୁ ସାମ୍ବାଦିକ ଶିକ୍ଷାର୍ଥୀମାନଙ୍କୁ ଖବର ସଂଗ୍ରହ, ଖବର ଲେଖିବା ଶୈଳୀ, ସଠିକ ତଥ୍ୟ ସତ୍ୟାପନ ଓ ଗଣମାଧ୍ୟମ ଶିକ୍ଷାରେ ପାରଦର୍ଶୀ କରାଇବା, ସାମ୍ବାଦିକତା, ବିଦ୍ୟାଳୟ ମନ୍ତ୍ରୀ ମଣ୍ଡଳର ଶିଶୁ ସାମ୍ବାଦିକତା, ସୂଚନା, ଖବରର ଛଅ 'କ' ସୂତ୍ର, ଫଟୋ ଭିଡିଓ ଉତ୍ତୋଳନ, ପିଟୁସି ସହିତ ଖବର ସଂଗ୍ରହ, ପ୍ରଶ୍ନୋତ୍ତର, ସାକ୍ଷାତକାର ଉପରେ ଜର୍ଣ୍ଣାଲିଷ୍ଟ ଆସୋସିଏସନ ଝାରବନ୍ଧର ସଭାପତି ସାମ୍ବାଦିକ ମୋତିଲାଲ ବାଗ ଏବଂ ସମ୍ପାଦକ ସାମ୍ବାଦିକ ସୋମନାଥ ବାଗ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଲେରଗାଁ, ନୀଳଜୀପତ୍ରା, ଗୌଡମାଳ, ବୈତାଳି ଏବଂ ଜଗଦଳପୁର କ୍ଲଷ୍ଟରର ଶିଶୁ ସାମ୍ବାଦିକ ଏବଂ ସମସ୍ତ ଗାଇଡ ଶିକ୍ଷକ ସାମିଲ ଥିଲେ। କାର୍ଯ୍ୟକ୍ରମରେ ଜର୍ଣ୍ଣାଲିଷ୍ଟ ଆସୋସିଏସନ ଝାରବନ୍ଧ ସଦସ୍ୟ ସୌଦାଗର ବରିହା, ନାରାୟଣ ଶତନାମୀ ପ୍ରମୁଖ ସହଯୋଗ କରିଥିଲେ।



## ମୃତ୍ୟୁ ପରେ ମା'ଙ୍କ ଚକ୍ଷୁଦାନ ଦାନ କଲା ପରିବାର



ବରଗଡ଼, ୧୯।୧୧(ସମିସ): ବରଗଡ଼ ବ୍ରହ୍ମ ବିହାର ନିବାସୀ ସୁବର୍ଣ୍ଣା କର (୭୬)ଙ୍କ ଦେହାନ୍ତ ହୋଇଛି। ଦେହାନ୍ତ ପରେ ପରିବାର ବର୍ଗ ଭାଙ୍ଗି ପଡ଼ିଥିଲେ। ହେଲେ ପୁଅ ନରସିଂହ କର ମା'ଙ୍କ ଚକ୍ଷୁରେ ଆଉ ଜଣେ ଦୁନିଆ ଦେଖି ପାରିବ ବୋଲି ଚିନ୍ତାକରିଥିଲେ। ଏନେଇ ମାରୱାଡ଼ି ମହିଳା ସମିତି ବରଗଡ଼ ଶାଖାର ଅଞ୍ଜୁ ମିଉଲଙ୍କ ସହ ଯୋଗାଯୋଗ କରିଥିଲେ। ଭୁବନେଶ୍ୱର ଦୃଷ୍ଟିଦାନର କାରିଗରୀ ମାନଙ୍କ ପ୍ରୟାସରେ ଚକ୍ଷୁଦାନ ପ୍ରକ୍ରିୟା ସମ୍ପାଦିତ ହୋଇଥିଲା। ଚକ୍ଷୁଦାନ କରି ସବୁଦିନ ପାଇଁ ଅମର ହୋଇ ରହିଗଲେ ସ୍ୱର୍ଗତ ସୁବର୍ଣ୍ଣା କର। ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ଡିଷ୍ଟ୍ରିକ୍ଟ ପ୍ରେସ କ୍ଲବ୍ ସଭାପତି ସାମ୍ବାଦିକ ସତ୍ୟଜିତ ଦାଶ, ବରଗଡ଼ ସାମ୍ବାଦିକ ସଂଘ ସଭାପତି ସୁରେନ୍ଦ୍ର ହୋତା, ସାମ୍ବାଦିକ ଦିଲୀପ ଆଚାର୍ଯ୍ୟଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଗଭୀର ଶୋକ ପ୍ରକାଶ କରିବା ସହ ତାଙ୍କ ଆତ୍ମାର ସଦଗତି କାମନା କରିଛନ୍ତି। ବରଗଡ଼ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ବଡ ପୁଅ ନରସିଂହ କର ମୁଖାଗ୍ନି ଦେଇଥିଲେ।

## ବିଶ୍ୱାମିତ୍ରିକା ଗୋଶାଳାର ମାସିକ ସତ୍‌ସଙ୍ଗ ପ୍ରବଚନ

ଗାଇସିଲେଟ, ୧୯।୧୧(ସମିସ): ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ବିଶ୍ୱାମିତ୍ରିକା ଗୋଶାଳା ଆନନ୍ଦକୁଞ୍ଜ ଆଶ୍ରମ, ଭୁନ୍ଦୁବାହାଲ ଠାରେ ଏମାସର ସତସଙ୍ଗ ସଂକ୍ରାନ୍ତି ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବଲାଙ୍ଗିର ବିଶ୍ୱ ଚେତନା ଟ୍ରଷ୍ଟର ପୂଜ୍ୟ ସ୍ୱାମୀ ସତ୍ୟବେଦାନନ୍ଦ ସରସ୍ୱତୀ ମହାରାଜ ସତସଙ୍ଗ ପ୍ରବଚନ କହିଥିଲେ। ମୁଖ୍ୟ ଅତିଥି ଭାବେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଉପସ୍ଥିତ ଥିଲେ। ସାଂସଦ ବିଶ୍ୱାମିତ୍ରିକା ଗୋଶାଳାକୁ ତାଙ୍କ ଗୋଟିଏ ମାସର ଦରମା ଗୋମାତାଙ୍କ ସେବା ପାଇଁ ଗୋଶାଳାର ସମ୍ପାଦକ ସୁଦାମ ଡନସନାଙ୍କୁ ପ୍ରଦାନ କରିଥିଲେ। ଗୋଶାଳାରେ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଗୋମାତାଙ୍କ ପୂଜା ଓ ଆରତି ସହ, ପ୍ରତ୍ୟେକ ମାସ ସଂକ୍ରାନ୍ତିରେ ସତସଙ୍ଗ ପ୍ରବଚନ କାର୍ଯ୍ୟକ୍ରମ ହୋଇଥାଏ। ସମସ୍ତ ଭକ୍ତଙ୍କ ପାଇଁ ଅନ୍ନପ୍ରସାଦ ବ୍ୟବସ୍ଥା କରାଯାଇଥାଏ। ନିଜର ଗୋଟିଏ ମାସର ପାରିଶ୍ରମିକ ଗୋମାତାଙ୍କ ସେବା ଉଦ୍ଦେଶ୍ୟରେ ଦାନ କରିଥିବାରୁ ଗୋଶାଳାର ସଭାପତି ମା ଗୁରୁଭକ୍ତୀ ସାଂସଦ ଶ୍ରୀ ପୁରୋହିତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସଞ୍ଜୀବ ଅଗ୍ରୱାଲ, ସଞ୍ଜୀବ ସାହୁ, ପଦ୍ମିନୀ ଡନସନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଅର୍ଜୁନ ସ୍ନାତକ ମହାବିଦ୍ୟାଳୟରେ ଆତ୍ମ ସୁରକ୍ଷା ତାଲିମ୍

ରେଢ଼ାଖୋଲ, ୧୯ ।୧୧(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ କଦଳିଗଡ଼ ପଞ୍ଚାୟତସ୍ଥିତ ଅର୍ଜୁନ ସ୍ନାତକ ମହାବିଦ୍ୟାଳୟ ପରିସରରେ ବୁଧବାର ଏବିଭିପି ପକ୍ଷରୁ ରାଣୀ ଲକ୍ଷ୍ମୀବାଈଙ୍କ ଜନ୍ମ ଜୟନ୍ତୀ ଅବସରରେ ମିଶନ ସାହସୀ ଶୀର୍ଷକରେ ମହାବିଦ୍ୟାଳୟ ଛାତ୍ରୀମାନଙ୍କ ଲାଗି ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏନ୍‌ଏସି ଅଧ୍ୟକ୍ଷ ଶିବରାମ ସାହୁ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ଶରତ କୁମାର ପ୍ରଧାନ, ମୁଖ୍ୟବକ୍ତା ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ଅଖିଳେନ୍ଦ୍ର ଶାସନୀ ଯୋଗ ଦେଇ ଛାତ୍ରୀଙ୍କୁ ଆତ୍ମସୁରକ୍ଷା ତାଲିମ୍ ପ୍ରଶିକ୍ଷଣ ଉପଯୋଗୀତା ଏବଂ ମହାରାଣୀ ଲକ୍ଷ୍ମୀବାଈଙ୍କ ଜୀବନୀ ବିଷୟରେ ଉଦ୍‌ବୋଧନ ଦେଇଥିଲେ।ପ୍ରଶିକ୍ଷିକାଏଲ୍ ବିଷ୍ଣୁପ୍ରିୟା ଛାତ୍ରୀମାନଙ୍କୁ ଆତ୍ମ ସୁରକ୍ଷା ତାଲିମ୍ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରୀଙ୍କୁ ପ୍ରମାଣପତ୍ର ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଅର୍ଜୁନ ଡିଗ୍ରୀ କଲେଜ୍ ଏବଂ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶତାଧିକ ଛାତ୍ରୀ ଅଂଶ ଗ୍ରହଣ କରିଥିଲେ।ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ପ୍ରାନ୍ତ ସେବାର୍ଥେ ବିଦ୍ୟାର୍ଥୀ ସଂଯୋଜକ ଏବଂ କାର୍ଯ୍ୟକ୍ରମ ପ୍ରମୁଖ ସିଦ୍ଧାନ୍ତ ମାଝୀ, ବିରଞ୍ଚି ନାଏକ, ରାଜା ପ୍ରଧାନ, ବର୍ଷାରାଣୀ ପ୍ରଧାନ, ତୁଳସୀ ମହାପାତ୍ର, ପିଙ୍କନ ପ୍ରଧାନ, ସାଇ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।



## ବିଶ୍ୱ ଐତିହ୍ୟ ସପ୍ତାହ ପାଳନ

ନାକଟିଦେଉଳ, ୧୯ ।୧୧(ସମିସ): ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟରେ ବିଶ୍ୱ ଐତିହ୍ୟ ସପ୍ତାହ ପାଳନ ହୋଇଯାଇଛି। ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ପୁରୀ ସର୍କଲ ଆନୁକୂଲ୍ୟରେ ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟରେ ବିଶ୍ୱ ଐତିହ୍ୟ ସପ୍ତାହ ପାଳନ ଅନୁଷ୍ଠିତ ହୋଇଯାଇଛି।ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଧୀର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମିରଞ୍ଜନ ମହନ୍ତ, ମୁଖ୍ୟ ବକ୍ତା ପୁରୀ ସ୍ଥିତ ପତ୍ନତାତ୍ତ୍ୱିକ କେନ୍ଦ୍ରର ଅଧୀକ୍ଷକ ଡ଼ ପ୍ରଜ୍ଞା ପ୍ରିତମ୍ ପ୍ରଧାନ ସମ୍ମାନିତ ଅତିଥି ଭାବେ ନାକଟିଦେଉଳ ତହସିଲଦାର - ଅମର ଜେ ଡୁଙ୍ଗ ଡୁଙ୍ଗ, ଯୁକ୍ତ ୨ ଅଧ୍ୟକ୍ଷ ହେମାନନ୍ଦ ପ୍ରଧାନ, ନାକଟିଦେଉଳ ଥାନା ଏସଆଇ ଗଙ୍ଗାଧର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ବର୍ତ୍ତମାନ ପରିସ୍ଥିତିରେ ପୁରାତନ ସ୍ମାରକ ଗୁଡିକ ଆଗାମୀ ପିଢ଼ି ପର୍ଯ୍ୟନ୍ତ ଐତିହ୍ୟକୁ ବଜାୟ ରଖିବା ପାଇଁ ମୁଖ୍ୟବକ୍ତା ଉଦ୍‌ବୋଧନ ଦେଇଥିଲେ। ଅଧ୍ୟାପିକା ଡ଼ଃ ପୁଷ୍ପାଞ୍ଜଳି ରବନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଦେବେଶ କୁମାର ବିଶ୍ୱାଳ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଶେଷରେ ଅଧ୍ୟାପକ ଶେଷଦେବ ବିଶ୍ୱାଳ ଧନ୍ୟବାଦ କରିଥିଲେ।ଏହି ଅବସରରେ ଐତିହ ଆଧାରିତ ଫୋଟୋ ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଥିବା ବେଳେ ଛାତ୍ରୀମାନେ ସମ୍ବଲପୁରର ଐତିହ ଆଧାରିତ ନୃତ୍ୟ ପ୍ରଦର୍ଶନ କରିଥିଲେ।




## ବରଗଡ଼ରେ କ୍ରିକ କିଙ୍ଗଡମ ଉଦ୍‌ଘାଟିତ




ବରଗଡ଼, ୧୯।୧୧(ସମିସ): ବଗରଡ଼ର ଅଗ୍ରଣୀ ଶିକ୍ଷାନୁଷ୍ଠାନ ବୈଦିକ ଇଣ୍ଟରନ୍ୟାସନାଲ ସ୍କୁଲର କ୍ରିକେଟ ପଡ଼ିଆରେ ରୋହିତ ଶର୍ମା କ୍ରିକେଟ ଏକାଡେମି ଦ୍ୱାରା ପରିଚାଳିତ କ୍ରିକ କିଙ୍ଗଡ଼ମ ଉଦ୍‌ଘାଟିତ ହୋଇଯାଇଛି। ମହାନ ଅନ୍ତର୍ଜାତୀୟ କ୍ରିକେଟ ଖେଳାଳି ରୋହିତ ଶର୍ମାଙ୍କ ଭାଇ ବିଶାଲ ଶର୍ମା ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବରଗଡ଼ ଅଞ୍ଚଳର ପ୍ରତିଭା ସମ୍ପନ୍ନ କ୍ରିକେଟ ଖେଳାଳି ମାନଙ୍କୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଖେଳିବାର ସୁଯୋଗ ଦେବା ଏହାର ମୂଳ ଲକ୍ଷ୍ୟ ବୋଲି କହିଥିଲେ। ଏକାଡେମିର ଗୁରୁ ରାଜଜୀ କ୍ରିକେଟ ଉପରେ କୁଇଜ କରି ବିଜେତା ଛାତ୍ରଛାତ୍ରୀଙ୍କୁ ରୋହିତ ଶର୍ମା ସ୍ୱାକ୍ଷରିତ ବ୍ୟାଟ ପୁରସ୍କୃତ କରିଥିଲେ। ବୈଦିକ ଶିକ୍ଷା ସମୂହର ଚେୟାରମ୍ୟାନ ଆନନ୍ଦ ଅଗ୍ରୱାଲ ବରଗଡ଼ ପାଇଁ ଏହା ଇତିହାସ ରଚିବ ବୋଲି ଆଶା ପ୍ରକାଶ କରିଥିଲେ। ବରଗଡ଼ ବୈଦିକ ସ୍କୁଲର ଅଧ୍ୟକ୍ଷା ଗାର୍ଗୀ ଚାଟର୍ଜୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ବିଶାଳ ଶର୍ମା ଛାତ୍ରଛାତ୍ରୀଙ୍କ ସଙ୍ଗେ କିଛି ସମୟ କ୍ରିକେଟ ଖେଳିଥିଲେ।

# ଜମନକିରାରେ ସାଂସଦ କ୍ରୀଡ଼ା ମହୋତ୍ସବ ଉଦ୍‌ଯାପିତ

ଜମନକିରା, ୧୯।୧୧ (ସମିସ)



ଜମନକିରା ବ୍ଲକସ୍ତରୀୟ ଦ୍ୱିଦିବସୀୟ ସାଂସଦ କ୍ରୀଡ଼ା ମହୋତ୍ସବ ଷଣ୍ଢପଥର ଖେଳପଡ଼ିଆରେ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପଞ୍ଚାୟତରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଯୋଗ ଦେଇଥିଲେ। ଜମନକିରା ବିଡିଓ ରବୀନ୍ଦ୍ର କୁମାର ସେଠୀ ସଭାପତିତ୍ୱ କରିଥିବା ବେଳେ ଷଣ୍ଢପଥର ଏସଏସଡି ହାଇସ୍କୁଲ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ଜଗତ ମଞ୍ଚ ପରିଚାଳନା କରିଥିଲେ। ସମ୍ମାନିତ ଅତିଥିଭାବେ ଜମନକିରା ତହସିଲଦାର ପ୍ରବୀଣା ବିଲୁଙ୍ଗ, କୁଚିଣ୍ଡା ବିଧାୟକଙ୍କ ପ୍ରତିନିଧି ମନୋଜ ମାଝୀ, ବଡରମା ସରପଞ୍ଚ ବିଜୟ କୁମାର ନାଏକ, ଜମନକିରା ଅତିରିକ୍ତ ଶିକ୍ଷା ଅଧିକାରୀ ଦେବକୀ ନାଏକ, ଜମନକିରା ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ବେହେରା, ଜମନକିରା ଥାନା ଏଏସଆଇ ନିରଞ୍ଜନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମଦିନ କ୍ରୀଡ଼ା ଜୁନିୟର ବର୍ଗର ପୁଅ ଏବଂ ଝିଅଙ୍କ ୧୦୦ ମିଟର ଦୌଡ଼ ଓ ୨୦୦ ମିଟର ଦୌଡ, ଜୁନିୟର ବର୍ଗଙ୍କ ଖୋକୋ, ସଟପୁଟ, ସିନିୟର୍ ମାନଙ୍କ କବାଡି, ଖୋଖୋ ଏବଂ ସଟ୍‌ପୁଟ୍ ଭଳି ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ଦ୍ୱିତୀୟ ଦିନରେ ସିନିୟର ଦଳଙ୍କ ଦୌଡ, ଖୋକୋ, ସଟପୁଟ, ଏବଂ ଡିସ୍କସଥ୍ରୋ ପ୍ରତିଯୋଗିତା ହୋଇଥିଲା। ଖେଳ କାର୍ଯ୍ୟକ୍ରମକୁ ବିଭିନ୍ନ ବିଦ୍ୟାଳୟ ଏବଂ କଲେଜର ୨୪ ଜଣ ଖେଳ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ। ପ୍ରତିଯୋଗିତାରେ ପ୍ରାୟ ୧୫୦୦ ଶହ ଛାତ୍ରଛାତ୍ରୀମାନେ ଭାଗ ନେଇଥିଲେ।

ପ୍ରଥମ ଦିନ ଉଦ୍‌ଘାଟନୀ ସଭାରେ ବିଡିଓ ରବୀନ୍ଦ୍ର କୁମାର ସେଠୀ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ କୁଚିଣ୍ଡା ବିଧାୟକଙ୍କ ପ୍ରତିନିଧି ତଥା ବିଜେପି ମଣ୍ଡଳ ସଭାପତି ମନୋଜ ମାଝୀ ଯୋଗ ଦେଇଥିଲେ। କ୍ରୀଡ଼ା ମହୋତ୍ସବ ସଭାକୁ ଏସଏସଡି ଷଣ୍ଢପଥର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ଜଗତ ପରିଚାଳନା କରିଥିଲେ। ସମ୍ମାନିତ ଅତିଥିଭାବେ ବଡରମା ସରପଞ୍ଚ ବିଜୟ ନାଏକ, ଜମନକିରା ଅତିରିକ୍ତ ଶିକ୍ଷା ଅଧିକାରୀ ଦେବକୀ ନାଏକ, ବ୍ଲକ ସହକାରୀ ନିର୍ବାହୀଯନ୍ତ୍ରୀ ସତ୍ୟଜିତ ସାହୁ, ଜମନକିରା ଥାନା ଏଏସ୍‌ଆଇ ନିରଞ୍ଜନ ପ୍ରଧାନ, ନେତା ସୌରଭ ପଟ୍ଟନାୟକ, ଜମନକିରା ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ସୁଜାତା ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ।

## ସମ୍ବଲପୁର ରେଳମଣ୍ଡଳ ପକ୍ଷରୁ ମିଳିତ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ

ସମ୍ବଲପୁର, ୧୯।୧୧ (ସମିସ) : ପୂର୍ବତଟ ରେଳପଥ ସମ୍ବଲପୁର ରେଳମଣ୍ଡଳ ପକ୍ଷରୁ ଆଜି ରେଙ୍ଗାଲି ରେଳଷ୍ଟେସନରେ ଏକ ପୂର୍ଣ୍ଣମାପର ମିଳିତ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ଆୟୋଜନ କରାଯାଇଥିଲା। ଏହି ଅଭ୍ୟାସ ଅବସରରେ ଜାତୀୟ ବିପର୍ଯ୍ୟୟ ପରିଚାଳନା ବଳ (ଏନ୍‌ଡିଆର୍‌ଏଫ), ଓଡ଼ିଶା ବିପର୍ଯ୍ୟୟ ରାପିଡ୍ ଆକ୍ସନ ଫୋର୍ସ, ସ୍ଥାନୀୟ ପ୍ରଶାସନ, ରାଜ୍ୟ ଅଗ୍ନିଶମ ସେବା, ରାଜ୍ୟ ସ୍ୱାସ୍ଥ୍ୟ ସେବା, ରେଳ ସ୍କାଉଟ୍ସ ଆଣ୍ଡ ଗାଇଡ୍, ସ୍ଥାନୀୟ ଏନଜିଓ ଏବଂ ରେଳବାଇର ସମସ୍ତ ବିଭାଗ ଅଂଶଗ୍ରହଣ କରିଥିଲେ।ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ସମୟରେ ଆଧୁନିକ ଯନ୍ତ୍ରପାତି ଯଥା ରେଳ କୋଚ୍ କାଟିବା ମେସିନ, ଅଗ୍ନି ନିର୍ବାପକ ଏବଂ ଶୀଘ୍ର ଚିକିତ୍ସା ସ୍ଥାନାନ୍ତର ଭଳି ଆଧୁନିକ ଉପକରଣ ବ୍ୟବହାର କରାଯାଇଥିଲା।

ସମ୍ବଲପୁର ରେଳମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ସୁବାସ ଚନ୍ଦ୍ର ଚୌଧରୀ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ସ୍ଥାନ ପରିଦର୍ଶନ କରି ସମସ୍ତ ଅଂଶଗ୍ରହଣକାରୀଙ୍କ ସହ ଯୋଗାଯୋଗ କରିଥିଲେ। ଶ୍ରୀ ଚୌଧରୀ କହିଛନ୍ତି ଯେ, ଏହି ଅଭ୍ୟାସ ରେଳବାଇ ଏବଂ ସମସ୍ତ ଅଂଶଗ୍ରହଣକାରୀ ସଂସ୍ଥାକୁ ଯେକୌଣସି ଅପ୍ରତ୍ୟାଶିତ ପରିସ୍ଥିତିର ଗଭୀର ତଥା ସମନ୍ୱିତ ମୁକାବିଲା କରିବାରେ ସାହାଯ୍ୟ କରିବ ଯାହାଦ୍ୱାରା ପିଡ଼ିତଙ୍କ ଅସୁବିଧା କମ୍ ହୋଇପାରିବ ଏବଂ ସମସ୍ତ ଏଜେନ୍ସିର ପ୍ରତିକ୍ରିୟା ସମୟକୁ କମ୍ କରିବାରେ ମଧ୍ୟ ସାହାଯ୍ୟ କରିବ। ସମ୍ବଲପୁର ରେଳମଣ୍ଡଳର ବରିଷ୍ଠ ନିରାପତ୍ତା ଅଧିକାରୀ ଏସଏସ. ନାୟକ ବିପର୍ଯ୍ୟୟ ପରିଚାଳନାରେ ଯୋଗ ଦେଇଥିବା ସମସ୍ତ ବିଭାଗୀୟ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



# ସମ୍ପାଦକୀୟ



ଯେଉଁଠାରେ ବିଜୟର ପଥ ସଂଘର୍ଷପୂର୍ଣ୍ଣ ସେଠାରେ ଜିତିବାର ଆନନ୍ଦ ଅଧିକ।

-ପେଲେ

ସକାଳ
THE SAKALA

## ପାଗ ପ୍ରତିକୂଳ

ଏ ବର୍ଷର ବିଳମ୍ବିତ ମୌସୁମୀ ଅକ୍ଟୋବର ଶେଷ ପର୍ଯ୍ୟନ୍ତ ବର୍ଷା ଚାଲିବାରୁ ଅନେକ ଆଶା କରିଥିଲେ ବେଶ ଶୀତ ଅନୁଭୂତ ହେବ। ତାହା ହିଁ ଏବେ ପରିଲକ୍ଷିତ ହୋଇଛି। ତେବେ ଏହି ବର୍ଷା ଓ ଶୀତ ମଧ୍ୟରେ ଏକ ସ୍ୱତନ୍ତ୍ର ଅନୁଭୂତି ହେଉଛି ବଜାରରେ ଶୀତଦିନିଆ ପରିବା ଉଭାନ ହୋଇଯାଇଛି। ଚାହିଦା ଅନୁଯାୟୀ ଯୋଗାଣ ହ୍ରାସ ପାଇଥିବାରୁ ପରିବା ମୂଲ୍ୟ ଆକାଶଛୁଆଁ ହୋଇଯାଉଛି। ଅଥଚ ଆମ ପରିସଂଖ୍ୟାନ କହୁଛି ଖୁଚୁରା ମୁଦ୍ରାସ୍ଫୀତି ହାର ବିଯୁକ୍ତରେ ଚାଲିଛି। ଏହା ଗତବର୍ଷର ଅକ୍ଟୋବର ସହ ତୁଳନାତ୍ମକ ବିଚାର। ଗତବର୍ଷ ତୁଳନାରେ ଆମ ଗ୍ରାମାଞ୍ଚଳର ମୁଦ୍ରାସ୍ଫୀତି ହାର ବିଯୁକ୍ତ ୧.୮୫ ପ୍ରତିଶତ। ସମଗ୍ର ଦେଶରେ ଓଡ଼ିଶାର ହାର ସର୍ବନିମ୍ନ। ସିଧାସଳଖ କହିଲେ ଏହା ଦରଦାମର ସ୍ଥିତିକୁ ସୂଚିତ କରୁଛି। ରାଜ୍ୟସ୍ତରରେ ଏହି ହାର ରହିଛି ବିଯୁକ୍ତ ୧.୩୯ ପ୍ରତିଶତ। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟର ଏହି ହିସାବକୁ ଚ୍ୟାଲେଞ୍ଜ କରିବ କିଏ? ରାଜ୍ୟରେ କ୍ଷମତା ପରିବର୍ତ୍ତନ ପରେ ସ୍ଥିତି ପୂରା ଓଲଟପାଲଟ ହୋଇଯାଇଛି।

ଆମେ ଏଠାରେ ପାଠକୀୟ ଅନୁଭବ କଥା କହୁଛୁ। ପ୍ରାୟ ପ୍ରତ୍ୟେକ ପରିବାର ନିଜର ତେଲ ଲୁଣ ସଂସାର ପାଇଁ ବଜାର କରୁଥିବେ। ତେଲ, ଡାଲି ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀର ମୂଲ୍ୟ କେତେ କମିଛି ନା ବଢ଼ିଛି ତାହା ସେମାନେ ଅନୁଭବ କରୁଥିବେ। ପରିବା କଥା ନ କହିବା ଭଲ। ଅକ୍ଟୋବର ଶେଷ ପର୍ଯ୍ୟନ୍ତ ବର୍ଷା ଲାଗି ରହିବାରୁ ଜମି ପାଗ ଦେଲାନି। ତେଣୁ ବିଳମ୍ବରେ ଆରମ୍ଭ ହୋଇଥିବା ପରିବା ଚାଷର ସୁଫଳ ପାଇବାକୁ ଆହୁରି ଅନ୍ୟୂନ ମାସେ ଅପେକ୍ଷା କରିବାକୁ ପଡ଼ିବ। ଶୀତଦିନିଆ ପରିବା ବଜାର ଏକପ୍ରକାର ଶ୍ରୀହୀନ ହୋଇପଡ଼ିଛି। ଶୀତ ଦିନରେ ବିଲାତି କିଲୋ ଯଦି ୮୦ ଟଙ୍କା ହୁଏ ଅନ୍ୟ ପରିବା କଥା ନ କହିବା ଭଲ। ରାଜ୍ୟରୁ ମୌସୁମୀ ବିଦାୟ ନେବା ପୂର୍ବରୁ ଲଘୁଧାନକୁ ଉଜାଡ଼ି ଦେଇଥିବା ବେଳେ ବଡ଼ ଧାନ ରୋଗପୋକର ପ୍ରଭାବରେ କ୍ଷତିଗ୍ରସ୍ତ ହୋଇଛି। ଇଏ ହେଲା, ଠିକେ ଠିକେ ଚାଷ ଖବର। ଏଭଳି ପରିସ୍ଥିତିରେ ଖାଉଟି ପାଇଁ ଏମିତି କେଉଁ ସୁବିଧା ସୁଯୋଗ ମିଳିଗଲା ଯେ ସେ ହାତ ଚାଟି ଖାଇବ? ତେଣୁ ପରିସଂଖ୍ୟାନରେ ଏହି ଯାଦୁକାରୀ କେବଳ ଧର୍ମକୁ ଆଖିଠାର।

ଏ କଥା ସତ ଯେ ରାଜ୍ୟକୁ ଆସୁଥିବା ଥଣ୍ଡା ପବନ ଓ ଶୁଷ୍କ ବାୟୁର ପ୍ରଭାବରେ ତାପମାତ୍ରା ତଳମୁହାଁ ହୋଇଚାଲିଛି। କେବଳ ରାଜଧାନୀର ୨୫ ବର୍ଷର ରେକର୍ଡ ଭାଙ୍ଗିବା ବଡ଼କଥା ନୁହେଁ। ନଭେମ୍ବର ମଧ୍ୟଭାଗରେ ତାପମାତ୍ରା ଉତ୍ତର, ଦକ୍ଷିଣ, ପଶ୍ଚିମ ଓ କେନ୍ଦ୍ରାଞ୍ଚଳରେ ବେଶ ଭଲ ଶୀତ ଅନୁଭୂତ ହେଉଛି। ରାଜ୍ୟର ୬ଟି ସହରରେ ତାପମାତ୍ରା ୧୦ ଡିଗ୍ରୀ କିମ୍ବା ତା'ଠାରୁ କମ୍ ରହିଛି। ଏବର୍ଷ ଜି. ଉଦୟଗିରିରେ ସବୁଠାରୁ କମ (୫.୪ଡିଗ୍ରୀ) ତାପମାତ୍ରା ରହିଥିବାର ରେକର୍ଡ କରାଯାଇଛି। ହଠାତ୍ ଶୀତର ପ୍ରକୋପ ବଢ଼ିଯିବାରୁ ସ୍ୱାଭାବିକ ଭାବେ ଥଣ୍ଡା, ସର୍ଦ୍ଦି ଓ ଗଳାରୋଗ ମଧ୍ୟ ବଢ଼ିଛି। ଆମେ ଏଠାରେ ଯେଉଁ ସମସ୍ୟା ଓ ପରିସ୍ଥିତି ସଂପର୍କରେ ଉଲ୍ଲେଖ କରିଛୁ ତାହା ପରିବେଶ ଗତ ସନ୍ତୁଳନ ବିଗିଡ଼ି ଯାଉଥିବାରୁ ପରିଲକ୍ଷିତ ହେଉଛି। ତେଣୁ ବ୍ୟବସ୍ଥାକୁ ପରିବେଶ ଅନୁକୂଳ କରିବା ପ୍ରତି ସବୁସ୍ତରକୁ ଧ୍ୟାନ ଦିଆଯିବା ଉଚିତ।

## କୃଷି ଉତ୍ପାଦ ଶୁଳ୍କ ହ୍ରାସ

ରୁଷ ତେଲକୁ ନେଇ ଉତ୍ପନ୍ନ ସମସ୍ୟାର ସମାଧାନ ହୋଇଥିବାରୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭାରତ ପ୍ରତି ଆଭିମୁଖ୍ୟ ନରମ ହୋଇଛି। ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମା ଖୁବ୍ ଶୀଘ୍ର ଘୋଷଣା କରାଯିବା ଏକପ୍ରକାର ସ୍ପଷ୍ଟ ହୋଇଛି। ତେବେ ଶେଷ ମୁହୂର୍ତ୍ତରେ କିଛି କେଁ ପଶିବା ବିଚିତ୍ର ନୁହେଁ। ଏକଥା ସତ୍ୟ ଯେ ବିଭିନ୍ନ ଦେଶ ଉପରେ ଶୁଳ୍କ ଲଗାଇବା ପରେ ଆମେରିକାକୁ ଯୋଗାଣ ବାଧାପ୍ରାପ୍ତ ହୋଇଛି। ଦେଶର ଦରଦାମ ପରିସ୍ଥିତି ନିୟନ୍ତ୍ରଣର ସୀମା ଟପି ଥିବାରୁ ନିଜେ ଟ୍ରମ୍ପ ମଧ୍ୟ ଚାପର ସମ୍ମୁଖୀନ ହୋଇଛନ୍ତି। ସର୍ବଶେଷ ଖବରରୁ ପ୍ରକାଶ ଯେ ୨୫୪ ଟି ସାମଗ୍ରୀ ଉପରୁ ସେ ଶୁଳ୍କ ହାର କମାଇଛନ୍ତି। ୨୨୯ ଟି କୃଷି ସାମଗ୍ରୀ ଏହାର ଅନ୍ତର୍ଭୁକ୍ତ। ଭାରତ ୨୦୨୪ ରେ ୫.୭ ବିଲିୟନ ଡଲାର ମୂଲ୍ୟର କୃଷି ସାମଗ୍ରୀ ରପ୍ତାନି କରିଥିଲା। ନିକଟରେ ଶୁଳ୍କ ଛାଡ଼ ବର୍ଗରେ ଥିବା କୃଷି ସାମଗ୍ରୀ ରପ୍ତାନି ପରିମାଣ ଥିଲା ୧ ବିଲିୟନ ଡଲାର। ଏଭଳି ଏକ ନିଷ୍ପତ୍ତି ବିନିମୟରେ ଆମେରିକାରୁ ଭାରତ ସୋୟାବିନ, ମକା ଓ ଦୁଗ୍ଧ ଗୁଣ୍ଡ ଆମଦାନୀ କରିବ। ପେଟ୍ରୋଲରେ ଇଥାନଲ ମିଶ୍ରଣର ଅନୁପାତ ବୃଦ୍ଧି ପାଇଥିବାରୁ ତାହାର ଚାହିଦା ବୃଦ୍ଧିପାଇଛି। ଆମେରିକାରୁ ଆମଦାନୀ ହେବାକୁ ଥିବା ମକା ଇଥାନଲ୍ ଉତ୍ପାଦନ ପାଇଁ ବ୍ୟବହାର କରିବାକୁ ଭାରତ ଯୋଜନା ସ୍ଥିର କରିଛି।

ଟ୍ରମ୍ପ ପ୍ରଶାସନ ପକ୍ଷରୁ ଏହି ଶୁଳ୍କ ସଂଶୋଧନ ତାଲିକା ଗତ ୧୪ ତାରିଖରେ ଜାରି କରଯାଇଛି। ନଭେମ୍ବର ୧୩ ତାରିଖରୁ ଏହାକୁ ମଧ୍ୟ କାର୍ଯ୍ୟକାରୀ କରାଯାଇଛି। ଚା', କଫି, ମସଲା ସହ ଫଳ, କାଜୁ ଓ କୋକୋଆ ପ୍ରସ୍ତୁତ ସାମଗ୍ରୀ ରପ୍ତାନି କରିବା ସକାଶେ କ୍ଷେତ୍ର ପ୍ରସ୍ତୁତ ହୋଇଛି। ଏହା ଫଳରେ ଭାରତୀୟ କୃଷି ଉତ୍ପାଦ ରପ୍ତାନିକାରୀ ଆମେରିକା ବଜାରରେ ପ୍ରତିଯୋଗୀକ୍ଷମ ହୋଇପାରିବେ। ଶ୍ରମଭିତ୍ତିକ କୃଷି କ୍ଷେତ୍ର ପାଇଁ ଏହି ନିଷ୍ପତ୍ତି ଆଶ୍ୱସ୍ତି ଆଣିଦେଇଛି। ବାଣିଜ୍ୟ ମନ୍ତ୍ରୀ ଆଲୋଚନା ପ୍ରସଙ୍ଗରେ ସୂଚନା ଦେଇଛନ୍ତି ଯେ ଆମେରିକା ଓ ୟୁରୋପୀୟ ରାଷ୍ଟ୍ରସଂଘ ମଧ୍ୟରେ ଖୁବ୍ ଶୀଘ୍ର ଚୁକ୍ତିନାମା ଚୂଡ଼ାନ୍ତ ହେବ। ତେଣୁ ଭାରତୀୟ ରପ୍ତାନିକାରୀଙ୍କ ପାଇଁ ଆଗକୁ ବ୍ୟାପକ ସୁଯୋଗ ସୃଷ୍ଟି ହେବ। ଅନ୍ୟ ପକ୍ଷରେ ବୟନ ସାମଗ୍ରୀ ଓ ପୋଷାକପତ୍ର ରପ୍ତାନୀ ଏହି ବହିଃଶୁଳ୍କ ଫଳରେ ବାଧାପ୍ରାପ୍ତ ହୋଇଛି। ୨୦୨୪ ରେ ଏହି ସାମଗ୍ରୀ ରପ୍ତାନି ପରିମାଣ ୩,୦୬୧.୫୪ ନିୟୁତ ଡଲାର ଥିବା ବେଳେ ଚଳିତ ବର୍ଷ ଅକ୍ଟୋବର ସୁଦ୍ଧା ଏହା ୨,୬୬୬.୪୧ ନିୟୁତ ଡଲାରକୁ ହ୍ରାସ ପାଇଛି। ତେଣୁ ବର୍ଷକ ମଧ୍ୟରେ ହାରାହାରି ୧୩ ପ୍ରତିଶତ ରପ୍ତାନି ବଢ଼ିଛି। ସେହିଭଳି ଆମେରିକାରେ ସବୁଠାରୁ ଅଧିକ ଚାହିଦା ଥିବା ଗାଲିଚା ରପ୍ତାନି ମଧ୍ୟ ୧୫,୮୦ ପ୍ରତିଶତ ହ୍ରାସ ପାଇଛି। ଭାରତ-ଆମେରିକା ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମାର ଚୂଡ଼ାନ୍ତ ରୂପରେଖ ଜାଣିବା ସକାଶେ ଉତ୍ସୁକତା ବୃଦ୍ଧି ପାଇଛି।

ଆମ ଦେଶରେ ସୁନା ଓ ରୁପାର ଚାହିଦା ଦିନକୁ ଦିନ ବୃଦ୍ଧି ପାଇଥିବାରୁ ବିଦେଶରୁ ଆମଦାନୀ କରି ଆଭ୍ୟନ୍ତରୀଣ ଚାହିଦା ଭରଣା କରାଯାଇଛି। ଏ ବାବଦ ବାଣିଜ୍ୟ ନିଅଣ୍ଟ ୪୧.୬୮ ବିଲିୟନ ଡଲାରକୁ ବୃଦ୍ଧି ପାଇଛି। ଗତ ଅକ୍ଟୋବର ମାସ ସୁଦ୍ଧା ସାମଗ୍ରିକ ଭାବେ ବାଣିଜ୍ୟ ନିଅଣ୍ଟ ୨୧.୮୦ ବିଲିୟନ ଡଲାର ଅତିକ୍ରମ କରିଛି। ରପ୍ତାନୀ ଅପେକ୍ଷା ଅଧିକ ଆମଦାନୀକୁ ପ୍ରୋତ୍ସାହନ ଦିଆଯାଇଛି। ଏହି ନିଅଣ୍ଟ ପରିମାଣ ସଂକୋଚନ ପାଇଁ ଯୋଜନାବଦ୍ଧ କାର୍ଯ୍ୟକ୍ରମ ସ୍ଥିର ହୋଇଥିବା ବେଳେ ଟ୍ରମ୍ପଙ୍କ ବର୍ଦ୍ଧିତ ବହିଃଶୁଳ୍କ ନୀତି ଓ କଟକଣା ପ୍ରୟୋଗ ରପ୍ତାନୀ ବାଣିଜ୍ୟରେ ଗୁରୁତର ପ୍ରତିବନ୍ଧକ ସୃଷ୍ଟି କରିଛି। ଗତ କିଛିମାସ ଧରି ଚାଲିଥିବା ଦ୍ୱିପାକ୍ଷିକ ଆଲୋଚନାର ସୁଫଳ ନେଇ ସମସ୍ତେ ଆଶାବାଦୀ। ଏଭଳି ସ୍ଥିତିରେ ଟ୍ରମ୍ପଙ୍କ ପ୍ରାରମ୍ଭିକ ଘୋଷଣାକୁ ଏକ ଶୁଭସୂଚନା ରୂପେ ଗ୍ରହଣ କରାଯାଇପାରେ।

# ବିହାର ନିର୍ବାଚନ: କଥା ଓ କୌଶଳ

**ସୌଭାଗ୍ୟ ସୁନ୍ଦରାୟ**

ସୁଚିନ୍ତିତ ରାଜନୈତିକ ଗୋଟିଚାଳନା, ସ୍ଥାନୀୟ ଅଞ୍ଚଳର ସମସ୍ୟା ଓ ବିକାଶକୁ ଆଧାର କରି ଚଳିତ ବିହାର ବିଧାନସଭା ନିର୍ବାଚନ ଫଳାଫଳକୁ ଏନଡିଏ ନିଜ ସପକ୍ଷରେ ନେବା ପାଇଁ ସଫଳ ହୋଇଛି। ଜେଡି(ୟୁ) ନେତା ତଥା ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏନଡିଏର ନିର୍ବାଚନୀ ଚେହେରା ହୋଇଥିବା ବେଳେ ନେତୃତ୍ୱ ନେଇଥିଲା ବିଜେପି। ବିଜେପି କର୍ମୀ ପ୍ରାୟତଃ ବୁଥସ୍ତରରୁ ଦୂରଦୃଷ୍ଟି ସହକାରେ ନିର୍ବାଚନୀ ପରିଚାଳନା କରିଥିଲେ, ଯଦ୍ୱାରା କେବଳ ଉଚ୍ଚବର୍ଗ, ସହରାଞ୍ଚଳ ଓ ଅର୍ଦ୍ଧ-ସହରାଞ୍ଚଳ ନୁହେଁ, ମୁସଲିମ ସମ୍ପ୍ରଦାୟ ଓ ଅନ୍ୟ ସଂଖ୍ୟାଲଘୁ ବର୍ଗର ଭୋଟ ମଧ୍ୟ ଏନଡିଏ ସପକ୍ଷରେ ଆଣିବାକୁ ସମର୍ଥ ହୋଇପାରିଲା।

ଚଳିତ ନିର୍ବାଚନରେ ନୀତୀଶ କୁମାର ବ୍ୟକ୍ତିଗତ ଭାବେ ବେଶୀ ସକ୍ରିୟ ନଥିଲେ ମଧ୍ୟ ତାଙ୍କର ଅଭିଜ୍ଞତା ଓ ରାଜନୈତିକ ଭାବମୂର୍ତ୍ତି ମେଣ୍ଟ ପାଇଁ ପୁଞ୍ଜି ହୋଇଥିଲା। ଗତ ବର୍ଷକ ମଧ୍ୟରେ ପ୍ରଧାନମନ୍ତ୍ରୀ ବିହାରକୁ ବାରମ୍ବାର ଗସ୍ତ କରିଥିଲେ। ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଥିଲେ। ନିଜ ବକ୍ତବ୍ୟରେ ବିକଶିତ ବିହାର ଓ ସୁଶାସନ ଉପରେ ଗୁରୁତ୍ୱ ଦେଇଥିଲେ। ଲାଲୁ ପ୍ରସାଦ ଯାଦବଙ୍କ 'ଜଙ୍ଗଲରାଜ' ବିଷୟ ମଧ୍ୟ ଉଠାଇଥିଲେ। ରାଜ୍ୟକୁ ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ସଂଖ୍ୟାଲଘୁଙ୍କ ପ୍ରତି ବିଶେଷ କଟାକ୍ଷ କରିନଥିଲେ କି ଧାର୍ମିକ ବାତାବରଣ ଧ୍ରୁବୀକରଣ ପାଇଁ ଉଦ୍ୟମ କରିନଥିଲେ। କେବଳ 'ଛଟ୍' ମୟାଙ୍କ ପ୍ରତି ଅପମାନ ବିଷୟ ନିର୍ବାଚନୀ ସଭାରେ ଉଠାଇଥିଲେ। ପ୍ରଧାନମନ୍ତ୍ରୀଙ୍କ ଘନଘନ ଗସ୍ତ ବିଜେପି କର୍ମୀଙ୍କ ଉତ୍ସାହକୁ ଦୀର୍ଘ ସମୟ ଧରି ବଜାୟ ରଖିବାରେ ସହାୟକ ହୋଇଥିଲା। ଜୁନ ୩୦ ତାରିଖରେ ପ୍ରଧାନମନ୍ତ୍ରୀ ସିୱାନଠାରେ ଏକ ଜନସଭାରେ ଯୋଗ ଦେଇଥିଲେ। ଏହା ମୁଖ୍ୟତଃ ଆରଜେଡି ଗଡ଼ କହିଲେ ଅତ୍ୟୁକ୍ତି ହେବ ନାହିଁ।

ଚଳିତ ଥର ବିହାରରେ ଆରଜେଡି ଭୋଟ ହାର ପ୍ରାୟ ୨୩% ଥିବା ବେଳେ ଜେଡି(ୟୁ)ର ୧୯.୨୫%, ବିଜେପିର ୨୦.୦୮%, କଂଗ୍ରେସର ୮.୭୧% ଓ ଏଲଜେପିର ୪.୯୭% ରହିଛି। ବିହାର ଜନସଂଖ୍ୟାର ୮୨% ହେଉଛନ୍ତି ହିନ୍ଦୁ। ହିନ୍ଦୁ ବର୍ଗରେ ଯାଦବଙ୍କ ସଂଖ୍ୟା ସର୍ବାଧିକ ୧୪.୩%। ସେହିପରି କୁର୍ମି-ଖୁସୱାଙ୍କ ସଂଖ୍ୟା ୭.୧%। ଉଭୟ ଯାଦବ ଓ କୁର୍ମୀ-ଖୁସୱା ଓବିସି ଶ୍ରେଣୀଭୁକ୍ତ। ଯାଦବ ଓ ମୁସଲିମ ଭୋଟ ସାଧାରଣତଃ ଆରଜେଡି ନିକଟକୁ ଯାଇଥାଏ। କାରଣ ଆରଜେଡି ନେତା ଯାଦବ ସଂପ୍ରଦାୟର। ଜେଡି(ୟୁ) ନେତା ନୀତୀଶ କୁମାର କୁର୍ମୀ ସଂପ୍ରଦାୟର ହୋଇଥିବାରୁ ଏହି ଭୋଟ ଜେଡି(ୟୁ) ନିକଟକୁ ଯାଇଥାଏ। ମିଳିତ ଭାବେ ରାଜ୍ୟର ଓବିସି ଭୋଟ ହାର ୨୪.୮% ହୋଇଥିବା ବେଳେ ଉଚ୍ଚବର୍ଗର ଭୋଟ ହାର ୧୫.୫% ରହିଛି। ଏହି ବର୍ଗରେ ବ୍ରାହ୍ମଣ, କାୟସ୍ଥ, ରାଜପୁତ ଓ ଭୂମିହାର ଆସୁଛନ୍ତି। ରାଜ୍ୟର ମୋଟ ମୁସଲିମ ଜନସଂଖ୍ୟା ହେଉଛି ୧୭.୭%। ଏହି ସଂଖ୍ୟା ମଧ୍ୟରେ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ଓ ଅତ୍ୟଧିକ ପଛୁଆ ବର୍ଗ (ଇବିସି) ଅନ୍ତର୍ଭୁକ୍ତ।

ବିହାରକୁ ମୁଖ୍ୟତଃ କେତେକ ଅଞ୍ଚଳରେ ବିଭକ୍ତ କରି ଏନଡିଏ ନିଜ ପ୍ରଚାର ଅଭିଯାନ କରିଥିଲା। ଆରଜେଡି ଭୋଟବ୍ୟାଙ୍କ ଅଞ୍ଚଳକୁ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ଜନସାଧାରଣଙ୍କୁ ପ୍ରଭାବିତ କରିପାରିଥିଲା। ଏଥିରୁ ସୁଫଳ ମଧ୍ୟ ମିଳିଲା। ବିକ୍ଷିପ୍ତ ଭାବେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଥିବା ପଛୁଆ ବର୍ଗ ଓ ଅତିପଛୁଆ ବର୍ଗ ମୁସଲିମ ଭୋଟରଙ୍କ ସମର୍ଥନ ଏନଡିଏ ଚଳିତ ଥର ପାଇପାରିଛି। ଏଥିରେ ମହିଳା ମୁସଲିମ ଭୋଟର ଅଧିକ ସଂଖ୍ୟାରେ ରହିଛନ୍ତି। ମିଳିଥିବା ରିପୋର୍ଟ ଅନୁଯାୟୀ ମୁସଲିମବହୁଳ ଅଞ୍ଚଳରେ ଏନଡିଏ ୪୨.୨% ଭୋଟ ଦଖଲ କରିଛି। ମହାଗଠବନ୍ଧନ ୧୧.୧% ଭୋଟ ଦଖଲ କରିଛି, ଯାହା ପୂର୍ବ ନିର୍ବାଚନରେ ୩୬.୮% ଥିଲା। କମ୍ ମୁସଲିମ ଜନସଂଖ୍ୟାବିଶିଷ୍ଟ ଅଞ୍ଚଳରେ ଏନଡିଏ ୪୮% ଭୋଟ ଦଖଲ କରିଛି। ଅପରପକ୍ଷରେ ମହାଗଠବନ୍ଧନ ପାଇଛି ୩୮.୨% ଭୋଟ।

ତେବେ କୋଶୀ, ସିମାଞ୍ଚଳ ଅଞ୍ଚଳରେ ଆଶାଉଦ୍ଦିନ ଓୱାସିଙ୍କ ଏଆଇଏମଆଇଏମ ଦଳ ପ୍ରତିଦ୍ୱନ୍ଦ୍ୱିତା କରିବାରୁ ଏଠାରେ ମୁସଲିମ ଭୋଟ ବିଶେଷ ଭାବେ ଏନଡିଏ ନିକଟକୁ ଯାଇପାରିଲା ନାହିଁ। ପୂର୍ବ-ବିହାର ଅନ୍ତର୍ଗତ ଏହି ଅଞ୍ଚଳରେ କୋଶୀ ନଦୀ ପ୍ରବାହିତ। ଏହା ସ୍ଥାନୀୟ ଜନତାଙ୍କ ପାଇଁ ଦୁଃଖ ବୋଲି କୁହାଯାଇଥାଏ। ସୀମାଞ୍ଚଳର ୯୦% ଜନସାଧାରଣ ଗ୍ରାମାଞ୍ଚଳ ବାସିନ୍ଦା ଏବଂ ଭୂମିହୀନ ଶ୍ରମିକ। ଏଠାରୁ ଜନସାଧାରଣ ଦାଦନ ଭାବେ ପଞ୍ଜାବ ଓ ହରିୟାନାକୁ ଯାଇଥା'ନ୍ତି। ଏଠାରେ ମୁସଲିମ ଜନସାଧାରଣଙ୍କ ସଂଖ୍ୟା ଅଧିକ। କିଶନଗଞ୍ଜରେ ମୁସଲିମ ଜନସଂଖ୍ୟା ପ୍ରାୟ ୬୮% ଓ କଟିହାରରେ ୪୪%। ଚଳିତ ବିଧାନସଭା ନିର୍ବାଚନରେ ଏଆଇଏମଆଇଏମ ୨୫ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରି ୧.୮୫% ଭୋଟ ପାଇଛି। ଦଳ ସୀମାଞ୍ଚଳ ଅଞ୍ଚଳରେ ୪୦% ମୁସଲିମ ଜନସଂଖ୍ୟା ବିଶିଷ୍ଟ ୯ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରି ୫ଟି ଆସନରେ ବିଜୟୀ ହେଲା। ତେବେ ୪୦%ରୁ କମ୍ ମୁସଲିମ ଜନସଂଖ୍ୟା ବିଶିଷ୍ଟ ୭ଟି ନିର୍ବାଚନମଣ୍ଡଳୀରେ ଦଳ ପ୍ରାର୍ଥୀ ଦେଇଥିଲେ ମଧ୍ୟ ସମସ୍ତେ ପରାଜିତ ହୋଇଛନ୍ତି। ମିଥିଳା ସୀମାଞ୍ଚଳ ଅଞ୍ଚଳରେ ଏନଡିଏ ଫଳାଫଳ ସେତେଟା ଭଲ ହୋଇନାହିଁ। କଂଗ୍ରେସ କେବଳ ମୁସଲିମ ବହୁଳ କିଶନଗଞ୍ଜ ଆସନ ବଜାୟ ରଖିବାରେ ସମର୍ଥ ହୋଇଛି। ଏ ଅଞ୍ଚଳରେ ସାମୂହିକ ଭାବେ ମୁସଲିମ ସଂପ୍ରଦାୟ ପ୍ରାୟତଃ ଆରଜେଡିର ସମର୍ଥକ ଭାବେ ଅଦ୍ୟାବଧି ରହିଆସିଥିଲେ। ଚଳିତ ନିର୍ବାଚନରେ ଏଆଇଏମଆଇଏମ ସମସ୍ତଙ୍କ ବିଗାଡ଼ି ଦେଇଛି। ଏହି ନିର୍ବାଚନରେ ସମଗ୍ର ରାଜ୍ୟର ପ୍ରାୟତଃ କମ୍ ମୁସଲିମ ବହୁଳ ନିର୍ବାଚନମଣ୍ଡଳୀର ମୁସଲିମ ଭୋଟ ଏନଡିଏ ଖାତାକୁ ଯାଇଥିବା ଜଣାପଡୁଛି। ଫଳରେ ମହାଗଠବନ୍ଧନ କ୍ଷତିଗ୍ରସ୍ତ ହୋଇଛି।

ତୃଣମୂଳ ସ୍ତରରେ ନିର୍ବାଚନ ପରିଚାଳନା ଏନଡିଏର ସଫଳତା ବୃଦ୍ଧିର ଅନ୍ୟତମ କାରଣ ବୋଲି ଅନୁମାନ କରାଯାଉଛି। ଉତ୍ତର-ବିହାର ବା ମିଥିଳା ଅଞ୍ଚଳର ୫ଟି ଜିଲ୍ଲା ମଧ୍ୟରୁ ମଧୁବଣି ଓ ଦରଭଙ୍ଗାରେ ମୁସଲିମ ସଂଖ୍ୟା ଅଧିକ। ତେବେ ଉଚ୍ଚ ବର୍ଗର ସଂଖ୍ୟା ମଧ୍ୟ ଏ ଅଞ୍ଚଳରେ ଅଧିକ ରହିଛି, ଯେଉଁ କାରଣରୁ ଦରଭଙ୍ଗା, ମୋତିହାରି ବେଟିଆ ଆଦି ସହରାଞ୍ଚଳ ଓ ଅର୍ଦ୍ଧ-ସହରାଞ୍ଚଳରେ ବିଜେପି ଓ ଜେଡି(ୟୁ)ର ପ୍ରଭାବ ରହିଛି। ଏ ଅଞ୍ଚଳର ୩୪ ଆସନ ମଧ୍ୟରୁ ମହାଗଠବନ୍ଧନ ପାଇଛି ମାତ୍ର ୩ଟି ଆସନ, ଯାହା ପୂର୍ବ ନିର୍ବାଚନରେ ୧୧ ଥିଲା। ଅର୍ଥାତ ମୁସଲିମ ବର୍ଗ ଭୋଟ ମହାଗଠବନ୍ଧକୁ ମିଳି ନାହିଁ।

ପୂର୍ବ ଓ ଦକ୍ଷିଣ-ପୂର୍ବ ବିହାରରେ ଯାଦବ, ଅତି ପଛୁଆ ବର୍ଗ ଓ ମୁସଲିମ ଭୋଟର ମିଶାମିଶି ଭାବେ ରହିଛନ୍ତି। ଏ ଅଞ୍ଚଳରେ ଉଭୟ ଆରଜେଡି ଓ ଜେଡି(ୟୁ)ର ପ୍ରଭାବ ରହିଆସିଛି। ପଶ୍ଚିମ ଓ ଉତ୍ତର-ପଶ୍ଚିମ ବିହାରରେ ପଛୁଆ ବର୍ଗ ମଧ୍ୟରେ ବିଜେପିର ପ୍ରଭାବ ରହିଥିବା ବେଳେ ଯାଦବଙ୍କ ମଧ୍ୟରେ ଆରଜେଡିର ପ୍ରଭାବ ରହିଆସିଛି। ପାଟନା, ମଗଧ ଓ ଭୋଜପୁରକୁ ନେଇ ଗଣାଯାଉଥିବା କେନ୍ଦ୍ରୀୟ ବିହାରରେ ବିଜେପି, ଜାତୀୟ କଂଗ୍ରେସ ଓ ଆରଜେଡିର ପ୍ରଭାବ ପ୍ରାୟତଃ ରହିଛି। କିନ୍ତୁ ଏ ଅଞ୍ଚଳର ୬୯ ଆସନ ମଧ୍ୟରୁ ଏନଡିଏକୁ ୫୭ଟି ଆସନ ଚାଲିଗଲା, ଯାହା ପୂର୍ବ ନିର୍ବାଚନରେ ୧୯ ଥିଲା। କେବଳ ପାଟନାର ୧୪ ବିଧାନସଭା ଆସନ ମଧ୍ୟରୁ ଏନଡିଏ ୧୧ଟି ଦଖଲ କରିଛି। ଗତ ନିର୍ବାଚନରେ ଏଠାରୁ ଏନଡିଏ ମାତ୍ର ୫ ଆସନରେ ବିଜୟୀ ହୋଇଥିଲା। ଭାଗଲପୁର-ମୁଙ୍ଗେର ସାଧାରଣତଃ ସହରାଞ୍ଚଳ ହୋଇଥିବାରୁ ଏଠାରେ ଏନଡିଏ ଭଲ ଫଳାଫଳ କରିଛି।

ନିର୍ବାଚନ ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ ସହ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ କଲ୍ୟାଣକାରୀ ପ୍ରୋତ୍ସାହନ ପ୍ରଦାନ କରାଯାଇଥିଲା। ତେବେ ପରବର୍ତ୍ତୀ ସମୟରେ ନିର୍ବାଚନ ଇସ୍ତାହରରେ ଆଞ୍ଚଳିକ ସମସ୍ୟାକୁ ସ୍ଥାନ ଦିଆଯାଇଥିଲା। ଆଗାମୀ ୫ ବର୍ଷ ମଧ୍ୟରେ ବିହାରକୁ ବନ୍ୟାମୁକ୍ତ କରିବାର ଯୋଜନା ଥିଲା ଅନ୍ୟତମ। ଏଥିପାଇଁ ଏକ ବନ୍ୟା ପରିଚାଳନା ବୋର୍ଡ ଗଠନ କରାଯିବା ସହ ନଦୀ ସଂଯୋଗୀକରଣ ପ୍ରକଳ୍ପ, ବନ୍ଧ ଓ କେନାଲ ନିର୍ମାଣ କରାଯିବାକୁ ପ୍ରସ୍ତାବ ରଖାଯାଇଛି। କୋଶି-ସୀମାଞ୍ଚଳ ଅଞ୍ଚଳରେ କୋଶି ଓ ମହାନନ୍ଦା ପ୍ରବାହିତ। ଉତ୍ତର ବିହାରରେ ଗଣ୍ଡକ ଓ ବାଗମତୀ ନଦୀ ପ୍ରବାହିତ। ଏହି ସମସ୍ତ ନଦୀରେ ପ୍ରାୟତଃ ବନ୍ୟା ଆସି ଜନଜୀବନ ବିପର୍ଯ୍ୟସ୍ତ କରିଥାଏ। ଏଥିପାଇଁ ଯୋଜନାବଦ୍ଧ ବନ୍ୟା ନିୟନ୍ତ୍ରଣ ବ୍ୟବସ୍ଥା ଅଦ୍ୟାବଧି ହୋଇପାରି ନାହିଁ। ଏଣୁ ଏହି ଆଞ୍ଚଳିକ ସମସ୍ୟା ପ୍ରତି ଇସ୍ତାହାରରେ ଦୃଷ୍ଟି ଦିଆଯାଇଛି। ସେହିପରି ୭ଟି ଏକ୍ସପ୍ରେସ ରାଜପଥ, ୧୦ଟି ଶିଳ୍ପ ପାର୍କ ପ୍ରତିଷ୍ଠା ପାଇଁ ଇସ୍ତାହାରରେ କୁହାଯାଇଛି, ଯାହା ଗମନାଗମନ ସୁଗମ କରିବାରେ ସହାୟକ ହୋଇପାରିବ। ୱାକ୍‌ଫ ଆଇନ ସ୍ଥଗିତ ରଖିବା ପାଇଁ ଆରଜେଡିର ପ୍ରତିଶ୍ରୁତି ସତ୍ତ୍ୱେ ମୁସଲିମ ଭୋଟର ଏକ ବୃହତ୍ ଅଂଶ ଏନଡିଏ ନିକଟକୁ ଚାଲିଗଲା। ଏଣୁ ଆଞ୍ଚଳିକ ସମସ୍ୟା, ନିର୍ବାଚନ ପରିଚାଳନାର ବିକେନ୍ଦ୍ରୀକରଣ ଯୋଗୁଁ ଏନଡିଏ ଚଳିତ ଥର ବିପୁଳ ସଫଳତା ହାସଲ କରିଥିବା କୁହାଯାଇପାରେ।

(ବରିଷ୍ଠ ସାମ୍ବାଦିକ)

କଟକ, ମୋ: ୯୪୩୭୨୨୯୨୩୩

# ସୁଧାର ଗାଈର ବାଛୁରୀ ମରେ!

**ଅର୍ଜୁନ ଘଡ଼େଇ**

ସୁଧାର ଗାଈର ବାଛୁରୀ ମରିବା ଲୋକବାଣୀଟି ଆମ ସମାଜରେ ବେଶ୍ ପ୍ରଚଳିତ। ସୁଧାର, ଶାନ୍ତ ଗାଈଟିଏର ନିରବତା ଯୋଗୁଁ ଯେମିତି ନିଜ ସନ୍ତାନ ବି ମୃତ୍ୟୁମୁଖରେ ପଡ଼ିଥାଏ, ସେପରି ଜଣେ ଭଦ୍ର, ସରଳ, ଶାନ୍ତ ମଣିଷ ନିଜର ଆଚରଣ, ସହିଷ୍ଣୁତା ଗୁଣ ଯୋଗୁଁ ଅନେକ କିଛି କ୍ଷତି ସହିଥାଏ। ତଳକୁ ମୁହଁ କରି ମାଟିର ମହାନତାକୁ ସ୍ମରଣ କରେ, ସହନଶୀଳତ ଭାବନା ନେଇ। ଲୋକେ କିନ୍ତୁ ତା'କୁ କହନ୍ତି ମାଇଚିଆ ନଂପୁସକ ଇତ୍ୟାଦି ଇତ୍ୟାଦି। ଏହା କେବଳ ଦୁର୍ବଳ ଉପରେ ସବଳର ଅତ୍ୟାଚାର ନୁହେଁ, ଅମଣିଷଙ୍କ ଅମାନବିକତା, ଅସହିଷ୍ଣୁ, ପରଶ୍ରୀକାତରତା, ଅହଙ୍କାରୀ ଭାବର ପରିପ୍ରକାଶ ମାତ୍ର, ଯାହା ଯୁଗଯୁଗ ଧରି ସଂଘଟିତ ହୋଇ ଆସିଛି ଏବଂ ଆଜିର ସଭ୍ୟ ସମାଜରେ ବି ଘଟୁଛି। ସୁଧାର ଗାଈର ବାଛୁରୀଟିଏ ଖାଦ୍ୟ ବିନା ପଛେ ମରୁ, କିନ୍ତୁ ନିଜ ସ୍ୱାର୍ଥରେ ସାମାନ୍ୟ ଆଞ୍ଚ ନ ଆସୁ, ଏହାହିଁ ଅନେକ ଲୋକଙ୍କର ମାନସିକତା ଆଜି ବହୁକ୍ଷେତ୍ରରେ ପରିଲକ୍ଷିତ ହେଉଛି।

ଲୋକବାଣୀଟିର ତତ୍ତ୍ୱ ଏଇଆ ଯେ, ପାଳିତ ଗାଈଟିଏଠାରୁ କ୍ଷୀର ସଂଗ୍ରହ ପାଇଁ ମାଲିକ ଗାଈ ଦୁହାଳୀ ଯିଏ ଯେତେବେଳେ ପ୍ରୟାସ କରନ୍ତି ଯଦି ଗାଈଟି ସୁଧାର ବା ଶାନ୍ତ ଶିଷ୍ଟ ହୋଇଥାଏ ତେବେ କେତେବେଳେ ସେଇ ଗାଈ ଖୁଣ୍ଟରେ ବା ପଛ ଗୋଡ଼ରେ ରସିଛନ୍ଦି ସେଇଠି ବାନ୍ଧି ଦିଅନ୍ତି ତା'ର ଶିଶୁ-ବାଛୁରୀକୁ। ବାସ୍ ଶାନ୍ତ ହୋଇ ଛିଡ଼ା ହୋଇଥାଏ ଗାଈଟି। କ୍ଷୀର ଖାଇବାକୁ ଚାହିଁଥାଏ ବାଛୁରୀଟି ମା'ର ପହ୍ନାକୁ ସତୃଷ୍ଣ ନୟନରେ। ପିଲାପେଟକୁ ତ ଆହାର ଯାଏନି, ମା'ସ୍ତନରୁ କିନ୍ତୁ କ୍ଷୀର ଶୋଷିନିଏ ଗାଈ ଦୁହାଁଳୀ ଜଣକ। ଆଉ ସମସ୍ତ କ୍ଷୀର ସଂଗ୍ରହ କରି ସାରିବା ପରେ ପିଲାକୁ ବନ୍ଧନ ମୁକ୍ତ କରିଦିଏ। ବାଛୁରୀଟି ବିକଳ ହେଇ ମା'ର ପହ୍ନାରେ ଯେତେ ମୁହଁ ଲଗେଇ ଶୋଷିବାକୁ ଚେଷ୍ଟା କଲେ ବି ବୁନ୍ଦାଏ କ୍ଷୀର ତା' ପାଟିକୁ ଆସେନି। ବିଚରା ଭୋକିଲା ପେଟରେ ଛିଡ଼ା ହୋଇ ରହେ। ଏ ସବୁ ଜାଣିବି ଗାଈଟି ପ୍ରତିବାଦ କରିନଥାଏ। ନିଜ ସ୍ୱାର୍ଥସିଦ୍ଧି ପାଇଁ ଅବିବେକୀ ମଣିଷଟି ମନେ ମନେ ଖୁସି ଜାହିର କରେ ପଶୁଟିର ନିର୍ବୋଧତାକୁ ଲକ୍ଷ୍ୟ କରି। ଏହା ଯେ ପଶୁଟିର ନିର୍ବୋଧତା ନୁହେଁ, ବରଂ ସହନଶୀଳତା ଏକଥା ବୁଝିପାରେନି ଅବିବେକୀ ମଣିଷ। ଆଜିର ସମାଜରେ ଏପରି ଅମଣିଷଙ୍କ ସଂଖ୍ୟା ବୃଦ୍ଧି ସାମାଜିକ ଜୀବନରେ ଅଶାନ୍ତି ଓ ଅସ୍ଥିରତା ସୃଷ୍ଟି କରୁଥିଲେ ବି ନିରାକରଣର ବ୍ୟବସ୍ଥା ନାହିଁ।

ଗାଈ ବୋଧହୁଏ ସ୍ଥିର କରି ନେଇଥାଇପାରେ ଦୁଷ୍ଟାମୀ କଲେ ମାଲିକର ଆଘାତ ସହିବାକୁ ପଡ଼ିବ। ଶରୀର ଆହୁରି କ୍ଷତାକ୍ତ ହେବା ସହ ଶିଶୁଟି ବି କଷ୍ଟ ଭୋଗିପାରେ। ତେଣୁ ନିରବ ଶାନ୍ତ ହୋଇ ଛିଡ଼ା ହେଇଗଲେ ଭଲ! ଏମିତି ଅନେକ ଶାନ୍ତ ସ୍ୱଭାବର ମଣିଷ ଭାବିଥା'ନ୍ତି ଦୁଷ୍ଟମାନଙ୍କ ଆକ୍ରମଣରୁ ମୁକୁଳିବା ତ ସହଜ କିମ୍ବା ସମ୍ଭବ ନୁହେଁ, ବରଂ ମୁହଁ ପୋତି ରହିଗଲେ ଜୀବନ ପ୍ରତି ବିପଦ କମିଯିବ।

ସବୁକୁ ସହିଯିବା ମାନସିକତାକୁ କିନ୍ତୁ ନିର୍ବୋଧତା ବୋଲି କୁହାଯାଏ। 'ଇନୋସେନ୍‌ସୀ ଇଜ୍ ଏ କ୍ରାଇମ୍' ବୋଲି ମଧ୍ୟ କୁହାଯାଇଛି। ନିରବତା, ଅଜ୍ଞାନତାକୁ ଅପରାଧିକ ତତ୍ତ୍ୱ ଭାବରେ ଯେଉଁମାନେ ବିଚାର କରି ଏକଥା କହିଥିଲେ ତାହା ସବୁ ସମୟରେ ସବୁ କ୍ଷେତ୍ରରେ ପ୍ରଯୁଜ୍ୟ ହୋଇନଥାଏ। କିଛି ଭୁଲ୍ କୌଣସି ଅପକର୍ମ ନକରି, ନିରୀହ, ଶାନ୍ତ ସରଳ ମଣିଷଟି ଅନେକ ଦଣ୍ଡ, କଷ୍ଟ, ନିର୍ଯାତନା ଯେତେବେଳେ ପାଉଥାଏ ତା' ପାଇଁ ଆହା ପଦେ କହିବା ପାଇଁ କେହି ନଥାନ୍ତି। କିମ୍ବା ତା'କୁ ସାହସ ଦେଇ ପ୍ରତିବାଦ କରିବାର ଶକ୍ତି ପ୍ରଦାନ କରିବାକୁ ତା' ଚାରିପଟେ କେହି ନଥା'ନ୍ତି। ତେଣୁ ସେ ଭାବିନିଏ ଯେତେ ଅନ୍ୟାୟ, ଅତ୍ୟାଚାର ତା' ପ୍ରତି ହେଲେ ମଧ୍ୟ ମୁଣ୍ଡ ପୋତି ସହିଗଲେ ଭଲ। ତା' ବେକରେ ଗାଈର ଗୋଡ଼ରେ ବନ୍ଧା ହୋଇଥିବା ବାଛୁରୀ ପରି ପରିବାର ଲୋକେ ବନ୍ଧା ହୋଇ ରହିଛନ୍ତି। ସେମାନେ ବି ବିପଦରୁ ରକ୍ଷା ପାଇଯିବେ। ଏମିତି ଶାନ୍ତ, ଶୃଙ୍ଖଳିତ ମଣିଷମାନେ ବଞ୍ଚି ରହିବା ପାଇଁ ଏବଂ ତାଙ୍କୁ ବଞ୍ଚେଇ ରଖିବା ପାଇଁ ସମାଜର ଅନ୍ୟମାନଙ୍କର ବି ଦାୟିତ୍ୱବୋଧ ରହିବା ଆବଶ୍ୟକ। ସେମାନେ ନିରବତା ଗୁଣକୁ ତାଚ୍ଛଲ୍ୟ ନକରି ସାହସ ଦେଲେ, ସମର୍ଥନ ଯୋଗାଇଦେଲେ ହୁଏତ ସରଳ ମଣିଷଟି ତୁଣ୍ଡ ଖୋଲି କିଛି ପ୍ରତିବାଦ କରିବାରେ ସକ୍ଷମ ହେଇପାରେ।

ସମାଜର ସବୁକ୍ଷେତ୍ରରେ କ'ଣ ଏମିତି ଶାନ୍ତ, ସରଳ ମଣିଷମାନେ ନିଷ୍ପେଷିତ ହେଉଥିବେ ଆଉ ବାହୁବଳୀମାନେ ଯନ୍ତ୍ରଣା ଦେଇ ଚାଲୁଥିବେ? ଆମେ କେବଳ କହିବା 'ଆଇନ୍‌ର ଆଶ୍ରୟ ନିଅ' ନ୍ୟାୟ ମିଳିବ। ଏପରି ସାନ୍ତ୍ୱନା ଯଥେଷ୍ଟ ନୁହେଁ। ନ୍ୟାୟଳୟରୁ କିମ୍ବା ଭଦ୍ରଲୋକଙ୍କ ଠାରୁ ନ୍ୟାୟ ଆଶା କରିବା, ଅଧିକାର ସାବ୍ୟସ୍ତ କରିବା, ଆଜିର ସମୟରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ସାମାଜିକ ନ୍ୟାୟ ବ୍ୟବସ୍ଥାକୁ ଦୃଢ଼ୀଭୂତ କରି, ନ୍ୟାୟପାଳିକାକୁ ସଶକ୍ତ କରିବାର ଯଥେଷ୍ଟ ଆବଶ୍ୟକତା ରହିଛି ଶାନ୍ତି ପୂର୍ଣ୍ଣ ଜୀବନ ପାଇଁ। ଅଶାନ୍ତ ପରିବେଶ ସୃଷ୍ଟି ହେଲେ ସାମାଜିକ ଜୀବନ ନଷ୍ଟ ଭ୍ରଷ୍ଟ ହେବ। ଏକ ସୁସ୍ଥ ସମାଜ-ସୁନ୍ଦର ଜୀବନ ସ୍ୱପ୍ନ ପ୍ରାୟ ମନେ ହେବ।

ସବୁବେଳେ ଅତ୍ୟାଚାରୀ, ସ୍ୱାର୍ଥପର ମଣିଷର ସ୍ୱାର୍ଥ ସିଦ୍ଧି ହୋଇନଥାଏ। ମଣିଷକୁ ଜିତିଗଲେ ବି ପରମେଶ୍ୱରଙ୍କ ବିଚାରାଳୟରେ ସେ ନିଶ୍ଚିତ ଦଣ୍ଡିତ ହେବ, ଏହା ନିଃସନ୍ଦେହ। ସେତେବେଳେ ନା ଥିବ ଶକ୍ତି ବା କ୍ଷମତା।

ଦାଣ୍ଡମୁକୁନ୍ଦପୁର(ପୁରୀ), ମୋ: ୯୪୩୮୦୪୮୬୧୫

# ବିପ୍ଳବର ବାଣୀ-ନନ୍ଦନ ସଚ୍ଚିଦାନନ୍ଦ

**ସାହିତ୍ୟ ସରିତ୍**

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

ଏଡ଼ିକି ସେ ଅମାନିଆଁ ପିଲା, ଫଉଜର ଗୁଳିଗୋଳା ରଜା ଝଡ଼ କିଛି ନ ମାନିଲା / ଧୂଳିଖେଳ ଛାଡ଼ି, ଗୁଳି ଆଗେ ଜୀବନକୁ ହସି ହସି ଦେଲା ସିନା ବାଡ଼ି।' ଅତ୍ୟାଚାର, ଉତ୍ପୀଡ଼ନ, ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିବା ଢେଙ୍କାନାଳର ସେହି ଚିର ଅମ୍ଳାନ ବାଜିରାଉତଙ୍କ ଅସାମାନ୍ୟ ବୈପ୍ଳବିକ ବାଣୀ ସଚ୍ଚିଦାନନ୍ଦ ଆବିଷ୍କୃତ କରି ନେଇ ଆସିଲେ ମହାକାଶର ଅଦୃଶ୍ୟ ଅଥଚ ଅମଳିନ ତେଜୋଦୀପ୍ତ ତରଙ୍ଗରୁ। ସଚ୍ଚିଦାନନ୍ଦ ରାଉତରାୟ ବୀର ସନ୍ତାନ ବାଜି ରାଉତଙ୍କ ହୃଦୟକୁ ପ୍ରବେଶ କରିଛନ୍ତି, ନା ବାଜି ରାଉତ ଏକ ସୂକ୍ଷ୍ମ ଆଲୋକରେଖା ହୋଇ ତାଙ୍କ ଛାତିକୁ ଦୋହଲାଇ ଦେଇଛନ୍ତି! ସଚ୍ଚି ରାଉତରାୟଙ୍କ 'ବାଜିରାଉତ' ଚିରକାଳ ନିମିତ୍ତ ଏକ ଅଲିଭା ଶିଖା।

ଅନ୍ୟମାନଙ୍କ ଆଖିରେ ସେ ଦୁନିଆକୁ ଦେଖିଥା'ନ୍ତେ କାହିଁକି? ସେଥିପାଇଁ ପାଇଁ ତ ଗାଇ ଉଠିଲେ - 'ତୁମେ ଦେଖିଅଛ ଶିଳାରେ ତାହାର ରମ୍ୟ କଳାର ରୂପ, ମୁଁ ଦେଖିଛି ତହିଁ କୋଟି କଙ୍କାଳ ଭଗ୍ନ ବୁକୁର ସ୍ତୂପ।' 'କୋଣାର୍କ' କବିତାର ଏହି ପଦ ସେହିପରି ଅନ୍ତର୍ଭେଦୀ ହୋଇଉଠିଲା ଓଡ଼ିଶାର ପାଠକଙ୍କ ପାଇଁ। 'ଛୋଟ ମୋର ଗାଁଟି ଭୂଗୋଳ ପୋଥି ପତରେ ପଛେ ନଥାଉ ତାର ନାଁଟି' - 'ପଲ୍ଲିଶ୍ରୀ' କବିତା ପୁସ୍ତକର ଏହି କବିତା କେଉଁ ଅନୁରାଗୀଙ୍କ କଣ୍ଠରେ ଧ୍ୱନିତ ହୋଇନାହିଁ! 'ପାଣ୍ଡୁଲିପି' କବିତା ସଂକଳନର ଭାବ-ସମ୍ଭାର ବହୁ ପାଠକଙ୍କ ଦ୍ୱାରା ହୋଇଛି ଆଦୃତ। କେବଳ କବିତା ସର୍ଜନାରେ ସଚ୍ଚିଦାନନ୍ଦ ନିଜକୁ ସୀମିତ ରଖି ନାହାନ୍ତି। 'ମଶାଣିର ଫୁଲ' ରୁଢ଼ିବାଦୀ ସମାଜ ବିରୁଦ୍ଧରେ ଏକ ତୀକ୍ଷଣ ଅସ୍ତ୍ର। ନିରୀହ ନିଷ୍ପାପ ପଲ୍ଲୀବଧୂର ମୃତ୍ୟୁ ପରେ ବି ଯେଉଁ ସମାଜ ତା'କୁ ବର୍ଣ୍ଣନା କରିପାରେ କଳଙ୍କିନୀ ଦୋଚାରିଣୀ ବୋଲି, ସେଇ ସମାଜକୁ ଜଗୁ ତିଆଡ଼ି ମୁହଁରେ ସେ ଜବାବ ଦେଇଛନ୍ତି - 'ଥାଉ ଥାଉ। ଅନ୍ୟକୁ ବିଚାର କର ନାହିଁ। ମଣିଷ କ'ଣ ମଣିଷକୁ ଠିକ ବୁଝିପାରେ?' ଏ ପ୍ରଶ୍ନ ସେ ଗୋଟିଏ ଗଳ୍ପରେ, ନିର୍ଦ୍ଦିଷ୍ଟ ସମୟ ଖଣ୍ଡ ସକାଶେ ପଚାରି ନାହାନ୍ତି। ଏହା ପ୍ରତିଟି ଯୁଗର ବିବେକ-ବିଚାରଶୂନ୍ୟ ସମାଜ ପ୍ରତି ସମାନ ଭାବରେ ପ୍ରଯୁଜ୍ୟ। 'ଅନ୍ଧାରୁଆ' ଗଳ୍ପରେ ବି ଶୋଷଣକାରୀ ସମାଜ ବିରୁଦ୍ଧରେ ସେ ସ୍ୱର ଉତ୍ତୋଳନ କରିଛନ୍ତି। 'ହାତ' ପରି ଗଳ୍ପ କେତେ ନୈରାଶ୍ୟ ଜର୍ଜରିତ ଅନ୍ତରରେ ଭରି ଦେଇଛି ଅପୂର୍ବ ସାନ୍ତ୍ୱନା।

ସାମ୍ୟବାଦୀ ଆଦର୍ଶ ଦ୍ୱାରା ଅନୁପ୍ରାଣିତ ସଚ୍ଚି ରାଉତରାୟ ଏକ ନବଯୁଗର ମନ୍ତ୍ରଦାତା। 'ଚିତ୍ରଗ୍ରୀବ' ଉପନ୍ୟାସ ତାଙ୍କର ସାମ୍ୟବାଦୀ ତତ୍ତ୍ୱମୂଳକ ଏକମାତ୍ର ଉପନ୍ୟାସ। 'କବିତା ୧୯୬୨' ପାଇଁ ସେ ଲାଭ କଲେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର। କାବ୍ୟିକରୀତି ସହିତ ବାକରୀତିର ସମନ୍ୱୟ ସାଧନ କରି ସେ ଲେଖିଛନ୍ତି କେତେ ଉଚ୍ଚକୋଟୀର କବିତା। ଯତି, ଯମକ, ଉପଧା ଓ ଛନ୍ଦର ଧରାବନ୍ଧା କଟକଣାରୁ କବିତାକୁ ମୁକ୍ତ କରି ଅବାଧ ଭାବ ପ୍ରକାଶ ପାଇଁ ସେ ସୃଷ୍ଟି କରିଦେଲେ ନୂତନ ମାର୍ଗ। ତାଙ୍କର ସାମଗ୍ରିକ କୃତି ସକାଶେ ଲାଭ କଲେ ମଧ୍ୟ ଜ୍ଞାନପୀଠ ପୁରସ୍କାର। 'ଅଭିଯାନ', 'ଅଭିଜ୍ଞାନ', 'ପାଥେୟ', 'ଭାନୁମତୀର ଦେଶେ', 'ହସନ୍ତ', ଆଦି କବିତା 'ମଶାଣିର ଫୁଲ ଓ ଅନ୍ୟାନ୍ୟ ଗଳ୍ପ', 'ଛାଇ' ପରି ଗଳ୍ପ ସଂକଳନ, ଆତ୍ମଜୀବନୀ 'ଉତ୍ତର କକ୍ଷ', 'ଆଧୁନିକ ସାହିତ୍ୟର କେତୋଟି ଦିଗ', 'ସାହିତ୍ୟ: ବିଚାର ଓ ମୂଲ୍ୟବୋଧ' ଭଳି ଉଚ୍ଚତର ଚେତନା-ସମ୍ପନ୍ନ ସାହିତ୍ୟ ସମୀକ୍ଷା କବିଙ୍କ ସିଦ୍ଧିର ଭିନ୍ନ ଭିନ୍ନ ଅର୍ଥପୂର୍ଣ୍ଣ ସଂକେତ। ତେବେ ଯେଉଁ କେତୋଟି କବିତା ଓ ଗଳ୍ପ ସୃଷ୍ଟି ସକାଶେ ସେ ହୋଇଥିଲେ ସର୍ବତ୍ର ଆଦୃତ ଓ ଅଭିନନ୍ଦିତ, ସେହି ସଚ୍ଚି ରାଉତରାୟଙ୍କୁ ତାଙ୍କର ପ୍ରିୟ ପାଠକମାନେ ଆଉ ଖୋଜି ପାଇଲେ ନାହିଁ ଅନ୍ୟ ପୁସ୍ତକଗୁଡ଼ିକରେ; ବିଶେଷତଃ 'ପାଣ୍ଡୁଲିପି' ପରବର୍ତ୍ତୀ ପର୍ଯ୍ୟାୟର କବିତାରେ। ହୃଦୟର ଆବେଗ ଅପେକ୍ଷା ବୌଦ୍ଧିକତାର ଆଧିକ୍ୟ ହେତୁ ତାହା ସାଧାରଣ ପାଠକମାନଙ୍କ ଠାରୁ ଦୂରବର୍ତ୍ତୀ ହୋଇ ଯାଇଛି। କବିତା ରଚନାର ପରୀକ୍ଷା ନିରୀକ୍ଷା ସକାଶେ ଅନେକ ଦୃଷ୍ଟିରୁ ଏହାଦ୍ୱାରା ଓଡ଼ିଆ ସାହିତ୍ୟ ଜଗତ ସମୃଦ୍ଧ ହୋଇପାରିଛି ସୁନିଶ୍ଚିତ। ସଚ୍ଚି ରାଉତରାୟ ଓଡ଼ିଶାର ଅଗଣିତ ପାଠକ ହୃଦୟରେ ଯଦି ଆଜି ବି ରହିଛନ୍ତି ଅମଳିନ। ଓଡ଼ିଆ ଜାତି ଅବା ତାଙ୍କୁ ଦେଇପାରିଛି କ'ଣ? ତାଙ୍କ ସ୍ମୃତିରେ ନିର୍ମାଣ କରିଦେଇଛି ନିଜ ହୃଦୟ ମଧ୍ୟରେ ଏକ ଏକ 'ମାଟିର ତାଜ'। ମାଟି ଓ ମଣିଷର କବି ସଚ୍ଚି ରାଉତରାୟ ସର୍ବଦା ବନ୍ଦିତ ଓ ସ୍ପନ୍ଦିତ ହେଉଥିବେ ପ୍ରତିଟି ଓଡ଼ିଆର ପ୍ରାଣ-ପ୍ରକୋଷ୍ଠରେ। 'ଆଲୁଅ ତା'ର କି ମନୋହର, ଅନ୍ଧକାର ତା'ଠାରୁ ଭଲ' - ଧ୍ୱନିତ ହେଉଥିବ ଆକାଶ ପବନରେ ଚିରକାଳ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପିଏମ୍ କିଷାନର ୨୧ତମ କିସ୍ତି ପାଇଲେ ଚାଷୀ

ଭୁବନେଶ୍ୱର, ୧୯।୧୧(ସମିସ): କୃଷକଙ୍କୁ ପିଏମ୍ କିଷାନ ସମ୍ମାନ ନିଧିର ୨୧ତମ କିସ୍ତି ପ୍ରଦାନ କରାଯାଇଛି। ତାମିଲନାଡୁର କୋଏମ୍ବାଟୁରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। କୃଷି ଭବନଠାରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଛନ୍ତି ଯେ, କୃଷକ କଲ୍ୟାଣ ଓ ସଶକ୍ତିକରଣ ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ। କୃଷକଙ୍କ ପାଇଁ ଉଦ୍ଦିଷ୍ଟ ସମସ୍ତ ଯୋଜନା ଯୋଗ୍ୟ ଚାଷୀଙ୍କ ନିକଟରେ ପହଞ୍ଚୁ। ଯେପରି କୌଣସି ଯୋଗ୍ୟ ଚାଷୀ ସରକାରୀ ଯୋଜନାରୁ ବଞ୍ଚିତ ନ ହେବେ, ସେଥିପାଇଁ ସରକାର ତତ୍ପର ଥିବା ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବର୍ଷକୁ କେନ୍ଦ୍ର ସରକାର ୩ଟି କିସ୍ତିରେ ୬ ହଜାର ଲେଖାଏଁ ପ୍ରଦାନ କରୁଥିବାବେଳେ ରାଜ୍ୟ ସରକାର ସିଏମ୍ କିଷାନ ଯୋଜନାରେ ୨ଟି କିସ୍ତିରେ ୪ ହଜାର ଟଙ୍କା ପ୍ରଦାନ କରୁଛନ୍ତି। ରାଜ୍ୟର ୩୪.୧୨ ଲକ୍ଷରୁ ଅଧିକ ଚାଷୀ ୨ ହଜାର ଟଙ୍କା ଲେଖାଏଁ ସହାୟତା ପାଇଛନ୍ତି। ଚଳିତ ଆର୍ଥିକ ବର୍ଷରେ ସିଏମ୍ କିଷାନ ଯୋଜନାରେ ୫୧.୫୪ ଲକ୍ଷ ଚାଷୀଙ୍କୁ ୨୯୯୧ ହଜାର କୋଟି ଟଙ୍କା ପ୍ରଦାନ କରାଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାସହ ପିଏମ୍ ଧନଧାନ୍ୟ କୃଷି ଯୋଜନାରେ କନ୍ଧମାଳ, ମାଲକାନଗିରି, ସୁନ୍ଦରଗଡ ଏବଂ ନୂଆପଡା ଜିଲ୍ଲାକୁ ସାମିଲ କରିଥିବାରୁ ସେ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିପଦରେ ୩୫୦ କୋଟି...

(୫.୯୯%), ଯୁକ୍ତରାଷ୍ଟ୍ରରେ ୧୩୮ ନିୟୁତ (୩.୯୯%) ଏବଂ ରୁଷରେ ୧୩୩ ନିୟୁତ (୩.୮୪%) ରହିଛି। ଏଥିରେ ୮୧% ଆଣ୍ଡ୍ରଏଡ୍ ଏବଂ ୧୯% ଆଇଓଏସ୍ ବ୍ୟବହାରକାରୀ ଅନ୍ତର୍ଭୁକ୍ତ। ଏହାସହିତ, ୯% ବ୍ୟବସାୟିକ ଆକାଉଣ୍ଟ ମଧ୍ୟ ଏଥିରେ ରହିଛି।

### ବିହାରରେ ପୁଣି...

ଅନ୍ୟପକ୍ଷରେ ଚିରାଗ ପାଶ୍ୱାନଙ୍କ ଏଲ୍‌ଜେପି ତାଙ୍କ ଦଳ ପାଇଁ ଅନ୍ୟୂନ ୨ଟି ମନ୍ତ୍ରୀପଦ ଦାବି କରିଛନ୍ତି। ତେବେ ନୀତୀଶଙ୍କ ସମ୍ଭାବ୍ୟ ମନ୍ତ୍ରିମଣ୍ଡଳରେ ତାଙ୍କ ଭାଇ ଅରୁଣ ଭାରତୀଙ୍କୁ ମନ୍ତ୍ରିପଦ ମିଳିପାରେ ବୋଲି କୁହାଯାଉଛି।

ବିହାର ନିର୍ବାଚନ ଫଳ ପ୍ରକାଶ ପରେ ବିଜେପି ସର୍ବାଧିକ ଆସନ ପାଇଥିବା ସତ୍ତ୍ୱେ ନୀତୀଶଙ୍କୁ ମୁଖ୍ୟମନ୍ତ୍ରୀ କରାଯିବାକୁ ନେଇ ଦଳରେ କିଛି ପରିମାଣରେ ଅସନ୍ତୋଷ ସୃଷ୍ଟି ହୋଇଛି। ଏପରିକି ଦଳର କିଛି ବରିଷ୍ଠ ନେତା ଏନ୍‌ଡିଏ ମୁଖ୍ୟମନ୍ତ୍ରୀ ବିଜେପିରୁ କରାଯାଉ ବୋଲି ଦାବି କରିଛନ୍ତି। ମାତ୍ର ବିହାର ନେତାଙ୍କ ଦାବିକୁ ବିଜେପି ଜାତୀୟ ନେତୃତ୍ୱ ଗ୍ରହଣ କରିନାହାନ୍ତି। ନୀତୀଶଙ୍କ ପରି ବଡ଼ ନେତା ବିହାର ବିଜେପିରେ ନ ଥିବା ଯୋଗୁଁ ବିଜେପି ଏପରି କଷ୍ଟସାଧ ନିଷ୍ପତ୍ତି ନେବାକୁ ବାଧ ହୋଇଥିବା କୁହାଯାଉଛି।

କୁହାଯାଉଛି ଯେ ବିଜେପି ନିକଟରେ ନୀତୀଶଙ୍କ ବିକଳ୍ପ ନାହିଁ। ଯେଉଁଥିପାଇଁ ଦୀର୍ଘବର୍ଷ ଧରି ବିଜେପି ବିହାରରେ ଏକାକୀ ସଂଖ୍ୟା ଗରିଷ୍ଠତା ପାଇପାରୁ ନାହିଁ। ପୁନଶ୍ଚ ବିହାର ରାଜନୀତି ବିଶେଷତଃ ଜାତି ଆଧାରିତ ଓ ସୁଶୀଲ କୁମାର ମୋଦିଙ୍କ ପରଲୋକ ପରେ ଜାତୀୟସ୍ତରରେ ମାନ୍ୟତା ପାଇଥିବା କୌଣସି ଓବିସି ଚେହେରା ବିଜେପିରେ ନାହାନ୍ତି। ଗତ ଦେଢ଼ ଦଶନ୍ଧି ଧରି ବିଜେପି ବିହାରରେ ନୀତୀଶ କୁମାରଙ୍କ କନିଷ୍ଠ ସହଯୋଗୀ ହୋଇ ରହିଛି ଓ ଜଣେ ବି ପ୍ରଭାବଶାଳୀ ନେତା ସୃଷ୍ଟି କରିବାରେ ଦଳ ସମର୍ଥ ହୋଇପାରି ନାହିଁ। ଦ୍ୱିତୀୟ କାରଣଟି ହେଉଛି ନୀତୀଶ କୁମାର ବିହାରର କୁର୍ମୀ, ଇବିସି ଓ ମହାଦଳିତ ସମ୍ପ୍ରଦାୟର ପ୍ରମୁଖ ନେତାର ମାନ୍ୟତା ପାଇଛନ୍ତି। ବିହାରର ମୋଟ ମତଦାତାଙ୍କ ମଧ୍ୟରୁ ଏହି ବର୍ଗ ଭୋଟରଙ୍କ ସଂଖ୍ୟା ପ୍ରାୟ ୨୦% ଓ ଗତ ନିର୍ବାଚନରେ ଏହି ବର୍ଗ ହିଁ ଏନ୍‌ଡିଏ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ତେଣୁ ନୀତୀଶଙ୍କୁ ଉପେକ୍ଷା କରିବା ବିଜେପି ପାଇଁ ମହଙ୍ଗା ପଡ଼ିବାର ଆଶଙ୍କା ରହିଛି। ଶେଷ କାରଣଟି ହେଉଛି ନୀତୀଶଙ୍କୁ ଉପେକ୍ଷା କରିବା କେନ୍ଦ୍ର ସରକାରଙ୍କ ପ୍ରତି ବିପଦ ସୃଷ୍ଟି କରିବାର ଭୟ। ବର୍ତ୍ତମାନ ଲୋକସଭାରେ ଏନ୍‌ଡିଏର ଆସନ ସଂଖ୍ୟା ୨୯୨, ଯାହା ସଂଖ୍ୟା ଗରିଷ୍ଠତାଠାରୁ ମାତ୍ର ୨୦ଟି ଆସନ ଅଧିକ। ନୀତୀଶଙ୍କ ଜେଡିୟୁ ସମର୍ଥନ ପ୍ରତ୍ୟାହାର କରିନେଲେ ବି କେନ୍ଦ୍ରରେ ବିଜେପି ସରକାର ପାଇଁ ତତ୍‌କ୍ଷଣାତ୍ କୌଣସି ବିପଦ ସୃଷ୍ଟି ହେବ ନାହିଁ; ମାତ୍ର ଏହାର ପରିଣାମ ଆଦୌ ଭଲ ହେବ ନାହିଁ। ଯେ କୌଣସି ସମୟରେ ଅନ୍ୟ ଅଂଶୀଦାର ଦଳ ବିଜେପି ସହ ଅସଙ୍ଗତ ମୂଳଚାଲ କରିବାକୁ ବାହାରି ଆସିବେ। ତେଣୁ ବିହାରରେ ନୀତୀଶଙ୍କ ନେତୃତ୍ୱରେ ଏନ୍‌ଡିଏ ସରକାର ଚାଲୁ ଓ କେନ୍ଦ୍ର ସରକାର ସୁରକ୍ଷିତ ରହୁ ବୋଲି ବିଜେପି ଆପାତତଃ ନିଷ୍ପତ୍ତି ନେଇଛି ବୋଲି କୁହାଯାଉଛି।

### ଟ୍ରିବ୍ୟୁନାଲ ସଂସ୍କାର...

ଟ୍ରିବ୍ୟୁନାଲ ସଂସ୍କାର ଅଧ୍ୟାଦେଶ ଏବଂ ଆଇନର ସମୀକ୍ଷା ବେଳେ ଜଣାପଡ଼ିଛି ଯେ ଟ୍ରିବ୍ୟୁନାଲ ଆଇନର ଯେଉଁ ବ୍ୟବସ୍ଥାକୁ କୋର୍ଟ ଖାରଜ କରିଦେଇଥିଲେ, ସେହି ଆଇନକୁ ପୁଣି ପ୍ରସ୍ତୁତ କରାଯାଇଛି। ଅବଶ୍ୟ ଏଥିରେ ସାମାନ୍ୟ ଏପଟସେପଟ କରାଯାଇଛି। କିନ୍ତୁ କୋର୍ଟ ଯାହାକୁ ବିରୋଧ କରିଥିଲେ ତାହା ବଜାୟ ରହିଛି। ଯାହାକୁ କୋର୍ଟ ବିରୋଧ କରିଛନ୍ତି, ସେଥିରେ ସଂଶୋଧନ କରିବା ବଦଳରେ ପାର୍ଲାମେଣ୍ଟ ସେହି ପୁରୁଣା ଆଇନ ଆଣି ବିଚାର ବ୍ୟବସ୍ଥାର ଘୋର ଉଲ୍ଲଂଘନ କରିବାକୁ ଉଦ୍ୟମ କରିଛନ୍ତି।

ମାନ୍ୟବର ବେଞ୍ଚ କହିଲେ ଯେ ଅଦାଲତରେ ପଡ଼ିଥିବା ବିଚାରାଧୀନ ମାମଲାର ସମାଧାନ କେବଳ ବିଚାର ବିଭାଗର ଦାୟିତ୍ୱ ନୁହେଁ, ସଂସଦ ଏବଂ ବ୍ୟବସ୍ଥାପିକା ମଧ୍ୟ ଦାୟିତ୍ୱ ନେବା ଉଚିତ। ଟ୍ରିବ୍ୟୁନାଲ ସଂପର୍କରେ ଆଇନ ପ୍ରଣୟନ ବେଳେ ବିଚାର ବିଭାଗର ଆଦେଶକୁ ସରକାର ମାନିବାକୁ ବାଧ୍ୟ। ବିଭିନ୍ନ ଟ୍ରିବ୍ୟୁନାଲ ପ୍ରଶାସନର ସୁପରିଚାଳନା, ନିଯୁକ୍ତି ଏବଂ କାମରେ ସ୍ୱଚ୍ଛତାକୁ ସୁନିଶ୍ଚିତ କରିବା ଲାଗି ନେସନାଲ ଟ୍ରିବ୍ୟୁନାଲ କମିସନର ଆବଶ୍ୟକତା ରହିଛି। ତେଣୁ ଆସନ୍ତା ୪ ମାସ ମଧ୍ୟରେ ଏଭଳି କମିସନ ଗଠନ କରିବା ଲାଗି କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମ କୋର୍ଟ। ଏହାସହିତ ବିଭିନ୍ନ ଟ୍ରିବ୍ୟୁନାଲରେ ନିଯୁକ୍ତି, କାର୍ଯ୍ୟକାଳ ଏବଂ ଅବସର ସୀମା ନେଇ କୋର୍ଟ ପୂର୍ବରୁ ଯେଉଁ ନିର୍ଦ୍ଦେଶ ଦେଇଥିଲେ ତାହାକୁ କାଏମ ରଖିବା ଲାଗି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ କହିଲେ ଯେ ଇନକମ୍ ଟାକ୍ସ ଆପେଲେଟ୍ ଟ୍ରିବୁନାଲ ଏବଂ ଏକ୍ସାଇଜ ଆଣ୍ଡ ସର୍ଭିସ ଟାକ୍ସ ଆପେଲେଟ୍ ଟ୍ରିବ୍ୟୁନାଲ ସଭ୍ୟମାନଙ୍କ ଅବସର ବୟସ ସୀମା ୬୨ ବର୍ଷ ଏବଂ ଏହାର ଅଧ୍ୟକ୍ଷଙ୍କ ବୟସ ସୀମା ୬୫ ବର୍ଷ ରହିବ।

ସୂଚନାଯୋଗ୍ୟ ଯେ ଟ୍ରିବ୍ୟୁନାଲ ସଂସ୍କାର ଆଇନରେ ସଂଶୋଧନ କରି ସରକାର ଫିଲ୍ମ ସାର୍ଟିଫିକେଟ ଆପେଲେଟ୍ ଟ୍ରିବ୍ୟୁନାଲ ସମେତ ଅନେକ ଟ୍ରିବ୍ୟୁନାଲକୁ ଉଚ୍ଛେଦ କରିଥିବା ବେଳେ ଏକାଧିକ ଟ୍ରିବ୍ୟୁନାଲରେ ନିଯୁକ୍ତି, କାର୍ଯ୍ୟକାଳ ଓ ବୟସ ସୀମାରେ କେନ୍ଦ୍ର ସରକାର ଅନେକ ଅଦଳବଦଳ କରିଥିଲେ। ସୁପ୍ରିମ କୋର୍ଟରେ ଏହାକୁ ଚାଲେଞ୍ଜ କରିଥିଲେ ମାଡ୍ରାସ ବାର ଆସୋସିଏସନ ଏବଂ କଂଗ୍ରେସ ନେତା ଜୟରାମ ରମେଶ।

### ପୁଣି ବାତ୍ୟା...

ପଶ୍ଚିମ ବଙ୍ଗୋପସାଗରରେ ଆହୁରି ଘନୀଭୂତ ହେବାର ସମ୍ଭାବନା ରହିଛି। ତେଣୁ ପ୍ରାଥମିକ ଭାବେ ଏହି ଲଘୁଚାପ ଆନ୍ଧ୍ର ଓ ଓଡ଼ିଶା ଉପକୂଳ ପାଇଁ ବିପଦ ବଢ଼ାଇଛି। ବଡ଼ କଥା ହେଉଛି ଯେ ଏହା ଅବପାତରେ ପରିଣତ ହେବା ପରେ ଆହୁରି ଘନୀଭୂତ ହେବାକୁ ଥିବାରୁ ବାତ୍ୟା ଆଶଙ୍କାକୁ ମଧ୍ୟ ଏଡ଼ାଇ ଦିଆଯାଇ ପାରୁ ନାହିଁ।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ୨୧ ତାରିଖ ବେଳକୁ ଦକ୍ଷିଣ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇ ୨୪ ତାରିଖ ସୁଦ୍ଧା ଘନୀଭୂତ ହୋଇ ଅବପାତର ରୂପ ନେବ। ପରବର୍ତ୍ତୀ ସମୟରେ ଏହା ଅଧିକ ଘନୀଭୂତ ହୋଇପାରେ। ଏହା ଉତ୍ତର ପଶ୍ଚିମ ଦିଗରେ ଗତି କରିବାକୁ ଥିବା ବେଳେ ଏହା ଆନ୍ଧ୍ର ଉପକୂଳକୁ ମୁହାଁଇବାର ପ୍ରାଥମିକ ଆକଳନରୁ ଜଣାପଡୁଛି। ଏହା ଆନ୍ଧ୍ର ଉପକୂଳ ମୁହାଁ ହେଲେ ମଧ୍ୟ ଓଡ଼ିଶାରେ ଏହାର ପ୍ରଭାବ ରହିବ। ୨୭ରେ କେନ୍ଦ୍ରାପଡ଼ାଠାରୁ ଗଞ୍ଜାମ ଓ ଗଜପତି ଜିଲ୍ଲାରେ ମେଘୁଆ ପାଗ ସହ ବର୍ଷା ହେବ। ୨୮ ତାରିଖରେ ଉତ୍ତର-ପଶ୍ଚିମ ଓଡ଼ିଶା ବ୍ୟତୀତ ରାଜ୍ୟରେ ବାକି ଅଞ୍ଚଳରେ ବର୍ଷା ହେବ। ୨୯ରେ ମୁଖ୍ୟତଃ ଗଞ୍ଜାମ ଓ ଗଜପତି ପ୍ରଭାବିତ ହେବ। ଉପକୂଳ ଓ ସଂଲଗ୍ନ ଜିଲ୍ଲାରେ ଭାରି ବର୍ଷା ହେବ ବୋଲି ପ୍ରଫେସର ପଶୁପାଳକ ଆକଳନ କରିଛନ୍ତି।

ପ୍ରାଥମିକ ଭାବେ ଏହି ସମ୍ଭାବ୍ୟ ଅବପାତ/ବାତ୍ୟାଟି ଆସନ୍ତା ୨୯ କିମ୍ବା ୩୦ ବେଳକୁ ସ୍ଥଳଭାଗ ଛୁଇଁପାରେ। ତେଣୁ ଏହା ପ୍ରଭାବରେ ୨୭ କିମ୍ବା ୨୮ ତାରିଖରୁ ଓଡ଼ିଶାର ଉପକୂଳବର୍ତ୍ତୀ ଜିଲ୍ଲା ସମେତ ଅନ୍ୟ କେତେକ ଜିଲ୍ଲାରେ ବର୍ଷା ହୋଇପାରେ। ଯଦି ଏହା ଆନ୍ଧ୍ର ନିକଟରେ ସ୍ଥଳଭାଗ ଛୁଏଁ, ତେବେ ରାଜ୍ୟର ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ପ୍ରଭାବ ସୀମିତ ରହିବ। ମାତ୍ର ଏହା ଓଡ଼ିଶାର ନିକଟତର ହେଲେ ରାଜ୍ୟର ଅଧିକାଂଶ ଜିଲ୍ଲାରେ ପ୍ରଭାବ ସୃଷ୍ଟି ହେବ। ଏମିତି ହେଲେ ରାଜ୍ୟକୁ ଏକ ବଡ଼ କ୍ଷତି ସହିବାକୁ ପଡ଼ିପାରେ। କାରଣ ଏବେ ସାରା ଓଡ଼ିଶାରେ ଧାନ ଅମଳ ସମୟ ଚାଲିଛି। ଉପକୂଳ ଓଡ଼ିଶାରେ ପାଚିଲା ଧାନ କ୍ଷେତରେ ହସୁଥିବା ବେଳେ ପଶ୍ଚିମ ଓଡ଼ିଶା ଧାନ ଅମଳ ଆରମ୍ଭ ହୋଇଯାଇଛି। ତେଣୁ ଏ ଦୃଷ୍ଟିରୁ ପ୍ରାୟ ଆସନ୍ତା ୨ ମାସ ପର୍ଯ୍ୟନ୍ତ ରାଜ୍ୟ ପାଇଁ ବର୍ଷା ଦୃଷ୍ଟିରୁ ବହୁ ସମ୍ବେଦନଶୀଳ ଭାବେ ଗଣାଯାଉଛି। ଏହା ପୂର୍ବରୁ ଲଘୁଚାପ ପ୍ରଭାବରେ ରାଜ୍ୟରେ ଶୀତ ଦିନେ ଅଦିନିଆ ବର୍ଷା ନେଇ ଚିନ୍ତା ବଢିଛି। ଏହା ପୂର୍ବରୁ ୨୦୨୧ ଡିସେମ୍ବର ପ୍ରଥମ ସପ୍ତାହରେ ରାଜ୍ୟ ଉପରେ ବାତ୍ୟା ଜୱାଦର ଗୁରୁତର ପ୍ରଭାବ ପଡ଼ିଥିଲା। ରାଜ୍ୟର ସମଗ୍ର ଉପକୂଳବର୍ତ୍ତୀ ଜିଲ୍ଲାରେ ଏହି ବାତ୍ୟା ଯୋଗୁଁ ଧାନ ଫସଲ ଉଜୁଡ଼ି ଯାଇଥିଲା। ଚଳିତ ବର୍ଷ ପୁଣି ଥରେ ଏହି ଆହ୍ୱାନ ସୃଷ୍ଟି ହୋଇଥିବା ବେଳେ ଚାଷୀଙ୍କ ପାଇଁ ଚିନ୍ତା ବଢ଼ିଛି। ତେଣୁ ସ୍ଥିତିକୁ ଦେଖି ଆଗୁଆ ଧାନ କାଟି ନିରାପଦ ସ୍ଥାନରେ ରଖିବାକୁ ପ୍ରଫେସର ପଶୁପାଳକ ପରାମର୍ଶ ଦେଇଛନ୍ତି।

### ସଂପ୍ରସାରଣ ହେବ...

ହୋଇଥିଲା। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ସମ୍ପ୍ରସାରଣ ଅତ୍ୟନ୍ତ ଆବଶ୍ୟକ। ଏହାଦ୍ୱାରା ରାଜ୍ୟର ଆର୍ଥିକ ବିକାଶ ହେବା ସହିତ ନିଯୁକ୍ତି ସୁଯୋଗ ସୃଷ୍ଟିହେବ। ତେବେ ସ୍ଥାନୀୟ ଲୋକଙ୍କ ସମସ୍ୟାର ସମାଧାନ କରାଯାଇ ସହମତି ଭିତ୍ତିରେ ଜମି ଅଧିଗ୍ରହଣ କରାଯିବ ବୋଲି ସେ କହିଥିଲେ। ବୈଠକର ନିଷ୍ପତ୍ତି ଅନୁଯାୟୀ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପଦବୀର ଜଣେ ଉଚ୍ଚ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇ ଲୋକଙ୍କ ସହିତ ଆଲୋଚନା ଜରିଆରେ ସବୁ ସମସ୍ୟାର ସମାଧାନ କରାଯିବ। ଷ୍ଟିଲ୍ ପ୍ଲାଣ୍ଟର ସମ୍ପ୍ରସାରଣ ପାଇଁ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ୍‌ଙ୍କ ସହଯୋଗ ପାଇଁ କେନ୍ଦ୍ରମନ୍ତ୍ରୀ ଶ୍ରୀ କୁମାରସ୍ୱାମୀ ଉଭୟଙ୍କୁ ଧନ୍ୟବାଦ ଦେଇଥିଲେ। ବୈଠକରେ ରାଉରକେଲାରେ ଏୟାରପୋର୍ଟ ସ୍ଥାପନ ପାଇଁ ଜମି ଯୋଗାଣ ଏବଂ ଅନ୍ୟାନ୍ୟ ବିଷୟ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଏହି ଅବସରରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ୍ ମଧ୍ୟ ଉପସ୍ଥିତ ଥିଲେ। ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଇସ୍ପାତ ଓ ଖଣି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

### ଚୋରକୁ ପିଟିପିଟି...

ରଖିଛି। ସେପଟେ ମୃତକର ଦେହରେ ଅନେକ କ୍ଷତ ଚିହ୍ନ ରହିଛି। ଅନ୍ୟପଟେ ମୃତକ ବାପିର ସ୍ତ୍ରୀ ପାର୍ବତୀ କୋହ୍ଲାର ଉଦଳା ଥାନାରେ ପହଞ୍ଚି ତାଙ୍କ ସ୍ୱାମୀଙ୍କୁ ନିର୍ଦ୍ଦୋଷରେ ପିଟିପିଟି ହତ୍ୟା କରାଯାଇଥିବା ନେଇ ଲିଖିତ ଅଭିଯୋଗ କରିଛନ୍ତି। ମୃତକ ବାପି ଏକ ଗ୍ୟାସ୍ ଦୋକାନରେ କାମ କରିବା ସହିତ ଗ୍ୟାସ୍ ଡେଲିଭରି କାମ ମଧ୍ୟ କରୁଥିଲା। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

### ଟଳିଲେ ଆଉ...

ରହିଥିବା ବେଳେ ମୃତକଙ୍କ ମଧ୍ୟରେ ୪ ପୁରୁଷ ଓ ୩ ମହିଳା ମାଓବାଦୀ ରହିଛନ୍ତି। ଉକ୍ତ ସ୍ଥାନରୁ ୨ଟି ଏକେ ୪୭ ବନ୍ଧୁକ ସହ ମୋଟ ୮ଟି ବନ୍ଧୁକ ଓ ବହୁ ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ସେହିପରି ଆଜି ଆନ୍ଧ୍ର ପ୍ରଦେଶ ପୁଲିସ ବିଭିନ୍ନ ସ୍ଥାନରୁ ୫୦ ଜଣ ମାଓବାଦୀଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ତିନି ଜଣ ମାଓ ସଂଗଠନ ସ୍ୱତନ୍ତ୍ର ଜୋନାଲ କମିଟି ସଦସ୍ୟ, ୨୩ ଜଣ ପ୍ଲାଟୁନ ସଦସ୍ୟ, ୫ ଜଣ ଡିଭିଜନାଲ କମିଟି ସଦସ୍ୟ ଏବଂ ୧୯ ଜଣ ଏରିଆ କମିଟି ସଦସ୍ୟ ଥିବା ଜଣା ପଡିଛି। ଗିରଫ ମାଓବାଦୀଙ୍କ ମଧ୍ୟରୁ ଅନେକ ମୃତ ମାଓ କମାଣ୍ଡର ମାଡଭି ହିଡମାଙ୍କ ସହ ଘନିଷ୍ଠ ଭାବରେ ଜଡିତ ଥିଲେ ବୋଲି ଆନ୍ଧ୍ର ପ୍ରଦେଶ ପୋଲିସ କହିଛି। ମାଓ ସଙ୍ଗଠନ ନିଜର ଶେଷ ନିଶ୍ୱାସ ନେଉଥିବା ଇଣ୍ଟେଲିଜେନ୍ସ ଏଡିଜି ମହେଶଚନ୍ଦ୍ର ଲ‡। କହିଛନ୍ତି।

### ଦାଦନ ଫେରନ୍ତା...

ଯିବାପାଇଁ ବସ ଅପେକ୍ଷା କରିଛୁ ବୋଲି କହିଥିଲେ। ତେବେ ଅଭିଯୁକ୍ତ ବର୍ତ୍ତମାନ ଆଉ ବନ୍ଧୁଗାଁକୁ ବସ ମିଳିବ ନାହିଁ ଏବଂ ମୋ ଘରେ ରହିଯାଅ ବୋଲି ସେମାନଙ୍କୁ କହିଥିଲା। ପ୍ରଥମେ ପୀଡିତା ମହିଳାଙ୍କ ସ୍ୱାମୀଙ୍କୁ ନେଇ ଏକ ଦୋକାନରେ ଛାଡି ଟିଫିନ ଆଣି ଆସୁଛି କହି ସେଠାରୁ ଚାଲିଯାଇଥିଲା। । ସେଠାରୁ ଆସି ପୀଡ଼ିତାଙ୍କୁ କୋଇଲାପଡ଼ା ନିକଟସ୍ଥ ବୁଦାକୁ ନେଇ ଦୁଷ୍କର୍ମ କରିଥିଲା। ସ୍ତ୍ରୀ ଦୀର୍ଘ ସମୟ ଧରି ନ ଫେରିବାରୁ ସ୍ୱାମୀ ବସଷ୍ଟାଣ୍ଡ ଆସି ସ୍ତ୍ରୀକୁ ଖୋଜିଥିଲେ ମଧ୍ୟ ପାଇନଥିଲେ। ହେଲେ ସ୍ୱାମୀ ସ୍ତ୍ରୀକୁ ଖୋଜାଖୋଜି କରିବା ବେଳେ ପୀଡ଼ିତା କାନ୍ଦି କାନ୍ଦି ଆସୁଥିବା ଦେଖିବାକୁ ପାଇଥିଲେ। ଏହାପରେ ସ୍ତ୍ରୀ ସମସ୍ତ ଘଟଣା ସ୍ୱାମୀଙ୍କୁ ଜଣାଇବା ପରେ ଉଭୟ ଯାଇ ରାୟଗଡ଼ା ଟାଉନ ଥାନାରେ ଏତଲା ଦେଇଥିଲେ। ଏନେଇ ରାୟଗଡ଼ା ଏସଡିପିଓ ଗୌରହରି ସାହୁଙ୍କୁ ପଚାରିବାରୁ ପୀଡ଼ିତାଙ୍କ ଲିଖିତ ଅଭିଯୋଗକୁ ଭିତ୍ତି କରି କେସ ନଂ ୪୩୧ରେ ମାମଲା ରୁଜୁ କରି ସନ୍ଦେହରେ ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚୁରା କରିବା ସହିତ ଘଟଣାର ତଦନ୍ତ ଚାଲିଛି ବୋଲି କହିଛନ୍ତି। ମହିଳାଙ୍କ ବୟାନ ମୁତାବକ ଦୁଷ୍କର୍ମ ଘଟଣା ଘଟିଥିବା ସ୍ଥାନକୁ ଯାଇ ସେଠାରେ ତଦନ୍ତ କରାଯାଇଛି ବୋଲି ଏସ୍‌ଡିପିଓ ଶ୍ରୀ ସାହୁ କହିଛନ୍ତି।

---

**AFFIDAVIT**

By virtue of an affidavit sworn before the Executive Magistrate, Cuttack, dated-14/11/2025. I, **Roopesh Kumar Rout,** R/o- Ganju Market, Near SBI ATM Booth, Sector-22, UTC- Rourkela (ITS), PO: Rourkela-7, Dist-Sundargarh, Odisha, PIN-769007, declared that I have changed the name of my son from **Charles Prince Rout** to **Prince Rout.** Henceforth, he shall be known as **Prince Rout** for all purposes.

**Roopesh Kumar Rout**

**AFFIDAVIT**

I, Kailash Chandra Agrawal, S/o. Chiranjial Kharkawala, resident of Aradhana Apartment,Flat no. 1E, 1st floor, Biswanath lane, Balu Bazar, PS. Lalbag, Dist.-Cuttack, Odisha-753002 declare by this affidavit No..400 , dtd. 19.11.2025 that now onwards I shall be known as **KAILASH CHANDRA KHARKAWALA** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Sohela dtd.12.11.2025, I Mamata Sahu, D/o- Yudhisthir Sahu, resident of Village- Kanakabira, Ps./Dist.- Bargarh, Pin-768030 state that, I have changed my name from **Mamata Duan** to **Mamata Sahu**. Henceforth I shall be known as **Mamata Sahu** for all future purposes.

**AFFIDAVIT**

By virtue of an affidavit sworn before the Executuve Magistrate, Nabarangpur, dated 18.11.2025 I, DURYADHAN KARKARA, S/o- Late Prem Karkara, Vill.- Kurumakot, Po.- Tentulikhunti, Ps.- Tentulikhunti, Dist.- Nabarangpur, Odisha, Pin- 764070, declare that, I have changed the name of my daughter from **PAPA KARKARA** to **LIPSA KARKARA**. Henceforth, she shall be known as **LIPSA KARKARA** for all purposes.

Sd/- Duryadhan Karkara

**GOVERNMENT OF ODISHA** O-1445
**OFFICE OF THE SUPERINTENDING ENGINEER**
**RURAL WORKS DIVISON GAJAPATI PARLAKHEMUNDI**
**NATIONAL COMPETITIVE BIDDING THROUGH e-Procurcment**
**1ST Corrigendum to Tender Call Notice**
**Identification No. Online Tender 08/GJP/2025-26 T.O Letter No: 3024 Dtd: 29.10.2025**

The tender for the works invited vide Tender Identification No. Online Tender 04/GJP/2024-25 is hereby modified as follows due to unavoidable circumstances. The modification dates are as below:

| Sl. No. | Item | Time Schedule as per Original TCN | Time schedule modified as per Corrigendum Notice |
|---|---|---|---|
| 1 | Availability of tender online for bidding. | Dt. 10.11.2025 at 10.00 A.M to 17.11.2025 up to 5.00 P.M. | Dt. 20.11.2025 at 10.00 A.M to 27.11.2025 up to 5.00 P.M |
| 2 | Date & Time of Opening of tender | Dt. 18.11.2025 at 11.00 A.M | Dt. 28.11.2025 at 11.00 A.M |

All other contents will remain unchanged.

Executive Engineer
R.W. Division, Gajapati

OIPR-

**AFFIDAVIT**

By virtue of an affidavit sworn before Notary Public, Bhubaneswar, on dated 17.11.2025, I Sanjukta Mohanta, W/o- Sanjaya Mohanta, resident at Kabata, Po-Lembo, Sub-Dist- Sukinda, Dist-Jajpur, Odisha, PIN-755018, declare that I have changed my son's name from Sridhartha Mohanta to Himanshu Mohanta. Henceforth, He shall be known as **HIMANSHU MOHANTA** for all future purposes.

**AFFIDAVIT**

I Aruna Kumara Acharya, S/o- Prakash Chandra Acharya resident of Muktamaladeipur Sasan, Po.- Banthapalli, Ps.- Polasara, Dist.- Ganjam, Pin-761104, Odisha, declare by this affidavit No. A-ii, Dated 18.11.2025 that now onwards I shall be known as **Arun Kumar Acharya** for all future purposes.

**CONFISCATION NOTICE OF TRACTOR & TROLLEY** MM-289

It is to inform to all concerned through this publication that one Sonalika Tractor with Trolley bearing Regd. Number OR-07V-7237 Engine No. Not Visible , Chassis Number – Not Visible loaded with illicit forest produce i.e, Jamukoli Log- 7pcs=17.184cft, Kakapoi Logs-7 pcs=20.443cft & Acacia Logs=7pcs=8.804 cft on the PWD Road from Beguniapada Jn to Jharanai for illicit transportation of Forest Produce as above. The aforesaid forest produce along the above vehicle may be confiscated for its involvement in Forest Offence case No. UD Case No. 19 of 2020-21 of Khallikote Range for non-submission of reply to the show cause and non-attendance of the accused person owner thereof on the date of hearing fixed on 02.12.2022 before the Authorized Officer-cum- A.C.F, Brahmapur Division.

The final dated of hearing to the aforesaid cases is fixed to 26.11.2025 at 11.00 A.M in the forum of the Authorized Officer-cum- Assistant Conservator of Forests, Brahmapur Division for giving another opportunity of being heard in person in the matter. Failure to attend the hearing by any claimant/ accused on the date within 30 days from the dated of publication of this notice in reference to the above vehicle, the vehicle may be confiscated under Section 56 (2(b)) of the Odisha Forest Act, 1972 exparte.

**Authorized Officer-cum-A.C.F**
**Brahmapur Forest Division**

OIPR-

**AFFIDAVIT**

I, Someswar Singh(81) of Balijodi, PO: Sonaparbat, PS: Tangarpalli, Dist Sundargarh do hereby solemnly affirm and state that my name has been wrongly mentioned as SUMESHWAR SINGH in my Adhar Card(352286427342). Whereas my actual name is SOMESWAR SINGH in the educational certificate. Both the names stands for one and same person i.e. myself as per affidavit no A/10, dtd 19.11.2025.

**NOTICE**

By virtue of an affidavit sworn before Executive Magistrate Bangomunda I Tejabhanu Mahananda (48) S/o Nityananda Mahananda, Village : Bartunda, P.O: Kapilabhata, P.S: Bangomunda, Bolangir, Odish that I have changed my name from Tejabhanu Mahananda to Teju Mahananda Henceforth, I shall be known as Teju Mahananda for all purposes.

**GOVERNMENT OF ODISHA** O-1506
**OFFICE OF THE SUPERINTENDING ENGINEER**
**RURAL WORKS DIVISION, DEOGARH.**
E-mail Id – eerw_deogarh@yahoo.co.in
E-Procurement Notice
**BID.IDENTIFICATION NO. SERWDGH-Online- 08/2025-26**

1. **No of building works** :- (06 Nos)
2. **Estimated cost:-** Approx. Rs.2.54 lakh to Rs.36.22 Lakhs each
3. **Mode of submission of tender:** -Tender shall be submitted online in www.tendersodisha.gov.in
4. **Availability of tender for online bidding:–21.11.2025, 10.00 A.M to 28.11.2025 up to 5.00 P.M**
5. **Date and time of opening of tender:–29.11.2025, 11.00 A.M**
6. Other details can be seen from the website www.tendersodisha.gov.in
7. Corrigendum / Addendum if any shall only be published in the above website.

**Superintending Engineer**
**R.W. Division, Deogarh**

OIPR-

**NOTICE**

By virtue of an affidavit sworn before Notary Public, Balangir on 04.11.2025, I, Dhruba Kumar Jain, resident of:- Udaya Nagar, Po/Ps/Dist: Balangir,767001 (Odisha) declare that I have changed my name from Dhrub Kumar Jain to Dhruba Kumar Jain. Henceforth, I shall be known as Dhruba Kumar Jain for all purposes.

**AFFIDAVIT**

By virtue of an affidavit before The Notary Public, Titilagarh, on dated-17/11/2025. I, **Trushnarani Dandsena** (new name) formerly called as Trusnarani Mohapatra (old name), D/o Mangilal Dandsena, Permanent resident of At-Swadhinpara, Titilagarh, PO-Titilagarh, PS- Titilagarh, Dist-Balangir (Odisha), PIN- 767033 now residing at the same place declare that I have changed my name from **Trusnarani Mohapatra** (old name) to **Trushnarani Dandsena** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Trushnarani Dandsena** (new name).

**Trushnarani Dandsena**

**OFFICE OF THE NOTIFIED AREA COUNCIL: CHAMPUA** C-1408
e-Mail: champuanac@gmail.com
No. 2590, Date: 04.11.2025
**e-Procurement Notice**

Bid Documents consisting of Work, Estimated Cost, Cost of Tender Paper, EMD, time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersodisha.gov.in

| | | | |
|---|---|---|---|
| 1. | Tender Reference No | : | EOCHAMPUANAC-NO-58/2025-26 |
| 2. | Tender I.D No: | : | |
| 3. | Name of the Work | : | Civil Construction works as mentioned in website |
| 4. | No. of works | : | 13 No. |
| 5. | Estimated Cost | : | Rs. 1005078.00 to Rs. 544149.00 |
| 6. | Period of Completion | : | 60 days |
| 7. | Date &Time of Bidding | : | 06.11. 2025 to 17.11.2025 up to 5pm |
| 8. | Last date & time for receipt Of bids in the portal | : | 17 .11.2025 up to 5pm |
| 9. | Last date for Submission of documents | : | On or before 19 .11.2025 up to 5PM (By speed Post/ post) |
| 10. | Bids received online shall be opened on dt. | : | 20 .11.2025 at 9.30 AM |
| 11. | Name and address of the Officer inviting Bid | : | Executive Officer, Champua NAC |

Further details can be seen from the procurement portal i.e. www.tendersodisha.gov.in

Executive Officer
Champua NAC

OIPR-

**AFFIDAVIT**

By virtue of an affidavit no.1034 before the Executive Magistrate, Chandahandi, Dist.: Nabarangpur on dtd.19.11.2025, I, Dinesh Sinha, Village-Telatandi, PO-Saradhapur, PS-Chandahandi, Dist.: Nabarangpur-764077 have changed my name from Dense Sinha to Dinesh Sinha. Henceforth, I shall be known as **Dinesh Sinha** for all purposes.

**AFFIDAVIT**

By virtue of an affidavit (CF No.147, dtd- 25/10/2025) sworn before the Executive Magistrate, Gaisilet. I, **Shyamamani Deep,** D/o Madhusudan Deep, permanent & current resident of AT/PO-Ganiapali, PS- Gaisilet, Dist-Bargarh, PIN- 768049, Odisha declare that I have changed my name from **Pritinanda Deep** (old name) to **Shyamamani Deep** (new name). Henceforth, I shall be known as **Shyamamani Deep** (new name) for all purposes.

**Shyamamani Deep**

**NOTICE**
**(above 18 years of age)**

By virtue of an affidavit sworn before the Notary Public, Sambalpur, I, Sairendri Choudhury, resident of Balerpada, Burla, PO/PS–Burla, Dist.: Sambalpur declare that I have changed my name from Sourendri Choudhury (old name) to Sairendri Choudhury (new name). Henceforth, I shall be known as **Sairendri Choudhury** for all purposes.

**Sd/- Sairendri Choudhury**

**GOVERNEMENT OF ODISHA** L-110
**AGRICULTURE DEPARTMENT**
**OFFICE OF THE EXECUTIVE ENGINEER (AGRIL.)**
**DHENKANAL DIVISION, DHENKANAL**
**No.1078/ Date 19.11.2025**
**INVITATION FOR BIDS (IFB)**
**e-procurement notice**
Bid Identification number / Tender call notice no. - EE (A)/D/D-03 of 2025-26

**The Executive Engineer (Agril.), Dhenkanal Division, Dhenkanal who has been authorized as the procuring officer for the projects of Dhenkanal Division, Dhenkanal is directed to invite percentage rate bid on behalf of the Governor of Odisha for the Civil construction works under Dhenkanal Division. The costs of the project approximately from 8.00 lakhs to 42.00 lakh. Bid document consisting of detailed tender call notice, the schedule of quantities and the set of terms and conditions of the contract and other necessary documents can be downloaded from www.tendersorissa.gov.in from 21.11.2025 at 10.00 hours to 29.11.2025 at 05.00 PM. The bid will be opened on 01.12.2025 at 03.30 PM in the O/o Executive Engineer (Agril.), Dhenkanal Division, Dhenkanal. All other details regarding term and conditions, corrigendum from time to time if any, DTCN etc. can be seen and downloaded from www.tendersorissa.gov.in.**

**Email ID:-eeagri.dhenkanal.@gmail.com**

Executive Engineer (Agril)
Dhenkanal Division, Dhenkanal

OIPR-

**AFFIDAVIT**

By virtue of an affidavit sworn before Executive Magistrate, Bhadrak vide No.1410, dt-16.08.2025, I, **Manas Ranjan Sankhua,** S/o Chakradhar Sankhua, resident of At-Nuapatna, PO- Grejidarada, PS/Dist- Bhadrak, PIN-756128, Odisha declare that I have change the name of my son from **Aditya Sankhua** to **M.P. Aditya.** Henceforth, he shall be known as **M.P. Aditya** for all future purposes.

**Manas Ranjan Sankhua**

**LOST**

I Smt. Hukumat Sahu, W/o-Pilulal Sahu, At/Po-Dumerdihi, Khariarroad, Dist. Nuapada. I have lost my original sale deed Sl. No. 419,plot. 350, 350/520 at the time of transit, after several trial I am unable to found the documents. If anyone finds it, please inform to this mob. No. 9668249884.

**Notice**
**(above 18 years of age)**

By virtue of an affidavit sworn before Notary Public, Bhubaneswar dated 15.11.2025, I RAJALXMI PRADHAN, aged about 47 years, D/o: Dhruba Charan Sahoo, permanent resident of: At: Suara, PO: Koiang, PS: Konark, Dist.: Puri, Odisha, PIN-752118, currently residing at: Plot No: 582/653, Ganganagar, Unit–6, Lingipur, PO: Sisupal PS: Dhauli, Bhubaneswar, Dist.: Khordha, Odisha, PIN–751002, Aadhar No: 4598 3863 6183, declare that I have changed my name from RAJALXMI PRADHAN to RAJALXMI DEI. Henceforth I shall be known as RAJALXMI DEI for all purposes.

**Rajalaxmi Dei**

**GOVERNMENT OF ODISHA,** A-901
**DEPARTMENTOF WATER RESOURCES**
**Office of the Superintending Engineer,**
**Mechanical Division, Bhubaneswar.**
Email Address: smdivisionbbsr@yahoo.com
**e-Procurement Tender Call Notice No.- SE/MDB-11/W/2025-26**

| | | | |
|---|---|---|---|
| 1. | Name of the Work | : | Mechanical Gate Works |
| 2. | No. of Works | : | 04 (Four) |
| 3. | Category of executors | : | SSI Units registered under DIC/ NSIC/ MSME for Irrigation Shutters / Hydro mechanical gates. |
| 4. | Estimated Cost | : | ₹ 7,08,957.00 to ₹ 7,36,172.00 |
| 5. | EMD | : | Refer to DTCN |
| 6. | Cost of tender paper | : | Refer to DTCN |
| 7. | Period of Completion | : | Refer to DTCN |
| 8. | Date & time of availability of bid documents in the Portal | : | From dt.19.11.2025 (10.00 AM) to dt.01.12.2025(5.30 PM) |
| 9. | Last date/ time for receipt of bid in the Portal | : | dt.01.12.2025 (up to 5.30 PM) |
| 10. | Date and Place of opening of Bid | : | dt.02.12.2025 (12.00 Noon onwards in the O/O the undersigned) |
| 11. | Lottery | : | If required the date of lottery is to be intimated to the Qualified Bidders after evaluation. |
| 12. | Name of the Officer inviting bid | : | Superintending Engineer, Mechanical Division, Bhubaneswar |

Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

**Superintending Engineer,**
**Mechanical Division, Bhubaneswar**

OIPR-

**AFFIDAVIT**

By virtue of an affidavit No.1030 before the Executive Magistrate, Chandahandi, Dist.: Nabarangpur on dtd. 18.11.2025, I, Premanchal Nayak, Village-Sinapali, PO-Dandamunda, PS-Chandahandi, Dist-Nabarangpur, Pin-764077 have changed my name from Premchan Nayak to Premanchal Nayak. Henceforth, I shall be known as **Premanchal Nayak** for all purposes.

**AFFIDAVIT**

By virtue of this Affidavit before the Executive Magistrate, Bhubaneswar. **Dt.14.11.25**. I, **KSHETRA BASI BEHERA**, S/o- Budhia Behera, Resident of Kalyani Krushna Nagar Basti, Nuasahi, Nayapalli, Bhubaneswar, Khordha, Odisha-751012 declare that I have changed my name from **KSHETRAMANI BHOI** to **KSHETRA BASI BEHERA** as per my Aadhar card no- 2878 1652 3500. But it has been recorded as **KSHETRAMANI BHOI** in my LIC Policy Bearing No-586300817. **KSHETRA BASI BEHERA** and **KSHETRAMANI BHOI** is one and same identical person.

**AFFIDAVIT**

By virtue of an affidavit sworn before The Notary Public, Bhubaneswar dated-19/11/2025. I, **Jijnyasa Jyotirjayasha Routray,** D/o Prasanna Kumar Routray, resident of Plot No. 398-G, Laxmi Nagar, Patia, Bhubaneswar, Dist- Khordha, PIN- 751024, Odisha declare that I have changed my name from **Jiynyasa Jyotirjayasha** to **Jijnyasa Jyotirjayasha Routray.** Henceforth, I shall be known as **Jijnyasa Jyotirjayasha Routray** (new name) for all purposes.

**Jijnyasa Jyotirjayasha Routray**

# ଚାଷୀଙ୍କୁ ମିଳିଲା ପିଏମ୍ କିଷାନ୍ ସମ୍ମାନ ନିଧି କିସ୍ତି




**ଝାରସୁଗୁଡ଼ା, ୨୯ ।୧୧(ସମିସ)**

ପିଏମ୍ କିସାନ୍ ସମ୍ମାନ ନିଧିର ୨୧ ତମ କିସ୍ତି ଚାଷୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଡିବିଟି ମାଧମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଦାନ କରିଛନ୍ତି। ଯାହାର ସିଧାପ୍ରସାରଣ ଆଭାସୀ ଜରିଆରେ ଜିଲ୍ଲା ମୁଖ୍ୟ କୃଷିଅଧିକାରୀଙ୍କ କାର୍ଯ୍ୟାଳୟରେ ଆୟୋଜିତ ହୋଇଥିଲା। ଏହି ଯୋଜନାରେ ୪ ମାସକୁ ୨୦୦୦/- ଟଙ୍କା ହିସାବରେ ଏକ କିସ୍ତି ପ୍ରଦାନ କରାଯାଇଥାଏ। ଏହି ୨୧ ତମ କିସ୍ତିରେ ଝାରସୁଗୁଡ଼ା ଜିଲ୍ଲାର ମୋଟ ୩୩ହଜାର ୪୫୬ ଜଣ ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ସର୍ବମୋଟ ୬ କୋଟି ୬୯ ଲକ୍ଷ ୧୨ହଜାର ଟଙ୍କା ପ୍ରଦାନ କରାଯାଇଛି। ଜିଲ୍ଲା କୃଷି ବିଭାଗ ତଥା କୃଷି ବିଜ୍ଞାନ କେନ୍ଦ୍ର, ଝାରସୁଗୁଡାର ମିଳିତ ଉଦ୍ୟମରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ବରଗଡ଼ ଲୋକସଭା ସାଂସଦ ପ୍ରଦୀପ ପୁରୋହିତ ମୁଖ୍ୟଅତିଥି ଏବଂ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ପ୍ରତିନିଧି ରଘୁନନ୍ଦନ ପଣ୍ଡା, ଚାଷୀ ଭାଇ ଭଉଣୀମାନେ ଚାଷରୁ କିପରି ଲାଭବାନ ହୋଇପାରିବେ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ଜିଲ୍ଲା ମୁଖ୍ୟ କୃଷିଅଧିକାରୀ ପ୍ରଦୀପ କୁମାର ନନ୍ଦ ଚାଷୀଙ୍କୁ ପିଏମ୍ କିଷାନ ଯୋଜନାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ବୁଝାଇଥିଲେ। ବରିଷ୍ଠ ବୈଜ୍ଞାନିକ ଓ କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ସମୀର ରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିବାବେଳେ ସମସ୍ତ କୃଷି ଅଧିକାରୀ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

**ଦେବଗଡ଼ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ବୁଧବାର ପିଏମ୍ କିସାନ୍‌ର ୨୧ ତମ କିସ୍ତି ଲୋକାର୍ପଣ ଉପଲକ୍ଷେ କାର୍ଯ୍ୟକ୍ରମ ସିଧାପ୍ରସାରଣ କରାଯାଇ ପି.ଏମ.କିସାନ୍ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉକ୍ତ ସମାରୋହରେ ମୁଖ୍ୟ ଅତିଥିଭାବେ ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ଅରୁଣ କୁମାର ସାହୁ, ସମ୍ମାନିତ ଅତିଥିଭାବେ ଜିଲ୍ଲାମୁଖ୍ୟ କୃଷି ଅଧିକାରୀ ସଞ୍ଜୟ କୁମାର ପାତ୍ର, ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ଦେବାଶିଷ ଜଗଦ୍ଦେବ, ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ସାହୁ, କୃଷିବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ସବ୍ୟସାଚୀ ସାହୁ ଯୋଗଦେଇ ପିଏମ୍. କିସାନ ସମ୍ମାନନିଧି ଯୋଜନାରେ ଦେବଗଡ଼ ଜିଲ୍ଲାରୁ ୩୮ ୯୮୧ ଜଣ ଚାଷୀ ଭାଇ ଓ ଭଉଣୀଙ୍କୁ ଡିବିଟି ମାଧ୍ୟମରେ ୨୦୦୦ ଟଙ୍କା ହିସାବରେ ପି . ଏମ.କିସାନ୍ ସମ୍ମାନନିଧି ସହାୟତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ତିଲେଇବଣି ବ୍ଲକ କୃଷି ଅଧିକାରୀ ମନୋଜ କୁମାର ମାରାଣ୍ଡି ସଂଯୋଜନା କରିଥିଲେ।

## ଗଞ୍ଜେଇ ଚାଲାଣ ବେଳେ ମାଡ଼ିବସିଲା ପୁଲିସ

# ୫୮ କେଜି ଜବତ; ଦୁଇ ଗିରଫ



**ଦେବଗଡ଼, ୧୯ ।୧୧(ସମିସ):** ରିଆମାଳ ଥାନାଞ୍ଚଳ ଦେଇ ବେଆଇନ ଗଞ୍ଜେଇ ଚାଲାଣ ହେବା ନେଇ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଆଜି ପୂର୍ବାହ୍ନରେ ରିଆମାଳ ଥାନା ପୁଲିସ ଶ୍ୟାମପାଲି ଛକ ନିକଟରେ ଯାନବାହାନ ଯାଞ୍ଚ ବେଳେ ଗଞ୍ଜେଇ ଭର୍ତ୍ତି ଏକ କାର୍‌କୁ ଧରିଥିଲେ। ଗାଡ଼ିରେ ଥିବା ତିନୋଟି ପ୍ଲାଷ୍ଟିକ ବ୍ୟାଗ୍‌ରୁ ଚାଲାଣ ହେଉଥିବା ୫୮ କିଲୋ ବେଆଇନ ଗଞ୍ଜେଇ ଜବତ କରିବା ସହ ଣେ ମହିଳା ଓ ଜଣେ ପୁରୁଷ ବନ୍ଧୁକୁ ଗିରଫ କରିବାରେ ସଫଳ ହୋଇଛି। ସେହିପରି ଗଞ୍ଜେଇ ଚାଲାଣରେ ବ୍ୟବହୃତ କାର୍‌କୁ ମଧ୍ୟ ଜବତ କରିଥିବା ଜଣାପଡ଼ିଛି। ସୂଚନା ଅନୁଯାଇ ଆଜି ସୋନପୁର ପଟୁ ଦେବଗଡ଼ ଅଭିମୁଖେ ଏକ ଗଞ୍ଜେଇ ଭର୍ତ୍ତି କାର ଆସୁଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନାପାଇ ଏସଡିପିଓ ରମେଶ ମାହାନାଙ୍କ ନିର୍ଦ୍ଦେଶ କ୍ରମେ ରିଆମାଳ ଥାନା ଅଧିକାରୀ ସତ୍ୟବ୍ରତ ରାଉତ ସଦଳବଳ ରିଆମାଳ - ତାରଙ୍ଗ ରାସ୍ତାରେ ଯାନବାହାନ ଯାଞ୍ଚ ଆରମ୍ଭ କରିଥିଲେ। ଏହି ସମୟରେ ସୋନପୁର ପଟୁ ଗଞ୍ଜେଇ ବୋଝେଇ ସ୍ୱିଫ୍ଟ ଡିଜାୟର କାର୍ ଆସୁଥିବା ଦେଖି ପୁଲିସ ତାରଙ୍ଗ ନିକଟସ୍ଥ ସାମପାଲି ଜଙ୍ଗଲ ନିକଟରେ କାର୍‌କୁ ଅଟକାଇ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଯାଞ୍ଚ କରିଥିଲେ। ଦୁଇଜଣ ଅଭିଯୁକ୍ତ ଘଟଣାରୁ ଖସିବାକୁ ଚେଷ୍ଟା କରିଥିଲେ ମଧ୍ୟ ପୁଲିସ ସେମାନଙ୍କୁ କାବୁ କରିଥିଲା। ଗିରଫ ଅଭିଯୁକ୍ତମାନେ ବାରକୋଟ ଥାନା ଲକ୍ଷ୍ମୀପୁର ଗ୍ରାମର ହରିହର ପ୍ରଧାନଙ୍କ ପୁଅ ଜଲାରସେନ ପ୍ରଧାନ (୨୭) ଏବଂ ଜଣେ ଯୁବତୀ। ପୁଲିସ ତଦନ୍ତ ସମୟରେ ଅଭିଯୁକ୍ତ ମାନେ ବୌଦ୍ଧ ଅଞ୍ଚଳରୁ ବେଆଇନ ଗଞ୍ଜେଇ ଆଣି ବାରକୋଟ ଅଞ୍ଚଳରେ ବିକ୍ରି ପାଇଁ ନେଉଥିବା ସ୍ୱୀକାର କରିବା ପୁଲିସ ଏନଡିପିଏସ ଆକ୍ଟ ର ବିଭିନ୍ନ ଧାରା ରେ ମାମଲା ରୁଜୁକରି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଅଦାଲତ ରେ ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ଟିଆରଏଲ କ୍ରୋସାକି ପ୍ଲାଣ୍ଟରେ ଜରୁରୀକାଳୀନ ମକ୍‌ଡ୍ରିଲ୍

**ଝାରସୁଗୁଡ଼ା, ୧୯ ।୧୧(ସମିସ):** ଟିଆରଏଲ କ୍ରୋସାକି ବେଲପାହାଡ଼ ଏବଂ ଗ୍ୟାସ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍‌ର ମିଳିତ ଆନୁକୂଲ୍ୟରେ ଟିଆର୍‌ଏଲ ପ୍ଲାଣ୍ଟ ପରିସରରେ ଏକ ଜରୁରୀକାଳୀନ ପ୍ରସ୍ତୁତି ମକ୍‌ଡ୍ରିଲ୍ ପରିଚାଳନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସମ୍ବଲପୁରର ଫ୍ୟାକ୍ଟ୍ରିଜ୍ ଏବଂ ବଏଲର୍ସର ଡେପୁଟି ଡାଇରେକ୍ଟର ଏ. ସ୍ୱରୂପ ଜେନା, ଝାରସୁଗୁଡ଼ାର ସହକାରୀ ଡାଇରେକ୍ଟର ଫ୍ୟାକ୍ଟ୍ରିଜ୍ ଏବଂ ବଏଲର୍ସ ଅର୍ଚ୍ଚନା ଦାଶ, ଲଖନପୁର ଅଗ୍ନିଶମ ଷ୍ଟେସନ ଏବଂ ବେଦାନ୍ତ ଆଲୁମିନିୟମ୍ ଲିମିଟେଡ୍, ଓପିଜିସି, ଗ୍ଲୋବାଲ୍ କୋଇଲା ୱାସେରିଜ୍, ରୁଙ୍ଗଟା ମାଇନ୍ସ, ଇଏମପିଏଲ କମ୍ପାନୀର ସୁରକ୍ଷା ବିଶେଷଜ୍ଞମାନେ ମକ୍‌ଡ୍ରିଲ୍ ଦେଖିଥିଲେ। ଟିଆରଏଲ କ୍ରୋସାକି ଗତବର୍ଷ କୋଇଲା, ଫର୍ଣ୍ଣେସ୍ ତେଲ, ଡିଜେଲ୍ ଇତ୍ୟାଦି ପାରମ୍ପରିକ ଇନ୍ଧନକୁ ପାଇପ ଯୁକ୍ତ ପ୍ରାକୃତିକ ଗ୍ୟାସ୍ (ପିଏନଜି) ସହିତ ସମ୍ପୂର୍ଣ୍ଣ ଭାବରେ ବଦଳାଯାଇଥିଲା। ଯାହା ଏକ ସଫା ଏବଂ କମ୍ ବିପଦପୂର୍ଣ୍ଣ ଇନ୍ଧନ। ଏହା କମ୍ପାନୀକୁ କେବଳ ଏହାର କାର୍ବନ ପାଦଚିହ୍ନ ହ୍ରାସ କରିବାରେ ସାହାଯ୍ୟ କରିନାହିଁ, ବରଂ ଏକ ସୁରକ୍ଷିତ ଇନ୍ଧନ ମଧ୍ୟ। ସୌମେଶ ସାହୁ, ନିରଞ୍ଜନ ଦାଶ, ସୁବାଶିଷ ତ୍ରିପାଠୀ, ଅତିରିକ୍ତ ଟିଆରଏଲ କ୍ରୋସାକିର ମହାପ୍ରବନ୍ଧକ (ସୁରକ୍ଷା ପରିଚାଳନା) ଏବଂ ସୁରକ୍ଷା ଅଧିକାରୀ, ଉପାଧ୍ୟକ୍ଷ (ମୌଳିକ), ସୁଚିଲ କୁମାର ବିନ୍ଧାଣୀ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ।



# ଝାରସୁଗୁଡ଼ାରେ ଏକତା ପଦଯାତ୍ରା



**ଝାରସୁଗୁଡ଼ା, ୧୯ ।୧୧(ସମିସ):** ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଉପଲକ୍ଷେ ବୁଧବାର ସକାଳେ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଛି। ଏହି ପଦଯାତ୍ରାରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ ପ୍ରମୁଖଙ୍କ ସମେତ ବିଭିନ୍ନ ସ୍କୁଲ, କଲେଜର ଛାତ୍ରଛାତ୍ରୀ, ବିଭିନ୍ନ ସଂଗଠନର ସଦସ୍ୟମାନେ ଯୋଗଦେଇ ଥିଲେ। ଏହି ପଦଯାତ୍ରା ସ୍ଥାନୀୟ ମନମୋହନ ସ୍କୁଲ ପଡ଼ିଆରୁ ବାହାରି ସହରର ମୁଖ୍ୟ ରାସ୍ତାରେ ପୁରୁଣା ବସ୍‌ଷ୍ଟାଣ୍ଡ, ବେହେରାମାଲ ଦେଇ ଏମସିଏଲ ଅଡିଟୋରିଅମ ଯାଏଁ ପହଞ୍ଚିଥିଲା ଓ ପରେ ସେଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଯୋଗଦେଇ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଆଦର୍ଶ ଓ ବଳିଦାନକୁ ମନେପକାଇବା ସହ ଦେଶର ଅଖଣ୍ଡତା, ଏକତା ଓ ଦେଶକୁ ବିକାଶର ରାସ୍ତାରେ ଆଗକୁ ନେବାରେ ଲକ୍ଷ୍ୟ ସମସ୍ତ ଦେଶବାସୀଙ୍କ ନିକଟରେ ରହୁ ବୋଲି ମତବ୍ୟକ୍ତ କରିଥିଲେ। ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ସମ୍ମାନିତ ଅତିଥିଭାବେ ଯୋଗଦେଇ ଦେଶର ପ୍ରଥମ ଉପପ୍ରଧାନମନ୍ତ୍ରୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଦେଶର ଆଖଣ୍ଡତା ଓ ଏକତା ବଜାୟ ରଖିବା ପାଇଁ ଯେଉଁ ବଳିଦାନ ଦେଇଛନ୍ତି ଆଜି ତାହାର ପ୍ରତିଫଳନ ଦେଖା ଯାଉଛି ବୋଲି ମତ ଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ (ରାଜସ୍ୱ), ବ୍ରଜବନ୍ଧୁ ଭୋଇ (ସାଧାରଣ ପ୍ରଶାସନ), ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଜିଲ୍ଲା କ୍ରୀଡ଼ାଧିକାରୀ ତୁଷାର ମିଶ୍ର ପ୍ରମୁଖଙ୍କ ସହ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ସଂଗଠନ, ସ୍କୁଲ, କଲେଜର ଛାତ୍ରଛାତ୍ରୀ, କ୍ଲବର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଡିସେମ୍ବର ୨୧ରେ କ୍ରୋନିକ ଯନ୍ତ୍ରଣା ଉପଶମ ନିଃଶୁଳ୍କ ଚିକିତ୍ସା

**ଝାରସୁଗୁଡ଼ା, ୧୯ ।୧୧(ସମିସ):** ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ବାସନ୍ତୀ ହସ୍ପିଟାଲରେ ଡିସେମ୍ବର ୨୧ ତାରିଖ ଏକ ନିଶୁଳ୍କ ଚିକିତ୍ସା ଶିବିର ଅନୁଷ୍ଠିତ ହେବ। ଦୀର୍ଘ ଦିନରୁ ଲାଗି ରହିଥିବା ଯନ୍ତ୍ରଣାର ଚିକିତ୍ସା ପାଇଁ ନିଶୁଳ୍କ ଚିକିତ୍ସା ଶିବର ଅନୁଷ୍ଠିତ କରାଯାଉଛି। ଆଣ୍ଠୁ, ଅଣ୍ଟା, ବେକ, କାନ୍ଧ, ପିଠି ପରି ସମସ୍ତ ପ୍ରକାର ଗଣ୍ଠି ଦରଜ ସହ ଦୀର୍ଘ ଦିନରୁ ଲାଗି ରହିଥିବା ମୁଣ୍ଡ ବିନ୍ଧା, ଚୋବେଇବା ସମୟରେ ହେଉଥିବା ଦରଦ ଆଦିର ମାଗଣା ଚିକିତ୍ସା ଏବଂ ପରାମର୍ଶ ଦିଆଯିବ। ଆସନ୍ତା ଶୁକ୍ରବାର ସକାଳ ୯ ଟା ରୁ ଅପରାହ୍ନ ୧ ଟା ଯାଏଁ ଏହି ଶିବିର ଅନୁଷ୍ଠିତ ହେବ। ଡାକ୍ତର ଦେବାଶିଷ ସାହୁ ଯୋଗଦେଇ ଚିକିତ୍ସା ସେବା ପ୍ରଦାନ କରିବେ। ଏନେଇ ଆଜି ବେଲପାହାଡ ବାସନ୍ତୀ ହସ୍ପିଟାଲରେ ଏମ୍‌ଡି ରାଜକୁମାର ପ୍ରଧାନ ଏବଂ ପେନ ଫିଜିସିଏନ ଦେବାଶିଷ ସାହୁ ଏକ ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଛନ୍ତି। ଏହାସହ ଆଗାମୀ ଦିନରେ ପ୍ରତ୍ୟେକ ମାସରେ ଗୋଟିଏ ଦିନ କ୍ରୋନିକ ପେନରୁ ଉପଶମ ପାଇଁ ନିଶୁଳ୍କ ଚିକିତ୍ସା ସେବା ପ୍ରଦାନ କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି।




# ବିଶ୍ୱ ଶୌଚାଳୟ ଦିବସ

**ଦେବଗଡ଼, ୧୯ ।୧୧(ସମିସ):** ଜିଲ୍ଲା ଜଳ ଓ ପରିମଳ ମିଶନ, ଜିଲ୍ଲା ପରିଷଦ ଓ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ଆଜି ବିଶ୍ୱ ଶୌଚାଳୟ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ମୁଖ୍ୟଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ ଓ ସମ୍ମାନିତ ଅତିଥି ଭାବେ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ସୁବାସଚନ୍ଦ୍ର ଦାସ, ଜୀବିକା ମିଶନ ଜିଲ୍ଲା ପ୍ରକଳ୍ପ ପରିଚାଳକ ଶିଶିର କୁମାର ଷଡ଼ଙ୍ଗୀ, ଜିଲ୍ଲା ପଞ୍ଚାୟତ ଅଧିକାରୀ ହେମନ୍ତ କୁମାର ସିଂ, ଜିଲ୍ଲା ଶିକ୍ଷାଧିକାରୀ ଗେନ୍ଦ୍ରା କୁଜୁର ଓ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ କୃପାସିନ୍ଧୁ ସ୍ୱାଇଁ ଯୋଗ ଦେଇ 'ବିଶ୍ୱ ଶୌଚାଳୟ ଦିବସର ବିଷୟ ବସ୍ତୁ ଆମ ଶୌଚାଳୟ ଆମ ଭବିଷ୍ୟତ' ଉପରେ ଆଲୋକପାତ କରିଥିଲେ। ନଭେମ୍ବର ୧୯ ରୁ ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ କରାଯିବାକୁ ଥିବାବେଳେ ଆଜି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। କାର୍ଯ୍ୟକ୍ରମ ଅବସରରେ ତିନି ବ୍ଲକର ଶ୍ରେଷ୍ଠ କର୍ମୀମାନଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ଓ ବ୍ୟକ୍ତିଗତ ପାଇଖାନା ତିଆରି କରିବା ପାଇଁ ଅନୁମତି ପତ୍ର ଦେଇ ସମ୍ମାନିତ କରାଯାଇଥିଲା। ବୈଠକରେ ଜିଲ୍ଲା ପରିମଳ ସଂଯୋଜକ ହିମାଂଶୁ ପଟ୍ଟନାୟକ, ସଂଯୋଜକ ପ୍ରଶାନ୍ତ କୁମାର ସାମଲ, ସମ୍ବନ୍ଧିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସିକା ସନ୍ଧ୍ୟା ମାଝୀ, ଓର୍‌ମାସ ଡେପୁଟି ସିଓ ରବୀନ୍ଦ୍ର କୁମାର ପ୍ରଧାନ, ଫାଇନାନ୍ସ ପ୍ରୋଗ୍ରାମ ମ୍ୟାନେଜର ଆସିସ ବାରିକ୍ ଓ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।




# ଛୁରାମାଡ଼ ଘଟଣାରେ ଅଭିଯୁକ୍ତ ଗିରଫ

**ଇବଥର୍ମାଲ, ୧୯।୧୧(ସମିସ):** ବନ୍ଧବାହାଲ ଫାଣ୍ଡି ଅଧୀନ ବନ୍ଧବାହାଲ ଲକ୍ଷ୍ମୀମାର୍କେଟ ସ୍ଥିତ ଏକ ମଦଦୋକାନ ନିକଟରେ ମଙ୍ଗଳବାର ରାତିରେ ଘଟିଥିବା ଛୁରାମାଡ଼ ଘଟଣାରେ ପୁଲିସ ଅଭିଯୁକ୍ତକୁ ଗିରଫ କରିଛି। ଅଭିଯୋଗ ଅନୁସାରେ ଗଣେଶନଗର ନିବାସୀ ସରୋଜ ସାଙ୍କ ପୁଅ ଜିତେନ ସା (୨୧)ଓ ତାଙ୍କ ସାଙ୍ଗ କଥାବାର୍ତ୍ତା ହେଉଥିବାବେଳେ ସେଠାକୁ ବନ୍ଧବାହାଲ ଗୌରପଡ଼ାର ମହେନ୍ଦ୍ର ନାଏକ (୨୮) ପହଞ୍ଚିଥିଲେ। କୌଣସି କାରଣକୁ ନେଇ ମହେନ୍ଦ୍ର ଓ ଜିତେନ ଭିତରେ ବଚସା ଓ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା। ଏତିକିବେଳେ ଉତ୍‌କ୍ଷିପ୍ତ ମହେନ୍ଦ୍ର ଧାରୁଆ ଛୁରିରେ ଜିତେନକୁ ମରଣାନ୍ତକ ଆକ୍ରମଣ କରି ଜିତେନର ମୁହଁରେ, କପାଳ, ଗାଲ ତଥା ହାତରେ ଗଭୀର ଆଘାତ କରିଥିଲେ। ଜିତେନ ଅନ୍ୟମାନଙ୍କ ସହାୟତାରେ ଜୀବନ ବଞ୍ଚେଇ ଘଟଣାସ୍ଥଳରୁ ପଳେଇ ଯିବାକୁ ସକ୍ଷମ ହୋଇଥିଲେ। ପରେ ତାଙ୍କୁ ବନ୍ଧବାହାଲ ଡାକ୍ତରଖାନା ନିଆ ଯାଇଥିଲା। ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ ବରଗଡ଼ ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ବୁଧବାର ସକାଳେ ଘଟଣା ସମ୍ପର୍କରେ ଜିତେନଙ୍କ କାକା ପଞ୍ଚାନନ ସା ଏ ସଂକ୍ରାନ୍ତରେ ବନ୍ଧବାହାଲ ଫାଣ୍ଡିରେ ଲିଖିତ ଅଭିଯୋଗ କରିବାପରେ ବନହରପାଲି ମାମଲା ରୁଜୁକରି ଅଭିଯୁକ୍ତ ମହେନ୍ଦ୍ରକୁ ଗିରଫ କରି କୋର୍ଟ ଚାଲାଣ କରିଛି। ମହେନ୍ଦ୍ର ନାଁରେ ଆଗରୁ ୪ଟି ଗୁରୁତର ଅପରାଧିକ ମାମଲା ଥାନାରେ ଥିବା ବନ୍ଧବାହାଲ ଫାଣ୍ଡି ଅଧିକାରୀ ଗଣେଶ କଲେତଙ୍କ ଠାରୁ ପ୍ରକାଶ। ବନହରପାଲି ଥାନା ଅଞ୍ଚଳରେ ଅପରାଧିକ କାର୍ଯ୍ୟକଳାପ ଦିନକୁଦିନ ବୃଦ୍ଧି ପାଇବାରେ ଲାଗିଛି। ଏହାର ମୁଖ୍ୟ କାରଣ ନିଶାକାରବାର ବୋଲି ଚର୍ଚ୍ଚା ହେଉଛି।

# ପରିମଳ ଠିକା ସଂସ୍ଥା ବିରୋଧରେ ପୌରନିର୍ବାହୀ ଅଧିକାରୀଙ୍କ ଦ୍ୱାରସ୍ଥ



**ଦେବଗଡ଼, ୧୯ ।୧୧(ସମିସ):** ଦେବଗଡ଼ ପୌରପରିଷଦ ସଫେଇ କର୍ମଚାରୀଙ୍କ ପାଉଣା ସମସ୍ୟାକୁ ନେଇ ଦୀର୍ଘ ଦିନରୁ ଦେଖା ଦେଇଥିବା ବିବାଦ ସମାଧାନ ହେବା ପରିବର୍ତ୍ତେ ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ଏହି କ୍ରମରେ ପୁଣିଥରେ ପୌର ସଫେଇ କର୍ମଚାରୀମାନେ ସେମାନଙ୍କ ୧୧ ମାସର ଇପିଏଫ ଟଙ୍କା ସେମାନଙ୍କ ଖାତାରେ ଜମା ହେଉନଥିବା ଦର୍ଶାଇ ପୌରପରିଷଦରେ ପରିମଳ ବ୍ୟବସ୍ଥା ପାଇଁ ନିୟୋଜିତ ଠିକା ସଂସ୍ଥା ମାଲିକ ବିରୁଦ୍ଧରେ ଦେବଗଡ଼ ପୌର ନିର୍ବାହୀ ଅଧିକାରୀଙ୍କ ଠାରେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାଇ ଦେବଗଡ଼ ପୌର ପରିଷଦ କାର୍ଯ୍ୟାଳୟ ପକ୍ଷରୁ ପୌରାଞ୍ଚଳ ପରିମଳ ବ୍ୟବସ୍ଥା ପାଇଁ ଆଉଟ୍‌ସୋର୍ସିଂରେ ଏକ ଠିକା ସଂସ୍ଥାକୁ ନିୟୋଜିତ କରାଯାଇଛି। ଉକ୍ତ ଆଉଟସୋର୍ସିଂ ଅଧୀନରେ ପୌରସଫେଇ କର୍ମଚାରୀମାନେ କାର୍ଯ୍ୟ କରୁଥିବା ବେଳେ ସେମାନଙ୍କ ଦରମା ଠିକ ଭାବେ ପାଇ ପାରୁ ନ ଥିବା ଏବଂ ଇପିଏଫ୍ ବାବଦ ଅର୍ଥ ସେମାନଙ୍କ ଦରମାରୁ କଟାଯାଇଥିବାବେଳେ ଦୀର୍ଘ ୧୧ ମାସ ଧରି ସେମାନଙ୍କ ଇପିଏଫ ଆକାଉଣ୍ଟ ରେ ଜମା କରାଯାଉନାହିଁ ବୋଲି ଲିଖିତ ଅଭିଯୋଗ କରାଯାଇଛି। ଏ ସମ୍ପର୍କରେ ପୌର ସଫେଇ କର୍ମଚାରୀ ମାନେ ବହୁବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ କରିବା ସହ ଆଜି ପୁଣିଥରେ ପୌରନିର୍ବାହୀ ଅଧିକାରୀଙ୍କ ଠାରେ ସେମାନଙ୍କ ନ୍ୟାୟ ଦାବି କରିଛନ୍ତି।

# ଆଦର୍ଶ ମହାବିଦ୍ୟାଳୟରେ ବିଭିନ୍ନ ପ୍ରତିଯୋଗିତା

**ଦେବଗଡ଼, ୧୯।୧୧ (ସମିସ):** ରାଷ୍ଟ୍ର ସଙ୍ଗୀତ ବନ୍ଦେମାତରାମର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ବିଦ୍ୟାର୍ଥୀ ମାନଙ୍କ ହୃଦୟରେ ଦେଶ ପ୍ରେମ ଭାବନା ସୃଷ୍ଟି କରିବା ଉଦ୍ଦେଶ୍ୟ ରେ ଆଜି ଭାରତୀୟ ପାରମ୍ପରିକ ପୋଷାକ ଉପରେ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏହା ବ୍ୟତୀତ ଯଥାକ୍ରମେ ପ୍ରବନ୍ଧ, ବକ୍ତୃତା, କୁଇଜ୍ ଓ ପେଣ୍ଟିଂ ପ୍ରତିଯୋଗିତା ଆଦି ଆଦର୍ଶ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଉତ୍ସାହର ସହ ବିଦ୍ୟାର୍ଥୀମାନେ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତା ଗୁଡ଼ିକୁ ଅଧ୍ୟାପିକା ଶତରୁପା ମିଶ୍ର, ସଞ୍ଜିତା ଜେନା, ସୁଭଦ୍ରା ନାୟକ, ଅଧ୍ୟାପକ ବିକ୍ରମ କୁମାର ଜେନା ଏବଂ ଡ. ଯଶୋବନ୍ତ ସାହୁ ପରିଚାଳନା କରିଥିଲେ।

# କୁଳିତା ବିକାଶ ମଞ୍ଚ ପକ୍ଷରୁ ଥାନା ଅଧିକାରୀଙ୍କୁ ସମ୍ବର୍ଦ୍ଧନା



**ଝାରସୁଗୁଡ଼ା, ୧୯ ।୧୧(ସମିସ):** କେନ୍ଦ୍ରୀୟ ଗୃହମନ୍ତ୍ରୀ ଦକ୍ଷତା ପଦକ ପାଇବାରେ ବ୍ରଜରାଜନଗର ଥାନା ଅଧିକାରୀ ଧବଳେଶ୍ୱର ସାହୁ ଅନ୍ୟତମ। ଏଥିପାଇଁ କୁଲତା ସମାଜରେ ଆନନ୍ଦର ଲହରୀ ଖେଳିଯାଇଛି। କୁଲତା ମହାସଭା ସଭାପତି ସନ୍ତୋଷ ବଡ଼େଇଙ୍କ ସହ ବ୍ରଜରାଜନଗର କୁଳିତା ବିକାଶ ମଞ୍ଚ ପକ୍ଷରୁ ଥାନା ଅଧିକାରୀ ଧବଳେଶ୍ୱର ସାହୁଙ୍କୁ ସମର୍ଦ୍ଧନା ଜ୍ଞାପନ କରାଯାଇଛି। ବ୍ରଜରାଜନଗର କୁଳିତା ବିକାଶ ମଞ୍ଚର ସମସ୍ତ ସଦସ୍ୟ ତାଙ୍କର ଏହି ସଫଳତା ପାଇଁ ଆମେ କୁଳିତା ସମାଜ ଆଜି ଗର୍ବିତ ବୋଲି ମତବ୍ୟକ୍ତ କରିଥିଲେ। ଧବଳେଶ୍ୱର ସାହୁ ବ୍ରଜରାଜନଗରରେ ଯୋଗଦେବା ପରେ ଅପରାଧ ନିୟନ୍ତ୍ରଣ ନେଇ ନେଉଥିବା ପଦକ୍ଷେପକୁ କୁଲତା ସମାଜ ସଭାପତି ଏବଂ ପ୍ରତିନିଧି ମଣ୍ଡଳୀ ପ୍ରଶଂଶା କରିଥିଲେ। ଏହି ସମ୍ବର୍ଦ୍ଧନା ସଭାରେ ସନ୍ତୋଷ ବଢେଇ, ସୁରଥ ସାହୁ, ନନ୍ଦକିଶୋର ପ୍ରଧାନ, ହୃଦାନନ୍ଦ ମାଝୀ, ପ୍ରେମାନିଧି ପ୍ରଧାନ, ତୁଳାରମ୍ ପ୍ରଧାନ, ଚନ୍ଦ୍ରମଣି ସାହୁ, ସୀତାରାମ ପ୍ରଧାନ, ହେମାସାଗର ବାରିକ, ରଞ୍ଜିତ ପ୍ରଧାନ, ତ୍ରିଲୋଚନ ବଢେଇ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ସର୍ଗିଫୁଲ'

**ଦେବଗଡ଼, ୧୯ ।୧୧(ସମିସ)**

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟରେ ଜିଲ୍ଲାସ୍ତରୀୟ ବାର୍ଷିକ ଶିଶୁ ମହୋତ୍ସବ 'ସର୍ଗିଫୁଲ' ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ଓ ସମ୍ମାନିତ ଅତିଥିଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧିରଜ୍ ଚୋପରଦାର, ତିଳେଇବଣି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସିକା ସନ୍ଧ୍ୟା ମାଝୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ଜିଲ୍ଲା ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସାଧିକାରୀ ଧନଞ୍ଜୟ ମହନ୍ତ ଓ ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷ ସନ୍ତୋଷ କୁମାର ଗୌଡ଼ ମଞ୍ଚାସିନ ଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ବିଲୁଙ୍ଗ ସର୍ଗିଫୁଲକୁ ପବିତ୍ରତାର ପ୍ରତୀକ ବୋଲି ସମ୍ବୋଧିତ କରିବା ସହ କୁନି ଛାତ୍ରଛାତ୍ରୀମାନେ ମଧ୍ୟ ସରଳ ଓ ପବିତ୍ର ତେଣୁ ପିଲାମାନଙ୍କ ଦକ୍ଷତା ବୃଦ୍ଧି ସହ ସେମାଙ୍କର ଅନ୍ତର୍ନିହିତ ପ୍ରତିଭା ପରିପ୍ରକାଶ କରିବା ହିଁ ସର୍ଗିଫୁଲର ଉଦ୍ଦେଶ୍ୟ ବୋଲି ମତବ୍ୟକ୍ତେ କରିଥିଲେ। ଏହି ଅବସରରେ ବିଭାଗ ଅଧୀନରେ ଥିବା ସରକାରୀ ଏବଂ ଆଶ୍ରମ ବିଦ୍ୟାଳୟ ଛାତ୍ରଛାତ୍ରୀ ଯୋଗଦେଇ କନିଷ୍ଠ ଓ ବରିଷ୍ଠସ୍ତରରେ ଆୟୋଜିତ ବକ୍ତୃତା, ସଙ୍ଗୀତ, ଚିତ୍ରାଙ୍କନ, ଏକକ ଅଭିନୟ, ଏକକ ନୃତ୍ୟ, ଦଳଗତ ନୃତ୍ୟ ଓ ଜଣାଅଜଣା ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।



## ତାଳପଦରରେ ରକ୍ତଦାନ ଶିବିର

**ବିଜେପୁର, ୧୯।୧୧(ସମିସ):** ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ତାଳପଦର ଠାରେ ଭାରତୀୟ ଜନତା ପାର୍ଟି ତରଫରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରୁ ୩୦ ୟୁନିଟ ରକ୍ତ ସଂଗୃହୀତ ହୋଇଛି। ମୁଖ୍ୟ ଅତିଥି ବିଜେପୁର ବିଧାୟକ ସନତ ଗଡ଼ତୀୟା ଶିବିରକୁ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ପରିଷଦ ସୁଶାନ୍ତ ଗଡ଼ତୀୟା, ମଣ୍ଡଳ ସଭାପତି ଆଶୁତୋଷ ମେହେର, ବିଜେପି ନେତା ଯୋଗୀନ୍ଦ୍ର ପଧାନ, ମହେଶ ଦେବତା ପ୍ରମୁଖ ଉପସ୍ଥିତ ଥିଲେ। ବୁର୍ଲା ରକ୍ତଭଣ୍ଡାର କର୍ମଚାରୀ ରକ୍ତ ସଂଗ୍ରହ କରିଥିବା ବେଳେ ଭାଜପା କର୍ମୀ ସଞ୍ଜୀବ ପଧାନ, ସୁରେଶ ପଧାନ, ହୃଦମଣି ସାହୁ, ଚନ୍ଦ୍ରଭାନୁ ରଣାଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।

## ସ୍ନାତକୋତ୍ତର ଇତିହାସ ବିଭାଗରେ ପାଠଚକ୍ର

**ବରଗଡ଼, ୧୯।୧୧(ସମିସ):** ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟର ସ୍ନାତକୋତ୍ତର ଇତିହାସ ବିଭାଗ ଦ୍ୱାରା ବିଭାଗୀୟ ପାଠଚକ୍ର ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ତଥା ସ୍ନାତକୋତ୍ତର ଇତିହାସ ବିଭାଗ ମୁଖ୍ୟ ପ୍ରଫେସର ଡ.ନକୁଳ ସେଠ୍ ସଭାରେ ଅଧ୍ୟକ୍ଷତା କରିଥିଲେ। ସେମିନାରର ଶୀର୍ଷକ ଉପରେ ସୂଚନା ପ୍ରଦାନ କରିଥିଲେ। ପାଠଚକ୍ର ଝରଣା ବିଶ୍ୱାଳ, ଡ.ପୁଷ୍ପିତାରାଣୀ ବେହେରା, କ୍ରିଷ୍ଣକାନ୍ତ ଲାହାଙ୍ଗିର, ଅଜିତ ସାହୁ ଏବଂ ବିରେନ ପଶାୟତ ପ୍ରମୁଖ ବିଭାଗର ଅଧ୍ୟାପକ ଅଧ୍ୟାପିକାଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ସ୍ନାତକୋତ୍ତର ତୃତୀୟ ସେମିଷ୍ଟାରର ଛାତ୍ରଛାତ୍ରୀ ଲିଙ୍କନ ପଧାନ, ରାଜନ ସାହୁ, ରାଜେଶ୍ୱରୀ ବିଶି ଏବଂ ବର୍ଷାରାଣୀ ସାହୁ ପାଠଚକ୍ର ଶୀର୍ଷକକୁ ନେଇ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ସହକାରୀ ପ୍ରଫେସର ଡ.ପୁଷ୍ପିତାରାଣୀ ବେହେରା 'ପର୍ଯ୍ୟଟନ' ସମ୍ପର୍କରେ ବକ୍ତବ୍ୟ ପ୍ରଦାନ ସହ ଏହାର ଐତିହାସିକ ପ୍ରାସଙ୍ଗିକତା ଏବଂ ସମସାମୟିକ ପ୍ରୟୋଜନୀୟତା ଉପରେ ଆଲୋକପାତ କରିଥିଲା। ଅଧ୍ୟାପକ କ୍ରିଷ୍ଣକାନ୍ତ ଲାହାଙ୍ଗୀର ଗୂଢ଼ ପ୍ରତ୍ନତାତ୍ତ୍ୱିକ ଏବଂ ବ୍ୟାଖ୍ୟାମୂଳକ ବିଷୟ 'ଭାରତୀୟ ପ୍ରସ୍ତର କଳା ଓ ସ୍ଥାପତ୍ୟ' ସମ୍ପର୍କରେ ବକ୍ତୃତା ପ୍ରଦାନ କରିଥିଲେ।

## ଯକ୍ଷ୍ମାରୋଗୀଙ୍କୁ ପୋଷ୍ୟ ଗ୍ରହଣ

**ଅମ୍ବାଭୋନା, ୧୯।୧୧(ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧୀନ ଭୁକ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ମୁଖ୍ୟ ଡ.ପୀତବାସ ପଧାନଙ୍କ ଆହ୍ୱାନ କ୍ରମେ ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅଧୀନରେ ନିକ୍ଷୟ ମିତ୍ର ହୋଇ ୫ ଜଣ ଯକ୍ଷ୍ମାରୋଗୀଙ୍କୁ ପୋଷ୍ୟ ଭାବେ ଗ୍ରହଣ କରି ପୁଷ୍ଟିକର ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଛି। ଅମ୍ବାଭୋନା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡ.ପ୍ରଶାନ୍ତ ପଣ୍ଡା ନିକ୍ଷୟ ମିତ୍ର ହୋଇ ୫ ଜଣ ଯକ୍ଷ୍ମା ରୋଗୀଙ୍କୁ ସ୍ୱହସ୍ତରେ ପୁଷ୍ଟିକର ଖାଦ୍ୟ ସାମଗ୍ରୀ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମକୁ ଯକ୍ଷ୍ମା ସୁପରଭାଇଜର ଶଙ୍କର ପ୍ରସାଦ ମେହେର ପରିଚାଳନା କରିଥିଲେ। ସ୍ଥାନୀୟ ଡ.ଆଦର୍ଶ ତୋମାର, ଫାର୍ମାସିଷ୍ଟ ଅମିତ ନାଏକ, ପୁରୁଷ ସ୍ୱାସ୍ଥ୍ୟକର୍ମୀ ଲିଙ୍ଗରାଜ ପ୍ରଧାନ, ଜୟପ୍ରକାଶ ମହାପାତ୍ର ତଥା ସ୍ଥାନୀୟ ସ୍ୱାସ୍ଥ୍ୟ କର୍ମଚାରୀ ଗଣ ଉପସ୍ଥିତ ଥିଲେ।

## ପଞ୍ଚମ ପଦ୍ମପୁର ଲୋକ ମହୋତ୍ସବ ପାଇଁ ମଞ୍ଚ ପୂଜା

**ପଦ୍ମପୁର, ୧୯।୧୧(ସମିସ):** ବରଗଡ଼ ଜିଲ୍ଲା ପଦ୍ମପୁର ଠାରେ ଅନୁଷ୍ଠିତ ହେଉଥିବା ପଞ୍ଚମ ପଦ୍ମପୁର ଲୋକ ମହୋତ୍ସବ ପାଇଁ ମଞ୍ଚ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କଳା ଓ କଳାକାର ମାନଙ୍କୁ ଲୋକାଭିମୁଖୀ ସହ ବୁଢ଼ା ସମ୍ବର ଲୋକ ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିବା ସଙ୍କଳ୍ପ ନେଇ ଏହି ମହୋତ୍ସବ ଅନୁଷ୍ଠିତ ହେଉଛି। ଏହି ଉପଲକ୍ଷେ ପଦ୍ମପୁର ଅଶୋକ ପଡ଼ିଆରେ ନିର୍ମିତ ହେଉଥିବା ମଞ୍ଚର ପୂଜାର୍ଚ୍ଚନା ହୋଇଯାଇଛି। ପଦ୍ମପୁର ଟାଉନ୍ କ୍ଲବ୍ ସଭାପତି ଯୁବନେତା ପ୍ରିତେଶ ବହିଦାର କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ସ୍ଥାନୀୟ ପୂଜକ ସୁବ୍ରତ ମିଶ୍ରଙ୍କ ଦ୍ୱାରା ମଞ୍ଚ ପୂଜା ଅନୁଷ୍ଠିତ ହୋଇଥିଲା। ପୂଜାରେ ପଦ୍ମପୁର ଲୋକ ମହୋତ୍ସବ ଆବାହକ ଅଶୋକ ମିଶ୍ର, ସହ ଆବାହକ କୁନାଲ ପାଣିଗ୍ରାହୀ, ସଦସ୍ୟ ନରେଶ ସୁନ୍ଦର ସାହୁ, ପ୍ରଫେସର କେଶବ ରଞ୍ଜନ ପ୍ରଧାନ, ନାଟ୍ୟକାର ଅଶୋକ ବହିଦାର, ରମେଶ ଗୁର୍ଲ୍ଲା, ସୁରେନ୍ଦ୍ର ସାହୁ, ରାଜେଶ ଗୁର୍ଲ୍ଲା, ସମ୍ୟାର୍କ ପଟନାୟକ, ନରୋତମ ପ୍ରଧାନ, ପ୍ରମୋଦ ମେହେର, ଅଖିଳ ପଟନାୟକ, ଦୀନେଶ ବାରିକ, ସୁରଜ ସୁନା, ସୁରେଶ ସାହୁ, ସୋମେଶ ମୋହାନ୍ତି, ନାରାୟଣ ପୁରୋହିତ, ପାଲି ସିଂ, ନିରୋଜ ସିହ୍ନକ୍ଷ, ସିପନ ପୁରୋହିତ, ଗୋପବନ୍ଧୁ ଶିକା, ରାଣା ଭୋଇ, ଗଣ ବଗର୍ତି, ଅନିଲ ଗୁର୍ଲ୍ଲା, ଟେନେଶ ପଣ୍ଡା, ବିଜୟ ଦୋରା, ହରେଶ ଷଣ୍ଢ, ନିରୋଦ, ରାହୁଲ ତାଣ୍ଡି, ସୁରେନନ୍ଦ୍ର ଲୁହାର, ହରେଶ, ଅମୀର ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ଡିସେମ୍ବର ୯ ସାଂସ୍କୃତିକ ଶୋଭାଯାତ୍ରାରୁ ପଦ୍ମପୁର ଲୋକ ମହୋତ୍ସବ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି।

## ବିହାରୀ ଯୁବକଙ୍କ ଶବ ସତ୍କାର କଲା ନିଷ୍ଠା ପରିବାର

**ବରଗଡ଼, ୧୯।୧୧(ସମିସ):** ବରଗଡ଼ ସ୍ଥିତ ନାଗେନ ପାଲି ଛକ ନିକଟରେ ଗତ ଶୁକ୍ରବାର ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିବା ଜଣେ ବିହାରୀ ଯୁବକଙ୍କ ଆଜି ନିଷ୍ଠା ପରିବାର ପକ୍ଷରୁ ଶବ ସତ୍କାର କରାଯାଇଛି। ଯୁବକ ଜଣକ ବିହାର ବଳଭଦ୍ର ପୁରର ଜିତେନ୍ଦ୍ର ସଦା (୨୫) ବୋଲି ଜଣାପଡ଼ିଥିଲା। ସେ ବରଗଡ଼ରେ ରହି କାମ କରୁଥିଲେ। ନିଷ୍ଠା ପରିବାର ତରଫରୁ ପୁଲିସ ଉପସ୍ଥିତିରେ ତାଙ୍କ ମରଶରୀରକୁ ଶବ ସଂରକ୍ଷଣ କକ୍ଷରେ ରଖାଯାଇଥିଲା। ନିଷ୍ଠା ପରିବାରର ସଭାପତି ଅଶ୍ୱିନୀ ତ୍ରିପାଠୀ ତାଙ୍କ ସ୍ତ୍ରୀ ରମ୍ଭା ଦେବୀଙ୍କ ସହ କଥାବାର୍ତ୍ତା ହୋଇଥିଲେ। ସେଥିରୁ ତାଙ୍କର ଆର୍ଥିକ ସ୍ଥିତି ସମ୍ପୂର୍ଣ୍ଣ ଦୁର୍ବଳ, ବାପା ଡାକ୍ତରଖାନାରେ ଥିବା ବେଳେ ମା' ମଧ୍ୟ ଅସୁସ୍ଥ ଓ ମାତ୍ର ଦୁଇ ବର୍ଷର ଗୋଟିଏ ଝିଅ ରହିଥିବା ଜଣା ପଡ଼ିଥିଲା। ଯିବା ଆସିବା ଖର୍ଚ୍ଚ ନିଷ୍ଠା ପରିବାର ବହନ କଲେ ମଧ୍ୟ ସେମାନେ ବରଗଡ଼ ଆସିବାକୁ ଅସମର୍ଥ ବୋଲି କହିଥିଲେ। ଏ ନେଇ ବରଗଡ଼ ବିହାରୀ ସମାଜର ସଭାପତି ବିଜୟ ସାହା ମଧ୍ୟ ଜିତେନ୍ଦ୍ରଙ୍କ ପରିବାର ସହ କଥାବାର୍ତ୍ତା ହୋଇଥିଲେ। ମାତ୍ର ସେମାନେ ଆସିବାକୁ ଅକ୍ଷମତା ପ୍ରକାଶ କରିବା ସହ ନିଷ୍ଠା ପରିବାରକୁ ଶବ ସତ୍କାର ପାଇଁ ଅନୁରୋଧ କରିଥିଲେ। ଗ୍ରାମାଞ୍ଚଳ ଥାନା ଅଧିକାରୀ ସୁଶାନ୍ତ ଦାସଙ୍କ ସହ ଏନେଇ ଆଲୋଚନା କରାଯାଇଥିଲା। ଶବ ବ୍ୟବଚ୍ଛେଦ ସରିବା ପରେ ଶବ ସତ୍କାର ପାଇଁ ଅନୁମତି ପତ୍ର ନିଷ୍ଠା ପରିବାରକୁ ମିଳିଥିଲା। ନିଷ୍ଠା ପରିବାର ତରଫରୁ ସସମ୍ମାନେ ତାଙ୍କର ଶବ ସତ୍କାର କରାଯାଇଥିଲା। ଏହି କାମରେ ମାଜିଷ୍ଟ୍ରେଟ ଭାବେ ବରଗଡ଼ ତହସିଲଦାର ସୋନାଲି ପଟ୍ଟନାୟକ, ଗ୍ରାମାଞ୍ଚଳ ଥାନା ଏଏସଆଇ ରେଣୁକା ଏକ୍କା, ନିଷ୍ଠା ପରିବାରର ସଂଯୋଜକ ମାନସ ମେହେର, ଅମିତ ଭୋଇ ଓ ଶୁଭ୍ରାଂଶୁ ସରାଫ ଉପସ୍ଥିତ ଥିଲେ।

### ରେଳ ବିଭାଗ ଦାୟିତ୍ୱହୀନତା

# ଖରା ବର୍ଷାରେ ଖତଖାଉଛି ଲକ୍ଷ ଲକ୍ଷ ଟଙ୍କାର ଗାଡ଼ି



**ବରଗଡ଼, ୧୯।୧୧(ସମିସ)**

ବରଗଡ଼ ରୋଡ ରେଲଷ୍ଟେସନ ୬୦ ବର୍ଷରୁ ଅଧିକ କାଳ ଧରି ଏ ଅଞ୍ଚଳର ଲୋକଙ୍କୁ ସେବା ଯୋଗାଇ ଦେଇଆସୁଛି। ଏହା ଏବେ ଏକ ଜିଲ୍ଲା ମୁଖ୍ୟାଳୟ ଷ୍ଟେସନ ହୋଇଥିବା ସହିତ ଏନ୍‌ଏସ୍‌ଜି ଗ୍ରେଡର ଷ୍ଟେସନ। ଏହି ଷ୍ଟେସନ ଉପରେ ବରଗଡ଼ ଜିଲ୍ଲା ବ୍ୟତୀତ ଛତିଶଗଡ଼ର ସୀମାନ୍ତରେ ଥିବା ସରାଇପାଲି, ବସନା ଅଞ୍ଚଳର ଲୋକେ ନିର୍ଭର କରୁଛନ୍ତି। ଏଠାରେ ଥିବା ପାର୍କିଂରେ ପ୍ରତ୍ୟହ ୩୦୦/୪୦୦ ଗାଡିରହୁଛି। ଲୋକେ ନିଶ୍ଚିନ୍ତ ହୋଇ ନିଜ ବାହନକୁ ୮/୧୦ ଦିନ ପର୍ଯ୍ୟନ୍ତ ରଖି ଯାତ୍ରା କରୁଛନ୍ତି। ସେଥିପାଇଁ, ଶହଶହ ଟଙ୍କା ମଧ୍ୟ ପାର୍କିଂ ଫି ଦେବାକୁ ପଡୁଛି। କିନ୍ତୁ ପାର୍କିଂ ଫି ଅନୁଯାୟୀ ଆବଶ୍ୟକ ସେବା ମିଳୁନାହିଁ। ଦିନ ଦିନ ଧରି ଖରା, ବର୍ଷା ଓ ଶୀତରେ ଖୋଲା ଆକାଶ ତଳେ ଗାଡିଗୁଡିକ ପଡ଼ିରହୁଛି। ଲକ୍ଷାଧିକ ଟଙ୍କାର ଗାଡି ଗୁଡ଼ିକ ଏପ୍ରିଲ ଓ ମେ ମାସର ଦ୍ୱିପ୍ରହରର ୪୫/୪୭ ଡିଗ୍ରୀ ତାପମାତ୍ରାରେ, ଶୀତଦିନେ ୫/୬ ଡିଗ୍ରୀ ଥଣ୍ଡାରେ ଓ ବର୍ଷା ଦିନର ପ୍ରବଳ ବର୍ଷାରେ ଖୋଲା ଆକାଶ ତଳେ ରହୁଛି। ରେଳବିଭାଗର ଏଥିପ୍ରତି ନିଘା ନାହିଁ। ରେଲଷ୍ଟେସନ ଗୁଡିକର କାୟାକଳ୍ପ ହେବା ସହିତ ଅନେକ ବିକାଶମୂଳକ କାର୍ଯ୍ୟ କରାଯାଉଛି। ପ୍ଲାଟଫର୍ମ ସେଡ୍‌କୁ ମଧ୍ୟ ଆହୁରି ଲମ୍ବା କରାଯାଉଛି। ହେଲେ ପାର୍କିଂ ଫି ଦେଇ ରଖୁଥିବା ଲୋକଙ୍କ ଗାଡ଼ି ପ୍ରତି ରେଳବିଭାଗର ସାମାନ୍ୟ ଦୃଷ୍ଟି ପଡୁନାହିଁ। ତେଣୁ ବରଗଡ଼ ଷ୍ଟେସନର ପାର୍କିଂ ସ୍ଥଳରେ ୫୦୦ ଗାଡି ଛାଇ ତଳେ ରଖିବାର ବ୍ୟବସ୍ଥା କରିବା ପ୍ରତି ଦୃଷ୍ଟି ଦେଲେ ଲୋକେ ଉପକୃତ ହୁଅନ୍ତେ ବୋଲି ମତ ପ୍ରକାଶ ପାଇଛି।

## ବିଜୟ ରଞ୍ଜନ ସିଂ ବରିହାଙ୍କ ଜୟନ୍ତୀରେ ରକ୍ତଦାନ ଶିବିର

### ୫୦ ୟୁନିଟ ରକ୍ତ ସଂଗ୍ରହ

**ପଦ୍ମପୁର, ୧୯।୧୧(ସମିସ):** ସ୍ଥାନୀୟ ବିଜୁ ଜନତା ଦଳ କାର୍ଯ୍ୟାଳୟ ଠାରେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ବିଜୟ ରଞ୍ଜନ ସିଂ ବରିହାଙ୍କ ୬୮ ତମ ଜନ୍ମ ଜୟନ୍ତୀ ଅବସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଧାୟିକା ବର୍ଷା ସିଂ ବରିହା ଓ ତାଙ୍କ ଭାଇ ଭୋଜରାଜ୍ ସିଂ ବରିହା ରାଜଘାଟ ସ୍ଥିତ ସ୍ୱର୍ଗତ ବରିହାଙ୍କ ସମାଧି ପୀଠ ଓ ବଡ଼ବନ୍ଧ ଠାରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ସ୍ଥାନୀୟ ବିଜୁ ଜନତା ଦଳ କାର୍ଯ୍ୟାଳୟ ଠାରେ ରକ୍ତଦାନ ଶିବିରକୁ ଜୀବନ ବିନ୍ଦୁ ଜିଲ୍ଲା ସଂଯୋଜକ ଗୌରହରି ମିଶ୍ରଙ୍କ ସହ ଉଦ୍‌ଘାଟନ କରିଥିଲେ। ଶିବିରରୁ ୫୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ପଦ୍ମପୁର ରକ୍ତଭଣ୍ଡାରର ସଂଗ୍ରାମ କେଶରୀ ମହନ୍ତ, ସୁମିତ ସିହ୍ନା, ଦିପକ ସାହୁ ରକ୍ତ ସଂଗ୍ରହ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଶାନ୍ତ ମହାନ୍ତି, ବେଣୁ ମାଧବ ଦୋରା, ରବି ନାରାୟଣ ଦୋରା, ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ, କିଶୋର ମେହେର, ନିରୋଜ ଦୋରା ପ୍ରମୁଖ ଯୋଗ ଦେଇଥିବା ବେଳେ ଭରତ ପଣ୍ଡା, ସର୍ଜୁ ପଟ୍ଟନାୟକ, ଦେବାଶିଷ ପଟ୍ଟନାୟକ, ଦୁଷ୍ମନ୍ତ ପଟେଲ, ଚନ୍ଦନ ଚାନ୍ଦ, ଶିବାଶିଷ ପଟ୍ଟନାୟକ, ଲୋକନାଥ ମେହେର, ବବଲୁ ହୋତା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।





## ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗିତା: ଭାଗ ନେବେ ସଂକ୍ରି ବିଦ୍ୟାଳୟର ୨ ଛାତ୍ରଛାତ୍ରୀ



**ଝାରବନ୍ଧ, ୧୯।୧୧(ସମିସ):** ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକ ଅଧୀନ ସଙ୍କ୍ରି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୨ ଛାତ୍ରଛାତ୍ରୀ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତାରେ ୧୪ ବର୍ଷରୁ କମ ବାଳକ ଏବଂ ବାଳିକା କବାଡି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଉଭୟଙ୍କୁ ବୈତାଳି କ୍ଲଷ୍ଟର ସିଆରସିସି ଦିବସ ସାହୁ ମାନପତ୍ର ଏବଂ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ପଦ୍ମପୁର ଠାରେ ଜିଲ୍ଲାସ୍ତରୀୟ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେଥିରେ ସଙ୍କ୍ରି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀରେ ପଢୁଥିବା ଛାତ୍ର ପୀୟୂଷ ଦୂତ କଅଁରିଆ ଏବଂ ଛାତ୍ରୀ ଶାମୁକା ବିଶି ଚମତ୍କାର ପ୍ରଦର୍ଶନ କରିଛନ୍ତି। ଫଳରେ ସୁନ୍ଦରଗଡ଼ରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ମଙ୍ଗଳବାର ସିଆରସିସି ଶ୍ରୀ ସାହୁ ସଙ୍କ୍ରି ବିଦ୍ୟାଳୟକୁ ଯାଇ ଉଭୟଙ୍କୁ ସମ୍ବର୍ଦ୍ଧିତ କରିବା ସହ ଜଣେ ଛାତ୍ରୀ ସ୍ନେହା ଭୁଏଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରିଥିଲେ। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ମହେନ୍ଦ୍ର ବାରିକ, ସହକାରୀ ଶିକ୍ଷକ ସବିତ ମହାଲିଙ୍ଗ, ଜୋହନ ବାଗ, ସୂର୍ଯ୍ୟ ବରିହା, ନିରଞ୍ଜନ ଦେବତା ତଥା ଶିକ୍ଷୟିତ୍ରୀ ଶର୍ମିଷ୍ଠା ସ୍ୱାଇଁ, ଅମିତା ନାୟକ ପ୍ରମୁଖ ସହଯୋଗ କରିଥିଲେ। କବାଡି ପ୍ରତିଯୋଗିତାରେ ଉନ୍ନତ ପ୍ରଦର୍ଶନ ପାଇଁ ଝାରବନ୍ଧ ବିଇଓ ଶୁଭମ ପତିଙ୍କ ଉଦ୍ୟମରେ କ୍ରୀଡା ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ସହଯୋଗରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୧୭ ବର୍ଷରୁ କମ ବାଳକ ବିଭାଗ କବାଡି ଚାମ୍ପିଅନ ଏବଂ ୧୪ ବର୍ଷରୁ କମ ବିଭାଗର ରନର୍ସ ଅପ ବିବେଚିତ ହୋଇଥିଲେ। କ୍ରୀଡା ଶିକ୍ଷକ ସୁମନ୍ତ ସାହୁଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଚାଲିଥିଲା

## କନ୍ଦର୍ପ ବେହେରାଙ୍କୁ 'କାକା ମହତାବ ଶିଶୁ ସାହିତ୍ୟ ସମ୍ମାନ'

**ବରଗଡ଼, ୧୯।୧୧(ସମିସ):** ବରଗଡ଼ର ମହତାବ ଶିଶୁ ସାହିତ୍ୟ ସଂସଦ ତରଫରୁ ପ୍ରତିବର୍ଷ ପ୍ରଦାନ କରାଯାଉଥିବା ମର୍ଯ୍ୟାଦା ଜନକ 'କାକା ମହତାବ ଶିଶୁ ସାହିତ୍ୟ ସମ୍ମାନ' ଚଳିତ ବର୍ଷ ପାଇଁ ଡଇଁଚା, ରେଢ଼ାଖୋଲର ସୁପରିଚିତ ଶିଶୁ ସାହିତ୍ୟିକ କନ୍ଦର୍ପ ବେହେରାଙ୍କୁ ପ୍ରଦାନ କରାଯିବ। ଆସନ୍ତା ୨୧ ତାରିଖରେ ହେବାକୁ ଥିବା ସଂସଦର ୩୨ତମ ସମାବର୍ତ୍ତନ ଉତ୍ସବରେ ବେହେରାଙ୍କୁ ଅଙ୍ଗବସ୍ତ୍ର, ଉପାୟନ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯିବ ବୋଲି ସଂସଦର ସଭାପତି ଗୋପବନ୍ଧୁ ପୁରୋହିତ ଓ ସମ୍ପାଦକ ଡ.ରବିନାରାୟଣ ସାହୁ ସୂଚିତ କରିଛନ୍ତି। ଏହି ସମ୍ମାନ ଦୀର୍ଘ ବର୍ଷ ଧରି ରାଜ୍ୟର ପ୍ରତିଷ୍ଠିତ ଶିଶୁ ସାହିତ୍ୟିକ ମାନଙ୍କୁ ଉତ୍କଳ କେଶରୀ ଡ.ହରେକୃଷ୍ଣ ମହତାବଙ୍କ ଜନ୍ମ ବାର୍ଷିକୀ ଓ ସଂସଦର ବାର୍ଷିକୋତ୍ସବ ଅବସରରେ ପ୍ରଦାନ କରାଯାଉଛି। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପରିଚିତି ହାସଲ କରିଥିବା ପ୍ରତିଭାବାନ ଶିଶୁ ମାନଙ୍କୁ ମଧ୍ୟ ପୁରସ୍କୃତ କରାଯିବାର କାର୍ଯ୍ୟକ୍ରମ ଅଛି।



## ଚାଷୀଙ୍କ ଧାରଣାକୁ କଂଗ୍ରେସର ସମର୍ଥନ



**ବରଗଡ଼, ୧୯।୧୧(ସମିସ):** ବରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଅନ୍ନଦାତା ଚାଷୀଭାଇଙ୍କ ଧାରଣାକୁ ଜିଲ୍ଲା ବରଗଡ଼ କଂଗ୍ରେସ ସମ୍ପୂର୍ଣ୍ଣ ସମର୍ଥନ ଜଣାଇଛି। ଜିଲ୍ଲା କଂଗ୍ରେସ ସଭାପତି ହରଦୀପ ସିଂହଙ୍କ ସଭାପତିତ୍ୱରେ ଏକ ପ୍ରତିନିଧି ଦଳ ଗାନ୍ଧୀ ଛକ ଠାରେ ଏକତ୍ରିତ ହୋଇ ଏକ ଶୋଭାଯାତ୍ରାରେ ବାହାରି ଅନଶନରେ ସାମିଲ ହୋଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲ। ଏହି କାର୍ଯ୍ୟକ୍ରମରେ ଯୁଗଳ ପ୍ରସାଦ ସିଂହ, ବ୍ରହ୍ମାନନ୍ଦ ମହାକୁଡ, କିଶୋର ଦଫାଦାର, ଅଭିଷେକ ସେଠ, ଦିଲିପ ପଣ୍ଡା, ପ୍ରତାପ ଚନ୍ଦ୍ର ନାୟକ, ରବିନାରାୟଣ ଦାଶ, ଆନନ୍ଦ ପ୍ରଧାନ, ଗୁଣ ମଣି ସାହୁ, ଜତିରଞ୍ଜନ ପୁଝାରୀ, ମନୋହର ପ୍ରଧାନ, ସୁଶାନ୍ତ ସାହୁ, ଉପେନ୍ଦ୍ର ବାଗ, ବିମଳ ଶିକ୍କା, ତୁଳସୀ ବେହେରା, ଗୁଣନିଧି ମିଶ୍ର, ପ୍ରେମରାଜ ଭୁଏ, ଖିରସିନ୍ଧୁ ସେଠ୍, ଚିନ୍ତାମଣି ସାହୁ, ସନ୍ତୋଷ ଶତପଥୀ, ରାହୁଲ ସାହୁ, ଅନିଲ ପ୍ରଧାନ, ଗୁରୁଦେବ ସାହୁ, ରାଜେଶ ପ୍ରଧାନ, ଉମେଶ ସାହୁ, ବାବୁଲିକୁମ୍ଭାର, ମିନାକ୍ଷୀ ସାହୁ, ସଞ୍ଜୟ ନନ୍ଦ, ଗଣେଶ ପ୍ରଧାନ, ଠାଗୁ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ଜନତା ହାଇସ୍କୁଲରେ କ୍ୟାରିୟର ଗାଇଡାନ୍ସ ଓ ସଚେତନତା କାର୍ଯ୍ୟକ୍ରମ

**ବରଗଡ଼, ୧୯।୧୧(ସମିସ):** ବରଗଡ଼ ଜିଲ୍ଲା ଅତାବିରା ବ୍ଲକ ଅଧୀନ ଗୋଡଭଗା ସ୍ଥିତ ଜନତା ହାଇସ୍କୁଲରେ କ୍ୟାରିୟର ଗାଇଡାନ୍ସ ପାଇଁ ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ସଚେତନତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅଭିଜିତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ଅତାବିରା ବ୍ଲକ ଶିକ୍ଷା ଅଧିକାରୀ ମିଶ୍ରାଣୀ କୁମ୍ଭାର, ସମ୍ମାନିତ ଅତିଥି ଭାବେ ଏବିଇଓ କାର୍ତ୍ତିକ ବାଗ ଯୋଗ ଦେଇଥିଲେ। ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ କ୍ୟାରିୟର ସମ୍ବନ୍ଧୀୟ ପରାମର୍ଶ ପ୍ରଦାନ କରିବା ପାଇଁ ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ଆୟୋଜିତ ପ୍ରଶିକ୍ଷଣ ଶିବିରର ପ୍ରଥମ ଦିବସରେ ଜିଲ୍ଲା ଶିକ୍ଷକ ଓ ଶିକ୍ଷା ପ୍ରତିଷ୍ଠାନ ବରଗଡ଼ର ବରିଷ୍ଠ ପ୍ରଶିକ୍ଷକ ଗଗନ ବେହେରା, ଜନତା ହାଇସ୍କୁଲ ଭୁକ୍ତାର ବିଜ୍ଞାନ ଶିକ୍ଷକ ସଞ୍ଜୟ ଖମାରୀ, ଜନତା ହାଇସ୍କୁଲ ଗୋଡଭଗାର ଶିକ୍ଷୟିତ୍ରୀ କଲ୍ୟାଣୀ ସାମନ୍ତ ଏବଂ ଅତାବିରା ହାଇସ୍କୁଲର ଶିକ୍ଷକ ଆଶୁତୋଷ ବିଶ୍ୱାଳ ଯୋଗ ଦେଇଥିଲେ। ଶିକ୍ଷକ ଶିକ୍ଷୟିତ୍ରୀ ଶିକ୍ଷାର୍ଥୀମାନଙ୍କର ଆତ୍ମବିଶ୍ୱାସ ଓ ବ୍ୟକ୍ତିତ୍ୱର ବିକାଶ କରିବା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଶିବିରରେ ଅତାବିରା ଏବଂ ଭେଡେନ ବ୍ଲକର ସମସ୍ତ ହାଇସ୍କୁଲ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସିଆରସିସି ରଶ୍ମୀରାଣୀ ନନ୍ଦ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ପ୍ରଶିକ୍ଷକ ସଞ୍ଜୟ ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଭିନ୍ନ ସ୍କୁଲରେ ବିଜ୍ଞାନ ମେଳା









### ଅତାବିରା ବ୍ଲକ୍‌ସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

**ଅତାବିରା, ୧୯।୧୧(ସମିସ)**

ଅତାବିରା ବ୍ଲକ୍ ବୁଗବୁଗା ପଞ୍ଚାୟତ ଅଧୀନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗରିଆଟିକ୍ରା ଠାରେ ବ୍ଲକ ଶିକ୍ଷା ଅଧିକାରୀ ମିଶ୍ରାଣୀ କୁମ୍ଭାରଙ୍କ ସଭାପତିତ୍ୱରେ ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ୨୦୨୫ର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ, ସମ୍ମାନିତ ଅତିଥି ରୂପେ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଧୀରଜ ପଟ୍ଟନାୟକ, ଜିଲ୍ଲା ପଞ୍ଚସଖା ଶିକ୍ଷାର ସଂଯୋଜକ ପ୍ରିୟବ୍ରତ ସାହୁ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ତ୍ତିକ ବାଗ, ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରାପ୍ତ ବିଜ୍ଞାନ ଶିକ୍ଷକ ଅମ୍ଲାନ ପାଣ୍ଡିଆ ଓ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ କର ମଞ୍ଚାସୀନ ଥିଲେ। ଏହି ଅବସରରେ ଗରିଆଟିକ୍ରା ଗ୍ରାମବାସୀ ବିଦ୍ୟାଳୟର ପଞ୍ଚଶିକ୍ଷା ସେତୁକୁ ଏକ ଲକ୍ଷ ଟଙ୍କା ଦାନ କରିଥିଲେ। ଏହି ପ୍ରଦର୍ଶନୀରେ ମୋଟ ୧୩୭ଟି ପ୍ରକଳ୍ପ ପ୍ରଦର୍ଶନ ହୋଇଥିଲା। ବିଜ୍ଞାନ, ଗଣିତ, ପ୍ରଯୁକ୍ତି ବିଦ୍ୟା ଓ ଯାନ୍ତ୍ରିକ ଅଭିକଳ୍ପ ପ୍ରସଙ୍ଗକୁ ନେଇ ୭ଟି ଉପପ୍ରସଙ୍ଗରେ ପ୍ରଦର୍ଶନୀ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ସାଂସଦ ବରଗଡ଼ ପ୍ରଦୀପ୍ତ ପୁରୋହିତ ଯୋଗ ଦେଇଥିଲେ। ସ୍ୱତନ୍ତ୍ର ଅତିଥି ରୂପେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବରଗଡ଼ ସରୋଜ ଭୁଏ ଓ ବିନୟ ସଏ, ସମ୍ମାନିତ ଅତିଥିରୂପେ ସାଂସଦ ପ୍ରତିନିଧିକୁଶକୁମ୍ଭାର, ସ୍ଥାନୀୟ ବିଦ୍ୟାଳୟର ଚେୟାରମ୍ୟାନ ଚିତ୍ତରଞ୍ଜନ ପଧାନ, ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପତ୍ରାପାଲି ପ୍ରଧାନଶିକ୍ଷକ ଟୁନା କର୍ଣ୍ଣ ମଞ୍ଚାସୀନ ଥିଲେ। ବିଜ୍ଞାନ କୁଇଜରେ ସର୍ବକନିଷ୍ଠ, କନିଷ୍ଠ, ବରିଷ୍ଠ ବିଭାଗରେ ଯଥାକ୍ରମେ ଅସ୍ମିତା ସାହୁ, ରିତେଶ୍ୱରି ଦୀପ, ଅଦ୍ୟାଶା ପଣ୍ଡା ପ୍ରଥମ ସ୍ଥାନ ଅଧିକାର କରିଥିଲେ। ବିଜ୍ଞାନ ପ୍ରଦର୍ଶନୀରେ ସର୍ବକନିଷ୍ଠ, ୭ଟି ଉପପ୍ରସଙ୍ଗରେ ହୋଇଥିବା ପ୍ରତିଯୋଗିତାରେ ରିୟାଂଶୁ ସାହୁ, ଯଶ୍ମିନ୍ ଭୋଇ, ପୁରୁଷୋତ୍ତମ ପଣ୍ଡା, ଅଙ୍କିତା ଛନ୍ଦ, ପ୍ରତ୍ୟୁଷ ପ୍ରଧାନ, ଅନନ୍ୟା ଛନ୍ଦ, ଦିବ୍ୟଶ୍ରୀ ଭୋଇ, ଲୋକନାଥ ସାହୁ ପ୍ରଥମ ସ୍ଥାନ ଅଧିକାର କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ସାଂସଦ ଶ୍ରୀ ପୁରୋହିତ ପୁରସ୍କୃତ କରିଥିଲେ। ସିଆରସିସି ନନ୍ଦିଘୋଷ ଭୁଏ ଧନ୍ୟବାଦ୍ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ, ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ, ବିଦ୍ୟାଳୟର ସମସ୍ତ ସିଆରସିସି, ଶିକ୍ଷକ ଶିକ୍ଷୟିତ୍ରୀ, ଗରିଆଟିକ୍ରା ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ସଦସ୍ୟା, ଗ୍ରାମବାସୀ ସହଯୋଗ କରିଥିଲେ। ସିଆରସିସି ରଶ୍ମିରାଣୀ ନନ୍ଦ, କେଶବ ଛନ୍ଦ, ରଞ୍ଜନ ବାଗ, ଶିକ୍ଷକ ମନୋରଞ୍ଜନ ମିଶ୍ର, ଧର୍ମେନ୍ଦ୍ର ପତି ପ୍ରମୁଖ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ।

### ନିବେଦିତା ପବ୍ଲିକ୍ ସ୍କୁଲ

**ଭଟଲି:** ବରଗଡ଼ ଜିଲ୍ଲା ଭଟଲି ନିବେଦିତା ପବ୍ଲିକ୍ ସ୍କୁଲ ସୁକୁଡା ପରିସରରେ ବିଜ୍ଞାନ ଓ ହସ୍ତଶିଳ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଦ୍ୱିଦିବସୀୟ ଉତ୍ସବରେ ସ୍କୁଲ ଅଧ୍ୟକ୍ଷ ବିରେନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିଲେ। ଉଦ୍‌ଯାପନୀ ସଭାରେ ଭଟଲି ପଞ୍ଚାୟତ ସମିତିର ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜ୍ୟୋସ୍ନାରାଣୀ ଗଡ଼ତିଆ ମୁଖ୍ୟ ଅତିଥି ଏବଂ ବିଜେପି ଜୋନ୍ ୨ ମଣ୍ଡଳ ସଭାପତି ମାଧବ ଚନ୍ଦ୍ର ପଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିଦ୍ୟାଳୟର ନିର୍ଦ୍ଦେଶକ ସଞ୍ଜୟ ପଧାନ ଏବଂ ସମ୍ପାଦକ ବିରୁପାକ୍ଷ ପଧାନ ଉପସ୍ଥିତ ଥିଲେ। ପ୍ରଦର୍ଶନୀରେ ନର୍ସରୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୧୫୦ଟି ବିଜ୍ଞାନ ସମ୍ବନ୍ଧୀୟ ପ୍ରକଳ୍ପ ଏବଂ ୩୦୦ଟି କଳା ଓ ୧୫୦ଟି କାରିଗରୀ ସ୍ଥାନ ପାଇଥିଲା। ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ବର୍ଗରେ ଛାତ୍ରୀ ମନୀଷା ଖୁଣ୍ଟିଆ ଏବଂ କନିଷ୍ଠ ବର୍ଗରେ ଆଦ୍ୟା ଆଦିତ୍ରୀ ସାହୁଙ୍କ ପ୍ରକଳ୍ପ ସର୍ବୋତ୍ତମ ବିବେଚିତ ହୋଇଥିଲା। ଛାତ୍ରଛାତ୍ରୀଙ୍କ ହାତ ତିଆରି ସଚେତନତା ମୂଳକ କଳାକୃତି ପ୍ରଦର୍ଶିତ ହୋଇଥିଲା। ସ୍କୁଲର ଶିକ୍ଷକ ସୂର୍ଯ୍ୟପ୍ରକାଶ ଭୋଇ, ଭୀଷ୍ମଦେବରଥ ଏବଂ ମୋନାଲିସା ମହାପାତ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ମଧୁଲିକା ଅଗ୍ରୱାଲ ସଭାକୁ ପରିଚାଳନା କରିଥିଲେ। ସମ୍ପାଦକ ବିରୂପାକ୍ଷ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

### ଡୁମ୍ବେରବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

**ପାଇକମାଳ:** ପାଇକମାଳ ବ୍ଲକ ମାଣ୍ଡୋସିଲ ପଞ୍ଚାୟତ ଡୁମ୍ବେରବାହାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ବିଦ୍ୟାଳୟ ସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ହୃଷିକେଶ ବାଗଙ୍କ ସଭାପତିତ୍ୱ ସଭାରେ ମୁଖ୍ୟ ଅତିଥି ଭାବେ ମାଳପଡ଼ା କ୍ଲଷ୍ଟର ସିଆରସିସି ସନ୍ତୋଷ ମେହେର ଓ ସମ୍ମାନିତ ଅତିଥି ଭାବେ ଚୁହୁରିପଡ଼ାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୀନମଣି ସୁନା, ମାଣ୍ଡୋସିଲ କ୍ଲଷ୍ଟର ସିଆରସିସି ବସୁଦେବ କୁମ୍ଭାର ଯୋଗ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ୨୭ଟି ବିଜ୍ଞାନ ସମ୍ବନ୍ଧୀୟ ପ୍ରକଳ୍ପ ପ୍ରଦର୍ଶନୀ ହୋଇଥିଲା। କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶିକ୍ଷକ ବାବୁଲାଲ ଧରୁଆ, ସୁଦାମ କନ୍ଧେର, ସୌତମ ଛତର ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷକ ଡେଜଲିଂ ଦନ୍ତା ଧନ୍ୟବାଦ ଦେଇଥିଲେ।

# ଓଡ଼ିଶା-ନାଗାଲାଣ୍ଡ ରଣଜୀ: ଜୟ-ପରାଜୟର ବ୍ୟବଚ୍ଛେଦ

## ସମୀରଙ୍କ ସ୍ପୋର୍ଟିଂ ୱିକେଟ କାମ ଦେଲା



ଭୁବନେଶ୍ୱର,୧୯ ।୧୧(ସମିସ): ଚଳିତ ରଣଜୀ ସିଜିନରେ ଓଡ଼ିଶା ସ୍ଥାନୀୟ କିଟ୍ ଗ୍ରାଉଣ୍ଡରେ ନାଗାଲାଣ୍ଡକୁ ପରାସ୍ତ କରି ପ୍ରଥମ ବିଜୟ ହାସଲ କରିଛି। ଚତୁର୍ଥ ତଥା ଅନ୍ତିମ ଦିବସର ତୃତୀୟ ସେସନରେ ହିଁ ଓଡ଼ିଶା ବିଜୟ ହାସଲ କରିଥିଲା। ଅର୍ଥାତ ଏହା ଏକ ସ୍ପୋର୍ଟିଂ ୱିକେଟ ବୋଲି ପ୍ରମାଣିତ ହୋଇଛି। ତେଣୁ କିଟ୍ କ୍ରିକେଟ ଗ୍ରାଉଣ୍ଡ କ୍ୟୁରେଟନର ସମୀର ନାୟକଙ୍କ ପରିଶ୍ରମ କାମ ଦେଇଛି। ମ୍ୟାଚ୍ ଅନ୍ତିମ ସେସନ ପର୍ଯ୍ୟନ୍ତ ଯାଇଥିବାରୁ ସେ ସନ୍ତୋଷ ପ୍ରକଟ କରିଛନ୍ତି। ସମୀର ପୂର୍ବତନ ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) କ୍ୟୁରେଟର ପଙ୍କଜ ପଟ୍ଟନାୟକ ଓ ହୃଷିକେଶ ସିଂଙ୍କୁ ନିଜର ଗୁରୁ ମାନନ୍ତି। ପିଚ୍ ତିଆରି କରିବାର ପ୍ରକ୍ରିୟା ସେ ତାଙ୍କଠାରୁ ଶିକ୍ଷା କରିଛନ୍ତି। ପିଚ୍ ତିଆରି କରିବାରେ ସେ ନିପୁଣତା ହାସଲ କରିଛନ୍ତି। ୨୦୧୩ରୁ ସେ କିଟ୍ ସହିତ ଜଡିତ ରହିଆସିଛନ୍ତି। କିଟ୍ ପାଇଁ ସ୍ଥାୟୀ ଭାବେ ନିୟୋଜିତ ହୋଇ ସଫଳତାର ସହ ନିଜର ଦାୟିତ୍ୱ ବହନ କରୁଛନ୍ତି।

## ବିଳମ୍ବରେ ପାଳି ଘୋଷଣା କରିଥିଲା ଓଡ଼ିଶା: ଦେବାଶିଷ



ଭୁବନେଶ୍ୱର,୧୯ ।୧୧(ସମିସ): ଓଡ଼ିଶା ଡେରିରେ ବିଜୟ ହାସଲ କରିଥିଲେ ମଧ୍ୟ ଏହି ବିଜୟ ଦଳକୁ ଆବଶ୍ୟକୀୟ ମୋମେଣ୍ଟମ୍ ପ୍ରଦାନ କରିଛି ବୋଲି ପୂର୍ବତନ ଓଡ଼ିଆ ଅନ୍ତର୍ଜାତୀୟ କ୍ରିକେଟର ତଥା ନାଗାଲାଣ୍ଡ କୋଚ୍ ଦେବାଶିଷ ମହାନ୍ତି କହିଛନ୍ତି। ବିପ୍ଳବ ସାମନ୍ତରାୟ ଓ ଅନୀଲ ପରିଡା ଏବଂ ଦ୍ୱିତୀୟ ଇନିଂସରେ ସ୍ୱସ୍ତିକ ସାମଲ ଓ ଅଧିନାୟକ ଶୁଭ୍ରାଂଶୁ ସେନାପତିଙ୍କ ବ୍ୟାଟିଂକୁ ସେ ପ୍ରଶଂସା କରିଛନ୍ତି। ପ୍ରଥମ ପାଳିରେ ବିପ୍ଳବ ଶତକରୁ ବଞ୍ଚିତ ହୋଇଥିଲେ ମଧ୍ୟ ଲଢୁଆ ପାଳି ଖେଳିଥିଲେ। ଏମାନଙ୍କ ପ୍ରଦର୍ଶନ ଯୋଗୁଁ ଓଡ଼ିଶା ବିଜୟର ହକ୍‌ଦାର ଥିଲା। କିନ୍ତୁ ଘରୋଇ ଦଳ ବିଳମ୍ବରେ ପାଳି ଘୋଷଣା କରିଥିଲା। ଯଦି ନାଗାଲାଣ୍ଡ ଆଉ ଟିକିଏ ଭଲ ବ୍ୟାଟିଂ କରିଥାନ୍ତା, ତାହେଲେ ଫଳାଫଳ ଅଲଗା ହୋଇଥାନ୍ତା ବୋଲି ସେ କହିଛନ୍ତି। କିନ୍ତୁ ନାଗାଲାଣ୍ଡର ଖେଳାଳି ଭଲ ଲଢ଼େଇ କରିଥିଲେ ବୋଲି ସେ କହିଛନ୍ତି। ନାଗାଲାଣ୍ଡର ବୋଲିଂ ଭଲ ଥିଲା। ତେବେ ବ୍ୟାଟିଂରେ ଉନ୍ନତିର ଆବଶ୍ୟକ ବୋଲି ସେ କହିଛନ୍ତି। ଆଗକୁ ଓଡ଼ିଶା ଗୋଟିଏ ମ୍ୟାଚ୍ ଘରୋଇ ମାଟିରେ ଓ ବାହାରେ ଖେଳିବ। ଏହି ଦୁଇଟି ମ୍ୟାଚ୍‌ରେ ଓଡ଼ିଶା ଭଲ ପ୍ରଦର୍ଶନ କରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। କ୍ରମାଗତ ୪ଟି ପରାଜୟ ପରେ ଏହି ବିଜୟ ଓଡ଼ିଶା ଖେଳାଳିଙ୍କୁ ଯଥେଷ୍ଟ ଆତ୍ମବିଶ୍ୱାସ ପ୍ରଦାନ କରିଛି ବୋଲି ସେ କହିଛନ୍ତି। ଦଳର ଏଥର ବହୁତ ନୂଆ ଖେଳାଳି ସ୍ଥାନ ପାଇଛନ୍ତି ଓ ସେମାନେ ଆଶା ଅନୁରୂପ ପ୍ରଦର୍ଶନ କରିଛନ୍ତି ବୋଲି ଦେବାଶିଷ କହିଛନ୍ତି।

## ପ୍ରଦର୍ଶନରେ ସ୍ଥିରତା ନିହାତି ଆବଶ୍ୟକ: ଶୁଭ୍ରାଂଶୁ



ଭୁବନେଶ୍ୱର,୧୯ ।୧୧(ସମିସ): ଓଡ଼ିଶାର ବିଜୟ ନେଇ ଅଧିନାୟକ ଶୁଭ୍ରାଂଶୁ ସେନାପତି ବେଶ୍ ଉତ୍ସାହିତ ଅଛନ୍ତି। ଆଗକୁ ବାକିଥିବା ଦୁଇଟି ମ୍ୟାଚ୍‌ରେ ତାମିଲନାଡୁ ଓ ଝାଡଖଣ୍ଡ ବିପକ୍ଷରେ ଏହି ମୁମେନଟମ ବଜାୟ ରଖିବୁ ବୋଲି ସେ କହିଛନ୍ତି। ଚାପରେ ବିପ୍ଳବ ଭଲ ଖେଳିଥିଲେ ମଧ୍ୟ ଶତକ ହାସଲ କରିପାରି ନଥିଲେ। କିନ୍ତୁ ଏହି ଇନିଂସ କାମ ଦେଇଥିଲା। ୩ଟି ପରାଜୟ ପରେ ଏହି ବିଜୟ ଆମକୁ ଉତ୍ସାହିତ କରିଛି ଓ ଏହା ଆଗକୁ କାମ ଦେବ। କିନ୍ତୁ ଦଳର ପ୍ରଦର୍ଶନରେ ସ୍ଥିରତା ରହୁନାହିଁ ବୋଲି ସେ ସ୍ୱୀକାର କରିଛନ୍ତି। ସମସ୍ତେ ଏଥିପାଇଁ ଚିନ୍ତିତ ମଧ୍ୟ ଅଛନ୍ତି। ପ୍ରଦର୍ଶନରେ ସ୍ଥିରତା ଆବଶ୍ୟକ। ଆରମ୍ଭରୁ ଆମର ପ୍ରଦର୍ଶନ ଭଲ ନଥିଲା। ଦ୍ୱିତୀୟ ଇନିଂସରେ ଖେଳିଥିବା ୧୩୭ ରନର ଶତକୀୟ ପାଳିକୁ ନେଇ ସେ ସନ୍ତୁଷ୍ଟ ଅଛନ୍ତି ବୋଲି କହିଛନ୍ତି। ଅନୀଲ ପରିଡା ଶତକୀୟ ପାଳି ମଧ୍ୟ ପ୍ରଶଂସନୀୟ ବୋଲି ସେ କହିଛନ୍ତି। କିନ୍ତୁ ଆଗକୁ ଏହାକୁ ବଜାୟ ରଖିବାର ଆବଶ୍ୟକତା ରହିଛି ବୋଲି ସେ ଗୁରୁତ୍ୱ ଦେଇ କହିଛନ୍ତି।

**ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଉପଲକ୍ଷେ ପ୍ରଦର୍ଶନୀ ମ୍ୟାଚ୍**

## ଆଫ୍ଟରନୁନ୍ କ୍ଲବକୁ ହରାଇଲା ମର୍ଣ୍ଣିଂ କ୍ଲବ



ଭୁବନେଶ୍ୱର, ୧୯ ।୧୧ (ସମିସ): ବିର୍ସାମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ମା ସୁନାଦେଇ ୱାର୍କସ, ତୁଷାର ଚାରିଟେବଲ୍ ଟ୍ରଷ୍ଟ ଏବଂ ନ୍ୟୁ ଏଜି କଲୋନୀର ମିଳିତ ଆନୁକୂଲ୍ୟରେ ଏକ ପ୍ରଦର୍ଶନୀ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚରେ ମର୍ଣ୍ଣିଂ ଷ୍ଟାର୍ କ୍ଲବ ୪-୦ ଗୋଲ୍‌ରେ ଆଫ୍ଟରନୁନ କ୍ଲବକୁ ପରାସ୍ତ କରିଥିଲା। କୈଳାସ ପଣ୍ଡା ରେଫରୀ ଭାବେ ମ୍ୟାଚ୍ ପରିଚାଳନା କରିଥିଲେ। କମଳକାନ୍ତ ନାୟକ, ରାଜୀବ ଶେଖର ସାହୁ, ନ୍ୟୁ ଏଜି କଲୋନୀର ସମ୍ପାଦକ ଅଶୋକ ପଟ୍ଟନାୟକ, କାଳୀପ୍ରସାଦ ମିଶ୍ର ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ। ମର୍ଣ୍ଣିଂ କ୍ଲବର ସୋମ ପଣ୍ଡା ଶ୍ରେଷ୍ଠ ଗୋଲ୍‌କିପର, ସତୀଶ କୁମାର ପାତ୍ର ଓ ଆୟୁଷ ଅସୁରଜିତ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

## ଟେନିସ୍ ହଲ୍ ଅଫ ଫେମ୍‌ରେ ଫେଡେରର

ଜେନେଭା,୧୯।୧୧(ଏଜେନ୍ସି): ବିଶ୍ୱବିଖ୍ୟାତ ଖେଳାଳି ସ୍ୱିଜରଲାଣ୍ଡର ରୋଜର ଫେଡେରର ଟେନିସ ହଲ ଅଫ୍ ଫେମ୍‌ରେ ସାମିଲ ହୋଇଛନ୍ତି। ରୋଡସ ଦ୍ୱୀପପୁଞ୍ଜରେ ଅବସ୍ଥିତ ଏହି କାର୍ଯ୍ୟାଳୟ ପକ୍ଷରୁ ଏ ସମ୍ପର୍କରେ ଘୋଷଣା କରାଯାଇଛି। ଫେଡେରର ତାଙ୍କ ଜୀବନ କାଳରେ ୨୦ଟି ଗ୍ରାଣ୍ଡସ୍ଲାମ ଟାଇଟଲ ବିଜୟୀ ହୋଇଛନ୍ତି। କିନ୍ତୁ ତାଙ୍କ ସମୟରେ ବିଶ୍ୱର ଆଉ ଦୁଇଜଣ କିଂବଦନ୍ତି ଖେଳାଳି ରାଫେଲ ନାଦାଲ ଓ ନୋଭାକ ଜୋକୋଭିଚ୍‌ଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା ଖୁବ୍ ଉଚ୍ଚକୋଟୀର ହୋଇଥିଲା।

## ଦକ୍ଷିଣ ଆଫ୍ରିକା-ଏ'ର ସାନ୍ତ୍ୱନାମୂଳକ ବିଜୟ



ରାଜକୋଟ,୧୯।୧୧(ଏଜେନ୍ସି): ଲୁହାନ-ଡ୍ରେ ପ୍ରିଟୋରିୟସ ଓ ରିଭାଲ୍ଡୋ ମୁନୁସ୍ୱାମୀଙ୍କ ଶତକ ବଳରେ ଏଠାରେ ବୁଧବାର ଅନୁଷ୍ଠିତ ତୃତୀୟ ଦିନିକିଆ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା-ଏ' ୭୩ ରନ୍‌ରେ ଭାରତକୁ ହରାଇ ସାନ୍ତ୍ୱନାମୂଳକ ବିଜୟ ହାସଲ କରିଛି। ଏହି ମ୍ୟାଚରେ ପ୍ରିଟୋରିୟସ ୧୨୩ ଓ ମୁନସ୍ୱାମୀଙ୍କ ୧୦୭ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା-ଏ' ୬ ୱିକେଟ ହରାଇ ୩୨୫ ରନ୍ କରିଥିଲା। ଜବାବରେ ଭାରତ-ଏ' ଆୟୁଷ ବଦୋନିଙ୍କ ୬୬ ଓ ଇଶାନ କିସାନଙ୍କ ୫୩ ରନ୍ ସତ୍ତ୍ୱେ ୪୯.୧ ଓଭରରେ ୨୫୨ ରନ୍ କରି ଅଲଆଉଟ ହୋଇଥିଲା। ବିଜୟୀ ଦଳର ପ୍ରିଟୋରିୟସଙ୍କୁ ଏହି ମ୍ୟାଚ୍‌ର ଶ୍ରେଷ୍ଠ ଓ ଭାରତର ଋତୁରାଜ ଗାଏକ୍ୱାଡ୍‌ଙ୍କୁ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

## ୧୦୦ତମ ଟେଷ୍ଟରେ ରହିମ୍‌ଙ୍କ ୯୯*

ମୀରପୁର, ୧୯ ।୧୧ (ଏଜେନ୍ସି): ଏଠାରେ ଆୟର୍ଲାଣ୍ଡ ଓ ଘରୋଇ ବାଂଲାଦେଶ ମଧ୍ୟରେ ପ୍ରଥମ ଟେଷ୍ଟମ୍ୟାଚ୍ ଆରମ୍ଭ ହୋଇଛି। ଏହା ହେଉଛି ବାଂଲାଦେଶର ପୂର୍ବତନ ଅଧିନାୟକ ମୁସ୍‌ଫିକୁର ରହିମ୍‌ଙ୍କ ୧୦୦ତମ ଟେଷ୍ଟ। ଏହି ସ୍ମରଣୀୟ ମ୍ୟାଚ୍‌କୁ ସବୁଦିନ ମନେରଖିବା ଭଳି ଇନିଂସ ଖେଳିଛନ୍ତି ରହିମ୍। ସେ ୯୯ ରନ୍‌କରି ଅପରାଜିତ ରହିବା ସହ ଶତକ ଦ୍ୱାରରେ ରହିଛି। ଫଳରେ ପ୍ରଥମ ଦିନରେ ବାଂଲାଦେଶ ପ୍ରଥମ ଇନିଂସରେ ୪ ୱିକେଟ୍ ହରାଇ ୨୯୨ ରନ୍ କରିପାରିଛି। ଅନ୍ୟମାନଙ୍କ ମଧ୍ୟରେ ସାଦ୍‌ମାନ ଇସ୍‌ଲାମ ୩୫, ମୋମିନୁଲ ହମଖ ୬୩ ଓ ଲିଟନ ଦାସ ଅପରାଜିତ ୪୭ ରନ୍‌ର ଇନିଂସ ଖେଳିଛନ୍ତି। ଆୟରଲାଣ୍ଡର ଅଫ୍‌ସ୍ପିନର ଆଣ୍ଡି ମ୍ୟାକ୍‌ବ୍ରାଇନ୍ ୪ଟିଯାକ ୱିକେଟ୍ ନେଇଛନ୍ତି।


C-1395

Email ID : gmwatcosbp@gmail.com

GOVERNMENT OF ODISHA
WATER CORPORATION OF ODISHA
OFFICE OF THE GENERAL MANAGER, WATCO DIVISION, SAMBALPUR.
NOTICE INVITING TENDERS
NATIONAL COMPETITIVE BIDDING THROUGH e-Procurement
Bid Identification No. GMWATCOSBP-12/2025-26 Dt. 03.11.2025

| | | |
|---|---|---|
| 01. | Name of the Work | : 1 no. work |
| 02. | Type of Bid | : Single Bid System |
| 03. | Estimated Cost | : Rs. 49.15 lakh |
| 04. | Period of Completion | : 8 (Eight) Calendar Months |
| 05. | Date & Time of availability of bid document in the portal | : From 11.00 AM of dt. 07.11.2025 to 5.00 PM of 17.11.2025 |
| 06. | Last date / time of receipt of bids in the portal | : 5.00 PM of 17.11.2025. |
| 07. | Date & Time of opening of Bids | : At 11.30 AM of 18.11.2025. |
| 08. | Name and Address of the Officer Inviting Bid | : General Manager, WATCO Division, Sambalpur, Brooks' Hill, Near Stadium, At/Po- Motijharan, Dist- Sambalpur-768001. |

Further details can be seen from the web site http://tenders.ori.nic.in or www.tendersorissa.gov.in

OIPR-

General Manager,
WATCO Division, Sambalpur



OFFICE OF THE PRINCIPAL
GANGESWARI HIGHER SECONDARY SCHOOL
POTTANGI, KORAPUT PIN: 764039

Letter No: GHSS.168/2025 Date: 19/11/2025

QUOTATION CALL NOTICE

Sealed quotations are invited from intending firms/FPM/DGS&D rate contract suppliers having CST/VAT, TIN/PAN number to reach by Dated: 05/12/2025 by Registered Post/Speed Post for supply of the following items. Item quoted need to be super scribed on the envelope. The rate should be inclusive of all taxes and F.O.R. destination. The undersigned reserves the right to accept or reject any or all the quotations without assigning any reason thereof.

| Sl No. | ITEM | SPECIFICATION |
|---|---|---|
| 1. | Rack (8 Nos.) | Iron open Rack of 6 feet length & 4.5 feet breadth with 5 tray. |
| 2. | Printer (1 Nos.) | HP Laser Jet 1020 Plus |
| 3. | Xereox Machine | EPSON L6490 /HP LaserJet/Bizhub 227, Kanika |
| 4. | Library Almirah (1 Nos.) | Front Glass fitting Almirah of General Size |
| 5. | Almirah (01 Nos) | Almirah of General Size 6 fit |

SD/- PRINCIPAL
Gangeswari Higher Secondary School
Pottangi, Koraput


## ଗ୍ରେଟ୍‌ବ୍ୟାଚ୍ ନ୍ୟୁଜିଲାଣ୍ଡ କ୍ରିକେଟ ସଭାପତି

ଖ୍ରୀଷ୍ଟଚର୍ଚ୍ଚ,୧୯।୧୧(ଏଜେନ୍ସି): ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି, ସିଲେକ୍ଟର ତଥା କୋଚ୍ ମାର୍କ ଗ୍ରେଟବ୍ୟାଚ୍ ନ୍ୟୁଜିଲାଣ୍ଡ କ୍ରିକେଟର ନୂଆ ସଭାପତି ନିର୍ବାଚିତ ହୋଇଛନ୍ତି। ସେ ଲେସ୍‌ଲୀ ମୁଡ୍ରୋଚ୍‌ଙ୍କ ସ୍ଥାନରେ ଏହି ଦାୟିତ୍ୱ ନେବେ। ୧୯୮୮ରୁ ୯୬ ମଧ୍ୟରେ ନ୍ୟୁଜିଲାଣ୍ଡ ପକ୍ଷରୁ ୪୧ ଟେଷ୍ଟ ଓ ୮୪ଟି ଦିନିକିଆ ମ୍ୟାଚ୍ ଖେଳିଥିବା ଗ୍ରେଟ୍‌ବ୍ୟାଚ୍ ଜଣେ ଟପ୍ ଅର୍ଡରବ୍ୟାଟର ଭାବେ ସୁନାମ ଅର୍ଜନ କରିଥିଲେ। ଏହାଛଡ଼ା ବୋର୍ଡ ଚେୟାରମ୍ୟାନ୍ ଭାବେ ଡାଏନା ତାଙ୍କ ପଦ ବଜାୟ ରଖିଛନ୍ତି। ୩ଜଣ ଖେଳାଳି ରେବେକା ରୋଲ୍ସ, ମାର୍ଟିନ ସ୍ନେଡେନ୍ ଓ ଇୱେନ ଚାଟଫିଲ୍ଡ ଆଜୀବନ ସଦସ୍ୟଭାବେ ନିର୍ବାଚିତ ହୋଇଛନ୍ତି।

■ ଚେସ୍ ବିଶ୍ୱକପ୍

## ଭାରତର ଚ୍ୟାଲେଞ୍ଜ ଶେଷ

ପଣଜୀ,୧୯।୧୧(ଏଜେନ୍ସି): କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ଏକମାତ୍ର ଭାରତୀୟ ଖେଳାଳି ଅର୍ଜୁନ ଏରିଗାଏସି ଚୀନ୍‌ର ୱେଇ ୟିଂଙ୍କଠାରୁ ପରାଜିତ ହେବା ପରେ ଏଠାରେ ଚାଲିଥିବା ପୁରୁଷ ଚେସ୍ ବିଶ୍ୱକପ୍‌ରେ ଭାରତର ଚ୍ୟାଲେଞ୍ଜ ଶେଷ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୧୯ଜଣ ଭାରତୀୟ ଅଂଶଗ୍ରହଣ କରିଥିଲାବେଳେ ମାତ୍ର ଜଣେ ଖେଳାଳି କ୍ୱାର୍ଟରଫାଇନାଲ ପର୍ଯ୍ୟନ୍ତ ଯାଇପାରିଥିଲେ। ୟିଙ୍କ ସହ ସେ ପ୍ରଥମ ମୁକାବିଲା ଡ୍ର କରିବା ପରେ ଦ୍ୱିତୀୟ ରାଉଣ୍ଡରେ ହାରିଯାଇଥିଲେ।

## ୱେଷ୍ଟଇଣ୍ଡିଜ୍ ବିପକ୍ଷ ଦିନିକିଆ ଶୃଙ୍ଖଳା ଜିତିଲା ନ୍ୟୁଜିଲାଣ୍ଡ

ନାପିଅର, ୧୯ ।୧୧ (ଏଜେନ୍ସି): ୱେଷ୍ଟଇଣ୍ଡିଜ୍ ବିପକ୍ଷ ଘରୋଇ ଟ୍ୱେଣ୍ଟି୨୦ ଶୃଙ୍ଖଳା ଜିତିନେଇଛି ନ୍ୟୁଜିଲାଣ୍ଡ। ବୁଧବାର ଦ୍ୱିତୀୟ ଦିନିକିଆ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜକୁ ୫ ୱିକେଟ୍‌ରେ ନ୍ୟୁଜିଲାଣ୍ଡ ପରାସ୍ତ କରିଛି। ଫଳରେ ୨-୦ରେ ଆଗୁଆ ହୋଇ ନ୍ୟୁଜିଲାଣ୍ଡ ତିନି ମ୍ୟାଚ୍‌ର ଶୃଙ୍ଖଳା ହାତେଇ ପାରିଛି। ବର୍ଷା ଯୋଗୁଁ ମ୍ୟାଚ୍ ୩୪ ଓଭରର ହୋଇଥିଲା। ସାଇ ହୋପ୍‌ଙ୍କ ଅପରାଜିତ ଶତକ ବଳରେ ପ୍ରଥମେ ବ୍ୟାଟିଂକରି ୱେଷ୍ଟଇଣ୍ଡିଜ୍ ୯ ୱିକେଟ୍‌ରେ ୨୪୭ ରନ୍ କରିଥିଲା। ପରେ ଡେଭନ୍ କନ୍‌ୱେଙ୍କ ୯୦ ରନ୍ ବଳରେ ୩ଟି ବଲ୍ ବାକିଥାଇ ୫ ୱିକେଟ୍ ହରାଇ ନ୍ୟୁଜିଲାଣ୍ଡ ଜିତି ନେଇଥିଲା।

**ଆନ୍ତଃସ୍କୁଲ ଖୋ ଖୋ'**

## କିସ୍ ଚାମ୍ପିଅନ, ପୁରୀ ରନର୍ସଅପ୍



ଭୁବନେଶ୍ୱର, ୧୯ ।୧୧ (ସମିସ): ଯାଜପୁରର ବରୁଣେଶ୍ୱର କଲେଜରେ ଅନୁଷ୍ଠିତ ଆନ୍ତଃସ୍କୁଲ ଉଚ୍ଚ ମାଧ୍ୟମିକ ବାଳକ ଖୋ ଖୋ ଟୁର୍ଣ୍ଣାମେଣ୍ଟରେ କିସ୍ ଚାମ୍ପିଅନ ହୋଇଛି। ଭୁବନେଶ୍ୱରର କିସ୍ ଓ ପୁରୀ ହାଇସ୍କୁଲ ମଧ୍ୟରେ ଫାଇନାଲ ଖେଳାଯାଇଥିଲା। ଏହି ମୁକାବିଲାରେ କିସ୍ ୯ ପଏଣ୍ଟରେ ପୁରୀକୁ ପରାସ୍ତ କରିଥିଲା। ଦୁଇ ଦିନିଆ ଏହି ସମ୍ମାନଜନକ ଖୋ ଖୋ ଚାମ୍ପିଅନସିପ୍‌ରେ ମୋଟ୍ ୯ଟି ଦଳ ଅଂଶଗ୍ରହଣ କରିଥିଲେ। ଏହି ସଫଳତା ଲାଗି କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଦଳର ସମସ୍ତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।


THE BISRA STONE LIME COMPANY LIMITED
CIN: L14100OR1910GO1033904
Registered office: House No: 255, Pristine Green, Pokhariput, Bhubaneswar, Odisha-751020

STATEMENT OF FINANCIAL RESULTS FOR THE QUARTER ENDED 30TH SEPTEMBER 2025

| Sl. No. | Particulars | Half Year Ended | Year Ended | |
|---|---|---|---|---|
| | | 30.09.2025 | 30.09.2024 | 31.03.2025 |
| | | (Reviewed) | | (Audited) |
| 1 | Total Income from Operation (including Other Income) | 4,937.51 | 3,124.00 | 6,260.56 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | 695.79 | 539.93 | 671.34 |
| 3 | Net Profit / (Loss) for the period Before Tax (after exceptional and / or extraordinary items) | 695.79 | 539.93 | 671.34 |
| 4 | Net Profit / (Loss) for the period after Tax (after exceptional and / or extra ordinary items) | 455.14 | 400.03 | 438.51 |
| 5 | Total Comprehensive income for the period [comprising profit / (loss) for the period(after tax) and other comprehensive income (after tax)] | 455.14 | 400.03 | 492.93 |
| 6 | Paid up Equity Share Capital (Face Value Rs. 10/- each) | 8,728.63 | 8,728.63 | 8,728.63 |
| 7 | Other Equity (Excluding Revaluation Reserve as per Balance Sheet) | (20,725.14) | (21,273.21) | (21,180.29) |
| 8 | Earning per share (Rs) | | | |
| | (i) Basic: | 0.52 | 0.46 | 0.50 |
| | (ii) Diluted | 0.52 | 0.46 | 0.50 |

1. The above results of the Company were approved by the Board of Directors at their respective meetings held on 18.11.2025.
2. The above is the extract of the detail format of Financial Result filed with the Stock Exchange under Regulation 33 and 52 of the SEBI (Listing Obligations and Disclosure Requirements) Regulations, 2015.

For and on behalf of the Board of Director
Sd/-
(A.K.Bagchi)
Managing Director-BSLC

Place: Vishakhapatnam
Date: 18.11.2025


## ଆଜିର ରାଶିଫଳ

**ମେଷ:** କୌଣସି କାର୍ଯ୍ୟରୁ ଲାଭ ମିଳିବ। ଦିନଟି ହସଖୁସିରେ ଅତିବାହିତ ହେବ। କୌଣସି ନୂଆ ଜିନିଷ କିଣିବେ। ଜୀବନସାଥୀଙ୍କ ସହ ସୁଖଦ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ।

**ବୃଷ:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ପୈତୃକ ବ୍ୟବସାୟରେ ପରିବର୍ତ୍ତନ ଆଣିବେ। ଅବିବାହିତଙ୍କ ବିବାହ ସ୍ଥିର ହେବ। କର୍ମକ୍ଷେତ୍ରରେ କାର୍ଯ୍ୟଭାର ବଢ଼ିବ। ସମୟ ପୂର୍ବରୁ କାର୍ଯ୍ୟ ସମ୍ପାଦନ କରିବେ।

**ମିଥୁନ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ପ୍ରେମ ଜୀବନ ସୁଖମୟ ହେବ। ସାଙ୍ଗ ଦ୍ୱାରା ଲାଭବାନ ହେବେ। ବ୍ୟବସାୟରେ ସଫଳତା ମିଳିବ। ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ।

**କର୍କଟ :** ପଡ଼ୋଶୀଙ୍କ ସହ ବିବାଦ ହୋଇପାରେ। ବରିଷ୍ଠ ଅଧିକାରୀ ଆପଣଙ୍କ କାର୍ଯ୍ୟରେ ଖୁସି ହେବେ। ନୂଆ ବ୍ୟବସାୟର ଯୋଜନା କରିବେ। ଗୁରୁଜନଙ୍କ ସହଯୋଗ ମିଳିବ।

**ସିଂହ:** ଦିନଟି ଭଲରେ କଟିବ। ଚାକିରିରେ ପରିବର୍ତ୍ତନ ଆସିବ। କୌଣସି ନୂଆ ଦାୟିତ୍ୱ ତୁଲାଇବେ। ବ୍ୟବସାୟ ସମ୍ବନ୍ଧିତ ଦୂର ସ୍ଥାନକୁ ଯାତ୍ରା କରିବେ। କାର୍ଯ୍ୟକ୍ଷେତ୍ରରେ କିଛି ସମସ୍ୟା ଆସିବ।

**କନ୍ୟା:** ଘରକୁ ଅତିଥି ଆଗମନ କରିବେ। ସ୍ୱାମୀ-ସ୍ତ୍ରୀ ସୁଖଦ ମୁହୂର୍ତ୍ତ ଅତିବାହିତ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଟକି ରହିଥିବା ଧନ ଆଗମନ ହେବ।

**ତୁଳା:** ବନ୍ଧୁଙ୍କ ସହ କୌଣସି ନୂଆ କାର୍ଯ୍ୟର ଯୋଜନା କରିବେ। ବାପାମାଆଙ୍କ ସହଯୋଗରେ କିଛି ନୂଆ ଦାୟିତ୍ୱ ଗ୍ରହଣ କରିବେ। ଅଟକିଥିବା କାର୍ଯ୍ୟକୁ ପୂରା କରିବେ।

**ବିଛା:** ନୂଆ ଚାକିରି ପାଇଁ ଉତ୍ସାହିତ ରହିବେ। ବଡ଼ ଭାଇଙ୍କ ପରାମର୍ଶ ନେବେ। କ୍ରୀଡ଼ାବିତ୍‌ଙ୍କୁ ସଫଳତା ପ୍ରାପ୍ତି ହେବ। ଛାତ୍ରଛାତ୍ରୀଙ୍କର ନୂଆ ବିଷୟ ପ୍ରତି ରୁଚି ବଢ଼ିବ। ବ୍ୟବସାୟରେ ଅର୍ଥ ନିବେଶ କରନ୍ତୁ ନାହିଁ।

**ଧନୁ:** ବ୍ୟାଙ୍କ ଓ ଆଇଟିରେ ସଫଳତା ମିଳିବ। ବ୍ୟବସାୟକୁ ବିସ୍ତାର କରିବେ ଏବଂ ଏହାକୁ ନେଇ କୌଣସି ନୂଆ ସମସ୍ୟା ସୃଷ୍ଟି ହେବ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ଧାର୍ମିକ ସ୍ଥାନକୁ ଯାତ୍ରା କରିବେ।

**ମକର:** ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରଣ କରିବେ। ପୁରୁଣା ବନ୍ଧୁଙ୍କ ସହ ସମୟ ଅତିବାହିତ କରିବେ। ସୃଜନାତ୍ମକ କାମ ପ୍ରତି ଆଗ୍ରହ ବଢ଼ିବ। ବାଦବିବାଦଠାରୁ ଦୂରେଇ ରହିବେ।

**କୁମ୍ଭ:** ବ୍ୟବସାୟିକ ଚିନ୍ତାଧାରାରେ ପରିବର୍ତ୍ତନ ଆଣିବେ। ଉଚ୍ଚଶିକ୍ଷା ପାଇଁ ଉତ୍ତମ ସମୟ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ନୂଆ ପ୍ରୋଜେକ୍ଟରେ କାମ କରିବାର ସୁଯୋଗ ମିଳିବ। ଜାଗାବାଡ଼ି କିଣିବେ।

**ମୀନ:** ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଡାକ୍ତରଙ୍କ ସହ ପରାମର୍ଶ କରିବେ। ରାଜନୀତିରେ ସଫଳତା ମିଳିବ। ସାଙ୍ଗସାଥୀଙ୍କ ସହ ସମୟ ଅତିବାହିତ କରିବେ। ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ।



**ବାଦାମ ତେଲ:** ଶୀତ ଦିନେ ଏହି ତେଲକୁ ଲଗାଇଲେ ତ୍ୱଚା ସୁନ୍ଦର ଓ କୋମଳ ରହେ। ତା'ସହ ଦାଗ ଆଦି ମଧ୍ୟ ଦୂର ହୋଇଥାଏ।

**ଆଭକାଡୋ ଅଏଲ୍:** ଏହାକୁ ନିତିଦିନ ଲଗାଇବା ଦ୍ୱାରା ତ୍ୱଚା ଉଜ୍ଜ୍ୱଳ ଦିଶେ।

**କୁମକୁମାଦି ତେଲ:** ଏହି ତେଲକୁ ମୁହଁରେ ଲଗାଇଲେ ମୁହଁ ସୁନ୍ଦର ଦେଖାଯାଏ। ତ୍ୱଚା ଉଜ୍ଜ୍ୱଳ ଦେଖାଯିବା ସହ ତ୍ୱଚା ଜନିତ ଅନ୍ୟାନ୍ୟ ସମସ୍ୟା ମଧ୍ୟ ଦୂର ହୋଇଥାଏ।

**ଅଲିଭ୍ ଅଏଲ:** ଅଲିଭ୍ ତେଲକୁ ମୁହଁରେ ମାଲିସ୍ କରିବା ଦ୍ୱାରା ତ୍ୱଚା କୋମଳ ହୋଇଥାଏ। ତା'ସହ ଶୁଷ୍କତା ଦୂର ହୁଏ।

**ନଡ଼ିଆ ତେଲ:** ତ୍ୱଚାକୁ କୋମଳ ରଖିବାକୁ ଚାହୁଁଥିଲେ ନଡ଼ିଆ ତେଲ ବ୍ୟବହାର କରିବା ଉତ୍ତମ। ତ୍ୱଚା କୁଞ୍ଚନ ସମସ୍ୟା ଦୂର ହୁଏ।

# ତ୍ୱଚା ପାଇଁ ତେଲ

ଶୀତ ଦିନେ ତ୍ୱଚା ଶୁଷ୍କ ହୋଇଯାଏ। ଏଥିପାଇଁ ଅନେକେ ବଡିଲୋସନ୍ ଲଗାଇଥାନ୍ତି। ହେଲେ ଏହା ଦୀର୍ଘ ସମୟ ପାଇଁ ପ୍ରଭାବୀ ହୋଇ ନ ଥାଏ। ଏପରିସ୍ଥଳେ ପ୍ରାକୃତିକ ତେଲ ଲଗାଇ ତ୍ୱଚାକୁ ମଏଶ୍ଚରାଇଜ୍ କରିପାରିବେ।

# ନିମ୍ବ ବଡ଼ିରୁ ବ୍ୟବସାୟ



ସାଧାରଣତଃ ନିମ୍ବ ଫୁଲ ବର୍ଷକେ ଥରେ ଆସିଥାଏ। ତେଣୁ ଏହାର ଚାହିଦା ଅଧିକ ଥାଏ। ଅଧିକାଂଶ ଲୋକେ ଏହାକୁ ତରକାରୀ, ଭଜା ଓ ପିଠଉ କରି ଖାଇଥାନ୍ତି; କିନ୍ତୁ ଛତିଶଗଡ଼ ଜାଂଜଗୀର - ଚାମ୍ପା ଜିଲ୍ଲାର ମହିଳାମାନେ ଏହି ନିମ୍ବଫୁଲକୁ ଉପଯୋଗ କରି ବଡ଼ି ପ୍ରସ୍ତୁତ କରୁଛନ୍ତି। ଏହାକୁ ସ୍ଥାନୀୟ ଅଞ୍ଚଳ ଓ ବଜାରରେ ବିକ୍ରି କରି ଅର୍ଥ ଉପାର୍ଜନ କରିଥାନ୍ତି। ମହିଳାଙ୍କ କହିବାନୁଯାୟୀ, ଏହି ବଡ଼ି ସ୍ୱାସ୍ଥ୍ୟ ପାଇଁ ହିତକର ହେବା ସହ ସ୍ୱାଦିଷ୍ଟ ଲାଗିଥାଏ। ଏଥିସହ ଏହା ଶରୀରରେ ଶର୍କରା ମାତ୍ରା ନିୟନ୍ତ୍ରଣ କରିଥାଏ।



ଗଙ୍ଗା ମୈୟା ସ୍ୱୟଂ ସହାୟକ ଗୋଷ୍ଠୀର ପୁଷ୍ପା ଯାଦବଙ୍କ କହିବାନୁଯାୟୀ, ବହେରାଡିହ ଗ୍ରାମର ମହିଳାମାନେ ଏକାଠି ହୋଇ ଏହି ବଡ଼ି ପ୍ରସ୍ତୁତ କରିଥାନ୍ତି। ଏଥିପାଇଁ ପ୍ରଥମେ ମହିଳାମାନେ ସ୍ଥାନୀୟ ଅଞ୍ଚଳରୁ ନିମ୍ବଫୁଲ ସଂଗ୍ରହ କରି ଖରାରେ ଶୁଖାନ୍ତି। ଏହାପରେ ଫୁଲକୁ ଧୋଇ ଗରମପାଣିରେ ପକାଇ କିଛି ସମୟ ଫୁଟାନ୍ତି। ଫୁଟିଗଲା ପରେ ପାଣିରୁ ନିମ୍ବ ଫୁଲକୁ ଛାଣି ପୁଣି ଥରେ ଖରାରେ ସୁଖାଇବାକୁ ପଡ଼ିଥାଏ। ଏହାପରେ ବଡ଼ି ପାଇଁ ବିରିଡାଲି ବତୁରାଇ ଗୋଟିଏ ରାତି ରଖନ୍ତି। ପରେ ଡାଲିକୁ ବାଟି ନିମ୍ବଫୁଲ ମିଶାଇ ଲୁଣ, ଲଙ୍କାଗୁଣ୍ଡ, ହେଙ୍ଗୁ, ଜୁଆଣି ଆଦି ପକାଇ ଛୋଟ ଛୋଟ ଗୁଳା କରି ବଡ଼ି ପ୍ରସ୍ତୁତ କରନ୍ତି। ଏହାପରେ ବଡ଼ିକୁ ଟାଣ ଖରାରେ ଦିନେ କିମ୍ବା ଦୁଇ ଦିନ ଶୁଖାନ୍ତି। ଏହାକୁ ଲୋକେ ସେମାନଙ୍କ ପସନ୍ଦ ମୁତାବକ ଖାଇଥାନ୍ତି।

ଅନେକେ ଏହାକୁ ଲାଉ ବଡ଼ି ଭଳି ତେଲରେ ଭାଜି ଖାଆନ୍ତି। ସ୍ଥାନୀୟ ଅଞ୍ଚଳରେ ଏହି ବଡ଼ିର ବେଶ୍ ଚାହିଦା ରହିଛି। କିଲୋପିଛା ଏହାର ମୂଲ୍ୟ ୧୦୦୦ ଟଙ୍କା। ଏହାକୁ ଖାଲି ପେଟରେ ଖାଇଲେ ଅଧିକ ସୁଫଳ ମିଳେ ବୋଲି ଗୋଷ୍ଠୀର ସଭାପତି ପୁଷ୍ପା କହିଛନ୍ତି। ଏହାକୁ ପିଲାଠୁ ନେଇ ବୟସ୍କ ସମସ୍ତେ ଖାଇପାରିବେ। ହେଲେ ସୁଗାର ଥିବା ଲୋକଙ୍କ ପାଇଁ ଏହା ବେଶ୍ ଲାଭଦାୟକ। ଦୈନିକ ଏହି ବଡ଼ି ଖାଇଲେ ସୁଗାର(ଶର୍କରା) ମାତ୍ରା କମ୍ ହୋଇଥାଏ। ବଜାରରେ ଏହାର ଖୁବ୍ ଚାହିଦା ରହିଛି। ମହିଳାମାନେ ପ୍ରତ୍ୟେକ ବର୍ଷ ନିମ୍ବଫୁଲ ଆସିଲେ ଏହି ବଡ଼ି ପ୍ରସ୍ତୁତ କରିଥାନ୍ତି। ଅନ୍ୟ ଦିନଗୁଡ଼ିକରେ ଲାଉ, ଫୁଲ, ଲିଆ ଭଳି ବିଭିନ୍ନ ବଡ଼ି ପ୍ରସ୍ତୁତ କରନ୍ତି। ଏହାକୁ ପ୍ୟାକେଟ୍ କରି ସ୍ଥାନୀୟ ଅଞ୍ଚଳରେ ବିକ୍ରି କରି ପରିବାର ପ୍ରତିପୋଷଣ କରିଥାନ୍ତି। ଘରର ସବୁକାମ ସରିବା ପରେ ଫାଙ୍କା ସମୟକୁ ଉପଯୋଗ କରି ମହିଳାମାନେ ବଡ଼ି ବ୍ୟବସାୟ କରିଥାନ୍ତି। ଗୋଷ୍ଠୀରେ ଏବେ ୨୦ ଜଣ ମହିଳା ଥିବାବେଳେ ଆଗାମୀ ଦିନରେ ଅଧିକ ମହିଳାଙ୍କୁ ଏଥିରେ ସାମିଲ କରିବାକୁ ପୁଷ୍ପା ଆଶା ରଖିଛନ୍ତି।

# ଅମୃତ ଅଁଳା

ଶୀତଦିନେ କେଶ ରୁକ୍ଷ, ଦୁର୍ବଳ ଓ ନିର୍ଜୀବ ଦେଖାଯାଏ। ଥଣ୍ଡା ଓ ବାୟୁର ଆର୍ଦ୍ରତା କେଶକୁ କ୍ଷତି ପହଞ୍ଚାଇଥାଏ। ଏପରି ସ୍ଥଳେ ଅଁଳା କେଶ ପାଇଁ ଖୁବ୍ ହିତକର ହୋଇଥାଏ। ଏଥିରେ ଭିଟାମିନ୍ ସି, ଆଣ୍ଟିଅକ୍ସିଡାଣ୍ଟ ଓ ଅନ୍ୟ ପୋଷକ ତତ୍ତ୍ୱ ଥାଏ। ଏହା କେଶକୁ ପୋଷଣ ଦେବା ସହ ରୂପି ସମସ୍ୟା ଦୂର କରିଥାଏ। ଏହା ନିୟମିତ ବ୍ୟବହାର କଲେ କେଶ ଘନ, ଉଜ୍ଜ୍ୱଳ ଓ ଭିତରୁ ମଜଭୂତ୍ ରହିଥାଏ।

### ଅଁଳା ତେଲରେ ମସାଜ୍

ଅଁଳା ତେଲକୁ ନଖଉଷୁମ କରି କେଶରେ ମସାଜ କରନ୍ତୁ। ଏହା କେଶମୂଳକୁ ପୋଷଣ ଦେବା ସହ ରକ୍ତ ସଞ୍ଚାଳନ ବୃଦ୍ଧି କରି କେଶ ବଢ଼ାଇ ଥାଏ.।

### ଅଁଳା ଓ ନଡ଼ିଆ ତେଲ

ଅଁଳା ପାଉଡରକୁ ନଡ଼ିଆ ତେଲରେ ପକାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ କେଶମୂଳରେ ଲଗାଇ ୩୦ ମିନିଟ୍ ପରେ ଧୋଇ ଦିଅନ୍ତୁ। ଏହା କେଶକୁ ଆର୍ଦ୍ର ଓ ମଜଭୂତ ରଖିଥାଏ।

### ଅଁଳା ଓ ଦହି

ଅଁଳା ପାଉଡରରେ ଦହି ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହା ରୁକ୍ଷକେଶ ସମସ୍ୟା ଦୂର କରିଥାଏ। କେଶରେ ଚମକ ଆଣିଥାଏ।

### ଅଁଳା ଓ ହେନା ମାସ୍କ

ଅଳ୍ପ ପାଣି ନେଇ ସେଥିରେ ହେନା ପାଉଡର ମିଶାଇ ହେୟାର ମାସ୍କ ପ୍ରସ୍ତୁତ କରନ୍ତୁ। ଏହାକୁ ତିନି ଚାରି ଘଣ୍ଟା ରଖି ଦିଅନ୍ତୁ। ଏହାପରେ ଭଲରେ ମିକ୍ସ କରି କେଶରେ ଲଗାନ୍ତୁ। ଏକ ଘଣ୍ଟାପରେ କେଶକୁ ଧୋଇ ଦିଅନ୍ତୁ। ଏହାକେଶକୁ ପ୍ରାକୃତିକ ଚମକ ଓ ମଜଭୂତ କରିଥାଏ।



# ମେକ୍ଅପ୍ରୁ ବିରତି

ମେକ୍ଅପ୍ କରିବାକୁ ସମସ୍ତେ ପସନ୍ଦ କରନ୍ତି। ଏହା ତ୍ୱଚାରେ ଥିବା ଦାଗ, ବ୍ରଣ ଦୂର କରି ପ୍ରାକୃତିକ ଚମକ ଆଣିଥାଏ। କିନ୍ତୁ ଲଗାତାର ମେକ୍ଅପ୍ କଲେ ଏହା ତ୍ୱଚାରେ ଅନେକ ସମସ୍ୟା ସୃଷ୍ଟି କରିଥାଏ। ଶରୀରକୁ ସୁସ୍ଥ ରଖିବା ପାଇଁ ଯେପରି ଡିଟକ୍ସ କରାଯାଏ, ସେହିପରି ତ୍ୱଚାକୁ ମଧ୍ୟ ମେକ୍ଅପ୍ରୁ ବିରତି ଦେବାକୁ ପଡ଼ିଥାଏ। ନଚେତ୍ ତ୍ୱଚାର ପୋର୍ସଗୁଡ଼ିକ ବନ୍ଦ ହୋଇ ପ୍ରାକୃତିକ ଚମକ ହଜିଯାଏ। ତେଣୁ ସମୟେ ସମୟେ ମେକ୍ଅପ୍ରୁ ବିରତି ନେବା ଆବଶ୍ୟକ।



### ଚମକ ବିହୀନ ତ୍ୱଚା

ମେକ୍ଅପ୍ ପରେ ତ୍ୱଚାରେ ଚମକ ଆସିଥାଏ; କିନ୍ତୁ ହାଇଲାଇଟର୍ ଓ ବ୍ଲଶ୍ ଲଗାଇବା ପରେ ତ୍ୱଚା ରୁକ୍ଷ, ତଥା ନିର୍ଜୀବ ଲାଗୁଥିଲେ, ଏହା ବିପଦର ସଂକେତ ହୋଇପାରେ। ଦୀର୍ଘ ସମୟ ତ୍ୱଚାରେ ମେକ୍ଅପ୍ ରହିଲେ, ଏହା ତ୍ୱଚାର ଥିବା କଣିକାକୁ କ୍ଷତି ପହଞ୍ଚାଇଥାଏ। ତେଣୁ ସୁସ୍ଥ ତ୍ୱଚା ପାଇଁ ମଝିରେ ମଝିରେ ମେକ୍ଅପ୍ରୁ ବିରତି ନେବା ଜରୁରୀ।

### ଶୁଷ୍କତା

ଦୈନିକ ମେକ୍ଅପ୍ କରିବା ଦ୍ୱାରା ତ୍ୱଚାରେ ଥିବା ପ୍ରାକୃତିକ ତେଲ କମିଯାଏ। ତ୍ୱଚାର ସୁରକ୍ଷା ପରସ୍ତ ଦୁର୍ବଳ ହୋଇଯାଏ। ଏହା ଉପରେ ମେକ୍ଅପ୍ କଲେ ତ୍ୱଚାରେ ଶୁଷ୍କତା ଓ ଫଟା ଫଟା ଦାଗ ଦେଖିବାକୁ ମିଳିଥାଏ। ତେଣୁ ତ୍ୱଚାରେ ମେକ୍ଅପ୍ ନ ଲଗାଇ କ୍ରିମ୍ ମଏଶ୍ଚରାଇଜର୍ ଲଗାଇ ଦେଖାଶୁଣା କରିପାରିବେ।

### ବାରମ୍ବାର ବ୍ରଣ

ତ୍ୱଚାରେ ଫାଉଣ୍ଡେସନ୍, କନ୍ସିଲର୍, ବ୍ଲଶ୍ ଆଦି ବାରମ୍ବାର ଲଗାଇଲେ ତ୍ୱଚାରେ ଏହା ଜମିରହେ। ଫଳରେ ଧୂଳି, ବାୟୁ ପ୍ରଦୂଷଣ ସଂସ୍ପର୍ଶରେ ଆସି ମୁହଁରେ ବ୍ରଣ ହୋଇଥାଏ । ତେଣୁ ଏପରି ସ୍ଥିତି ଉପୁଜୁଥିଲେ ତ୍ୱଚାରେ କିଛିଦିନ ପାଇଁ ମେକ୍ଅପ୍ ଲଗାଇବା ଛାଡ଼ି ଦିଅନ୍ତୁ।

# ଶୀତଦିନେ ଘରକୁ ଦିଅନ୍ତୁ ନୂଆ ରଙ୍ଗ


ଋତୁ ଅନୁଯାୟୀ ଲୋକେ ଖାଦ୍ୟ,ପାନୀୟ ତଥା ପୋଷାକ ଆଦିରେ ପରିବର୍ତ୍ତନ କରିଥାନ୍ତି। ସେହିପରି ଘରକୁ ମଧ୍ୟ ଋତୁ ଅନୁସାରେ ରଙ୍ଗ କରିବା ଜରୁରୀ। ଏପରି କରିବା ଦ୍ୱାରା ଘର ସୁନ୍ଦର ଦିଶିବା ସହ ଆରାମଦାୟକ ଅନୁଭୂତି ମିଳିଥାଏ।

- ଶୀତଦିନେ ହାଲୁକା, ନ୍ୟୁଟ୍ରାଲ୍ ରଙ୍ଗ ଖୁବ୍ ଭଲ ହୋଇଥାଏ। ଅଫ୍ହ୍ୱାଇଟ୍, କ୍ରିମ୍ ଭଳି ରଙ୍ଗ ଘରକୁ ବଡ଼ ଦେଖାଇବା ସହ ବିଭିନ୍ନ ସାଜଉପକରଣ ସହ ମେଳ ଖାଇଥାଏ। କାନ୍ଥ ତଥା ଫର୍ଣ୍ଣିଚର ପାଇଁ ଏହି ରଙ୍ଗ ଖୁବ୍ ସୁନ୍ଦର ଦିଶିଥାଏ।
- ସେହିପରି ଶୀତଦିନେ ଘରକୁ ଟିକେ ଉଷୁମ ରଖିବାକୁ ଚାହୁଁଥିଲେ, ଗାଢ଼ ନାଲି ରଙ୍ଗ କରିପାରିବେ। ଏହା ଘରକୁ ସୁନ୍ଦର କରିଥାଏ। ଏଥିସହ ଚାହିଁଲେ ଘରେ ମେରୁନ୍ ରଙ୍ଗ ଲଗାଇପାରିବେ। ଏହା ଘରକୁ ଏକ ଫେଷ୍ଟିଭ୍ ଲୁକ୍ ଦେଇଥାଏ।
- ଘରେ ପ୍ରାକୃତିକ ଚମକ ଆଣିବାକୁ ଚାହୁଁଥିଲେ, ବ୍ରାଉନ୍ ଓ କଫିସେଡ୍ ବ୍ୟବହାର କରିପାରିବେ। ଏହି ରଙ୍ଗ କାଠ, ଉଲ୍ ଓ ଲାଇଲେନ୍ ଭଳି ଫାବ୍ରିକ୍କୁ ସୁନ୍ଦର ଦିଶିଥାଏ। ଏହାଦ୍ୱାରା ଘରେ ଶାନ୍ତି ଅନୁଭୂତ ହୋଇଥାଏ।



ମୋ ହାଣ୍ଡିଶାଳରୁ...

# ପିଜ୍ଜା ପରଟା



### ଆବଶ୍ୟକ ସାମଗ୍ରୀ

ଅଟା -୨୫୦ ଗ୍ରାମ୍, କଟା ପିଆଜ - ଅଧା କପ୍, କଟା କ୍ୟାପ୍ସିକମ୍ - ଅଧା କପ୍, ମିଠା ମକ୍କା- ଅଧା କପ୍, ଟମାଟୋ - ଅଧା କପ୍, ମ୍ୟାଗି ମସଲା - ଅଧା ଚାମଚ, ଟମାଟୋ ସସ୍ - ଏକ ଚାମଚ, ଚିଜ୍ - ଅଧା କପ୍ , ଲୁଣ- ସ୍ୱାଦ ଅନୁସାରେ, ତେଲ - ଆବଶ୍ୟକତା ଅନୁସାରେ।

### ପ୍ରସ୍ତୁତି ପ୍ରଣାଳି

ପ୍ରଥମେ ଅଟାରେ ପାଣି ଅଳ୍ପ ଲୁଣ ଦେଇ ଚକଟି ଦିଅନ୍ତୁ। ଏହାକୁ ଗୁଳା କରି ଗୋଲାକାରରେ ବେଲନ୍ତୁ। ଏହାପରେ ରୁଟିରେ ଏକ ଚାମଚ ତେଲ ଓ ମ୍ୟାଗି ମସଲା ଦେଇ ରୁଟିର ଚାରିକଡ଼େ ଲଗାନ୍ତୁ। ଗୋଟିଏ କଣ୍ଟା ଚାମଚ ସାହାଯ୍ୟରେ ମଝିରେ ଦାଗ ଦିଅନ୍ତୁ। ଗ୍ୟାସ୍ ଲଗାଇ ତାୱା ଗରମ କରି ରୁଟିକୁ ସେକନ୍ତୁ। ଦୁଇପାଖ ହାଲୁକା ସେକି ହୋଇଯିବା ପରେ ଏହାକୁ ଏକ ପ୍ଲେଟ୍କୁ କାଢ଼ି ଦିଅନ୍ତୁ। ରୁଟି ଉପରେ ପିଜ୍ଜା ସସ୍ ଟମାଟୋ ସସ୍, ଚିଜ୍, ମିଠାମକା ଦେଇ ଏହା ଉପରେ କ୍ୟାପ୍ସିକମ୍, ଟମାଟୋ, ପିଆଜ ଦିଅନ୍ତୁ। ଏହାକୁ ଏକ ପ୍ୟାନ୍ରେ ବସାଇ ଉପରେ ଢାଙ୍କୁଣି ଘୋଡ଼ାଇ ଦିଅନ୍ତୁ। ୧୦ ମିନିଟ୍ ପରେ ଢାଙ୍କୁଣି ଖୋଲି ଏହାକୁ ପ୍ଲେଟ୍ରେ କାଢ଼ନ୍ତୁ। ପ୍ରସ୍ତୁତ ହୋଇଗଲା 'ପରଟା ପିଜ୍ଜା'।

# ଟ୍ରେଣ୍ଡରେ ବବଲ୍ ହେମ୍ ଆଉଟ୍ଫିଟ୍



ଫେଶନ ଦୁନିଆରେ ଅନେକ ଷ୍ଟାଇଲ୍ ରହିଛି, ଯାହା କେବେ ହେଲେ ପୁରୁଣା ହୁଏନି। ଏହା ସମୟାନୁସାରେ ନୂଆ ରୂପରେ ଦେଖିବାକୁ ମିଳିଥାଏ। ସେମିତି ଏକ ଟ୍ରେଣ୍ଡ ହେଲା ବବଲ୍ ହେମ୍ ଆଉଟଫିଟ୍। ଏହା ଅଶି ଦଶକରେ ଖୁବ୍ ଲୋକପ୍ରିୟ ଥିଲା। ଏବେର ମହିଳାଙ୍କ ମଧ୍ୟରେ ଏହାର ଚାହିଦା ରହିଛି। ଏହା ପାର୍ଟି, ଫଙ୍କ୍ଶନ୍, ଉତ୍ସବ, କାଜୁଆଲ୍ ସବୁ ଆଉଟ୍ଫିଟ୍କୁ ଭଲ ମାନିଥାଏ।

- ଏ ପ୍ରକାର ଡ୍ରେସ୍ରେ କପଡ଼ାକୁ ତଳକୁ ମୋଡ଼ି ସିଲେଇ କରାଯାଇଥାଏ। ଏହାଦ୍ୱାରା ତଳଅଂଶ ଫୁଲି ଏକ ବେଲୁନ୍ ଆକାର ଦେଖାଯାଏ। ଏହା ସୁନ୍ଦର ଓ ଆକର୍ଷଣୀୟ ଦେଖାଯାଏ।
- ଏହି ଡିଜାଇନ୍ ମିନି, ମିଡି ଓ ମ୍ୟାକ୍ସି ଆଦି ବିଭିନ୍ନ ଲମ୍ବର ରହିଛି। ତେବେ କୌଣସି ପାର୍ଟି, ଫଙ୍କସନ୍ରେ ପିନ୍ଧିବାକୁ ଚାହୁଁଥିଲେ , ସିଲ୍କ ବା ସାଟିନ୍ କପଡ଼ାର ପୋଷାକ ପିନ୍ଧିପାରିବେ।
- ଏହି ଡ୍ରେସ୍ ସବୁ ପ୍ରକାର ଶାରୀରିକ ଗଠନକୁ ଭଲ୍ ମାନିଥାଏ। ତେଣୁ ଏହାର ଲୋକପ୍ରିୟତା ଖୁବ୍ ରହିଛି। ଏହି ବବଲ୍ଆକୃତି ଶରୀରକୁ ଏକ ବାଲାନ୍ସ ଲୁକ୍ ଦେଇଥାଏ। ଏହି ପୋଷାକ ଜୁଏଲାରୀ ବିନା ଅଧିକ ଆକର୍ଷଣୀୟ ଦିଶିଥାଏ।



### କିଟ୍ ରଣଜୀ ଲଢ଼େଇ: ନାଗାଲାଣ୍ଡ ୨୯୯ ରନ୍‌ରେ ପରାସ୍ତ

# ଓଡ଼ିଶାକୁ ସିଜିନ୍‌ର ପ୍ରଥମ ବିଜୟ ପଏଣ୍ଟ

ଭୁବନେଶ୍ୱର, ୧୯ ।୧୧ (ସମିସ)

ସ୍ଥାନୀୟ କିଟ୍ କ୍ରିକେଟ୍ ଗ୍ରାଉଣ୍ଡରେ ଭ୍ରମଣକାରୀ ନାଗାଲାଣ୍ଡ ବିପକ୍ଷରେ ଅନୁଷ୍ଠିତ ରଣଜୀ ଟ୍ରଫି ମୁକାବିଲାରେ ଓଡ଼ିଶା ୨୯୯ ରନର ବୃହତ୍ ବ୍ୟବଧାନରେ ବିଜୟୀ ହୋଇଛି। ଦୁଇ ସ୍ପିନର ଗୋବିନ୍ଦ ପୋଦ୍ଦାର (୫/୬୯) ଓ ବାଦଲ ସ୍ୱାଇଁ (୩/୩୮) ମିଳିତ ଭାବେ ୮ ୱିକେଟ୍ ନେଇ ଘରୋଇ ଓଡ଼ିଶାକୁ ଚଳିତ ସିଜନରେ ପ୍ରଥମ ବିଜୟ ଭେଟି ଦେଇଥିଲେ। ପୂର୍ବରୁ ବରୋଦା (୭ ୱିକେଟ), ଆନ୍ଧ୍ର ପ୍ରଦେଶ (ଇନିଂସ ଓ ୫୦ ରନ) ଓ ବିଦର୍ଭ (୧୦୦ ରନ) ନିକଟରୁ ହାରିଥିବା ଓଡ଼ିଶା କେବଳ ଉତ୍ତର ପ୍ରଦେଶ ବିପକ୍ଷରେ ଡ୍ର ରଖିଥିଲା। ଏବେ ୫ଟି ମ୍ୟାଚ୍ ଖେଳି ଓଡ଼ିଶା ୭ ପଏଣ୍ଟ ସହ ଏଲିଟ୍ ଗ୍ରୁପ୍-ଏ'ରେ ୬ଷ୍ଠ ସ୍ଥାନରେ ରହିଛି।

ଓଡ଼ିଶା ପକ୍ଷରୁ ଧାର୍ଯ୍ୟ ୪୬୫ ରନର କଷ୍ଟସାଧ୍ୟ ଲକ୍ଷ୍ୟକୁ ପିଛା କରିଥିବା ନାଗାଲାଣ୍ଡ ବୁଧବାର ମ୍ୟାଚର ଅନ୍ତିମ ତଥା ୪ର୍ଥ ଦିବସରେ ୧୬୫ ରନ କରି ଦ୍ୱିତୀୟ ପାଳିରେ ଅଲଆଉଟ୍ ହୋଇଯାଇଥିଲା। ନାଗାଲାଣ୍ଡକୁ ଅଲଆଉଟ୍ କରିବାକୁ ଓଡ଼ିଶା ବୋଲରଙ୍କୁ ୮୩ ଓଭର ବୋଲିଂ କରିବାକୁ ପଡ଼ିଥିଲା। ଭ୍ରମଣକାରୀ ଦଳ ପକ୍ଷରୁ ଓପନର୍ ଡେଗା ନିଶ୍ଚଳ (୧୨୬ ବଲରେ ୫୨ ରନ) ଓ ହେମ ଛେତ୍ରୀ (୧୦୨ ବଲରେ ୩୭ ରନ) ଧୀମା ବ୍ୟାଟିଂ କରି ମ୍ୟାଚକୁ ଡ୍ର ରଖିବାକୁ ଚେଷ୍ଟା କରିଥିଲେ। କିନ୍ତୁ ପାର୍ଟଟାଇମ ସ୍ପିନର ଗୋବିନ୍ଦ ଉଭୟଙ୍କୁ ଆଉଟ୍ ଓଡ଼ିଶା ଦଳ ପାଇଁ ବିଜୟ ପଥ ପରିଷ୍କାର କରିଦେଇଥିଲେ। ଗୋବିନ୍ଦ ୩୧ ଓଭର ବୋଲିଂ କରି ୧୩ ମେଡେନ ସହ ୬୯ ରନ ବ୍ୟୟରେ ସର୍ବାଧିକ ୫ଟି ୱିକେଟ୍ ନେଇଥିଲେ। ପ୍ରଥମଶ୍ରେଣୀ ଫର୍ମାଟରେ ଏହା ତାଙ୍କର ୩ୟ ୫ ୱିକେଟ ସଫଳତା ଥିଲା। ସେହିଭଳି ବାମହାତୀ ସ୍ପିନର ବାଦଲ ୧୯ ଓଭର ବୋଲିଂ କରି ୧୦ ମେଡେନ ସହ ୩୮ ରନ ଦେଇ ୩ଟି ୱିକେଟ୍ ନେଇଥିଲେ। ସମ୍ବିତ ବରାଳଙ୍କୁ ଗୋଟିଏ ୱିକେଟ୍ ମିଳିଥିବାବେଳେ ଅଭିଜ୍ଞ ଚେତନ ବିଷ୍ଟ ୧୯ ବଲ ଖେଳିଥିଲେ ମଧ୍ୟ ଖାତା ଖୋଲି ନ ପାରି ରନଆଉଟ୍ ହୋଇଥିଲେ। ପୂର୍ବରୁ ଅନିଲ ପରିଡ଼ା (୧୧୮)ଙ୍କ ଶତକ ବଳରେ ଓଡ଼ିଶା ପ୍ରଥମ ଇନିଂସରେ ୨୭୫ ରନ କରିଥିଲା। ଜବାବରେ ୧୬୧ ରନରେ ସୀମିତ ରହିଥିଲା। ୧୧୪ ରନରେ ଅଗ୍ରଣୀ ଥାଇ ଘରୋଇ ଦଳ ଦ୍ୱିତୀୟ ଇନିଂସରେ ୫ ୱିକେଟରେ ୩୫୦ ରନ କରି ପାଳି ଘୋଷଣା କରିଥିଲା। ଓପନର୍ ସ୍ୱସ୍ତିକ ସାମଲ ୧୬୯ ଓ ଅଧିନାୟକ ଶୁଭ୍ରାଂଶୁ ସେନାପତି ୧୩୭ ରନର ଶତକୀୟ ପାଳି ଖେଳିଥିଲେ। ସ୍ୱସ୍ତିକଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ସୟଦ ମୁସ୍ତାକ ଅଲି ଟ୍ରଫି ଲାଗି ରଣଜୀ ଟ୍ରଫିରେ ଏବେ ସାମୟିକ ବ୍ରେକ୍ ଲାଗିଛି। ଜାନୁଆରୀ ୨୨ରୁ ୬ଷ୍ଠ ଓ ୨୯ରୁ ଅନ୍ତିମ ତଥା ୭ମ ରାଉଣ୍ଡ ମ୍ୟାଚ୍ ଖେଳାଯିବ। ଏହି ଦୁଇଟି ମ୍ୟାଚରେ ଓଡ଼ିଶା ଯଥାକ୍ରମେ ତାମିଲନାଡୁ ଓ ଝାଡ଼ଖଣ୍ଡକୁ ଭେଟିବ।


ଗୋବିନ୍ଦ ପୋଦ୍ଦାର



ସ୍ୱସ୍ତିକ ସାମଲ

**ସଂକ୍ଷିପ୍ତ ସ୍କୋର**

**ଓଡ଼ିଶା ପ୍ରଥମ ଇନିଂସ**: ୨୭୫/୧୦ (ଅନିଲ-୧୧୮, ବିପ୍ଳବ- ୯୨, ଲମଲିୱତି ଲେମତୁର- ୩/୨୬)।
**ନାଗାଲାଣ୍ଡ ପ୍ରଥମ ଇନିଂସ**: ୧୬୧/୧୦ (ଡେଗା- ୭୨, ଗୋବିନ୍ଦ- ୩/୨୨)।
**ଓଡ଼ିଶା ୨ୟ ଇନିଂସ**: ୩୫୦/୫, ୭୧ ଓଭର (ସ୍ୱସ୍ତିକ- ୧୬୯, ଶୁଭ୍ରାଂଶୁ- ୧୩୭, ସମ୍ବିତ- ଅପରାଜିତ ୧୯, ପୋଦ୍ଦାର- ୧୨, ଭିନୋ- ୨/୭୯)।
**ନାଗାଲାଣ୍ଡ ୨ୟ ଇନିଂସ**: ୪୧/୧, ୧୮ ଓଭର (ଟାର୍ଗେଟ- ୪୬୫)।

### ■ ଗୌହାଟୀରେ ଶନିବାରରୁ ଦ୍ୱିତୀୟ ଟେଷ୍ଟ

## ଗିଲ୍‌ଙ୍କ ଖେଳିବା ନେଇ ସନ୍ଦେହ



ଗୌହାଟୀ,୧୯।୧୧(ଏଜେନ୍ସି): ଦକ୍ଷିଣ ଆଫ୍ରିକା ସହ ସ୍ଥାନୀୟ ବର୍ଷାପଡ଼ା ଷ୍ଟାଡିୟମ୍‌ରେ ଦ୍ୱିତୀୟ ଟେଷ୍ଟ ଖେଳିବାକୁ ଭାରତୀୟ କ୍ରିକେଟ ଦଳ ଏଠାରେ ବୁଧବାର ପହଞ୍ଚିଛି। ଏହି ଟେଷ୍ଟ ଆସନ୍ତା ଶନିବାର ବା ନଭେମ୍ବର ୨୨ରୁ ଆରମ୍ଭ ହେବ। ଇଡେନ୍‌ରେ ଖେଳାଯାଇଥିବା ପ୍ରଥମ ଟେଷ୍ଟ ତୃତୀୟ ଦିନରେ ଶେଷ ହୋଇଥିଲା। ଏହା ଫଳରେ କୋଲକାତାରେ ଭାରତୀୟ ଦଳକୁ ୨ ଦିନ ଛୁଟିରେ ରହିବାକୁ ପଡ଼ିଲା। ଭାରତୀୟ କ୍ରିକେଟ ଦଳର ଟୁର୍ ପ୍ଲାନ୍ ଅନୁଯାୟୀ ଆଜି ଖେଳାଳି ଓ ସପୋର୍ଟ ଷ୍ଟାଫ୍ ଗୁଅହାଟୀରେ ପହଞ୍ଚିଛନ୍ତି। କିନ୍ତୁ ପ୍ରଥମ ଟେଷ୍ଟର ଦ୍ୱିତୀୟ ଦିନ ୩ଟି ବଲ ଖେଳିବା ପରେ ଆହତ ହୋଇ ରିଟାୟର୍ଡ ହୋଇଥିବା ଭାରତୀୟ ଅଧିନାୟକ ଶୁବମନ ଗିଲ୍‌ଙ୍କ ଖେଳିବା ନେଇ ସନ୍ଦେହ ଦୂର ହୋଇନାହିଁ। କୋଲକାତାରେ ଚିକିତ୍ସା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଦ୍ରୁତ ଉନ୍ନତି ଘଟୁଛି। ଏବେ ସେ ବିସିସିଆଇ ମେଡିକାଲ ଟିମ୍ ତତ୍ତ୍ୱାବଧାନରେ ରହିଛନ୍ତି। କିନ୍ତୁ ବର୍ଷାପଡାରେ ସେ ଖେଳିବେ କି ନାହିଁ ତାହା ଶେଷ ମୁହୂର୍ତ୍ତରେ ଟିମ୍ ମ୍ୟାନେଜ୍‌ମେଣ୍ଟ ନିଷ୍ପତ୍ତି ନେବ ବୋଲି ଜଣାଯାଇଛି।

### ■ ଅଲ୍‌ଓଡ଼ିଶା ବିଲିୟାର୍ଡ୍ସ ଓ ସ୍ନୁକରରେ ବିପର୍ଯ୍ୟୟ

## ଅଗରୱାଲଙ୍କୁ ହରାଇଲେ ସିଂଘାଲ



ଭୁବନେଶ୍ୱର,୧୯।୧୧(ସମିସ): ପୂର୍ବତନ ଜାତୀୟ ବିଲିୟାର୍ଡ୍ସ ରନର୍ସ ଅପ୍ କୁନାଲ ଅଗରୱାଲଙ୍କୁ ହରାଇ ୧୫ ବର୍ଷୀୟ ରାଜ୍ୟ ଜୁନିଅର ଚାମ୍ପିଅନ୍ ବିଶେଷ ସିଂଘାଲ ଏଠାରେ ଚାଲିଥିବା ଅଲଓଡ଼ିଶା ବିଲିୟାର୍ଡ୍ସ ଆଣ୍ଡ ସ୍ନୁକର ର୍‌ୟାଙ୍କିଙ୍ଗ୍ ପ୍ରତିଯୋଗିତାରେ ସବୁଠାରୁ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ଆଜି ଖେଳାଯାଇଥିବା ସିନିଅର ସ୍ନୁକର ଚାମ୍ପିଅନସିପ୍‌ରେ ୧୫ ବର୍ଷୀୟ ବିଶେଷ ୩-୨ ଫ୍ରେମ୍‌ରେ କୁନାଲ ଅଗରୱାଲଙ୍କୁ ହରାଇ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ବିଲିୟାର୍ଡ୍ସ ଚାମ୍ପିଅନ ଆଶୁତୋଷ ପାଢ଼ୀ ଓ ରନର୍ସ ଅପ୍ ସୁବ୍ରତ ଦାସଙ୍କ ଆଜିର ମୁକାବିଲାରେ ୱାକ୍ ଓଭର ମିଳିଛି। ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ରାକେଶ ରୋଶନ ପ୍ରଧାନ, ସିଦ୍ଧାର୍ଥ ସେନ୍, ଅନୁଜ ପଣ୍ଡା, ସୁଦୀପ୍ତ ଦାସ ମଧ୍ୟ ବିଜୟୀ ହୋଇ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି।

### ■ ଷ୍ଟେଟ-ଏ ଟ୍ରଫି: ମୁମ୍ବାଇଠାରୁ ହାରିଲା

## ଆନ୍ଧ୍ରଠୁ ଜିତିଲେ କ୍ୱାର୍ଟର ଖେଳିବ ଓଡ଼ିଶା



କଟକ,୧୯।୧୧(ସମିସ): ୨୩ବର୍ଷରୁ କମ୍ ପୁରୁଷ ଷ୍ଟେଟ-ଏ ଟ୍ରଫିର ୬ଷ୍ଠ ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ୮ ୱିକେଟରେ ମୁମ୍ବାଇ ଠାରୁ ପରାସ୍ତ ହୋଇଛି। ବରୋଦାର କୋଦାମ୍ବି ଷ୍ଟାଡିୟମରେ ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ମୁମ୍ବାଇ ଟସ୍ ଜିତି ଓଡ଼ିଶାକୁ ବ୍ୟାଟିଂ ଡାକରା ଦେଇଥିଲା। ଦିନେଶ ମାଝୀଙ୍କ ୬୦ରନ୍ ସହାୟତାରେ ଓଡ଼ିଶା ସମସ୍ତ ୱିକେଟ ହରାଇ ୧୯୭ରନ ସଂଗ୍ରହ କରିଥିଲା। ମୁମ୍ବାଇର ହିମାଂଶୁ ସିଂହ ୩ଟି ୱିକେଟ ଦଖଲ କରିଥିଲେ। ୱିକେଟ କିପର ପ୍ରତୀକ ଯାଦବ(୬୩ରନ) ଏବଂ ଜୟ ଜୈନ(୭୭ରନ) ଅପରାଜିତ ଅର୍ଦ୍ଧଶତକୀୟ ପାଳି ଖେଳି ମୁମ୍ବାଇକୁ ସହଜ ବିଜୟ ପ୍ରଦାନ କରିଥିଲେ। ୬ଟି ମ୍ୟାଚରୁ ୪ଟି ବିଜୟ ଏବଂ ୨ଟି ପରାଜୟ ବଳରେ ୧୬ ପଏଣ୍ଟ ହାସଲ କରି ଓଡ଼ିଶା ଗ୍ରୁପ-ବି ଟେବଲର ୩ୟ ସ୍ଥାନରେ ରହିଛି। ମୁମ୍ବାଇ(୨୪ପଏଣ୍ଟ) ଏବଂ ଆନ୍ଧ୍ରପ୍ରଦେଶ(୧୬ପଏଣ୍ଟ) ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଆସନ୍ତା ୨୧ରେ ଓଡ଼ିଶା ଅନ୍ତିମ ଲିଗ୍‌ରେ ଆନ୍ଧ୍ରପ୍ରଦେଶକୁ ଭେଟିବ। ଏହି ମ୍ୟାଚ୍ ଜିତିଲେ ଓଡ଼ିଶା କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବାର ସୁଯୋଗ

### ● ୨୩ ବର୍ଷରୁ କମ୍ ଜାତୀୟ ମହିଳା ଟି-୨୦

## ଅଲିସ୍ମା ଓଡ଼ିଶା ଦଳର ଅଧିନାୟିକା



ଭୁବନେଶ୍ୱର, ୧୯ ।୧୧ (ସମିସ): ବିସିସିଆଇ ଆନୁକୂଲ୍ୟରେ ଆସନ୍ତା ୨୪ ତାରିଖରୁ ୨୩ ବର୍ଷରୁ କମ୍ ଜାତୀୟ ମହିଳା ଟି-୨୦ ଟ୍ରଫି ଆରମ୍ଭ ହେବ। ଏଥିଲାଗି ବୁଧବାର ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ)ର ସିନିୟର ମହିଳା ଚୟନ କମିଟି ଅଧକ୍ଷା ସସ୍ମିତା ପଟ୍ଟନାୟକ ଓ ମୁଖ୍ୟ କୋଚ୍ ସ୍ୱାଗତିକା ରଥ ୧୬ ଜଣିଆ ରାଜ୍ୟ ଦଳ ଘୋଷଣା କରିଥିଲେ। ଅଲିସ୍ମା ବିଶ୍ୱାଳଙ୍କୁ ଦଳର ନେତୃତ୍ୱ ଭାରତ ପ୍ରଦାନ କରାଯାଇଛି। ଓଡ଼ିଶା ନଭେମ୍ବର ୨୪ରେ ସିକ୍କିମ, ୨୫ରେ ଉତ୍ତରାଖଣ୍ଡ, ୨୭ରେ ହରିୟାଣା, ୨୯ରେ ବରୋଦା ଓ ଡିସେମ୍ବର ୧ରେ ମୁମ୍ବାଇ ବିପକ୍ଷରେ ଶେଷ ଲିଗ୍ ମ୍ୟାଚ୍ ଖେଳିବ। ଓଡ଼ିଶା ଏହାର ସମସ୍ତ ମ୍ୟାଚ୍ କେରଳର ତିରୁଅନନ୍ତପୁରମରେ ଖେଳିବ।

ଓଡ଼ିଶା ୨୩ ବର୍ଷରୁ କମ୍ ମହିଳା ଦଳ: ଅଲିସ୍ମା ବିଶ୍ୱାଳ (ଅଧିନାୟିକା), ତନ୍ମୟୀ ବେହେରା (ଉପ-ଅଧିନାୟିକା), ପୂଜାରାଣୀ ଦାସ, ଦିବ୍ୟା ରାଉତରାୟ, ତନ୍ୱୀ ରଞ୍ଜନା (ଉଭୟ ୱିକେଟ୍‌କିପର), ସୁଚିସ୍ମିତା ପଣ୍ଡା, ଅଙ୍କିତା ଗିରି, ପ୍ରାର୍ଥନା ପ୍ରତିଶ୍ରୁତି, ଶୁଭ୍ରା ସ୍ୱାଇଁ, ଜିଏମ୍ ଅଳକାନନ୍ଦା, ଅନନ୍ୟା ମିଶ୍ର, ସୁଲଗ୍ନା ନାୟକ, ଏସ୍‌ବି ଲରେନ୍ସ, ଶ୍ରେୟା ପ୍ରିୟଦର୍ଶିନୀ, ଜ୍ୟୋତି ପ୍ରସାଦ, କଲାନ୍ସି ଧରିତ୍ରୀ। ଷ୍ଟାଣ୍ଡବାଏ: ଜୟସ ନାୟକ, ରାଣୀ ପ୍ରସାଦ, ଏସ୍. ସ୍ୱାଇଁ ଓ ସୋନାଲିସା ସାହୁ।

### ସୟଦ ମୁସ୍ତାକ ଅଲ୍ଲୀ ଟି-୨୦

## ୫ ବର୍ଷ ପରେ ବିପ୍ଳବଙ୍କୁ ନେତୃତ୍ୱ

କଟକ,୧୯।୧୧(ସମିସ)



ବିସିସିଆଇ ଆନୁକୂଲ୍ୟରେ ଆସନ୍ତା ୨୬ ତାରିଖରୁ ସୟଦ ମୁସ୍ତାକ ଅଲ୍ଲୀ ଟି-୨୦ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ଏଥି ନିମନ୍ତେ ଘୋଷିତ ୨୦ଜଣିଆ ରାଜ୍ୟ ଦଳରେ ବିପ୍ଳବ ସାମନ୍ତରାୟଙ୍କୁ ନେତୃତ୍ୱ ମିଳିଛି। ପାଞ୍ଚବର୍ଷ ପରେ ବିପ୍ଳବ ଟି-୨୦ ଫର୍ମାଟର ଅଧିନାୟକ ପଦକୁ ଫେରିଛନ୍ତି। ସେହିଭଳି ଦଳରେ ୬ ନୂଆ ମୁହଁ ସ୍ଥାନ ପାଇଛନ୍ତି। ଅନିଲ ପରିଡ଼ା, ବାଦଲ ବିଶ୍ୱାଳ ଏବଂ ସୌରଭ ଗୌଡ ପ୍ରଥମଶ୍ରେଣୀ କ୍ରିକେଟରେ ପଦାର୍ପଣ କରିଥିଲେ ମଧ୍ୟ ଟି-୨୦ ଫର୍ମାଟରେ ନୂଆ ଚେହେରା। ଏହାଛଡ଼ା ୧୭ବର୍ଷୀୟ ସ୍ପିନର ରାଜ ଯାଦବ ଏବଂ ପେସ୍ ବୋଲର ଭଗୀଶ ଶର୍ମାଙ୍କ ସମେତ ସୌମ୍ୟରଞ୍ଜନ ଲେଙ୍କା ରାଜ୍ୟ ବରିଷ୍ଠ ଦଳରେ ପ୍ରଥମ ଥର ସୁଯୋଗ ପାଇଛନ୍ତି। ସେହିଭଳି ବାମହାତୀ ସ୍ପିନର ପପୁ ରାୟ ପାଖାପାଖି ୪୪ ମାସ ପରେ ସିନିଅର ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଘୋଷିତ ଦଳରେ ଗୌରବ ଚୌଧୁରୀ, ସ୍ୱସ୍ତିକ ସାମଲ, ଆଦିତ୍ୟ ରାଉତ, ଆଶୀର୍ବାଦ ସ୍ୱାଇଁ, ପ୍ରୟାସ କୁମାର ସିଂହ, ସମ୍ବିତ ବରାଳ, ରାଜେଶ ମହାନ୍ତି, ଶୁଭ୍ରାଂଶୁ ସେନାପତି, ଶୁଭମ ଶତ୍ରୁଜିତ, ସନ୍ଦୀପ ପଟ୍ଟନାୟକ, ପପୁ ରାୟ, ଗୋବିନ୍ଦ ପୋଦ୍ଦାର, ସର୍ବେଶ୍ୱର ମହାନ୍ତି ରହିଛନ୍ତି। ନଭେମ୍ବର ୨୬ରେ ଲକ୍ଷ୍ନୌର ଏକନା କ୍ରିକେଟ ଷ୍ଟାଡିୟମରେ କେରଳ ବିପକ୍ଷରେ ଓଡ଼ିଶା ପ୍ରଥମ ମ୍ୟାଚ୍ ଖେଳିବ। ଏହାପରେ ଓଡ଼ିଶା ନଭେମ୍ବର ୨୮ରେ ଆନ୍ଧ୍ର, ୩୦ରେ ବିଦର୍ଭ, ଡିସେମ୍ବର ୨ରେ ଛତିଶଗଡ଼, ଡିସେମ୍ବର ୪ରେ ରେଳବାଇ, ୬ରେ ଆସାମ ଓ ଡିସେମ୍ବର ୮ରେ ମୁମ୍ବାଇ ବିପକ୍ଷରେ ଶେଷ ଲିଗ୍ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି।

**୬ ନୂଆ ମୁହଁ; ୧୭ବର୍ଷୀୟ ରାଜଙ୍କୁ ସୁଯୋଗ**

## ଆମେରିକା ଭାରତର ପ୍ରଥମ ପ୍ରତିଦ୍ୱନ୍ଦ୍ୱୀ

**୧୯ ବର୍ଷରୁ କମ୍ ପୁରୁଷ ବିଶ୍ୱକପ୍**

ନୂଆଦିଲ୍ଲୀ,୧୯।୧୧(ଏଜେନ୍ସି): ଜିମ୍ବାୱେ ଓ ନାମିବ୍ୟାରେ ଆସନ୍ତାବର୍ଷ ଜାନୁଆରୀ ୧୫ରୁ ଫେବୃଆରୀ ୬ ତାରିଖଯାଏ ଆଇସିସି ୧୯ ବର୍ଷରୁ କମ୍ ପୁରୁଷ ବିଶ୍ୱକପ୍ କ୍ରିକେଟ ପ୍ରତିଯୋଗିତା ଆୟୋଜିତ ହେବ। ଏହି ପ୍ରତିଯୋଗିତାରେ ୧୬ଟି ଦେଶ ଭାଗନେଉଥିଲାବେଳେ ୨୩ ଦିନରେ ଖେଳାଯିବ ୪୧ଟି ମ୍ୟାଚ୍। ଏହି ଦେଶଗୁଡ଼ିକୁ ୪ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ଏହା ମଧ୍ୟରୁ ଭାରତ ଗ୍ରୁପ୍-ଏ'ରେ ଆମେରିକା, ବାଂଲାଦେଶ ଓ ନ୍ୟୁଜିଲାଣ୍ଡ ସହ ସ୍ଥାନ ପାଇଛି। ଭାରତ ଜାନୁଆରୀ ୧୫ରେ ଆମେରିକା ସହ ପ୍ରଥମ ମ୍ୟାଚ୍, ୧୭ରେ ବାଂଲାଦେଶ ସହ ଦ୍ୱିତୀୟ ଓ ୨୪ରେ ନ୍ୟୁଜିଲାଣ୍ଡ ସହ ତୃତୀୟ ମ୍ୟାଚ୍ ଖେଳିବ। ସମସ୍ତ ମ୍ୟାଚ୍ ଜିମ୍ବାୱେର ବୁଲାୱାୟୋସ୍ଥିତ କ୍ୱିନ୍ସ ସ୍ପୋର୍ଟ୍ସ କ୍ଲବ୍ ଗ୍ରାଉଣ୍ଡରେ ଖେଳାଯିବ।

### ଫିଫା ବିଶ୍ୱକପ୍‌ରେ କ୍ଷୁଦ୍ରତମ ଦେଶ

## ୧.୫ ଲକ୍ଷ ଜନସଂଖ୍ୟା ବିଶିଷ୍ଟ କୁରାକାଓର ଯୋଗ୍ୟତା

ଜାମାଇକା, ୧୯ ।୧୧ (ଏଜେନ୍ସି): କାରିବୀୟାନ ଦୀପ ରାଷ୍ଟ୍ର କୁରାକାଓ କ୍ଷୁଦ୍ରତମ ଦେଶ ଭାବେ ଫିଫା ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିବାର ସୌଭାଗ୍ୟ ଲାଭ କରିଛି। ବୁଧବାର ଅନୁଷ୍ଠିତ ଯୋଗ୍ୟତା ପର୍ଯ୍ୟାୟର ଏକ ମ୍ୟାଚରେ କୁରାକାଓ ଗୋଲ୍‌ଶୂନ୍ୟ ଭାବେ ଜାମାଇକା ବିପକ୍ଷରେ ଡ୍ର ରଖିଥିଲା। ଫଳରେ ଗ୍ରୁପ୍-ଏଚ୍'ରେ ୬ ମ୍ୟାଚ୍ ଖେଳି ୩ଟି ଲେଖାଏ ବିଜୟ ଓ ଡ୍ର ସହ ୧୨ ପଏଣ୍ଟ ପାଇ ଟେବଲ ଶୀର୍ଷରେ ରହିବା ସହ କୁରାକାଓ ୨୦୨୬ ଫିଫା ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରି ଇତିହାସ ରଚିଛି। ୧୭୧ ସ୍କୋୟାର ମାଇଲ୍ସ ବିଶିଷ୍ଟ କୁରାକାଓର ଜନସଂଖ୍ୟା ମାତ୍ର ୧ ଲକ୍ଷ ୫୬ ହଜାର। ଫିଫା ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିବାରେ ଏହା ବିଶ୍ୱର କ୍ଷୁଦ୍ରତମ ଦେଶ ହେବାର ରେକର୍ଡ କରିଛି। ପୂର୍ବରୁ ଏହି ରେକର୍ଡ ଆଇସଲାଣ୍ଡ ନାମରେ ରହିଥିଲା। ୨୦୧୮ ବିଶ୍ୱକପ୍ ଖେଳିଥିବା ଆଇସଲାଣ୍ଡର ଜନସଂଖ୍ୟା ସେ ସମୟରେ ୩.୫ ଲକ୍ଷ ଥିଲା। ସେହିଭଳି ଆଗାମୀ ବିଶ୍ୱକପ୍‌କୁ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିବା ଆଫ୍ରିକୀୟ ରାଷ୍ଟ୍ର କେପ୍ ଭର୍ଡେର ଜନସଂଖ୍ୟା ୫.୨୮ ଲକ୍ଷ ରହିଛି। ଅପରପକ୍ଷରେ ଦୁଇଦିନ ତଳେ ନରୱେ ୨୮ ବର୍ଷ ପରେ ଫିଫା ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ଉଲ୍ଲେଖଯୋଗ୍ୟ, ଫିଫା ବିଶ୍ୱକପ୍‌ର ୨୩ତମ ସଂସ୍କରଣ ଆସନ୍ତାବର୍ଷ ଜୁନ ୧୧ରୁ ଆମେରିକା, ମେକ୍ସିକୋ ଓ କାନାଡାରେ ମିଳିତ ଭାବେ ଆୟୋଜିତ ହେବ। ଇତିହାସରେ ପ୍ରଥମଥର ଲାଗି ଏଥର ୪୮ଟି ଦଳକୁ ନେଇ ବିଶ୍ୱକପ୍ ଖେଳାଯିବ।

ସକାଳ THE SAKALA
A Unit of Nandighosha Network Pvt. Ltd.
ନନ୍ଦିଘୋଷ

'ସକାଳ'ର ପଞ୍ଚମ ସ୍ୱନକ୍ଷତ୍ର ଉପଲକ୍ଷେ ରାଜ୍ୟସ୍ତରୀୟ
ବିତର୍କ ପ୍ରତିଯୋଗିତା ୨୦୨୫
ଭାଷା: ଓଡ଼ିଆ

Presented by:
BHARAT MASALA
AN ISO 9001 : 2015 & HACCP CERTIFIED COMPANY
The Taste of New India

In Association with:
CBSE-XI & XII
SRI VINAYAKA Concept School
BHUBANESWAR



**ପ୍ରତିଯୋଗିତା ସ୍ଥାନ ଓ ଯୋଗାଯୋଗ ନଂ.**

| | | |
|---|---|---|
| ବଲାଙ୍ଗିର | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଗାନ୍ଧୀନଗରପଡ଼ା, ବଲାଙ୍ଗିର | ଅଭିଳାଷ ହୋତା - ୭୦୦୮୦୪୨୪୭ |
| ଦେବଗଡ଼ | ଅପ୍ରାଇଜ ଏଜୁକେଶନାଲ ଇନ୍‌ଷ୍ଟିଚ୍ୟୁଟ, ପୁରୁଣାଗଡ଼, ଦେବଗଡ଼ | ବ୍ରିଜେଶ ସାହୁ - ୭୮୪୭୦୨୩୩୦୩ |
| କଳାହାଣ୍ଡି | ପିଏମ୍ ଶ୍ରୀ ମ୍ୟୁନିସିପାଲ ସରକାରୀ ଉଚ୍ଚ ବିଦ୍ୟାଳୟ, ଭବାନୀପାଟଣା, କଳାହାଣ୍ଡି | ସ୍ୱାଧୀନ ପାତ୍ର - ୯୪୩୭୨୨୨୯୨୨ |
| ନୂଆପଡା | ନ୍ୟାସନାଲ ହାଇସ୍କୁଲ ନୂଆପଡା | ଘନଶ୍ୟାମ ଭୋଇ - ୯୯୩୭୬୯୨୧୩୨ |
| ସମ୍ବଲପୁର | ଗୁରୁନାନକ ପବ୍ଲିକ ସ୍କୁଲ, ସମ୍ବଲପୁର | ସୁକାନ୍ତ କର - ୯୪୩୭୧୪୯୧୬୬ |
| ଝାରସୁଗୁଡା | PKSS କଲେଜ, ଝାରସୁଗୁଡା | ତୁଳେଶ୍ୱରୀ ପ୍ରଧାନ - ୯୭୭୭୩୪୩୬୯୩ |
| ବୌଦ୍ଧ | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବୌଦ୍ଧ | ବବୁଲ ପାଢ଼ୀ - ୯୪୩୭୫୨୯୪୪୦ |
| ବରଗଡ଼ | ରାଣା ପ୍ରତାପ ଉଚ୍ଚ ବିଦ୍ୟାଳୟ ବରଗଡ଼ | ସରୋଜ ଷଡଙ୍ଗୀ - ୯୯୩୭ ୦୬୧୩୩୦ |
| ରାଉରକେଲା | ରାଉରକେଲା ମୁନିସିପାଲ ମହାବିଦ୍ୟାଳୟର ଅଡିଟୋରିୟମ୍ ଉଦିତନଗର, ରାଉରକେଲା - ୭୬୯୦୦୭ | ଦେବବ୍ରତ ପଟ୍ଟନାୟକ - ୯୪୩୭୦୮୨୭୭୭ |

**୨୩ ନଭେମ୍ବର ୨୦୨୫ । ରବିବାର**

ଜୁନିୟର: ହାଇସ୍କୁଲ ଛାତ୍ରଛାତ୍ରୀ
ସିନିୟର: କଲେଜ / ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ

ପ୍ରାରମ୍ଭିକ ବିତର୍କ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯିବ।
ଭାଗ ନେଉଥିବା ସମସ୍ତ ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ୍ ଅଫ୍ ପାର୍ଟିସିପେସନ୍ ପ୍ରଦାନ କରାଯିବ।

ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରର ପ୍ରତିଯୋଗିତା ପାଇଁ ଭୁବନେଶ୍ୱର ଡକାଯିବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS